- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

PANIKOILI

♦VOLUME- 44 ♦ISSUE-21 ♦WEDNESDAY ♦15 JULY 2026 ♦PAGE-12 ♦₹ 7.00

♦ବର୍ଷ-୪୪ ♦ସଂଖ୍ୟା-୨୧ ♦ବୁଧବାର ♦୧୫ ଜୁଲାଇ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦




ସରିଲା ଅଣସର | ଆଜି ଉଭାଯାତ୍ରା | ଦିନକ ପରେ ରଥଯାତ୍ରା

# ନବଯୌବନ ବେଶରେ ଦର୍ଶନ ଦେଲେ ମହାପ୍ରଭୁ

■ ପୁରୀ, ୧୪।୭ (ସମିସ): ପନ୍ଦର ଦିନ ଅଣସରରେ ରହିବା ପରେ ମଙ୍ଗଳବାର ନବଯୌବନ ରୂପରେ ଦର୍ଶନ ଦେଇଛନ୍ତି ଚତୁର୍ଦ୍ଧାବିଗ୍ରହ। ମାତ୍ର ୨ ଘଣ୍ଟା ୧୫ ମିନିଟ୍ ମଧ୍ୟରେ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ନବଯୌବନ ଦର୍ଶନ କରି ଆତ୍ମବିଭୋର ହେବା ସହ ନିଜକୁ କୃତାର୍ଥ ମନେ କରିଛନ୍ତି। ପ୍ରଥମେ ପରିମାଣିକ ଟିକଟ ଦର୍ଶନ ଓ ପରେ ସର୍ବସାଧାରଣ ଦର୍ଶନ ଅନୁଷ୍ଠିତ ହୋଇଥିଲା। ଅନୁକୂଳ ପାଗ ଯୋଗୁଁ ଦାରୁବିଗ୍ରହଙ୍କ ନବଯୌବନ ଦର୍ଶନ ଲାଗି ଭକ୍ତଙ୍କ ବେଶ୍ ଭିଡ଼ ହୋଇଥିଲା।

ମଙ୍ଗଳବାର ସକାଳ ୯ଟା ୧୫ରେ ଦାରୁବିଗ୍ରହଙ୍କ ବନକଲାଗି ପାଇଁ ଦତ୍ତମହାପାତ୍ର ସେବକ ପ୍ରବେଶ କରିଥିଲେ। ମହାପ୍ରଭୁଙ୍କ ଶ୍ରୀମୁଖ ଶୃଙ୍ଗାର ସାରି ସେମାନେ ଅପରାହ୍ଣ ୨ଟା ୪୫ରେ ବାହାରିଥିଲେ। ଏହାପରେ ନେତ୍ରୋତ୍ସବ ନୀତି ଆରମ୍ଭ ହୋଇଥିଲା। ୩ଟା ୩୦ରେ ଚକା ଅପସର କରାଯାଇଥିଲା। ଏହାପରେ ଦଶାବତାର ବା ପଟିଦିଅଁଙ୍କ ନିକଟରେ ମଙ୍ଗଳ ଆଳତି ହୋଇ ଅବକାଶ ନୀତି ବଢ଼ିବା ପରେ ପଟିଦିଅଁ ମଣ୍ଡଣି ଘରକୁ ବିଜେ ହୋଇଥିଲେ। ଅନ୍ୟ ଦିଅଁମାନେ ଦକ୍ଷିଣୀ ଘରକୁ ବିଜେ କରିଥିଲେ। ଅପରାହ୍ଣ ୨ଟାରେ ଅଣସର ଟାଟି ଫିଟିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। ମାତ୍ର ନୀତିକାନ୍ତି ବିଳମ୍ବ ଯୋଗୁଁ ୪ଟା ୪୫ ଫିଟିଥିଲା ଅଣସର ଟାଟି। ନବଯୌବନ ବେଶରେ ଦର୍ଶନ ଦେଇଥିଲେ ଦାରୁଦିଅଁ। ପରିମାଣିକ ଦର୍ଶନ ଅପରାହ୍ଣ ସାଢ଼େ ୨ଟାରୁ ସାଢ଼େ ୩ଟା ଧାର୍ଯ୍ୟ ହୋଇଥିଲା। ମାତ୍ର ବିଳମ୍ବ ଯୋଗୁଁ ଅପରାହ୍ଣ ୫ଟାରେ ପରିମାଣିକ ଦର୍ଶନ ଆରମ୍ଭ ହୋଇ ଅଧଘଣ୍ଟାଏରେ ବନ୍ଦ ହୋଇଥିଲା। ପରିମାଣିକ ଟିକଟଧାରୀମାନେ ଦକ୍ଷିଣ ଦ୍ୱାର, ସାତପାହାଚ, ଜୟବିଜୟ ଦ୍ୱାର ଦେଇ ଭିତରକାଠ ନିକଟରେ ଦର୍ଶନ କରିଥିଲେ। ପରିମାଣିକ ଦର୍ଶନ ଶେଷ ହେବା ପରେ ସାହାଣମେଲା ଦର୍ଶନ ହୋଇଥିଲା। ପୂର୍ବରୁ ସାଢ଼େ ୩ରୁ ସାଢ଼େ ୪ଟା ସାହାଣମେଲା ବା ସର୍ବସାଧାରଣ ଦର୍ଶନ ପାଇଁ ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ସାଢ଼େ ୫ଟାରୁ ସାହାଣମେଲା ବା ସର୍ବସାଧାରଣ ଦର୍ଶନ ଆରମ୍ଭ ହୋଇ ସନ୍ଧ୍ୟା ୭ଟା ବଜ ଯାଏ ଚାଲିଥିଲା। ▶ପୃଷ୍ଠା-୭

ଭାଙ୍ଗିଲା ୪୪ ମାସର ରେକର୍ଡ

# ଦୁଇ ଅଙ୍କ ଛୁଇଁବ ମୁଦ୍ରାସ୍ଫୀତି

## ଜୁନ୍‌ରେ ପାଇକାରୀ ମୁଦ୍ରାସ୍ଫୀତି ପହଞ୍ଚିଲା ୯.୮୭ ପ୍ରତିଶତ

■ ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ସାଧାରଣ ଲୋକଙ୍କ ହାଣ୍ଡିଶାଳ ଉପରେ ପଡ଼ିଛି ଚଡକ। ପେଟ୍ରୋଲ, ଡିଜେଲ ସହିତ ଏଲ୍‌ପିଜି ଗ୍ୟାସ୍ ମୂଲ୍ୟରେ ବୃଦ୍ଧି ଯୋଗୁ ବଜାରରେ ହଲଚଲ ସୃଷ୍ଟି ହୋଇଛି। ଗତ କେଇମାସ ମଧ୍ୟରେ ଡ଼ାଲି, ତେଲ, ଅଟା, ଚାଉଳ ମୂଲ୍ୟ ପ୍ରାୟ ୨୦% ବୃଦ୍ଧି ପାଇଛି। ଏହି ସମୟରେ ପାଇକାରୀ ମୁଦ୍ରାସ୍ଫୀତି ୪୪ ମାସର ରେକଡର୍ ଭାଙ୍ଗି ଦୁଇ ଅଙ୍କମୁହାଁ ହୋଇଛି। ଜୁନ୍ ମାସରେ ପାଇକାରୀ ମୁଦ୍ରାସ୍ଫୀତି ୯.୮୧% ଛୁଇଁବା ପରେ ଏବେ ଖୁଚୁରା ବଜାରରେ ପରିସ୍ଥିତି ଅସମ୍ଭାଳ। ଅପରପକ୍ଷେ କ୍ରମାଗତ ଭାବେ୬ ମାସ ହେବ ଖୁଚୁରା ମୁଦ୍ରାସ୍ଫୀତି ଉପରମୁହାଁ ହେବାରେ ଲାଗିଛି। ତେବେ ବର୍ତ୍ତମାନ ପାଇକାରୀ ବଜାରରେ ଏପରି ସ୍ଥିତିର ପ୍ରଭାବ ଆଗକୁ ଖୁଚୁରା ବଜାରରେ ଦେଖିବାକୁ ମିଳିବ ଏବଂ ଅତ୍ୟାବଶ୍ୟକୀୟ ସାମଗ୍ରୀ ଆହୁରି ମହଙ୍ଗା ହେବ ବୋଲି ଆଶଙ୍କା କରାଯାଉଛି।

ତୈଳ ଦରକୁ ନେଇ ଖାଉଟିଙ୍କ ଅସନ୍ତୋଷ ଯେତେବେଳେ ଚରମ ସୀମାରେ ପହଞ୍ଚିଥିବା ସମୟରେ ଉଭୟ ପାଇକାରୀ ଓ ଖୁଚୁରା ମୁଦ୍ରାସ୍ଫୀତି ସ୍ଥିତିକୁ ଅନିୟନ୍ତ୍ରିତ କରିଛି। ଏକ ସଙ୍ଗରେ ପେଟ୍ରୋଲ ଡିଜେଲ, ରନ୍ଧନ ଗ୍ୟାସ୍ ଏବଂ ତେଜରାତି ସାମଗ୍ରୀ ମୂଲ୍ୟରେ ବୃଦ୍ଧି ସାଧାରଣ ଲୋକଙ୍କ ବଜେଟ୍ ଗଡ଼ବଡ଼ କରି ଦେଇଛି। ମେ'ରେ ପାଇକାରୀ ମୁଦ୍ରାସ୍ଫୀତି ୯.୬୮% ରହିଥିଲା, ମାତ୍ର ଜୁନ୍ ମାସରେ ଏହା ଆହୁରି ବୃଦ୍ଧି ପାଇ ୯.୮୧ରେ ପହଞ୍ଚିଛି ଓ ଜୁଲାଇ ମାସରେ ଏହା ଦୁଇଅଙ୍କ ଛୁଇଁବା ଆଶଙ୍କା କରାଯାଉଛି। କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ ୨୦୨୨ ସେପ୍ଟେମ୍ବରରେ ପାଇକାରୀ ମୁଦ୍ରାସ୍ଫୀତି ୧୦.୭୦%ସ୍ତରରେ ରହିଥିଲା। କୋଭିଡ୍ ପରିସ୍ଥିତିର ଠିକ୍ ପରେ ଏହା ଦେଶ ପାଇଁ ସବୁଠାରୁ ସଙ୍କଟଜନକ ସମୟରେ ପହଞ୍ଚାଇଥିଲା। ମାତ୍ର ଏବେ ପୁଣି ଥରେ ସେହିପରି ପରିସ୍ଥିତିର ପୁନରାବୃତ୍ତି ହୋଇପାରେ। ଯଦି ଆମେରିକା ଏବଂ ଇରାନ ମଧ୍ୟରେ ଜାରି ରହିଥିବା ଉତ୍ତେଜନା ହ୍ରାସ ନ ପାଏ, ତେବେ ଆଗାମୀ ଦିନରେ ବଜାର ମୂଲ୍ୟ ଆହୁରି ବୃଦ୍ଧି ପାଇପାରେ।

ସୋମବାର ପ୍ରକାଶିତ ତଥ୍ୟ ଅନୁଯାୟୀ, ଖୁଚୁରା ମୁଦ୍ରାସ୍ଫୀତି ମଧ୍ୟ ଲଗାତାର ଷଷ୍ଠ ମାସ ପାଇଁ ବୃଦ୍ଧି ପାଇବାରେ ଲାଗିଛି, ଯାହା ଏବେ ୪.୩୮%ରେ ପହଞ୍ଚିଛି। ଖାଦ୍ୟ ସାମଗ୍ରୀ କ୍ଷେତ୍ରରେ ମୁଦ୍ରାସ୍ଫୀତି (ଖାଦ୍ୟ ସୂଚକାଙ୍କ) ୪.୪୯% ରୁ ୬.୧୪% କୁ ବୃଦ୍ଧି ପାଇଛି। ଇନ୍ଧନ ଏବଂ ଶକ୍ତି ପାଇଁ ପାଇକାରୀ ମୁଦ୍ରାସ୍ଫୀତି ୩୦.୩୩% ▶ପୃଷ୍ଠା-୭

୨୦% ପର୍ଯ୍ୟନ୍ତ ବଢ଼ିଛି ଡ଼ାଲି, ତେଲ, ଅଟା, ଚାଉଳ

ଦୁଇଗଣ ହେଲାଣି ଅଦା, ପିଆଜ, ରଶୁଣ ମୂଲ୍ୟ

ଔଷଧ ଓ ଅତ୍ୟାବଶ୍ୟକୀୟ ସାମଗ୍ରୀ ବି ଆକାଶଛୁଆଁ

ପେଟ୍ରୋଲଜାତ ସାମଗ୍ରୀର ମୂଲ୍ୟ ପୁଣି ବଢ଼ିବ !



ହର୍ମୁଜରେ ବାଣିଜ୍ୟିକ ଜାହାଜ ଉପରେ ଇରାନର ଆକ୍ରମଣ

# ଭାରତୀୟ ନାବିକଙ୍କ ମୃତ୍ୟୁ

■ ନୂଆଦିଲ୍ଲୀ, ୧୪।୭ (ଏଜେନ୍ସି): ପଶ୍ଚିମ ଏସିଆରେ ବଢୁଥିବା ସାମରିକ ଉତ୍ତେଜନା ମଧ୍ୟରେ ହର୍ମୁଜ ପ୍ରଣାଳୀରେ ଦୁଇଟି ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିଛି। ଏହି ଆକ୍ରମଣରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୧୦ ଜଣ ଆହତ ହୋଇଥିବା ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ସୂଚନା ପ୍ରଦାନ କରିଛି। ଭାରତ ସରକାର ଏହି ଘଟଣାକୁ ଗୁରୁତର ସହ ଗ୍ରହଣ କରି ନୂଆଦିଲ୍ଲୀସ୍ଥିତ ଇରାନ ଦୂତାବାସର ଉପ-ମୁଖ୍ୟଙ୍କୁ ସମନ କରିଛନ୍ତି। ଏହି ଆକ୍ରମଣ ବିରୋଧରେ ଆନୁଷ୍ଠାନିକ ଭାବେ ପ୍ରତିବାଦ ଜଣାଇଛନ୍ତି। ବୈଦେଶିକ ମନ୍ତ୍ରଣାଳୟ ଏହି ଆକ୍ରମଣକୁ ଅଗ୍ରହଣୀୟ ବୋଲି ଦର୍ଶାଇବା ସହ ଅନ୍ତର୍ଜାତୀୟ ଜଳପଥରେ ଜାହାଜ ଚଳାଚଳ ଉପରେ ହେଉଥିବା ଆକ୍ରମଣକୁ ତୁରନ୍ତ ବନ୍ଦ କରିବାକୁ ଆହ୍ୱାନ ଦେଇଛି। ଭାରତ ସରକାର ମୃତ ନାବିକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହ ଆହତମାନଙ୍କ ଶୀଘ୍ର ଆରୋଗ୍ୟ କାମନା କରିଛନ୍ତି।

ସୂଚନା ଅନୁଯାୟୀ, ଇରାନର କ୍ରୁଜ୍ କ୍ଷେପଣାସ୍ତ୍ର ଆକ୍ରମଣର ଶିକାର ହୋଇଥିବା ୟୁଏଇ ପତାକାଧାରୀ ଦୁଇଟି ଟ୍ୟାଙ୍କର 'ଅଲ୍ ବାହିୟା' ଏବଂ 'ମୋମ୍ବାସା'ରେ ସମୁଦାୟ ୩୦ ଜଣ ଭାରତୀୟ ନାବିକ କାର୍ଯ୍ୟରତ ଥିଲେ। ଅଲ୍ ବାହିୟାରେ ଜଣେ ଭାରତୀୟ ପ୍ରାଣ ହରାଇଥିବା ବେଳେ ମୋମ୍ବାସାରେ ୯ ଜଣ ଭାରତୀୟ ନାବିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନାଯୋଗ୍ୟ ଯେ ଗତ ଫେବୃଆରୀ ୨୮ ତାରିଖରୁ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ଯୋଗୁଁ ଉପସାଗରରେ ଅନେକ ଜାହାଜ ଆକ୍ରମଣର ଶିକାର ହୋଇଛନ୍ତି। ଏଥିରେ ଭାରତର ୧୩ ଜଣ ନାବିକ ପ୍ରାଣ ହରାଇଥିବା ବେଳେ ତିନି ଜଣ ଏବେ ବି ନିଖୋଜ ଅଛନ୍ତି।



ଭାରତର କଡ଼ା ବିରୋଧ

ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ପ୍ରକାଶନ; ରାଜକୋଷର ୧୭.୫ କୋଟି ଟଙ୍କା କ୍ଷତି

# ଗିରଫ ହେଲେ ଏସ୍‌ସିଇଆର୍‌ଟିର ପୂର୍ବତନ ନିର୍ଦ୍ଦେଶକ ମନୋଜ ପାଢ଼ୀ

■ କଟକ, ୧୪।୭ (ସମିସ): ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକ ପ୍ରସ୍ତୁତି, ଅନୁମୋଦନ ଏବଂ ପ୍ରକାଶନରେ ହୋଇଥିବା ବଡ଼ଧରଣର ତ୍ରୁଟିବିଚ୍ୟୁତି ଓ ଅପରାଧିକ ଷଡ଼ଯନ୍ତ୍ର ମାମଲାରେ କ୍ରାଇମବ୍ରାଞ୍ଚ ଆଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଏସସିଇଆରଟିର ପୂର୍ବତନ ନିର୍ଦ୍ଦେଶକ ତଥା ଓଏଏସ୍ ଅଧିକାରୀ ମନୋଜ କୁମାର ପାଢ଼ୀଙ୍କୁ ଆଜି କ୍ରାଇମବ୍ରାଞ୍ଚ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି। ଆଜି ଦୀର୍ଘ ୩ଘଣ୍ଟାରୁ ଅଧିକ ସମୟ ଧରି ଶ୍ରୀ ପାଢୀଙ୍କୁ କ୍ରାଇମବ୍ରାଞ୍ଚର ତିନିଜଣିଆ ତଦନ୍ତକାରୀ ଟିମ ଜେରା କରିଥିଲେ। ଜେରା ବେଳେ କ୍ରାଇମବ୍ରାଞ୍ଚକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଜଣାପଡିଛି।

ପାଠ୍ୟପୁସ୍ତକ ପ୍ରସ୍ତୁତିର ପ୍ରତିଟି ସ୍ତର ଯେପରି ବିଷୟବସ୍ତୁ ଚୟନ, ଅନୁମୋଦନ, ମୁଦ୍ରଣ, ପ୍ରକାଶନ ଏବଂ ବଣ୍ଟନ ପର୍ଯ୍ୟନ୍ତ ସମସ୍ତ ଦିଗକୁ ତଦନ୍ତକାରୀ ଅଧିକାରୀମାନେ ତନ୍ନ ତନ୍ନ କରି ଯାଞ୍ଚ କରୁଛନ୍ତି। ଏଥିସହ ସମ୍ପୃକ୍ତ ସମ୍ପାଦନାମଣ୍ଡଳୀ, ଡେସ୍କଟପ୍ ପବ୍ଲିସିଂ ଏଜେନ୍ସି ଏବଂ ପ୍ରିଣ୍ଟିଂ ପ୍ରେସର କାଗଜପତ୍ର ଜବତ କରାଯିବା ସହ ବୟାନ ରେକର୍ଡ ଆରମ୍ଭ କରାଯାଇଛି। ଏହି ଅନିୟମିତତା ଘଟଣାରେ ସମ୍ପାଦନମଣ୍ଡଳୀ ସମେତ ୧୦ରୁ ଅଧିକ ଅଧିକାରୀ ଓ ▶ପୃଷ୍ଠା-୭



ସ୍କାନର୍‌ରେ ଆହୁରି ୧୦ରୁ ଅଧିକ ଅଧିକାରୀ ଓ କର୍ମଚାରୀ

# ଦିଲ୍ଲୀ ଗଲେ ନବୀନ

■ ଭୁବନେଶ୍ୱର, ୧୪।୭ (ସମିସ): ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଦିଲ୍ଲୀ ଗସ୍ତ କରିଛନ୍ତି। ଦିଲ୍ଲୀ ଗସ୍ତ କାଳରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ କେତେକ ବରିଷ୍ଠ ରାଜନୈତିକ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଛି। ଏହା ସହିତ ସେ ତାଙ୍କର କିଛି ଘନିଷ୍ଠ ବନ୍ଧୁ ଏବଂ ସହଯୋଗୀଙ୍କୁ ମଧ୍ୟ ସାକ୍ଷାତ କରିବେ ବୋଲି ଜଣାପଡିଛି। ଆସନ୍ତା ୨୦ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହି ସମୟରେ ନବୀନ ଦଳର ସାଂସଦମାନଙ୍କୁ ଭେଟିପାରନ୍ତି। ସେ ଆସନ୍ତା ୨୨ ତାରିଖରେ ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବେ ବୋଲି ସୂଚନା ମିଳିଛି। ଆଜି ନବୀନଙ୍କ ଦିଲ୍ଲୀ ଯାତ୍ରା ସମୟରେ ଭୁବନେଶ୍ୱର ବିମାନବନ୍ଦରରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ଅଶୋକ ପଣ୍ଡା, ବିଧାୟକ ଅନନ୍ତ ନାରାୟଣ ଜେନା, ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାଶ, ମନ୍ମଥ ରାଉତରାୟ, ମୁଖପାତ୍ର ଲେଲିନ ମହାନ୍ତିଙ୍କ ସମେତ ବହୁ ନେତା ଉପସ୍ଥିତ ଥିଲେ।



ରାଜ୍ୟ କ୍ୟାବିନେଟ୍‌ରେ ୧୩ ପ୍ରସ୍ତାବକୁ ମଞ୍ଜୁରୀ

# ସଡ଼କ ଓ ସେତୁପାଇଁ ୩୧୪୬୭ କୋଟି

■ ଭୁବନେଶ୍ୱର, ୧୪।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ୧୩ଟି ପ୍ରସ୍ତାବକୁ ମିଳିଛି ଅନୁମୋଦନ। ଏହା ମଧ୍ୟରୁ ସଡ଼କ, ସେତୁ ନିର୍ମାଣ, ସମ୍ପ୍ରସାରଣ ତଥା ଉନ୍ନତିକରଣ ସମ୍ପର୍କିତ ୬ଟି ପ୍ରସ୍ତାବ ଉପରେ ମୋହର ବାଜିଛି ଓ ଏଥିରେ ୩୧ ହଜାର ୪୬୭ କୋଟି ଟଙ୍କା ବ୍ୟୟ କରାଯିବ। ୫ ବର୍ଷ ମଧ୍ୟରେ ମୋଟ ୫୨୬୦୭ କିମି ନୂଆ ରାସ୍ତା ନିର୍ମାଣ କରାଯିବ।

କ୍ୟାବିନେଟ୍ ବୈଠକ ସମ୍ପର୍କରେ ମୁଖ୍ୟ ସଚିବ ଅନୁ ଗର୍ଗ ପ୍ରଦାନ କରିଥିବା ସୂଚନା ଅନୁସାରେ ସେତୁ ବନ୍ଧନ ଯୋଜନାକୁ ୨୦୩୦-୩୧ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ କ୍ୟାବିନେଟ ନିଷ୍ପତ୍ତି ନେଇଛି। ଏହି ▶ପୃଷ୍ଠା-୭



- ୫ ବର୍ଷରେ ୫୨ ହଜାର କିମି ନୂଆ ରାସ୍ତା ନିର୍ମାଣ ଲକ୍ଷ୍ୟ
- ୧୭୫୦ ନୂଆ ସେତୁ ପାଇଁ ଖର୍ଚ୍ଚ ହେବ ୧୧୮୦୦ କୋଟି
- ନୂଆ କୃଷି ଓ ପଶୁ ସମ୍ପଦ ବିପଣନ ଆଇନ ପ୍ରଣୟନକୁ ମଞ୍ଜୁରୀ
- ରାଜ୍ୟ କୃଷି ନୀତି ଅଧୀନରେ ସବସିଡି ଯୋଜନା ୫ ବର୍ଷ ବୃଦ୍ଧି

# ଲଘୁଚାପ ପ୍ରଭାବ: ୩ ଦିନ ପ୍ରବଳ ବର୍ଷା

■ ଭୁବନେଶ୍ୱର, ୧୪।୭ (ସମିସ): ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଙ୍ଗୋପସାଗରରେ ସୃଷ୍ଟ ହେବ ଲଘୁଚାପ। ଏହାର ପ୍ରଭାବରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଅଧିକାଂଶ ସ୍ଥାନରେ ବର୍ଷା ଜାରି ରହିବ। ବିଶେଷ କରି ଉତ୍ତର ଉପକୂଳରେ ବୁଧବାର ରାତି ପର୍ଯ୍ୟନ୍ତ ଭଲ ବର୍ଷା ହେବା ସହ ପରେ ପରେ ଦକ୍ଷିଣ ଓଡ଼ିଶାରେ ବର୍ଷାର ପ୍ରଭାବ ବଢ଼ିବ। ତୁହାକୁ ତୁହା ବର୍ଷା ସହିତ କେତେକ ସ୍ଥାନରେ ଘନଘନ ବିଜୁଳି ଓ ଘଡ଼ଘଡ଼ି ମଧ୍ୟ ଅନୁଭୂତ ହେବ। ରଥଯାତ୍ରା ପୂର୍ବରୁ ପାଣିପାଗରେ ପରିବର୍ତ୍ତନ ଆସିବା ଯୋଗୁଁ ଏଥର ରଥଯାତ୍ରାରେ ଅନେକ ସ୍ଥାନରେ ବର୍ଷା ହେବା ସହ ଗୁଲୁଗୁଲି ମୁକ୍ତ ରଥଯାତ୍ରା ହେବ ବୋଲି ଆକଳନ କରାଯାଇଛି।

ବର୍ତ୍ତମାନ ଉତ୍ତର ବଙ୍ଗୋପସାଗର ଓ ସଂଲଗ୍ନ ଦକ୍ଷିଣ ବାଂଲାଦେଶ ନିକଟରେ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଉତ୍ତର ବଙ୍ଗୋପସାଗର ଓ ଏହାର ନିକଟବର୍ତ୍ତୀ ପଶ୍ଚିମ ବାଂଲାଦେଶ ଉପକୂଳରେ ଏହି ଲଘୁଚାପ ସୃଷ୍ଟି ହେବ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି। ଲଘୁଚାପର ପ୍ରଭାବ ୧୭ ତାରିଖ ପର୍ଯ୍ୟନ୍ତ ଅନୁଭୂତ ହେବ ▶ପୃଷ୍ଠା-୭



# ବନ୍ଦ ହେଲା 'ଆମ ଜଙ୍ଗଲ' ଯୋଜନା

## ସୁରକ୍ଷିତ ଥିଲା ଜଙ୍ଗଲ; ସ୍ୱାବଲମ୍ବୀ ହୋଇଥିଲେ ନିକଟବର୍ତ୍ତୀ ଗ୍ରାମବାସୀ

■ ବଲାଙ୍ଗିର, ୧୪।୭ (ସମିସ): ଜଙ୍ଗଲ ସୁରକ୍ଷିତ ରଖିବା ପାଇଁ ବିଜେଡି ସରକାର ଯେଉଁ ଯୋଜନା ଆରମ୍ଭ କରିଥିଲେ, ୧୦ ବର୍ଷ ପରେ ସେହି ଯୋଜନାକୁ ବର୍ତ୍ତମାନର ବିଜେପି ସରକାର ବନ୍ଦ କରିଦେଲେ। ରାଜ୍ୟରେ 'ଆମ ଜଙ୍ଗଲ' ଯୋଜନାରେ ଜଙ୍ଗଲ ନିକଟବର୍ତ୍ତି ଗ୍ରାମବାସୀଙ୍କୁ ନେଇ ବନ ସୁରକ୍ଷା ସମିତି ଗଠନ, ଗ୍ରାମବାସୀଙ୍କ ଜୀବନ ଜୀବିକା ପାଇଁ ବ୍ୟବସ୍ଥା କରିବା ଓ ଜଙ୍ଗଲ ସୁରକ୍ଷାରେ ସେମାନଙ୍କୁ ନିୟୋଜିତ କରାଯାଇଥିଲା। ବଲାଙ୍ଗିର ଜିଲ୍ଲାରେ ଏହାର ସଫଳତା ହାର ଅନ୍ୟ ଜିଲ୍ଲା ଅପେକ୍ଷା ଅଧିକ ରହିଥିବା ବେଳେ ଏହି ଯୋଜନାକୁ ସରକାର ବନ୍ଦ କରିଦେଇଛନ୍ତି। ଏହାଫଳରେ ୧୦ ବର୍ଷ ଧରି ଘରୋଇ କର୍ମଚାରୀ ଭାବେ ନିୟୋଜିତ ହୋଇଥିବା କର୍ମଚାରୀଙ୍କ ଭବିଷ୍ୟତକୁ ନେଇ ଏବେ ଅନେକ ପ୍ରଶ୍ନ ସୃଷ୍ଟି ହୋଇଛି। ଏହି କର୍ମଚାରୀଙ୍କ ଭବିଷ୍ୟତ ଭଳି ବଲାଙ୍ଗିର ଜିଲ୍ଲାରେ ସୁରକ୍ଷିତ ଜଙ୍ଗଲର ମଧ୍ୟ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି।

ପ୍ରାୟତଃ ଜଙ୍ଗଲ ନିକଟରେ ଥିବା ଗାଁ ଲୋକଙ୍କ ଦ୍ୱାରା ଜଙ୍ଗଲରେ ଶିକାର ସଂଖ୍ୟା ବୃଦ୍ଧି ପାଇଥାଏ। ସେମାନଙ୍କ ଜୀବନ ଜୀବିକା ପାଇଁ ଗ୍ରାମବାସୀ ଜଙ୍ଗଲ ଉପରେ ହିଁ ନିର୍ଭର କରିଥାନ୍ତି। ଏପରିକି ଶିକାର ଓ ମାଫିଆମାନେ ମଧ୍ୟ ଏହି ଗ୍ରାମବାସୀଙ୍କୁ ଲୋଭ କିମ୍ବା ଭୟ ଦେଖାଇ ଜଙ୍ଗଲ ନଷ୍ଟ କରିଥାନ୍ତି। ଏଭଳି ସ୍ଥିତିରେ ବନ ବିଭାଗରେ କାର୍ଯ୍ୟରତ ଥିବା କର୍ମଚାରୀମାନେ ଏହାକୁ ରୋକିବା ଏକ ପ୍ରକାର ଅସମ୍ଭବ। ଏହାକୁ ଦୃଷ୍ଟିରେ ରଖି ୨୦୧୬-୧୭ ଆର୍ଥିକ ବର୍ଷରେ ତତ୍‌କାଳୀନ ବିଜେଡି ସରକାର 'ଆମ ଜଙ୍ଗଲ' ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାର ଲକ୍ଷ୍ୟ ଥିଲା ଜଙ୍ଗଲକୁ ଲାଗି ରହିଥିବା ଗ୍ରାମବାସୀଙ୍କୁ ନେଇ ଏକ ବନ ସୁରକ୍ଷା ସମିତି ଗଠନ କରିବା, ସେହି କମିଟି ସହାୟତାରେ ଗାଁର ସର୍ଭେ କରି ଲୋକଙ୍କ ସାମାଜିକ, ଆର୍ଥିକ ପରିସ୍ଥିତିକୁ ବୁଝିବା ଓ ସେମାନଙ୍କୁ ▶ପୃଷ୍ଠା-୭

ଆମ ଜଙ୍ଗଲ ଯୋଜନା

କାର୍ଯ୍ୟରତ କର୍ମଚାରୀଙ୍କ ଭବିଷ୍ୟତକୁ ନେଇ ପ୍ରଶ୍ନ

# ଲାଲୁଙ୍କ ଜାମିନ କାଏମ ରଖିଲେ ସୁପ୍ରିମକୋର୍ଟ



ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): ବହୁଚର୍ଚ୍ଚିତ ଗୋଖାଦ୍ୟ ଦୁର୍ନୀତି ମାମଲାରେ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ମୁଖ୍ୟ ଲାଲୁ ପ୍ରସାଦ ଯାଦବଙ୍କୁ ସୁପ୍ରିମକୋର୍ଟଙ୍କ ପକ୍ଷରୁ ସୋମବାର ବଡ଼ ଆଶ୍ୱସ୍ତି ମିଳିଛି। ସର୍ବୋଚ୍ଚ ନ୍ୟାୟାଳୟ ଲାଲୁଙ୍କୁ ହାଇକୋର୍ଟ ପ୍ରଦାନ କରିଥିବା ଜାମିନ ଆଦେଶକୁ କାଏମ ରଖିବା ସହ ଏଥିରେ ହସ୍ତକ୍ଷେପ କରିବାକୁ ମନା କରିଦେଇଛନ୍ତି। ଆଜି ଏହି ମାମଲାର ଶୁଣାଣି କରି ସୁପ୍ରିମକୋର୍ଟଙ୍କ ଏକ ଖଣ୍ଡପୀଠ କହିଛନ୍ତି ଯେ, ସେମାନେ ହାଇକୋର୍ଟଙ୍କ ଆଦେଶରେ କୌଣସି ପରିବର୍ତ୍ତନ କରିବାକୁ ଇଚ୍ଛୁକ ନୁହନ୍ତି। ତେବେ ଏଥିସହିତ ଟ୍ରାଏଲ କୋର୍ଟଙ୍କ ନିଷ୍ପତ୍ତି ବିରୋଧରେ ଲାଲୁ ପ୍ରସାଦ ଯାଦବ ଏବଂ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା (ସିବିଆଇ) ପକ୍ଷରୁ ଦାୟର କରାଯାଇଥିବା ମୁଖ୍ୟ ଅପିଲଗୁଡ଼ିକର ଶୁଣାଣିକୁ ତ୍ୱରାନ୍ୱିତ କରିବାକୁ ସୁପ୍ରିମକୋର୍ଟ ପରାମର୍ଶ ଦେଇଛନ୍ତି। ସୂଚନାଯୋଗ୍ୟ, ଗୋଖାଦ୍ୟ ଦୁର୍ନୀତି ମାମଲାରେ ସିବିଆଇ ଏବଂ ଲାଲୁ ଉଭୟ ପକ୍ଷରୁ ହାଇକୋର୍ଟରେ ପୃଥକ ଭାବେ ଆବେଦନ କରାଯାଇଛି। ସୁପ୍ରିମକୋର୍ଟ ଆଜି ଏହି ମୁଖ୍ୟ ଅପିଲଗୁଡ଼ିକ ଉପରେ ଶୀଘ୍ର ଶୁଣାଣି କରିବାକୁ ଗୁରୁତ୍ୱାରୋପ କରିଛନ୍ତି।

# ନାଗାଲାଣ୍ଡରେ ବିସ୍ଫୋରଣ; ଯବାନ ସହିଦ, ୪ ଆହତ

କୋହିମା, ୧୪।୭(ଏଜେନ୍ସି): ନାଗାଲାଣ୍ଡର ଚୁମୁକେଡିମା ଜିଲ୍ଲାରେ ସୋମବାର ଏକ ସନ୍ଦିଗ୍ଧ ଆଇଇଡି ବିସ୍ଫୋରଣରେ ଆସାମ ରାଇଫଲ୍ସର ଜଣେ ଯବାନ ପ୍ରାଣ ହରାଇଥିବା ବେଳେ ଅନ୍ୟ ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେନାବାହିନୀର ଗାଡ଼ି ଏକ ଅପରେସନାଲ ମୁଭମେଣ୍ଟ କରୁଥିବା ସମୟରେ ବିସ୍ଫୋରଣ ଘଟିଥିଲା। ଏହି ଆକ୍ରମଣରେ ହାଭିଲଦାର ମହମ୍ମଦ ଇକବାଲ ସହିଦ ହୋଇଛନ୍ତି। ଅନ୍ୟ ୪ ଜଣ ଆହତ ଯବାନଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ପଠାଯାଇଛି। ଏହି ଘଟଣା ପରେ ସୁରକ୍ଷା ବଳ ପକ୍ଷରୁ ସମ୍ପୃକ୍ତ ଅଞ୍ଚଳରେ ଏକ ବ୍ୟାପକ ସର୍ଚ୍ଚ ଅପରେସନ ଆରମ୍ଭ କରାଯାଇଛି। ଉତ୍ତର-ପୂର୍ବ ଭାରତରେ ଏକ ସପ୍ତାହ ମଧ୍ୟରେ ଆସାମ ରାଇଫଲ୍ସ ଉପରେ ଏହା ହେଉଛି ଦ୍ୱିତୀୟ ବଡ଼ ଧରଣର ଆକ୍ରମଣ। ଏହା ପୂର୍ବରୁ ଜୁଲାଇ ୬ରେ ମଣିପୁରର ଉଖ୍ରୁଲ ଜିଲ୍ଲାରେ ସନ୍ଦିଗ୍ଧ ଆତଙ୍କବାଦୀମାନେ ସେନା କନଭୟ ଉପରେ ଗରିଲା ଆକ୍ରମଣ କରିଥିଲେ। ସେଥିରେ ୪୦ତମ ବାଟାଲିୟନର ୨ ଯବାନ—ୱାରେଣ୍ଟ ଅଫିସର ବଲୱନ୍ତ ସିଂ ଏବଂ ରାଇଫଲମ୍ୟାନ୍ ସିଏମ୍ ସିଂ ସହିଦ ହୋଇଥିଲେ। ବର୍ତ୍ତମାନ ସୁଦ୍ଧା କୌଣସି ନିର୍ଦ୍ଦିଷ୍ଟ ବିଦ୍ରୋହୀ ଗୋଷ୍ଠୀ ଏହି ଆକ୍ରମଣ ପାଇଁ ନିଜକୁ ଦାୟୀ କରିନାହାଁନ୍ତି। କର୍ତ୍ତୃପକ୍ଷ ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି।

# ୫ ରୁଷ ବାଲିଷ୍ଟିକ କ୍ଷେପଣାସ୍ତ୍ରକୁ ଅଟକାଇଲା ୟୁକ୍ରେନ୍

କ୍ୱିଭ୍, ୧୪।୭(ଏଜେନ୍ସି): ରୁଷ ଏବଂ ୟୁକ୍ରେନ ମଧ୍ୟରେ ଜାରି ରହିଥିବା ଯୁଦ୍ଧ ମଧ୍ୟରେ ଗତକାଲି ବିଳମ୍ବିତ ରାତିରେ ରୁଷ ପକ୍ଷରୁ ୟୁକ୍ରେନ ଉପରେ ପ୍ରବଳ ମିସାଇଲ ମାଡ଼ କରାଯାଇଛି। ୟୁକ୍ରେନର ରାଜଧାନୀ କ୍ୱିଭ୍ ଉପରକୁ କରାଯାଇଥିବା ବାଲିଷ୍ଟିକ ମିସାଇଲ ଆକ୍ରମଣକୁ ୟୁକ୍ରେନର ବାୟୁ ପ୍ରତିରକ୍ଷା ବାହିନୀ ସଫଳତାର ସହ ପ୍ରତିହତ କରିଛି। ୟୁକ୍ରେନ ସେନା ପକ୍ଷରୁ ଆକାଶମାର୍ଗରେ ୫ଟି ରୁଷୀୟ ବାଲିଷ୍ଟିକ ମିସାଇଲକୁ ଖସାଇ ଦିଆଯାଇଛି। ମିସାଇଲଗୁଡ଼ିକୁ ଅଟକାଯାଇଥିଲେ ହେଁ, ଅନ୍ୟ କେତେକ ଡ୍ରୋନ୍ ଏବଂ ମିସାଇଲ କ୍ୱିଭ୍‌ର ବିଭିନ୍ନ ସ୍ଥାନରେ ମାଡ଼ ହୋଇଛି। ଆକ୍ରମଣରେ ୨ଟି ବଡ଼ ପଣ୍ୟାଗାରରେ (ୱେରହାଉସ୍) ଭୟଙ୍କର ଅଗ୍ନିକାଣ୍ଡ ଘଟିବା ସହ ଏକ ବିଦ୍ୟାଳୟ ମଧ୍ୟ ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି। ଶୀତ ଋତୁ ପୂର୍ବରୁ ନିଜର ବିଦ୍ୟୁତ ଗ୍ରୀଡ୍ ଏବଂ ଅନ୍ୟାନ୍ୟ ଭିତ୍ତିଭୂମିକୁ ସୁରକ୍ଷିତ ରଖିବା ପାଇଁ ୟୁକ୍ରେନ ଏବେ ଏକ ଶକ୍ତିଶାଳୀ ପ୍ରତିରକ୍ଷା ବ୍ୟବସ୍ଥା ନିର୍ମାଣ କରିବାକୁ ଲକ୍ଷ୍ୟ ରଖିଛି। ଏଥିରେ ଆମେରିକା ନିର୍ମିତ ପାଟ୍ରିଅଟ୍ ସିଷ୍ଟମର ବ୍ୟବହାର କରାଯାଇଥିବା ସୂଚନା ମିଳିଛି। ତେବେ ୟୁକ୍ରେନ ମଧ୍ୟ ରୁଷର ଆକ୍ରମଣର କଡ଼ା ଜବାବ ଦେଇଛି। ରୁଷର କ୍ରାସନୋଦାର ଏବଂ ବାସକୋର୍ଟୋସ୍ତାନ ଅଞ୍ଚଳରେ ଥିବା ତୈଳ ବିଶୋଧନାଗାର ଉପରେ ୟୁକ୍ରେନ ଡ୍ରୋନ୍ ମାଡ଼ କରିଛି। ୟୁକ୍ରେନର ପ୍ରାୟ ୨୮୮ଟି ଡ୍ରୋନକୁ ଖସାଇ ଦେଇଥିବା ରୁଷ ଦାବି କରିଛି।



# ହାଫିଜ ସୟିଦ ବିରୋଧରେ ଜାମିନ ବିହୀନ ୱାରେଣ୍ଟ

ଜାମ୍ମୁ, ୧୪।୭(ଏଜେନ୍ସି): ଜାମ୍ମୁର ଏକ ସ୍ୱତନ୍ତ୍ର ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ) କୋର୍ଟ, ପାକିସ୍ତାନ ଭିତ୍ତିକ ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବା (ଏଲ୍‌ଇଟି)ର ମୁଖ୍ୟ ହାଫିଜ ସୟିଦ ବିରୋଧରେ ଜାମିନ ବିହୀନ ୱାରେଣ୍ଟ ଜାରି କରିଛନ୍ତି। ଏନଆଇଏ ପକ୍ଷରୁ ଏହି ମାମଲାରେ ଏକ ସପ୍ଲିମେଣ୍ଟାରୀ ଚାର୍ଜସିଟ୍ ଦାଖଲ କରାଯିବାର ୨ ଦିନ ପରେ ସ୍ୱତନ୍ତ୍ର କୋର୍ଟ ଏହି ନିର୍ଦ୍ଦେଶ ଦେଇଛନ୍ତି। ୭୬ ବର୍ଷୀୟ ହାଫିଜ ସୟିଦକୁ ବ୍ୟକ୍ତିଗତ ଭାବେ ଏବଂ ଏଲ୍‌ଇଟି ତଥା ଏହାର ପ୍ରକ୍ସି ସଂଗଠନ 'ଦି ରେଜିଷ୍ଟାନ୍ସ ଫ୍ରଣ୍ଟ' (ଟିଆର୍‌ଏଫ୍)ର ମୁଖ୍ୟ ଭାବେ ଏହି ଚାର୍ଜସିଟ୍‌ରେ ନାମିତ କରାଯାଇଛି।



ସୟିଦଙ୍କ ବିରୋଧରେ ବେଆଇନ କାର୍ଯ୍ୟକଳାପ ଅଧିନିୟମ (ୟୁଏପିଏ)ର ବିଭିନ୍ନ ଧାରା ଅନୁଯାୟୀ ମାମଲା ରୁଜୁ ହୋଇଛି। କୋର୍ଟ ଅନୁଯାୟୀ, ପାକିସ୍ତାନର ପଞ୍ଜାବ ପ୍ରଦେଶର ସରଗୋଧାର ବାସିନ୍ଦା ହାଫିଜ ସୟିଦ ଜାଣିଶୁଣି ଗିରଫଦାରୀକୁ ଏଡ଼ାଇ ଯାଉଛନ୍ତି। ଏନଆଇଏ କୋର୍ଟରେ ଯୁକ୍ତି ବାଢ଼ିଥିଲା ଯେ, ଏହି ମାମଲାର ନିରପେକ୍ଷ ତଦନ୍ତ ପାଇଁ ଅଭିଯୁକ୍ତର ଗିରଫଦାରୀ ଏବଂ ହେପାଜତରେ ପଚରାଉଚରା କରିବା ଅତ୍ୟନ୍ତ ଆବଶ୍ୟକ। ଏହାପରେ କୋର୍ଟ ଏହି ଆଦେଶ ଜାରି କରିଛନ୍ତି। ଉଲ୍ଲେଖଯୋଗ୍ୟ, ଗତ ବର୍ଷ ଅପ୍ରେଲ ୨୨ରେ ଦକ୍ଷିଣ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କର ମୃତ୍ୟୁ ଘଟିଥିଲା। ହାଫିଜ ସୟିଦକୁ ଭାରତ ଏବଂ ଆମେରିକା ପୂର୍ବରୁ ଜଣେ ବିଶ୍ୱସ୍ତରୀୟ ଆତଙ୍କବାଦୀ ଭାବେ ଘୋଷଣା କରିସାରିଛନ୍ତି।

# ୱାଙ୍ଗଚୁକ ଗୁରୁତର; ଓଜନ ଖସିଲା ୮.୨ କେଜି



## ଆମରଣ ଅନଶନର ୧୭ ଦିନ

ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): ଦିଲ୍ଲୀର ଜନ୍ତରମନ୍ତରଠାରେ ଆମରଣ ଅନଶନରେ ବସିଥିବା ବିଶିଷ୍ଟ ଶିକ୍ଷାବିତ୍ ତଥା ପରିବେଶ କର୍ମୀ ସୋନମ ୱାଙ୍ଗଚୁକଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହୋଇଥିବା ଜଣାପଡ଼ିଛି। ସୋମବାର ସୁଦ୍ଧା ତାଙ୍କ ଅନଶନ ୧୭ତମ ଦିନରେ ପହଞ୍ଚିଥିବା ବେଳେ ତାଙ୍କ ଓଜନ ୮.୨ କିଲୋଗ୍ରାମ ହ୍ରାସ ପାଇଥିବା ନେଇ କକ୍ରୋଚ୍ ଜନତା ପାର୍ଟି (ସିଜେପି) ପକ୍ଷରୁ ସୂଚନା ଦିଆଯାଇଛି। ୱାଙ୍ଗଚୁକଙ୍କ ରକ୍ତରେ ଶର୍କରା ସ୍ତର ଏବଂ ରକ୍ତଚାପ ହ୍ରାସ ପାଉଛି। ଲଗାତାର ୧୭ ଦିନ ଧରି ଖାଦ୍ୟ ତ୍ୟାଗ କରିବା ଫଳରେ ତାଙ୍କ ଶରୀର ଅତ୍ୟନ୍ତ ଦୁର୍ବଳ ହୋଇପଡ଼ିଛି। ପରୀକ୍ଷା ପରିଚାଳନାରେ ହୋଇଥିବା ବ୍ୟାପକ ଅନିୟମିତତାକୁ ବିରୋଧ କରି ୱାଙ୍ଗଚୁକ ଏହି ଆନ୍ଦୋଳନ ଜାରି ରଖିଛନ୍ତି। ୱାଙ୍ଗଚୁକଙ୍କ ଏହି ଆନ୍ଦୋଳନକୁ ବିଭିନ୍ନ ଛାତ୍ର ସଙ୍ଗଠନ ଏବଂ ବିରୋଧୀ ଦଳ ସମର୍ଥନ ଜଣାଇଛନ୍ତି। ନିକଟରେ ଦିଲ୍ଲୀର ପୂର୍ବତନ ମୁଖ୍ୟମନ୍ତ୍ରୀ ଆତିଶୀଙ୍କ ନେତୃତ୍ୱରେ ଏକ ଆପ୍ ପ୍ରତିନିଧି ଦଳ ଏବଂ ସିପିଆଇ(ଏମ) ସାଂସଦ ଅମରା ରାମ ପ୍ରତିବାଦ ସ୍ଥଳ ପରିଦର୍ଶନ କରି ୱାଙ୍ଗଚୁକଙ୍କ ସହ ଆଲୋଚନା କରିଛନ୍ତି। ଅନଶନ ପ୍ରତ୍ୟାହାର ଲାଗି ସେମାନେ ତାଙ୍କୁ ଅନୁରୋଧ କରିଛନ୍ତି। କିନ୍ତୁ ସେ ତାଙ୍କ ଜିଦରେ ଅଟଳ ରହିଛନ୍ତି।

ଆସନ୍ତା ଜୁଲାଇ ୨୦ରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବାକୁ ଥିବା ବେଳେ, ଜନ୍ତରମନ୍ତରରୁ ସଂସଦ ଭବନ ପର୍ଯ୍ୟନ୍ତ ଏକ ଶାନ୍ତିପୂର୍ଣ୍ଣ ପଦଯାତ୍ରା ପାଇଁ ପ୍ରତିବାଦକାରୀମାନେ ଯୋଜନା ରଖିଛନ୍ତି।

# ପିଓକେ ଅସମ୍ଭାଳ, ଗୁଳିରେ ୮ ନିହତ



ମୁଜାଫରାବାଦ, ୧୪।୭(ଏଜେନ୍ସି): ପାକିସ୍ତାନ ଅଧିକୃତ କାଶ୍ମୀର (ପିଓକେ)ରେ ଆୟୋଜିତ ହେବାକୁ ଥିବା ଏକ ବିଶାଳ ପଦଯାତ୍ରା ପୂର୍ବରୁ ପାକିସ୍ତାନୀ ସୁରକ୍ଷା ବାହିନୀର ଦମନଲୀଳା ଜାରି ରହିଛି। ପାକିସ୍ତାନୀ ସେନାର ଗୁଳିମାଡ଼ରେ ଆଜି ଆଉ ୮ ଜଣ ଆନ୍ଦୋଳନକାରୀ ପ୍ରାଣ ହରାଇଛନ୍ତି।

ସୂଚନା ଅନୁଯାୟୀ, ଜୁଲାଇ ୧୫ରେ ମୁଜାଫରାବାଦରେ ଏକ ବଡ଼ ଧରଣର ବିକ୍ଷୋଭ ପାଇଁ ପ୍ରସ୍ତୁତି ଚାଲିଥିବା ବେଳେ ସୁରକ୍ଷାକର୍ମୀମାନେ ବିକ୍ଷୋଭକାରୀଙ୍କୁ ଛତ୍ରଭଙ୍ଗ ଦେବା ପାଇଁ ଗୁଳି ମାଡ଼କରିଥିଲେ। ରାୱଲାକୋଟ୍ ବସ୍‌ଷ୍ଟାଣ୍ଡ ନିକଟରେ ଏକତ୍ରିତ ହୋଇଥିବା ଶତାଧିକ ମହିଳା ଓ ସାଧାରଣ ଜନତାଙ୍କ ଉପରକୁ ରେଞ୍ଜର୍ସମାନେ ଗୁଳି ଚଳାଇଥିଲେ। ଏହା ବ୍ୟତୀତ ସୁଧନୋତି ଅଞ୍ଚଳରୁ ମଧ୍ୟ ଗୁଳି ବିନିମୟ ହୋଇଥିବା ଜଣାପଡ଼ିଛି। ଭାଇରାଲ୍ ହୋଇଥିବା ଏକ ଭିଡିଓରେ ପ୍ରବଳ ଧୂଆଁ ଓ ଗୁଳିମାଡ଼ ମଧ୍ୟରେ ଲୋକେ ନିଜ ଜୀବନ ବଞ୍ଚାଇବା ପାଇଁ ଦୌଡୁଥିବା ଦେଖିବାକୁ ମିଳୁଛି। ଏହି ଜନ ଆନ୍ଦୋଳନ ଜଏଣ୍ଟ ଆୱାମୀ ଆକ୍ସନ୍ କମିଟି' (ଜେଏଏସି)ର ନେତୃତ୍ୱରେ ଚାଲିଛି। ପ୍ରତିବାଦକାରୀମାନେ ମୁଖ୍ୟତଃ ବିଦ୍ୟୁତ୍ ଶୁଳ୍କ ହ୍ରାସ, ଗହମ ଉପରେ ସବସିଡି, ନିଯୁକ୍ତି ସୁଯୋଗ ଏବଂ ଉତ୍ତମ ଶାସନ ଭଳି ୩୮ ଦଫା ସମ୍ବଳିତ ଦାବି ରଖିଛନ୍ତି। ଜେଏଏସି ନେତା ସର୍ଦ୍ଦାର ଅମାନ ଖାନ ଅଭିଯୋଗ କରିଛନ୍ତି ଯେ, ପାକିସ୍ତାନ ସରକାର ଏହି ଅଞ୍ଚଳକୁ ଶୋଷଣ କରୁଥିବା ବେଳେ ଏହାର ନିବାସୀଙ୍କୁ ମୌଳିକ ଅଧିକାରରୁ ବଞ୍ଚିତ ରଖୁଛନ୍ତି। ସେ 'ପିଓକେ ପାକିସ୍ତାନର ଅଂଶ ନୁହେଁ' ବୋଲି ମଧ୍ୟ ଦାବି କରିଛନ୍ତି। ଆନ୍ଦୋଳନକୁ ଦମନ କରିବା ପାଇଁ ପାକିସ୍ତାନୀ କର୍ତ୍ତୃପକ୍ଷ ଅତ୍ୟନ୍ତ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି। ଜେଏଏସିକୁ ଆତଙ୍କବାଦ ବିରୋଧୀ ଆଇନ ଅଧୀନରେ ନିଷିଦ୍ଧ କରାଯାଇଥିବା ବେଳେ ଅନେକ ନେତାଙ୍କ ବିରୋଧରେ ଅପରାଧିକ ମାମଲା ରୁଜୁ ହୋଇଛି। ବିଭିନ୍ନ ଅଞ୍ଚଳରେ ଇଣ୍ଟରନେଟ୍ ସେବା ବନ୍ଦ କରି ଦିଆଯାଇଛି ଏବଂ ରାସ୍ତାରେ ବ୍ୟାରିକେଡ୍ ଲଗାଇ ଲୋକଙ୍କୁ ମୁଜାଫରାବାଦ ଯିବାରୁ ଅଟକାଯାଉଛି।

## ଭାରତର କଡ଼ା ନିନ୍ଦା

ପିଓକେରେ ଚାଲିଥିବା ଏହି ହିଂସାକାଣ୍ଡକୁ ଭାରତ କଡ଼ା ସମାଲୋଚନା କରିଛି। ବୈଦେଶିକ ବ୍ୟାପାର ମନ୍ତ୍ରାଳୟ କହିଛି ଯେ, ଏହି ପ୍ରତିବାଦ ଦଶନ୍ଧି ଦଶନ୍ଧି ଧରି ଚାଲିଥିବା ବ୍ୟବସ୍ଥିତ ଶୋଷଣ ଏବଂ ପ୍ରଶାସନିକ ନିର୍ଯାତନାର ପରିଣାମ। ପାକିସ୍ତାନ ସରକାର ସାଧାରଣ ଜନତାଙ୍କ ଯଥାର୍ଥ ଦାବିକୁ ବନ୍ଧୁକ ମୁନରେ ଦମନ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି ଭାରତ ପ୍ରକାଶ କରିଛି।

# ଇରାନର ନୂଆ କ୍ଷମତା କେନ୍ଦ୍ର ଅଲି ଖାମେନେଇ!



ତେହେରାନ, ୧୪।୭(ଏଜେନ୍ସି): ଇରାନର ରାଜନୈତିକ ଦୃଶ୍ୟପଟରେ ନୂଆ ପରିବର୍ତ୍ତନ ପରିଲକ୍ଷିତ ହୋଇଛି। ଇସଲାମିକ ବିପ୍ଳବର ପ୍ରତିଷ୍ଠାତା ଆୟାତୋଲ୍ଲା ରୁହୋଲ୍ଲା ଖାମେନେଇଙ୍କ ନାତି ଅଲି ଖାମେନେଇ ଏବେ ଦେଶର ଏକ ନୂତନ ଶକ୍ତି କେନ୍ଦ୍ର ଭାବେ ସାମ୍ନାକୁ ଆସିଛନ୍ତି। ବର୍ତ୍ତମାନର ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଏପରିସ୍ଥଳେ ଅଲି ଖାମେନେଇଙ୍କୁ କଠୋରପନ୍ଥୀ 'ଇସଲାମିକ ଫ୍ରଣ୍ଟ' (ଜେବେ ପାୟଦାରି)ର ପୂର୍ଣ୍ଣ ସମର୍ଥନ ମିଳିଥିବା ରିପୋର୍ଟ ପ୍ରକାଶ ପାଇଛି। ଏକ କଠୋର ରକ୍ଷଣଶୀଳ ନେତା ଭାବେ ପରିଚିତ ଅଲି ଖାମେନେଇ କୁମ୍ ଠାରେ ଆୟୋଜିତ ଏକ ସଭାରେ ଇରାନ ଆମେରିକା ସହିତ କୌଣସି ପ୍ରକାର ଚୁକ୍ତି ବା ବୁଝାମଣା କରିବା ଉଚିତ ନୁହେଁ ବୋଲି ଘୋଷଣା କରିଛନ୍ତି। ତାଙ୍କର ଏହି ଆଭିମୁଖ୍ୟକୁ ଇରାନର ଶକ୍ତିଶାଳୀ ସୈନ୍ୟବାହିନୀ ଇସଲାମିକ ରିଭୋଲ୍ୟୁସନାରୀ ଗାର୍ଡ କର୍ପସ (ଆଇଆର୍‌ଜିସି) ମଧ୍ୟ ସମର୍ଥନ କରିଛି। ଆୟାତୋଲ୍ଲା ଖାମେନେଇଙ୍କ ଉତ୍ତରାଧିକାରକୁ ଅଧିକ ମଜବୁତ କରିବା ଏବଂ ସମଗ୍ର ମୁସଲିମ ଜଗତରେ ନିଜର ପ୍ରଭାବ ବିସ୍ତାର କରିବା ଲକ୍ଷ୍ୟରେ କଠୋରପନ୍ଥୀମାନେ ଅଲିଙ୍କୁ ପ୍ରୋତ୍ସାହିତ କରୁଥିବା ଜଣାପଡ଼ିଛି। ବିଶେଷଜ୍ଞଙ୍କ ଅନୁସାରେ, ଅଲି ଖାମେନେଇ ମଧ୍ୟପ୍ରାଚ୍ୟ ଅଞ୍ଚଳରେ ଆମେରିକାର ପ୍ରଭାବ ହ୍ରାସ କରିବା ଏବଂ ପଡ଼ୋଶୀ ଦେଶଗୁଡ଼ିକୁ ତେହେରାନର ପ୍ରଭାବ ବଳୟକୁ ଆଣିବା ପାଇଁ ରଣନୀତି ପ୍ରସ୍ତୁତ କରୁଛନ୍ତି। ଏହି ନୂତନ ନେତୃତ୍ୱ ଯୋଗୁଁ ଇରାନରେ ସଂସ୍କାରବାଦୀ ଗୋଷ୍ଠୀଙ୍କ ପାଇଁ ସୁଯୋଗ ସଙ୍କୁଚିତ ହେବା ସମ୍ଭାବନା ରହିଛି। ଏଥିସହ ହିଜବୁଲ୍ଲା, ହାମାସ ଓ ହୁତି ବିଦ୍ରୋହୀଙ୍କୁ ମିଳୁଥିବା ଆର୍ଥିକ ତଥା ସାମରିକ ସହାୟତା ମଧ୍ୟ ବୃଦ୍ଧି ପାଇବ ବୋଲି କୁହାଯାଉଛି। ଅନ୍ୟପଟେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହର୍ମୁଜ୍‌ର ନିୟନ୍ତ୍ରଣ ହାତେଇଥିବା ଦାବି କରିଛନ୍ତି। ସେ ହର୍ମୁଜ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ୨୦ ପ୍ରତିଶତ ଶୁଳ୍କ ଲଗାଇବାକୁ ପ୍ରସ୍ତାବ ଦେଇଛନ୍ତି। ସାମ୍ପ୍ରତିକ ଉତ୍ତେଜନା ମଧ୍ୟରେ ଇରାନ ପକ୍ଷରୁ ବାହାରିନ, କୁଏତ ଏବଂ କତାର ଉପରେ ଡ୍ରୋନ ଆକ୍ରମଣ କରାଯାଇଛି। ଏହାର ଜବାବରେ ଆମେରିକା ବୁସେହର ଏବଂ କେଶମ ଭଳି ସ୍ଥାନରେ ଏୟାରଷ୍ଟ୍ରାଇକ କରିଛି। ଏହି ଯୁଦ୍ଧ ପରିସ୍ଥିତି ଯୋଗୁଁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦର ପ୍ରାୟ ୪ ପ୍ରତିଶତ ବୃଦ୍ଧି ପାଇ ବ୍ୟାରେଲ ପିଛା ୭୯ ଡଲାରରେ ପହଞ୍ଚିଛି।

# 'ଭୋଜଶାଳା' ନିକଟରେ ନମାଜ ପାଇଁ ସୁପ୍ରିମକୋର୍ଟଙ୍କ ଅନୁମତି

ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): ମଧ୍ୟପ୍ରଦେଶର ଧାର୍ ଜିଲ୍ଲାରେ ଅବସ୍ଥିତ ବିବାଦୀୟ ଭୋଜଶାଳା ପରିସର ନିକଟରେ ଶୁକ୍ରବାର ନମାଜ ପାଠ ପାଇଁ ସୁପ୍ରିମକୋର୍ଟ ଅନୁମତି ପ୍ରଦାନ କରିଛନ୍ତି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ଅନୁଯାୟୀ, ମୁସଲିମ ସମ୍ପ୍ରଦାୟକୁ ଶୁକ୍ରବାର ପ୍ରାର୍ଥନା ପାଇଁ ଭୋଜଶାଳା ସ୍ଥଳ ସଂଲଗ୍ନ ଏକ ଖୋଲା ସ୍ଥାନ ଯୋଗାଇ ଦିଆଯିବ। ମଧ୍ୟପ୍ରଦେଶ ହାଇକୋର୍ଟଙ୍କ ଏକ ପୂର୍ବ ଆଦେଶ ବିରୋଧରେ ଦାୟର ହୋଇଥିବା ଆବେଦନର ଶୁଣାଣି କରି ସୁପ୍ରିମକୋର୍ଟ ଏହି ସାମୟିକ ବ୍ୟବସ୍ଥା କରିଛନ୍ତି। ହାଇକୋର୍ଟଙ୍କ ଆଦେଶ ଉପରେ କୌଣସି ଅନ୍ତରୀଣ ରୋକ୍ ଲଗାଇବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। କିନ୍ତୁ ଏହି ପ୍ରସଙ୍ଗରେ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ (ଏଏସ୍‌ଆଇ) ଏବଂ ମଧ୍ୟପ୍ରଦେଶ ସରକାରଙ୍କଠାରୁ ଜବାବ ତଲବ କରାଯାଇଛି। ନ୍ୟାୟାଳୟ ଏହି ମାମଲାର ଶୁଣାଣି କରିବାସହିତ ଏଏସ୍‌ଆଇକୁ ସ୍ପଷ୍ଟ ନିର୍ଦ୍ଦେଶ ଦେଇଛନ୍ତି ଯେ, କୋର୍ଟଙ୍କ ପୂର୍ବ ଅନୁମତି ବିନା ସମ୍ପୃକ୍ତ ସ୍ଥାନରେ କୌଣସି ପ୍ରକାରର ଗଠନମୂଳକ ପରିବର୍ତ୍ତନ କରାଯାଇପାରିବ ନାହିଁ। ଶୁଣାଣି ସମୟରେ ଖଣ୍ଡପୀଠ ଏହି ବିଷୟର ସମ୍ବେଦନଶୀଳତା ଉପରେ ଗୁରୁତ୍ୱାରୋପ କରିଛନ୍ତି। ଶାନ୍ତି ଏବଂ



ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ସମସ୍ତ ପକ୍ଷଙ୍କୁ କୌଣସି ପ୍ରକାରର ଉତ୍ତେଜନାମୂଳକ ମନ୍ତବ୍ୟ ଦେବାରୁ ବିରତ ରହିବାକୁ ପରାମର୍ଶ ଦିଆଯାଇଛି। ରାଜ୍ୟ ସରକାରଙ୍କ ପକ୍ଷରୁ ଶୁଣାଣି ସମୟରେ ପ୍ରଶ୍ନ ଉଠାଯାଇଥିଲା ଯେ, ଦୁଇ ମାସ ତଳେ ହାଇକୋର୍ଟ ଦେଇଥିବା ଆଦେଶକୁ ଚ୍ୟାଲେଞ୍ଜ କରିବାରେ ଏତେ ବିଳମ୍ବ କାହିଁକି ହେଲା? ସୁପ୍ରିମକୋର୍ଟ ଏହି ମାମଲାର ପରବର୍ତ୍ତୀ ଶୁଣାଣି ତିନି ସପ୍ତାହ ପରେ କରିବାକୁ ଦିନ ଧାର୍ଯ୍ୟ କରିଛନ୍ତି। ବର୍ତ୍ତମାନ ପାଇଁ କୋର୍ଟଙ୍କ ଏହି ନିଷ୍ପତ୍ତି ଉଭୟ ପକ୍ଷଙ୍କ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସହ ସେଠାରେ ଶାନ୍ତି ବଜାୟ ରଖିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ବିବେଚନା କରାଯାଉଛି।

# ହର୍ମୁଜରେ ଫସିଛି ଭାରତ ପତାକାଧାରୀ ୭ ଜାହାଜ

## ଅଟକିଛନ୍ତି ୧୪୮ ନାବିକ



ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): ଆମେରିକା ଏବଂ ଇରାନ ମଧ୍ୟରେ ବଢ଼ୁଥିବା ସାମରିକ ଉତ୍ତେଜନା ଯୋଗୁଁ ପର୍ସିଆନ୍ ଗଲ୍ ଅଞ୍ଚଳରେ ୧୪୮ ଜଣ ଭାରତୀୟ ନାବିକଙ୍କ ସମେତ ୭ଟି ଭାରତୀୟ ପତାକାଧାରୀ ଜାହାଜ ଫସି ରହିଛନ୍ତି। ଏହି ଅଶାନ୍ତ ପରିସ୍ଥିତି ମଧ୍ୟରେ ଜଣେ ଭାରତୀୟ ନାବିକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ନିଖୋଜ ଥିବା ସୂଚନା ମିଳିଛି। ଆମେରିକା-ଇରାନ ମଧ୍ୟରେ ସାମରିକ ସଂଘର୍ଷ ବୃଦ୍ଧି ପାଇବା ପୂର୍ବରୁ ଏହି ୭ଟି ଭାରତୀୟ ଜାହାଜ ହର୍ମୁଜ୍ ଅଞ୍ଚଳର ପଶ୍ଚିମ ପାର୍ଶ୍ୱରେ ଥିଲେ। ବର୍ତ୍ତମାନର ସ୍ଥିତିରେ ଏହି ଜାହାଜଗୁଡ଼ିକ ସେହି ଅଞ୍ଚଳ ଛାଡ଼ି ବାହାରକୁ ଆସିବା ସମ୍ଭବ ହେଉନାହିଁ। ଉତ୍ତେଜନା ମଧ୍ୟରେ ହର୍ମୁଜ ପ୍ରଣାଳୀରେ ୨ଟି ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ଭାରତ ଦୃଢ଼ ନିନ୍ଦା କରିଛି।

ସୂଚନା ଅନୁଯାୟୀ, ଇରାନର କ୍ରୁଜ୍ ମିସାଇଲ୍ ଆକ୍ରମଣର ଶିକାର ହୋଇଥିବା ୟୁଏଇ ପତାକାଧାରୀ ଦୁଇଟି ଟ୍ୟାଙ୍କର 'ଅଲ୍ ବାହିୟା' ଏବଂ 'ମୋମ୍ବାସା'ରେ ସମୁଦାୟ ୨୯ ଜଣ ଭାରତୀୟ ନାବିକ କାର୍ଯ୍ୟରତ ଥିଲେ। ଅଲ୍ ବାହିୟା ଜାହାଜରେ ୧୨ ଜଣ ଭାରତୀୟଙ୍କ ସମେତ ମୋଟ ୨୩ ଜଣ କ୍ରୁ ସଦସ୍ୟ ଥିଲେ। ଏହି ଆକ୍ରମଣରେ ଜଣେ ଭାରତୀୟ କ୍ରୁ ସଦସ୍ୟଙ୍କ ମୃତ୍ୟୁ ଘଟିଥିବା ସରକାରୀ ଭାବେ ନିଶ୍ଚିତ କରାଯାଇଛି। ମୋମ୍ବାସା ଜାହାଜରେ ୧୭ ଜଣ ଭାରତୀୟ ଏବଂ ଅନ୍ୟ ଦେଶର ୬ ଜଣ ସଦସ୍ୟ ରହିଛନ୍ତି। ଆକ୍ରମଣରେ ଅଲ୍ ବାହିୟାରେ ଜଣେ ଭାରତୀୟ ପ୍ରାଣ ହରାଇଥିବା ବେଳେ ମୋମ୍ବାସାରେ ୯ ଜଣ ଭାରତୀୟ ନାବିକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ବର୍ତ୍ତମାନର ସୁରକ୍ଷା ପରିସ୍ଥିତି ଯୋଗୁଁ ପାରସ୍ୟ ଉପସାଗରରେ ଭାରତ ସହ ଜଡିତ ପ୍ରାୟ ୧୧ଟି ବାଣିଜ୍ୟିକ ଜାହାଜ ଅଟକି ରହିଛି। ଏହି ଜାହାଜଗୁଡ଼ିକରେ ୧୪୮ ଜଣ ଭାରତୀୟ ନାବିକ ଥିବା ବେଳେ ସେମାନେ ହର୍ମୁଜ ଦେଇ ସୁରକ୍ଷିତ ଯାତାୟାତ ପାଇଁ ଅପେକ୍ଷା କରିଛନ୍ତି। ସରକାରୀ ସୂତ୍ର ଅନୁଯାୟୀ, ଗତ ଫେବୃଆରୀ ୨୮ରୁ ଉପସାଗରୀୟ ଅଞ୍ଚଳରେ ଚାଲିଥିବା ଏହି ଯୁଦ୍ଧ ଯୋଗୁଁ ଏପର୍ଯ୍ୟନ୍ତ ୧୩ ଜଣ ଭାରତୀୟଙ୍କ ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଏବେ ମଧ୍ୟ ନିଖୋଜ ଅଛନ୍ତି।

# ସ୍ୱାମୀଙ୍କୁ ୩ ଖଣ୍ଡ କରି ଜଙ୍ଗଲରେ ଫିଙ୍ଗିଥିଲେ ସ୍ତ୍ରୀ ଓ ପ୍ରେମିକ

ମୁମ୍ବଇ, ୧୪।୭(ଏଜେନ୍ସି): ମହାରାଷ୍ଟ୍ରର ନଭି ମୁମ୍ବାଇରେ ଏକ ଅତି ବିଭତ୍ସ ହତ୍ୟାକାଣ୍ଡ ଘଟଣାରେ ଜଣେ ମହିଳା ନିଜ ପ୍ରେମିକ ସହ ମିଶି ନିଜ ସ୍ୱାମୀଙ୍କୁ ହତ୍ୟା କରିବା ପରେ ତାଙ୍କ ଶରୀରକୁ ୩ ଖଣ୍ଡ କରି ଜଙ୍ଗଲରେ ଫିଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ପ୍ରାୟ ୧୧ ମାସ ପରେ ଏହି ମାମଲାରେ ପୁଲିସ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ସଫଳ ହୋଇଛି। ପୁଲିସ ଅନୁଯାୟୀ, ମୃତ ବ୍ୟକ୍ତି ହେଉଛନ୍ତି ବଳିରାମ ସୂର୍ଯ୍ୟନାଥ କୁଶୱାହା (୫୦)। ତାଙ୍କ ପତ୍ନୀ ସୁନୀତା କୁଶୱାହା (୪୦) ଏବଂ ତାଙ୍କର କଥିତ ପ୍ରେମିକ ରାହୁଲ ଦଶରଥ ପ୍ରଜାପତି (୩୦) ମିଶି ଏହି ହତ୍ୟାକାଣ୍ଡର ଯୋଜନା କରିଥିଲେ। ବଳିରାମ ନିଜ ପତ୍ନୀଙ୍କର ରାହୁଲଙ୍କ ସହ ଥିବା ଅବୈଧ ସମ୍ପର୍କକୁ ବିରୋଧ କରୁଥିବାରୁ ତାଙ୍କୁ ରାସ୍ତାରୁ ହଟାଇବା ପାଇଁ ଏହି ଷଡ଼ଯନ୍ତ୍ର କରାଯାଇଥିଲା। ୨୦୨୫ ଅଗଷ୍ଟ ୯ରେ, ଅଭିଯୁକ୍ତମାନେ ପ୍ରଥମେ ବଳିରାମଙ୍କ ଦୁଇ ସନ୍ତାନଙ୍କୁ ସେମାନଙ୍କ ମାଉସୀ ଘରକୁ ପଠାଇ ଦେଇଥିଲେ। ବଳିରାମ ଶୋଇଯିବା ପରେ ଉଭୟ ମିଶି ତାଙ୍କୁ ତଣ୍ଟି ଚିପି ହତ୍ୟା କରିଥିଲେ ଏବଂ ପରେ ଏକ ଧାରୁଆ ଅସ୍ତ୍ରରେ ତାଙ୍କ ମୁଣ୍ଡ ଅଲଗା କରିବା ସହ ଶରୀରକୁ ତିନି ଖଣ୍ଡ କରି କାଟି ଦେଇଥିଲେ। ପ୍ରମାଣ ନଷ୍ଟ କରିବା ପାଇଁ ସେମାନେ ଶରୀରର ଅଂଶଗୁଡ଼ିକୁ ପୃଥକ ଭାବେ ବସ୍ତା ଓ ବେଡସିଟ୍‌ରେ ଗୁଡ଼ାଇ ରଖିଥିଲେ। ପରେ ରାହୁଲଙ୍କ ଅଟୋରିକ୍ସାରେ ନେଇ ଗାଭଲି ଦେବ ପାହାଡ଼ ଜଙ୍ଗଲର ତିନୋଟି ଭିନ୍ନ ସ୍ଥାନରେ ଫିଙ୍ଗି ଦେଇଥିଲେ।

# ବଙ୍ଗୋପସାଗରରେ ସକ୍ରିୟ ହେଉଛି ମୌସୁମୀ



ନୂଆଦିଲ୍ଲୀ, ୧୪।୭(ଏଜେନ୍ସି): କିଛି ଦିନର ଶୁଖିଲା ପାଣିପାଗ ଏବଂ ଗୁଳୁଗୁଳି ପରେ ଏବେ ଦେଶରେ ମୌସୁମୀ ପୁଣି ସକ୍ରିୟ ହେବାକୁ ଯାଉଛି। ପ୍ରଶାନ୍ତ ମହାସାଗରରୁ ଆସିଥିବା ଏକ ବାୟୁ ପ୍ରବା ବଙ୍ଗୋପସାଗରରେ ପହଞ୍ଚିଛି। ଏହା ଆଗାମୀ ଦିନରେ ଭାରତରେ ମୌସୁମୀ ବର୍ଷାକୁ ପୁନର୍ଜୀବିତ କରିବ ବୋଲି ଆଶା କରାଯାଉଛି। ସାଟେଲାଇଟ୍ ଚିତ୍ର ଅନୁଯାୟୀ, ବଙ୍ଗୋପସାଗର ଉପରେ ଏକ ବାୟୁମଣ୍ଡଳୀୟ ଚଳନ ସୃଷ୍ଟି ହୋଇଛି। ଏହା ଘନ ବାଦଲ ଏବଂ ଶକ୍ତିଶାଳୀ ବାୟୁ ପ୍ରବାହ ସୃଷ୍ଟି କରୁଛି। ଏହି ପ୍ରକ୍ରିୟାରେ ଏକ ଲଘୁଚାପ କ୍ଷେତ୍ର ପରିଣତ ହେବାର ସମ୍ଭାବନା ରହିଛି। ଏପରି ହେଲେ ଏହି ଲଘୁଚାପ କ୍ଷେତ୍ର ସମୁଦ୍ରରୁ ଆର୍ଦ୍ର ବାୟୁକୁ ଟାଣିଆଣିବ ଏବଂ ଭାରତରେ ବ୍ୟାପକ ବର୍ଷା କରାଇବ। ପାଣିପାଗ ବିଜ୍ଞାନୀଙ୍କ ଅନୁଯାୟୀ, ଆଗାମୀ ୨-୩ ଦିନ ମଧ୍ୟରେ ଏହି ବାୟୁ ପ୍ରବାହ ଓଡ଼ିଶା ଏବଂ ପଶ୍ଚିମବଙ୍ଗ ଅଭିମୁଖେ ଅଗ୍ରସର ହେବ। ଏହାର ପ୍ରଭାବରେ ପୂର୍ବ ଭାରତରେ ବର୍ଷାର ପରିମାଣ ବଢ଼ିବ ଏବଂ ପରବର୍ତ୍ତୀ ସମୟରେ ଏହା ମଧ୍ୟ ଓ ଉତ୍ତର ଭାରତକୁ ବ୍ୟାପିବ। ଚଳିତ ବର୍ଷ ମୌସୁମୀର ଗତିପଥ ଅନିୟମିତ ରହିଛି। ଜୁଲାଇ ପ୍ରଥମ ସପ୍ତାହରେ ପଶ୍ଚିମ ଭାରତର କିଛି ସହରରେ ପ୍ରବଳ ବର୍ଷା ହୋଇଥିବା ବେଳେ, ମାସର ମଧ୍ୟଭାଗରେ ମୌସୁମୀ ସାମାନ୍ୟ ଦୁର୍ବଳ ହୋଇଥିଲା। ଶୁଖିଲା ପାଣିପାଗ ଯୋଗୁଁ ତାପମାତ୍ରା ବୃଦ୍ଧି ପାଇବା ସହ ବର୍ଷାର ଅଭାବ ଦେଖାଦେଇଥିଲା। ଫଳରେ ଦେଶରେ ଖରିଫ ଚାଷ କାର୍ଯ୍ୟକୁ ବାଧାପ୍ରାପ୍ତ ହୋଇଛି। ବିଶେଷ କରି ଧାନ ପରି ପ୍ରମୁଖ ଫସଲ ବୁଣା କାର୍ଯ୍ୟ ମନ୍ଥର ହୋଇଯାଇଛି। ତେବେ ବଙ୍ଗୋପସାଗରରେ ସୃଷ୍ଟ ଏହି ନୂତନ ବାୟୁ ପ୍ରବାହ ବର୍ଷାର ଅଭାବକୁ ଦୂର କରିବାରେ ସାହାଯ୍ୟ କରିବ। ଏହା ଚାଷୀଙ୍କୁ ଆଶ୍ୱସ୍ତି ଆଣିଦେବ ବୋଲି ଆଶା ସଞ୍ଚାର ହୋଇଛି। ଏହାଦ୍ୱାରା ପ୍ରବଳ ଗୁଳୁଗୁଳିରୁ ମଧ୍ୟ ତ୍ରାହି ମିଳିବାର ସମ୍ଭାବନା ରହିଛି।

## ଗ୍ରାହାମ ଷ୍ଟେନ୍ସ ହତ୍ୟା ମାମଲା

# ୨୬ ବର୍ଷ ପରେ ଜେଲ୍‌ରୁ ମୁକୁଳିବ ଦାରା ସିଂହ

କେନ୍ଦୁଝର, ୧୪।୭(ସମିସ): ବହୁଚର୍ଚ୍ଚିତ ଗ୍ରାହାମ ଷ୍ଟେନ୍ସ ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ରବୀନ୍ଦ୍ର ପାଲ୍ ସିଂ ଓରଫ୍ ଦାରା ସିଂ ଜେଲରୁ ମୁକ୍ତ ହେବାକୁ ଯାଉଛି। ପ୍ରାୟ ୨୬ ବର୍ଷ ଧରି ଜେଲ୍ ଦଣ୍ଡ ଭୋଗିବା ପରେ ସୁପ୍ରିମକୋର୍ଟ ତାକୁ ମୁକ୍ତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ଅଗଷ୍ଟ ୧୫ ତାରିଖ ସୁଦ୍ଧା ତାକୁ ଜେଲରୁ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଅନେକଦିନ ତଳୁ ଦାରା ସିଂ ନିଜର ମୁକ୍ତି ପାଇଁ ସୁପ୍ରିମକୋର୍ଟରେ ଆବେଦନ କରିଥିଲା। ଗତ ବର୍ଷ ସୁପ୍ରିମକୋର୍ଟ ଓଡ଼ିଶା ସରକାରଙ୍କୁ ଏହି ଆବେଦନ ଉପରେ ବିଚାର କରି ନିଷ୍ପତ୍ତି ନେବାକୁ କହିଥିଲେ। ଏହାପରେ ଗତ ଜୁଲାଇ ୬ ତାରିଖରେ ଓଡ଼ିଶା ରାଜ୍ୟ ଦଣ୍ଡ ସମୀକ୍ଷା ବୋର୍ଡ ଏସଏସଆରବି) ତାକୁ ମକ୍ତ କରିବା ଲାଗି ସୁପାରିସ କରିଥିଲେ। ଏହି ରିପୋର୍ଟ ଆଧାରରେ






ସୁପ୍ରିମକୋର୍ଟ ତାକୁ ମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୧୯୯୯ ମସିହା ଜାନୁଆରୀ ୨୨ ତାରିଖ ବିଳମ୍ବିତ ରାତିରେ କେନ୍ଦୁଝର ଜିଲ୍ଲା ମନୋହରପୁର ଗାଁରେ ଅଷ୍ଟ୍ରେଲରୀୟ ମିସନାରୀ ଗ୍ରାହାମ ଷ୍ଟେନ୍ସ ଏବଂ ତାଙ୍କ ଦୁଇ ନାବାଳକ ପୁତ୍ର ଫିଲିପ୍ ଓ ତିମୋଥିଙ୍କୁ ତାଙ୍କ ଗାଡ଼ିରେ ଶୋଇଥିବା ଅବସ୍ଥାରେ ଜୀବନ୍ତ ଜଳାଇ ହତ୍ୟା କରାଯାଇଥିଲା। ଏହି ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ଦାରା ସିଂକୁ ଦୋଷୀ ସାବ୍ୟସ୍ତ କରାଯାଇଥିଲା। ପ୍ରଥମେ ତାକୁ ମୃତ୍ୟୁଦଣ୍ଡାଦେଶ ମିଳିଥିବା ବେଳେ ପରବର୍ତ୍ତୀ ସମୟରେ ଏହାକୁ ଆଜୀବନ କାରାଦଣ୍ଡରେ ପରିବର୍ତ୍ତିତ କରାଯାଇଥିଲା। ଦାରା ସିଂ ପ୍ରାୟ ୨୬ ବର୍ଷ ଧରି ଜେଲ୍‌ରେ ବନ୍ଦୀ ଅଛି। ଏହି ମାମଲାରେ ସହଯୋଗୀ ଦୋଷୀ ସାବ୍ୟସ୍ତ ମହେନ୍ଦ୍ର ହେମ୍ବ୍ରମକୁ ଉତ୍ତମ ଆଚରଣ ପାଇଁ ବର୍ଷକ ପୂର୍ବରୁ ଜେଲ୍‌ରୁ ମୁକ୍ତି ମିଳିସାରିଛି। ଏବେ ସେହି ସମାନ ଆଧାରରେ ଦାରା ସିଂ ମଧ୍ୟ ମୁକ୍ତ ହେବାକୁ ଯାଉଛି।

# ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କରେ ସଶସ୍ତ୍ର ଡକାୟତି

## ଆକ୍ରମଣରେ ବ୍ୟାଙ୍କ ମ୍ୟାନେଜର ଗୁରୁତର

ବାଲେଶ୍ୱର, ୧୪।୭ (ସମିସ): ବାଲେଶ୍ୱର ସଦର ଥାନା ଅଧୀନ ଜୟଦେବ କସବା ଫାଣ୍ଡି ଅଞ୍ଚଳର ରସାଲପୁରସ୍ଥିତ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଶାଖାରେ ଡକାୟତି ହୋଇଛି। ୬ ଜଣ ଡକାୟତ ବ୍ୟାଙ୍କରେ ପଶି ଟଙ୍କା ଲୁଟିନେବା ସହିତ କର୍ମଚାରୀଙ୍କୁ ଆକ୍ରମଣ କରି ଫେରାର ହୋଇଯାଇଛନ୍ତି। ତେବେ ମ୍ୟାନେଜରଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ସେମାନେ ଷ୍ଟ୍ରଙ୍ଗରୁମରେ ପଶି ପାରିନଥିଲେ।



ଲଘୁଚାପଜନିତ ବର୍ଷା ଯୋଗୁଁ ବ୍ୟାଙ୍କରେ ଆଜି ଗ୍ରାହକଙ୍କ ଭିଡ଼ ସାଧାରଣ ଦିନ ତୁଳନାରେ କମ୍ ଥିଲା। ଅପରାହ୍ନ ପ୍ରାୟ ୩ଟାରୁ ୩ଟା ୩୦ ମିନିଟ ମଧ୍ୟରେ ୭ରୁ ୮ ଜଣ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ଋଣ ସମ୍ପର୍କିତ କାର୍ଯ୍ୟ ପାଇଁ ବ୍ୟାଙ୍କରେ ଉପସ୍ଥିତ ଥିଲେ। ସେହି ସମୟରେ ତିନୋଟି ବାଇକରେ ୬ ଜଣ ସଶସ୍ତ୍ର ଡକାୟତ ହଠାତ୍ ବ୍ୟାଙ୍କ ଭିତରକୁ ପ୍ରବେଶ କରି ସମସ୍ତଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ। ଡକାୟତମାନେ ପ୍ରଥମେ ବ୍ୟାଙ୍କରେ ଥିବା ମହିଳା ଗ୍ରାହକ ଓ କର୍ମଚାରୀଙ୍କ ସମସ୍ତ ମୋବାଇଲ ଫୋନ ଗୋଟିଏ ସ୍ଥାନରେ ରଖିବାକୁ ବାଧ କରିଥିଲେ। ଏହାପରେ ବ୍ୟାଙ୍କ ମ୍ୟାନେଜର ରାଜୀବ ବେହେରା ଏବଂ କ୍ୟାସିୟରଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ କ୍ୟାସ କାଉଣ୍ଟରରୁ ଟଙ୍କା ଲୁଟିବା ସହ ଷ୍ଟ୍ରଙ୍ଗରୁମ୍ ଖୋଲିବାକୁ ଚାପ ପକାଇଥିଲେ। କ୍ୟାସିୟରଙ୍କୁ ବନ୍ଧୁକ ମୁନରେ ଷ୍ଟ୍ରଙ୍ଗ୍‌ରୁମ୍ ଆଡ଼କୁ ନେଉଥିବା ସମୟରେ ବ୍ୟାଙ୍କ ମ୍ୟାନେଜର ଉପସ୍ଥିତ ବୁଦ୍ଧି ଖଟାଇ ଜରୁରୀକାଳୀନ ସୁରକ୍ଷା ଆଲାର୍ମକୁ ଚିପି ଦେଇଥିଲେ। ହଠାତ୍ ପ୍ରଚଣ୍ଡ ଆଲାର୍ମ ଶବ୍ଦ ଶୁଣି ଡକାୟତମାନେ ଉତ୍ତ୍ୟକ୍ତ ହୋଇ ମ୍ୟାନେଜର ଓ କ୍ୟାସିଅରଙ୍କ ଉପରେ ନିର୍ମମ ଆକ୍ରମଣ କରିଥିଲେ। କଟର ଓ ବନ୍ଧୁକରେ ପିଟିବାରୁ ମ୍ୟାନେଜର ରାଜୀବ ବେହେରାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗି ରକ୍ତାକ୍ତ ଅବସ୍ଥାରେ ସେ ତଳେ ପଡ଼ିଯାଇଥିଲେ। କ୍ୟାସିୟର ମଧ୍ୟ ଆକ୍ରମଣରେ ଆହତ ହୋଇଥିବା ଜଣାପଡ଼ିଛି। ଘଟଣାକୁ ଆହୁରି ସଙ୍ଗଠିତ କରିବା ପାଇଁ ଡକାୟତମାନେ ବ୍ୟାଙ୍କର ସିସିଟିଭି କ୍ୟାମେରାର ତାର କାଟି ଦେବା ସହ ସିସିଟିଭି ହାର୍ଡଡିସ୍କକୁ ସାଙ୍ଗରେ ନେଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଜୟଦେବ କସବା ଫାଣ୍ଡି ଓ ସଦର ଥାନା ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରୁ ଫିଙ୍ଗରପ୍ରିଣ୍ଟ, ଫରେନସିକ ପ୍ରମାଣ ଓ ଅନ୍ୟାନ୍ୟ ତଥ୍ୟ ସଂଗ୍ରହ କରି ତଦନ୍ତ ଆରମ୍ଭ କରିଛି। ଗୁରୁତର ଆହତ ବ୍ୟାଙ୍କ ମ୍ୟାନେଜର ରାଜୀବ ବେହେରାଙ୍କୁ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। କେତେ ଟଙ୍କା ଲୁଟ ହୋଇଛି ତାହାର ସଠିକ୍ ହିସାବ ବ୍ୟାଙ୍କ ପକ୍ଷରୁ ପ୍ରକାଶ କରାଯାଇନାହିଁ। ଲୁଟେରାମାନେ କେଉଁ ରୁଟ୍‌ରେ ଫେରାର ହେଲେ, ସେ ନେଇ ପୁଲିସ ବିଭିନ୍ନ ଅଞ୍ଚଳର ସିସିଟିଭି ଫୁଟେଜ ଯାଞ୍ଚ କରୁଛି।

# ସମୂହ ଛୁଟିରେ ଯୋଗାଣ ସହାୟକ

## ୨୦ ଜିଲ୍ଲାରେ ପିଡିଏସ୍ ବଣ୍ଟନ ବାଧାପ୍ରାପ୍ତ




ଭୁବନେଶ୍ୱର,୧୪।୭(ସମିସ): ସମୂହ ଛୁଟିରେ ଯାଇଛନ୍ତି ରାଜ୍ୟର ସମସ୍ତ ଯୋଗାଣ ସହାୟକ। ଏହାଦ୍ୱାରା ରାଜ୍ୟରେ ୨୦ ଜିଲ୍ଲାରେ ଯୋଗାଣ ସାମଗ୍ରୀ ବଣ୍ଟନ ବ୍ୟବସ୍ଥା ପ୍ରଭାବିତ ହେବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ୧୧ ଦଫା ଦାବି ପୂରଣ ଆଶାରେ ଯୋଗାଣ ସହାୟକମାନେ ରାଜଧାନୀର ଗାନ୍ଧୀ ମାର୍ଗରେ ବର୍ଷାରେ ଭିଜି ଭିଜି ସ୍ଥାୟୀ ନିଯୁକ୍ତି ଦାବିରେ ଆନ୍ଦୋଳନ ଓ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଦୀର୍ଘ ବର୍ଷ ଧରି ପଞ୍ଚାୟତସ୍ତରରେ ଯୋଗାଣ ସହାୟକମାନେ ସରକାରୀ ଜନସେବାର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ନିଷ୍ଠାର ସହିତ ସମ୍ପାଦନ କରିଆସୁଛନ୍ତି। ଏଥିରେ ପିଡିଏସ୍ ମାଧ୍ୟମରେ ରାସନ ସାମଗ୍ରୀ ବଣ୍ଟନ, ସାମାଜିକ ସୁରକ୍ଷା ଭତ୍ତା ପ୍ରଦାନ, ନିର୍ବାଚନୀ କାର୍ଯ୍ୟ, କୋଭିଡ୍-୧୯ ସମୟରେ ଜନସେବା ଏବଂ ବର୍ତ୍ତମାନ ଚାଲିଥିବା ଇ-କେୱାଇସି କାର୍ଯ୍ୟ ସାମିଲ ରହିଛି। ମାତ୍ର ଦୀର୍ଘଦିନର ସେବା ଏବଂ ଅଭିଜ୍ଞତା ସତ୍ତ୍ୱେ ସେମାନେ ଏପର୍ଯ୍ୟନ୍ତ ଅସ୍ଥାୟୀ ଭାବରେ କାର୍ଯ୍ୟରତ ଅଛନ୍ତି ଏବଂ ମାତ୍ର ୮ ହଜାର ଟଙ୍କା ମାସିକ ପାରିଶ୍ରମିକ ପାଉଛନ୍ତି। ବର୍ତ୍ତମାନ ସମୟରେ ଏହି ପାରିଶ୍ରମିକରେ ପରିବାର ପ୍ରତିପୋଷଣ କରିବା କଷ୍ଟସାଧ ହୋଇପଡ଼ିଛି ବୋଲି ସେମାନେ କହିଛନ୍ତି। ଧାରଣା ସ୍ଥଳରେ ଆଜି ବିଜେଡି ବିଧାୟକ ଅରୁଣ ସାହୁ ପହଞ୍ଚି ଆନ୍ଦୋଳନରତ କର୍ମଚାରୀଙ୍କ ଦାବି ଯୁକ୍ତିଯୁକ୍ତ ବୋଲି କହିବା ସହ ସେମାନଙ୍କୁ ସମର୍ଥନ ଜଣାଇଛନ୍ତି। ଆଗାମୀ ଦିନରେ ଏହି ପ୍ରସଙ୍ଗ ବିଧାନସଭାରେ ଉଠାଯିବ ବୋଲି ସେ କହିଛନ୍ତି। ଏହାସହିତ ଆମ୍ ଆଦମୀ ପାର୍ଟି ରାଜ୍ୟ ସଭାପତି ନିଶିକାନ୍ତ ମହାପାତ୍ର ମଧ୍ୟ ଧାରଣସ୍ଥଳରେ ପହଞ୍ଚି ସେମାନଙ୍କୁ ସମର୍ଥନ ଜଣାଇଛନ୍ତି। ୮ ହଜାର ଟଙ୍କା ଦରମାରେ କାମ କରୁଥିବା ଯୋଗାଣ ସହାୟକ କର୍ମଚାରୀ ମାନେ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିଲା ବେଳେ ରାଜ୍ୟ ସରକାର ଏଥିନେଇ ସହୃଦୟତା ପ୍ରକଟ କରୁ ନଥିବାରୁ ଶ୍ରୀ ମହାପାତ୍ର ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସଂଘ ସଭାପତି ସଞ୍ଜୀବ ଦାଶଙ୍କ ନେତୃତ୍ୱରେ ପ୍ରାୟ ୩୫୦୦ ଯୋଗାଣ ସହାୟକ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଗ୍ରାମ ରୋଜଗାର ସେବକ ବା ଜିଆର୍‌ଏସ୍‌ମାନଙ୍କୁ ପୂର୍ବରୁ ସ୍ଥାୟୀକରଣ କରି ଏଡିଇଓ ପଦବୀ ପ୍ରଦାନ କରାଯାଇଥିବା ବେଳେ, ଯୋଗାଣ ସହାୟକମାନଙ୍କ ପ୍ରତି ମଧ୍ୟ ସମାନ ନ୍ୟାୟ ଦିଆଯିବା ଆବଶ୍ୟକ। ଦାବି ହାସଲ ନ ହେବା ଯାଏ ସେମାନଙ୍କ ଆନ୍ଦୋଳନ ଜାରି ରହିବ ଓ ରାଜରାସ୍ତା ଛାଡ଼ିବେ ନାହିଁ ବୋଲି ସଂଘ ଚେତାବନୀ ଦେଇଛି। ଚୁକ୍ତିଭିତ୍ତିକ ଯୋଗାଣ ସହାୟକଙ୍କ ସ୍ଥାୟୀକରଣ, ସିଧାସଳଖ ବ୍ୟାଙ୍କ ଖାତାକୁ ଦରମା ପ୍ରଦାନ, ଜିଲ୍ଲା କ୍ୟାଡରରେ ଅନ୍ତର୍ଭୁକ୍ତି, ଜିଲ୍ଲାପାଳଙ୍କ ଦ୍ୱାରା ନିଯୁକ୍ତି, ଅନୁକମ୍ପାମୂଳକ ନିଯୁକ୍ତି, ନିର୍ଦ୍ଧାରିତ କାର୍ଯ୍ୟ ସମୟ ଓ ଛୁଟି, ଅଣ-ଯୋଗାଣ କାର୍ଯ୍ୟରୁ ମୁକ୍ତି, କ୍ଷେତ୍ର ସ୍ତରରେ ସୁରକ୍ଷା, ଯାତ୍ରା ଓ ମୋବାଇଲ୍ ଭତ୍ତା, ପଦୋନ୍ନତିର ସୁଯୋଗ ଏବଂ ଗ୍ରେଡ୍ ପେ ସହ ସମ୍ମାନଜନକ ପାରିଶ୍ରମିକ ପ୍ରଦାନ ଆଦି ଦାବିରେ ସେମାନେ ଆନ୍ଦୋଳନକୁ ଓହ୍ଲାଇଛନ୍ତି।

# ୩ ସାକ୍ଷୀରେ ଅଟକିଛି ଗୋପାଳପୁର ଗଣଦୁଷ୍କର୍ମ ମାମଲା


ବ୍ରହ୍ମପୁର,୧୪।୭(ସମିସ): ସମଗ୍ର ରାଜ୍ୟକୁ ସ୍ତବ୍ଧ କରିଦେଇଥିବା ବହୁଚର୍ଚ୍ଚିତ ଗୋପାଳପୁର ଗଣଦୁଷ୍କର୍ମ ଘଟଣାକୁ ଏକ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ହେଁ ମାମଲାର ବିଚାର ପ୍ରକ୍ରିୟା ଆଶାନୁରୂପ ଭାବେ ଅଗ୍ରଗତି କରିପାରି ନାହିଁ। ପୁଲିସର ତତ୍ପରତା, କ୍ରାଇମବ୍ରାଞ୍ଚ ତଦନ୍ତ ଓ ଶୀଘ୍ର ବିଚାରର ପ୍ରତିଶ୍ରୁତି ସତ୍ତ୍ୱେ ବର୍ଷକ ମଧ୍ୟରେ ଏପର୍ଯ୍ୟନ୍ତ ଅଦାଲତରେ ମାତ୍ର ୩ଜଣ ସାକ୍ଷୀଙ୍କ ସାକ୍ଷ୍ୟଗ୍ରହଣ ହୋଇପାରିଛି। ଏପରିକି ପୁଲିସର ଗୋଟିଏ ତ୍ରୁଟି ଯୋଗୁଁ ଚତୁର୍ଥ ସାକ୍ଷୀଙ୍କ ସାକ୍ଷ୍ୟଗ୍ରହଣ ମଧ୍ୟ ସ୍ଥଗିତ ରହିଥିବା ଜଣାପଡିଛି।

୨୦୨୫ ଜୁନ୍ ୧୫ତାରିଖି ସନ୍ଧ୍ୟାରେ ଗୋପାଳପୁର ବେଳାଭୂମିରେ ପୁରୁଷ ବନ୍ଧୁଙ୍କ ସହ ବୁଲୁଥିବା ଜଣେ ଯୁବତୀଙ୍କୁ ୫ଜଣ ଗଣଦୁଷ୍କର୍ମ କରିଥିବାବେଳେ ଅନ୍ୟ ୫ଜଣ ନାବାଳକ ସେଥିରେ ସହଯୋଗ କରିଥିଲେ। ଘଟଣା ପରେ ରାତାରାତି ପୁଲିସ ସମସ୍ତ ୧୦ଜଣଙ୍କୁ ଗିରଫ କରିଥିଲା। ପରଦିନ ମାମଲା ରୁଜୁ ହେବା ସହ ଅଭିଯୁକ୍ତମାନଙ୍କୁ ଜେଲ୍ ପଠାଯାଇଥିଲା। ଜୁନ୍ ୧୭ରେ ମାମଲାର କ୍ରାଇମବ୍ରାଞ୍ଚ ତଦନ୍ତ ନିର୍ଦ୍ଦେଶ ହୋଇଥିଲା ଏବଂ ଏହାକୁ 'ରେଡ୍ ଫ୍ଲାଗ୍' ମାମଲା ଭାବେ ପରିଗଣିତ କରାଯାଇଥିଲା। ପରେ ଜାତୀୟ ମାନବାଧିକାର କମିସନ ମଧ୍ୟ ସ୍ୱତଃପ୍ରବୃତ ଭାବେ ମାମଲାକୁ ଗ୍ରହଣ କରିଥିଲେ। କ୍ରାଇମବ୍ରାଞ୍ଚ ୫୭୪ପୃଷ୍ଠାର ଚାର୍ଜସିଟ୍ ଦାଖଲ କରିବା ପରେ ମଧ୍ୟ ମାମଲାର ବିଚାରଣା ଆଶାନୁରୂପ ଆଗେଇ ପାରିନଥିବା ଜଣାପଡିଛି। ବ୍ରହ୍ମପୁର ଅତିରିକ୍ତ ଜିଲ୍ଲା ଦୌରାଜଜ୍ (ଦ୍ୱିତୀୟ)ଙ୍କ ଅଦାଲତରେ ୨୦୨୫ଡିସେମ୍ବର ୧୯ ତାରିଖରୁ ସାକ୍ଷ୍ୟଗ୍ରହଣ ଆରମ୍ଭ ହୋଇଥିଲା। ତେବେ ଆଜି ସୁଦ୍ଧା କେବଳ ଗୋପାଳପୁର ଲାଇଟ୍ ହାଉସର ତତ୍କାଳୀନ ଅଧିକାରୀ ଓ ଦୁଇଜଣ ହାବିଲଦାରଙ୍କ ସାକ୍ଷ୍ୟ ରେକର୍ଡ ହୋଇପାରିଛି। ମାମଲାରେ ଅନେକ ସାକ୍ଷୀ ଥିବାବେଳେ ବିଚାର ପ୍ରକ୍ରିୟାର ଏଭଳି ମନ୍ଥର ଗତିକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗତ ଜୁନ୍ ୩ତାରିଖରେ ଏମ୍‌କେସିଜି ମେଡିକାଲ କଲେଜର ଫରେନ୍ସିକ୍ ବିଭାଗ ମୁଖ୍ୟ ଡା. ସୁଦୀପା ଦାସଙ୍କ ସାକ୍ଷ୍ୟଗ୍ରହଣ ହେବାର ଥିଲା। କିନ୍ତୁ ପୁଲିସ ପକ୍ଷରୁ ଦାଖଲ ହୋଇଥିବା ନଥିରେ ତ୍ରୁଟି ରହିଥିବା ଜଣାପଡ଼ିଥିଲା। ଅଦାଲତରେ ଥିବା ନକଲରେ ସାବାଳକ ଅଭିଯୁକ୍ତଙ୍କ କେସ୍ ମେମୋ ଥିବାବେଳେ ପକ୍ଷଭୁକ୍ତ ଆଇନଜୀବୀଙ୍କୁ ମିଳିଥିବା ନକଲରେ ନାବାଳକଙ୍କ କେସ୍ ମେମୋ ସଂଯୁକ୍ତ ଥିଲା। ଏହି ବିଭ୍ରାଟ ଯୋଗୁଁ ସାକ୍ଷ୍ୟଗ୍ରହଣ ହୋଇପାରିନଥିଲା ଏବଂ ମାମଲାର ଶୁଣାଣି ପୁଣି ଘୁଞ୍ଚିଯାଇଥିଲା। ନ୍ୟାୟରେ ବିଳମ୍ବକୁ ନେଇ ପ୍ରଶ୍ନ ଉଠୁଥିବା ବେଳେ ଦ୍ରୁତ ବିଚାରର ପ୍ରତିଶ୍ରୁତି ସତ୍ତ୍ୱେ ବର୍ଷକ ମଧ୍ୟରେ ମାତ୍ର ୩ଜଣ ସାକ୍ଷୀଙ୍କ ସାକ୍ଷ୍ୟଗ୍ରହଣକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ପୀଡ଼ିତାଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ ଏବଂ ଏଭଳି ସମ୍ବେଦନଶୀଳ ମାମଲାର ଦୈନିକ ଶୁଣାଣି କରି ବିଚାର ଶେଷ କରିବାକୁ ଆଇନଜୀବୀ ଓ ସାଧାରଣରେ ଦାବି ଜୋର ଧରିଛି।

- ୫୭୪ପୃଷ୍ଠାର ଚାର୍ଜସିଟ୍, ପୁଲିସ ତ୍ରୁଟି ଯୋଗୁଁ ଘୁଞ୍ଚିଲା ସାକ୍ଷ୍ୟଗ୍ରହଣ
- ରେଡ୍ ଫ୍ଲାଗରେ ସାମିଲ ମାମଲାର ପୀଡ଼ିତାଙ୍କୁ କେବେ ମିଳିବ ନ୍ୟାୟ?







# ବସ୍ ଦୁର୍ଘଟଣା, ଅଳ୍ପକେ ବର୍ତ୍ତିଲେ ଯାତ୍ରୀ

**ପାଣିକୋଇଲି, ୧୪।୭(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଟିକର ନିକଟରେ ଆଜି ମଧ୍ୟାହ୍ନରେ ସୋନାକ୍ସ ନାମକ ଘରୋଇ ବସ୍ ଭାରସାମ୍ୟ ହରାଇ ଦୁର୍ଘଟଣାର ଶିକାର ହୋଇଥିବା ବେଳେ ଅଳ୍ପକେ ଯାତ୍ରୀ ବର୍ତ୍ତି ଯାଇଛନ୍ତି। ପ୍ରକାଶଯେ ସୋନାକ୍ସ ବସ୍ ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ଟିକର ନିକଟରେ କୌଣସି କାରଣରୁ ଭାରସାମ୍ୟ ହରାଇ ରାସ୍ତା ମଝିରେ ଥିବା ଲୁହା ବାଡାକୁ ଭାଙ୍ଗି ଡିଭାଇଡର ଭିତରକୁ ପସିଯାଇଥିଲା। ବସ୍‌ଟି ଦୁର୍ଘଟଣା ଗ୍ରସ୍ତ ହେବା ଫଳରେ କିଛି ଯାତ୍ରୀ ସାମାନ୍ୟ ଆହତ ହୋଇଥିଲେ। ଘଟଣାସ୍ଥଳେ ପାଣିକୋଇଲି ପୁଲିସ ଓ ରାଜପଥ ପାଟ୍ରୋଲିଂ ଗାଡି ପହଞ୍ଚି ଯାତ୍ରୀ ମାନଙ୍କୁ ସୁରକ୍ଷିତ ଉଦ୍ଧାର କରି ଅନ୍ୟ ଏକ ବସରେ ଭୁବନେଶ୍ୱର ପଠାଇବା ସହ ବସ୍‌ଟିକୁ ଜବତ କରି ତଦନ୍ତ ଜାରି ରଖିଛି।

# ପ୍ରଧାନଶିକ୍ଷକ ପଦୋନ୍ନତି ପରେ ଶିକ୍ଷକ ମରୁଡ଼ି

**ଯାଜପୁର,୧୪।୭(ସମିସ)**

ଚଳିତ ଶିକ୍ଷା ବର୍ଷରେ ପୁରାତନ ଉଚ୍ଚ ବିଦ୍ୟାଳୟରେ ହୋଇଥିବା ପ୍ରଧାନଶିକ୍ଷକ ପଦୋନ୍ନତିକୁ ନେଇ ନାନା ବିବାଦ ଦେଖାଦେଇଥିବା ବେଳେ ଏବେ ବିଭିନ୍ନ ବିଦ୍ୟାଳୟରେ ଶିକ୍ଷକ ମରୁଡି ଜନିତ ସମସ୍ୟା ଦେଖିବାକୁ ମିଳିଛି। ଯାହାକୁ ନେଇ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇ ଆନ୍ଦୋଳନର ରୂପ ନେଉଛି। ଯାଜପୁର ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରେ ଏଭଳି ଶିକ୍ଷକ ମରୁଡି ସମସ୍ୟା ଲାଗି ରହିଥିଲେ ମଧ୍ୟ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଦେଖିବାକୁ ମିଳିଛି। ଏହି କାରଣରୁ ନିକଟରେ ଧର୍ମଶାଳା ବାଣୀପୀଠରେ ଛାତ୍ର ଅଶାନ୍ତି ଦେଖିବାକୁ ମିଳିଥିଲା।

ଧର୍ମଶାଳା ବାଣୀପୀଠ ଜିଲ୍ଲାର ଏକ ସମ୍ଭ୍ରାନ୍ତ ତଥା ପୁରାତନ ଶିକ୍ଷାନୁଷ୍ଠାନ। ଏଠାରୁ ୪ ଜଣ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇ ଅନ୍ୟ ସ୍କୁଲର ପ୍ରାଧନଶିକ୍ଷକ ଭାବେ ଅବସ୍ଥାପିତ କରିବା ପରେ ଶିକ୍ଷାଦାନରେ ଗୁରୁତର ବ୍ୟାଘାତ ହେବା କାରଣରୁ ଛାତ୍ରଛାତ୍ରୀ ଆନ୍ଦୋଳନାନକ ପନ୍ଥା ଗ୍ରହଣ କରିବାକୁ ବାଧ୍ୟ ହେଲେ। ଗୋଟିଏ ବିଦ୍ୟାଳୟରେ ବିଭିନ୍ନ ବିଷୟ ପଢ଼ାଉଥିବା ୪ ଜଣ ଶିକ୍ଷକଙ୍କ ଏକସଂଗେ ଅନୁପସ୍ଥିତି ବିଷମ ସ୍ଥିତି ଉପୁଯାଇଛି। ଛାତ୍ରଛାତ୍ରୀଙ୍କ ଆନ୍ଦୋଳନ ଫଳରେ ଜିଲ୍ଲା ଶିକ୍ଷାଧିକାରୀ ବାଧହୋଇ ଧର୍ମଶାଳାର କାଏମାଠାରେ ଥିବା ଲାଲବାହାଦୂର ଉଚ୍ଚ ବିଦ୍ୟାଳୟରୁ ଜଣେ କଳା ଶିକ୍ଷକ ଏବଂ ଅଚ୍ୟୁତପୁର ବିଦ୍ୟାଳୟରୁ କ୍ରୀଡ଼ା ଶିକ୍ଷକଙ୍କୁ ଧର୍ମଶାଳା ବାଣୀପୀଠରେ ଅସ୍ଥାୟୀ ଭାବରେ ନିୟୋଜନ କରିଛନ୍ତି। ଶିକ୍ଷାଦାନ ବ୍ୟାହତ ହେବା ସ୍ଥିତି ରାମବାଗ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଧ୍ୟ ଦେଖାଯାଇଛି। କାରଣ ଏଠାରୁ ତିନିଜଣ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇ ଅନ୍ୟତ୍ର ଅବସ୍ଥାପିତ କରାଯାଇଛି।

**ଶିକ୍ଷାଦାନ ବାଧାପ୍ରାପ୍ତ, ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ**

ଜିଲ୍ଲାର ଦଶରଥପୁର ବ୍ଲକ ଅନ୍ତର୍ଗତ ଅହିୟାସ ଉଚ୍ଚ ବିଦ୍ୟାଳୟ, ବଡ଼ଚଣା ବ୍ଲକ ଅନ୍ତର୍ଗତ ଛତିଆ ଉଚ୍ଚ ବିଦ୍ୟାଳୟ, କୋରେଇ ବ୍ଲକ ତଥା ବ୍ୟାସନଗରରେ ଥିବା ନରସିଂହ ଚୌଧୁରୀ ସରକାରୀ ଉଚ୍ଚ ବିଦ୍ୟାଳୟ, ରସୁଲପୁର ବ୍ଲକର ପିଏମ୍‌ଶ୍ରୀ ମଧୁବନ ଉଚ୍ଚ ବିଦ୍ୟାଳୟରୁ ୨ଜଣ ଲେଖାଏଁ ଶିକ୍ଷକଙ୍କୁ ପଦୋନ୍ନତି ଦିଆଯାଇ ଅନ୍ୟତ୍ର ଅବସ୍ଥାପିତ କରାଯାଇଛି।

ପଦୋନ୍ନତିକୁ ପ୍ରତ୍ୟାଖ୍ୟାନ କରିଥିବା ଯାଜପୁର ଜିଲ୍ଲାର ଶିକ୍ଷକଙ୍କ ତାଲିକା ଏ ଯାଏଁ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ଜାରି କରିନାହିଁ। ଏହି ତାଲିକା ଥିଲେ କେଉଁ ଶିକ୍ଷକ ପଦୋନ୍ନତି ନେଲେ ନାହିଁ ତାହା ସ୍ପଷ୍ଟ ହୁଅନ୍ତା। ଜିଲ୍ଲାର ବିଭିନ୍ନ ପ୍ରତିଷ୍ଠିତ ଉଚ୍ଚ ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟାହତ ହୋଇଛି। ଜିଲ୍ଲା ଶିକ୍ଷାଧିକାରୀ ୬ଟି ବିଦ୍ୟାଳୟରେ ଶିକ୍ଷାଦାନ ପାଇଁ ଅନ୍ୟ ସ୍କୁଲର ଶିକ୍ଷକଙ୍କୁ ଅସ୍ଥାୟୀ ଭାବରେ ନିୟୋଜନ କରିବା ଛଡ଼ା ଅନ୍ୟ ବିକଳ୍ପ ନାହିଁ। ଖବର ନେବାରୁ ଜଣାଯାଇଛି ଯେ ଜିଲ୍ଲାରେ ପୂର୍ବରୁ ୨୭ ଜଣ ଶିକ୍ଷକ ଏବଂ ଶିକ୍ଷା କର୍ମଚାରୀଙ୍କୁ ଏପରି ଅସ୍ଥାୟୀ ନିୟୋଜନ କରାଯାଇଛି। କେଉଁଠି ଶିକ୍ଷକଙ୍କୁ ସେମାନଙ୍କ ମୂଳ ଅବସ୍ଥାପିତ ବିଦ୍ୟାଳୟରେ ୩ ଦିନ ଏବଂ ଅସ୍ଥାୟୀ ଭାବେ ନିୟୋଜିତ ବିଦ୍ୟାଳୟରେ ୩ଦିନ ପାଠ ପଢ଼ାଇବା ପାଇଁ ଜିଲ୍ଲା ଅଧିକାରୀଙ୍କ ନିର୍ଦ୍ଦେଶ ଥିବା ବେଳେ କେଉଁଠି କେଉଁଠି ପୂର୍ଣ୍ଣକାଳୀନ ଅସ୍ଥାୟୀ ନିୟୋଜନ କରାଯାଇଛି। ଏପରିକି କେତେକ ବିଦ୍ୟାଳୟରେ ଏବକୁ ଶିକ୍ଷକ ଅଭାବ ନ ଥିଲେ ମଧ୍ୟ ସେଠାରେ ଅସ୍ଥାୟୀ ନିୟୋଜିତ ଶିକ୍ଷକଙ୍କୁ ସେମାନଙ୍କ ମୂଳ ବିଦ୍ୟାଳୟକୁ ଫେରାଇ ଅଣାଯାଉ ନାହିଁ। ଫଳତଃ ଜିଲ୍ଲା ଶିକ୍ଷାଧିକାରୀ ଉଦ୍ଦେଶ୍ୟମୂଳକ ଭାବରେ ଜିଲ୍ଲାରେ ସ୍ୱାଭାବିକ ଶିକ୍ଷାଦାନ ପ୍ରକ୍ରିୟାକୁ ବିଗାଡୁଥିବା କିଛି ଅଭିଭାବକ କହୁଛନ୍ତି। ଏ ସଂପର୍କରେ ଜିଲ୍ଲା ଶିକ୍ଷାଧିକାରୀଙ୍କ ମହେଶ୍ୱର ସାହୁଙ୍କୁ ବାରମ୍ବାର ଫୋନ୍ ଯୋଗେ ତାଙ୍କ ପ୍ରତିକ୍ରିୟ ନବାକୁ ଉଦ୍ୟମ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇନଥିଲେ।

# ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ କର୍ମଚାରୀ ଅଭାବ



**କୟାଁଗୋଲା,୧୪।୭(ସମିସ):** ଜନସାଧାରଣଙ୍କୁ ସର୍ବନିମ୍ନ ମୌଳିକ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବାକୁ ସରକାର ଚେଷ୍ଟିତ। ମାତ୍ର ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତର, ନର୍ସ, ଆଟେଣ୍ଡାଣ୍ଟ ଭଳି ପଦବୀ ଖାଲି ପଡିଥିବାରୁ ଅସୁବିଧା ଉପୁଜୁଛି। ଇଚ୍ଛା ଥାଇ ମଧ୍ୟ ଉପଯୁକ୍ତ ସେବା ଯୋଗାଇ ଦିଆ ଯାଇପାରୁନି। ଦଶରଥପୁର ବ୍ଲକ୍ ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର, ନର୍ସ ଓ ଅନ୍ୟାନ୍ୟ କର୍ମଚାରୀଙ୍କ ଅଭାବ ଯୋଗୁଁ ବିଭିନ୍ନ ସମସ୍ୟା ଦେଖାଦେଉଛି। ଯାଜପୁର ଜିଲ୍ଲା ସମେତ ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲାର ରୋଗୀ ସ୍ୱାସ୍ଥ୍ୟ ସେବା ପାଇବା ପାଇଁ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭର କରନ୍ତି। ଦୈନିକ ୬ ଶହରୁ ୭ ଶହ ରୋଗୀ ଏଠାକୁ ଆସନ୍ତି। ରୋଗୀଙ୍କ ଲମ୍ବା ଧାଡ଼ି ଦେଖିଲେ ଏହି ସ୍ୱାସ୍ଥ୍ୟକେନ୍ଦ୍ରର କେତେ ଯେ ଆବଶ୍ୟକତା ବୁଝାପଡ଼ିବ। ୧୫ ଜଣଙ୍କ ଜାଗାରେ ମାତ୍ର ୩ ଜଣ ଡାକ୍ତର ଏଠାରେ ଅଛନ୍ତି। ୧୫ ଜଣ ନର୍ସ ରହିବା ଜାଗାରେ ୫ ଜଣ ଏଠାରେ କାର୍ଯ୍ୟ କରୁଛନ୍ତି। ସେହିପରି ୪ ଜଣ ଆଟେଣ୍ଡାଟ୍ (ଡ୍ରେସର)ଙ୍କ ଜାଗାରେ ମାତ୍ର ଜଣେ କାର୍ଯ୍ୟ କରୁଛନ୍ତି। ଲାବୋରେଟୋରି ସହାୟକ ୩ ଜଣ ରହିବା ଜାଗାରେ ମାତ୍ର ଜଣେ ଅଛନ୍ତି। ୨୪ ଘଣ୍ଟା ସ୍ୱାସ୍ଥ୍ୟସେବା ଯୋଗାଉଥିବା ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏତେ ସବୁ ଅଭାବ ସତ୍ତ୍ୱେ କିଭଳି ସ୍ୱାସ୍ଥ୍ୟସେବା ଯୋଗାଇଛି ଭଗବାନ ଜାଣନ୍ତି। ସେହିପରି ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ୬ଟି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଯଥା, ଦକ୍ଷିଣବନ୍ଧ, କମାଲପୁର, ଅହିୟାସ, ବଡ଼କୁଂଆଲ, ରଡ଼ଗାଁ, କୟାଁ ରହିଛି। ସେଥିମଧ୍ୟରୁ ୪ଟିରେ ଡାକ୍ତର ନାହାଁନ୍ତି। ନଈ ନାଳ ଘେରା ବନ୍ୟା, ବାତ୍ୟା ପ୍ରଭାବିତ ଏହି ଅଞ୍ଚଳରେ ରୋଗ ବଇରାଗ ସର୍ବଦା ଲାଗି ରହିଥାଏ। ଏ ନେଇ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନଗେନ୍ଦ୍ର ନାଥ ମହାପାତ୍ର କହିଛନ୍ତି ମଙ୍ଗଳପୁର ମେଡିକାଲ ଉପରେ ଏ ନେଇ ଜିଲ୍ଲାପାଳ ସହ ଆଲୋଚନା କରିଛି ଖୁବଶୀଘ୍ର ଏହା ସମାଧାନ ହେଇଯିବ।

# ଦଧିବାବନଜିୟୁଙ୍କ ନେତ୍ରୋତ୍ସବ ପାଳିତ



**କୁନ୍ଦଳ,୧୪।୭(ସମିସ):** ବଡ଼ଚଣା ବ୍ଲକ ଅନ୍ତର୍ଗତ ପଲେଇ ପଞ୍ଚାୟତ ଅଧୀନ କେଶରାଇପୁର ଗ୍ରାମ ଠାରେ ଆଜି ଦଧିବାବନ ଜିୟୁଙ୍କ ମନ୍ଦିରରେ ନେତ୍ରୋତ୍ସବ ପାଳିତ ହୋଇଯାଇଛି। ସ୍ନାନପୂର୍ଣ୍ଣିମା ପରେ ଅତ୍ୟଧିକ ସ୍ନାନ କରି ଜ୍ୱରାକ୍ରାନ୍ତ ମହାପ୍ରଭୁ ଦୀର୍ଘ ୧୫ ଦିନ ଧରି ଅଣସରରେ ଥିବା ବେଳେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଛନ୍ତି। ଅଣସର ପରେ ହୁଏ ନେତ୍ରୋତ୍ସବ। ଆଜି ମନ୍ଦିରର ପୂଜକ ମାନେ ୩ ଗୋଟି ରୂପା ଖାଡ଼ିରେ ନେତ୍ରଲଗାଇଲା ପଳେ ଯଥାବିଧି ପୂଜା ପରେ ମନ୍ଦିର ପୂଜକ ମାନେ ଷୋଡ଼ଶ ଉପଚାରରେ ପୂଜା କରାଯାଇଥିଲା। ମନ୍ଦିର ପୂଜକ କ୍ଷୀରୋଦ ଚନ୍ଦ୍ର ପଣ୍ଡା, ତ୍ରିଲୋଚନ ପଣ୍ଡା, ନିରଞ୍ଜନ ପଣ୍ଡା, ଦୂର୍ଯ୍ୟଧନ ପଣ୍ଡା, ଅମିତ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ପଣ୍ଡା ଓ ତପନ କୁମାର ପଣ୍ଡା ପ୍ରମୁଖ ସେବା କାର୍ଯ୍ୟ ସମ୍ପାଦନା କରିଥିଲେ। ଏହି ନେତ୍ରୋତ୍ସବରେ ଆଖପାଖ ଅଞ୍ଚଳରୁ ବହୁ ଶ୍ରଦ୍ଧାଳୁ ଶ୍ରୀଜିୟୁଙ୍କ ଦର୍ଶନ କରିଥିଲେ।

# ଦାମୋଦରପୁର ଗୁଣ୍ଡିଚାନଗରରେ ରଥଯାତ୍ରା ପ୍ରସ୍ତୁତି

**କୟାଁଗୋଲା,୧୪।୭(ସମିସ):** ଦଶରଥପୁର ବ୍ଲକ ଅଧୀନସ୍ଥ କନିକାପଡା ପଞ୍ଚାୟତର ଦାମୋଦରପୁର ଗ୍ରାମର ଦାମୋଦର କ୍ଷେତ୍ରରେ ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁଙ୍କ ରଥଯାତ୍ରା ମହୋତ୍ସବ ଆୟୋଜିତ ହେବାକୁ ଯାଉଛି। ମନ୍ଦିରରୁ ବାହାରି ମହାପ୍ରଭୁ ଗୁଣ୍ଡିଚାନଗର ସ୍ଥିତ ମାଉସୀ ମା' ମନ୍ଦିରକୁ ଯାତ୍ରା କରିବେ। ଏହି ପରିପ୍ରେକ୍ଷୀରେ ୧୪ ତାରିଖରୁ ୨୫ ଯାଏଁ ବିଭିନ୍ନ କାର୍ଯ୍ୟକ୍ରମ ରହିଛି। ୧୪ରେ ନବଯୌବନ ଦର୍ଶନ, ନେତ୍ରୋତ୍ସବ ଓ ରଥ ଅଙ୍ଗାମାଳ, ୧୬ରେ ଶ୍ରୀଗୁଣ୍ଡିଚା ରଥଯାତ୍ରା, ୧୭ ଓ ୧୮ରେ ସନ୍ଧ୍ୟା ଆଳତି ଓ ପ୍ରବଚନ, ୧୯, ୨୦ ଓ ୨୧ରେ ଭଜନ ସନ୍ଧ୍ୟା, ୨୨ ଓ ୨୩ ରେ ଆଧ୍ୟାତ୍ମିକ ନୃତ୍ୟ ପ୍ରତିଯୋଗିତା, ୨୪ରେ ବାହୁଡା ଯାତ୍ରା ଏବଂ ୨୫ରେ ଅଧରପଣା ନୀତି, ସୁନାବେଶ ଓ ପ୍ରଭୁ ନୀଳାଦ୍ରି ବିଜେ ଆଦି କାର୍ଯ୍ୟକ୍ରମ ରହିଛି।

# ବାଲି ହାଇୱା ଜବତ

**ପାଣିକୋଇଲି,୧୪।୭(ସମିସ):** ବାଲି ଚାଲାଣର ଖବର ପାଇ ପାଣିକୋଇଲି ଥାନାଧିକାରୀ ପୂର୍ଣ୍ଣଚନ୍ଦ୍ର ପଟ୍ଟାୟତ ଷଠିପୁର ଠାରେ ଚଢ଼ଉ କରି ଏକ ବାଲି ବୋଝେଇ ହାଇୱା (ଓଡି୨୨ଏସି ୭୮୩୪)କୁ ଜବତ କରିଛନ୍ତି। ଚାଳକ କାଗଜପତ୍ର ଦେଖାଇବାରେ ବିଫଳ ହୋଇଥିଲା। ଫଳରେ ତାକୁ ଥାନାକୁ ଆଣି ତଦନ୍ତ ଜାରି ରହିଛି।

**ଶ୍ମଶାନରୁ ଫେରି ଗାଧୋଇବା ବେଳେ ଅଘଟଣ**

# ପୋଖରୀରେ ବୁଡ଼ି ଯୁବକ ମୃତ

**ଯଖପୁରା /ଦାନଗଦି,୧୪।୭(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ରାଛିପୁର ଗାଁରେ ଏକ ଦୁଃଖଦ ଅଘଟଣ ଘଟିଯାଇଛି। ଶବ ସତ୍କାର ସାରି ପୋଖରୀରେ ଗାଧୋଉଥିବା ସମୟରେ ପାଣିରେ ବୁଡ଼ି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକଜଣକ ହେଲେ ସ୍ଥାନୀୟ ରାଛିପୁର ଗାଁର ରବୀନ୍ଦ୍ର ପରିଡ଼ା। ସୂଚନା ମୁତାବକ, ରାଛିପୁର ଗାଁରେ ଆଜି ଜଣେ ବ୍ୟକ୍ତିଙ୍କର ଦେହାନ୍ତ ହୋଇଥିଲା। ଗ୍ରାମବାସୀଙ୍କ ସହ ମିଶି ରବୀନ୍ଦ୍ର ମଧ୍ୟ ଶବ ସତ୍କାର ପାଇଁ ଶ୍ମଶାନକୁ ଯାଇଥିଲେ। ଶେଷକୃତ୍ୟ ସମ୍ପନ୍ନ ହେବା ପରେ ରବୀନ୍ଦ୍ର ସ୍ଥାନୀୟ ଏକ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବା ବେଳେ କୌଣସି କାରଣବଶତଃ ଅସାବଧାନତା ଯୋଗୁଁ ଗଭୀର ପାଣିକୁ ଚାଲିଯାଇ ବୁଡ଼ି ଯାଇଥିଲେ। ସେ ପାଣିରୁ ନ ବାହାରିବାରୁ ସ୍ଥାନୀୟ ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳିନଥିଲା। ଏହାପରେ ଗ୍ରାମବାସୀଙ୍କ ତରଫରୁ ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଅଗ୍ନିଶମ ବାହିନୀର ଦୁଇଟି ଟିମ୍ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଦୀର୍ଘ ସମୟ ଧରି ବ୍ୟାପକ ଖୋଜାଖୋଜି କରିବା ପରେ ସନ୍ଧ୍ୟା ପ୍ରାୟ ୬ଟା ସମୟରେ ପୋଖରୀ ଭିତରୁ ରବୀନ୍ଦ୍ରଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଏହି ଘଟଣା ପରେ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

# ବେନିଫେସିଆରି ପ୍ଲାଣ୍ଟକୁ ନେଇ ବଢୁଛି ଜନ ଅସନ୍ତୋଷ




**ଦାନଗଦି,୧୪।୭(ସମିସ):** ଦାନଗଦି ବ୍ଲକ ଅନ୍ତର୍ଗତ ଦେଉଳକଣ ପଞ୍ଚାୟତର ପାଟବାଲି ମୌଜାରେ ହେଉଥିବା ବେଦାନ୍ତର ବେନିଫେସିଆଲ ପ୍ଲାଣ୍ଟକୁ ନେଇ ଦିନକୁ ଦିନ ଜନ ଅସନ୍ତୋଷ ବଢ଼ିବାରେ ଲାଗିଛି। କାରଖାନା ପାଇଁ ପାଟବାଲି ଗ୍ରାମର ସମେତ ଆଖପାଖ ଗ୍ରାମର ଭବିଷ୍ୟତରେ ବିଭିନ୍ନ ପ୍ରକାର ସମସ୍ୟା ଉପୁଜିବ ପ୍ଲାଣ୍ଟ କାର୍ଯ୍ୟ ଶାନ୍ତି ଶୃଙ୍ଖଳାରେ ହେବା ପାଇଁ ଏକ ନିର୍ଦ୍ଦିଷ୍ଟ ପ୍ରଭାବଶାଳୀ ଗୋଷ୍ଠୀର ଲୋକଙ୍କୁ ନେଇ କମିଟି ହେଲା ସେଥିରେ ପାଟବାଲି ଗ୍ରାମରୁ ସ୍ଥାନ ନାହିଁ। ସ୍ଥାନୀୟ ନିଯୁକ୍ତି ସହ ପାରିପାର୍ଶିକ ଉନ୍ନୟନ ପାଣ୍ଠିରୁ ଶିକ୍ଷା ସ୍ୱାସ୍ଥ୍ୟ ପାନୀୟ ଜଳ ଓ ଗମନା ଗମନର ସୁବ୍ୟବସ୍ଥା କରିବା। ଏହା ସହିତ ସ୍ଥାନୀୟ ଲୋକଙ୍କୁ ପରିବହନ ଠିକାଦାରୀ, କ୍ଷୁଦ୍ର ବ୍ୟବସାୟର ସୁଯୋଗ ପ୍ରଦାନ, ଧୂଳିଧୂଆଁ ଓ ପରିବେଶ ସୁରକ୍ଷାର ସ୍ଥାୟୀ ସମାଧାନ, ସ୍ଥାନୀୟ ଯୁବକ କମ୍ପାନୀରେ ନିଯୁକ୍ତି ଦେବା କମ୍ପାନୀ କର୍ତ୍ତୃପକ୍ଷ ଆମ ଦାବି ଉପରେ ଗୁରୁତ୍ୱ ଦେଲେ ଆମେ ମଧ୍ୟ କମ୍ପାନୀକୁ ସାହାଯ୍ୟ ସହଯୋଗ ପ୍ରଦାନ କରିବୁ। ନ ହେଲେ ଆନ୍ଦୋଳନ ତୀବ୍ର ହେବ। ଦରକାର ପଡ଼ିଲେ ଫାଟକରେ ତାଲା ପଡ଼ିବ ବୋଲି କହିଛି ସ୍ଥାନୀୟ ପାଟବାଲି ସ୍ଥିତ ଜୟ ହନୁମାନ ଯୁବଶକ୍ତି ଟ୍ରଷ୍ଟ। ଦାନଗଦି ତହସିଲ ଅନ୍ତର୍ଗତ ପାଟବାଲି ମୌଜାରେ ନିର୍ମାଣଧୀନ କ୍ରୋମ ବିଶୋଧନାଗାର ଫାଟକ ଆଗରେ ମଙ୍ଗଳବାର ଏଭଳି ଚିତ୍ର ଦେଖିବାକୁ ମିଳିଛି। ପ୍ରବଳ ବର୍ଷା ସତ୍ତ୍ୱେ ପୂର୍ବାହ୍ନରେ ଟ୍ରଷ୍ଟର ଶତାଧିକ ଯୁବକ ଏକତ୍ରିତ ହୋଇ ବ୍ୟାନର ଧରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ନେଇ ଟ୍ରଷ୍ଟ ତରଫରୁ ଏକ ପ୍ରତିନିଧି ଦଳ ଠିକାଦାର ଅମରରାଜ କମ୍ପାନୀର ପ୍ରକଳ୍ପ ମୁଖ୍ୟଙ୍କ ଜରିଆରେ ବେଦାନ୍ତ କର୍ତ୍ତୃପକ୍ଷଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। ସେମାନଙ୍କ ଦାବି ଉପରେ ଗୁରୁତ୍ୱ ଦେବାକୁ ଟ୍ରଷ୍ଟ ନିବେଦନ ରଖିଛି। ଏହି ଅବସରରେ ଟ୍ରଷ୍ଟ ପକ୍ଷରୁ ଯୁବନେତା ନିରଞ୍ଜନ ପାତ୍ର, କୃଷ୍ଣଚନ୍ଦ୍ର ପାତ୍ର, ଅଙ୍କନ ପାତ୍ର, ପ୍ରସାଦ ପାତ୍ର, ଟୁକୁନା ପାତ୍ର, ଅଶୋକ ପାତ୍ର, ଭୁଟୁଲୁ ପାତ୍ର ପ୍ରମୁଖ ଉପସ୍ଥିତ ରହିଥିଲେ।

**ଯାଜପୁରରେ ଗୋଟିଏ ଦିନରେ ୩୪୩ ମିମି ବର୍ଷା**

# ବରାହନାଥ ମନ୍ଦିରରେ ୩ ଫୁଟର ପାଣି



**ଯାଜପୁର,୧୪।୭(ସମିସ):** ଯାଜପୁର ଜିଲ୍ଲାରେ ଆଜି ବଡ଼ି ଭୋରରୁ ଲଘୁଚାପ ଜନିତ ଲଗାଣ ବର୍ଷା ଜାରି ରହିଛି। ତୁହାକୁ ତୁହା ଲଗାଣ ବର୍ଷା ହେବା ଫଳରେ ସାଧାରଣ ଜୀବନ ଯାତ୍ରା ପ୍ରଭାବିତ ହୋଇଛି। ବର୍ଷାର ପରିମାଣ ଏତେ ଅଧ?କ ଥିଲା ଯେ ରାସ୍ତାଘାଟ ଜନଶୂନ୍ୟ ହୋଇଯାଇଥିଲା। ଶିକ୍ଷାନୁଷ୍ଠାନ ଗୁଡିକରେ ଛାତ୍ର ଛାତ୍ରୀଙ୍କ ଉପସ୍ଥାନ କମ ଦେଖିବାକୁ ମିଳିଥିଲା। ପାଣିପାଗ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ଜିଲ୍ଲାରେ ଆଜି ଗୋଟିଏ ଦିନରେ ୩୪୩ ମିମି ବର୍ଷା ରେଡର୍କ କରାଯାଇଛି। ଯାହାର ପ୍ରଭାବରେ ତଳିଆ ଅଞ୍ଚଳ ଗୁଡିକରେ ବର୍ଷା ଜଳ ପ୍ରବେଶ କରି ଜଳବନ୍ଦୀ ଅବସ୍ଥା ସୃଷ୍ଟି ହୋଇଛି। ବରୀ ବ୍ଲକରେ ସର୍ବାଧିକ ୧୨୦ ମି ମି ବର୍ଷା ହୋଇଥିବା ବେଳେ ସୁକିନ୍ଦା ବ୍ଲକରେ ଆଦୌ ବର୍ଷା ହୋଇନାହିଁ। କିନ୍ତୁ ବାକି ଯାଜପୁର ବ୍ଲକରେ ୩୦ ମିମି, ବିଞ୍ଝାରପୁରରେ ୪୨ମିମି, ଦଶରଥପୁରରେ ୮୬ ମିମି, କୋରେଇ ରେ ୧୨ ମିମି, ଦାନଗଦିରେ ୪ମିମି, ରସୁଲପୁରରେ ୩୨ ମିମି, ଧର୍ମଶାଳାରେ ୧୧ ମିମି, ବଡଚଣାରେ ୬ମିମି ବର୍ଷା ରେକର୍ଡ କରାଯାଇଛି। ଯାଜପୁରରେ ସହରରେ ଜଳନିଷ୍କାସନ ସମସ୍ୟା ଦେଖିବାକୁ ମିଳିଛି। ଜିଲ୍ଲାପାଳ ଅଫିସ ଠାରୁ ଆରମ୍ଭ କରି କୋର୍ଟ ଛକ, ପୌରପାଳିକା ଅଫିସ ଅଞ୍ଚଳରେ ଜଳନିଷ୍କାସନ ସମସ୍ୟା ଦେଖିବାକୁ ମିଳିଛି। ସେହିପରି ବରାହନାଥ ମନ୍ଦିର ପରିସରରେ ପ୍ରାୟ ୩ ଫୁଟର ବର୍ଷା ଜଳ ଜମି ରହିଛି। ଫଳରେ ଠାକୁରଙ୍କ ନିତିକାନ୍ତିରେ ନାନା ସମସ୍ୟା ଦେଖିବାକୁ ମିଳିଛି। ଦିନତମାମ ଲଗାଣ ବର୍ଷା ଯୋଗୁଁ ବିଦ୍ୟୁତ୍ ଓ ଟେଲିଯୋଗାଯୋଗ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଛି।

# ଭାଲୁଖାଇ ଜଗନ୍ନାଥ ମନ୍ଦିର ରଥଯାତ୍ରା ପାଇଁ ପ୍ରସ୍ତୁତି

**ଧର୍ମଶାଳା,୧୪।୭(ସମିସ):** ଧର୍ମଶାଳା ବ୍ଲକ କୁମାରୀ, ଦେଉଳୀ ଓ ଭାଲୁଖାଇ ଜଗନ୍ନାଥ ମନ୍ଦିରରେ ଚଳିତ ବର୍ଷ ରଥଯାତ୍ରା ପାଇଁ ପ୍ରସ୍ତୁତି ଶେଷ ହୋଇଯାଇଛି। ଚଳିତ ବର୍ଷ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ରଥରେ ଛେରାପହଁରା କରିବା ପାଇଁ କମିଟି ପକ୍ଷରୁ ସ୍ଥିର କରାଯାଇଛି। ଏନେଇ ଆଜି ମନ୍ଦିର ପରିସରରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି।

ଜଗନ୍ନାଥଙ୍କ ଶ୍ରୀଗୁଣ୍ଡିଚା ରଥଯାତ୍ରା ପାଇଁ ଆଜି ଠାରୁ ଠାକୁରଙ୍କ ସେବାକାର୍ଯ୍ୟ ଆରମ୍ଭ ହୋଇଛି। ବିଧାୟକ ଆଜି ମନ୍ଦିରକୁ ଆସି ଠାକୁରଙ୍କ ନବଯୌବନ ଦର୍ଶନ କରିବା ସହ ଭକ୍ତମାନଙ୍କ ସହ ଅଲୋଚନା କରିଥିଲେ। ଏହି ମହାନ ପରମ୍ପରା ଭାଲୁଖାଇ ଅଞ୍ଚଳରେ ବିଗତ ୩୪ ବର୍ଷ ହେଲା ହୋଇଆସୁଥିବା ବେଳେ ୨୦୧୫ ମସିହାରେ ତତ୍‌କାଳିନ ଧର୍ମଶାଳା ଥାନା ଅଧିକାରୀ ଅମିତାଭ ମହାପାତ୍ରଙ୍କ ପକ୍ଷରୁ ଏହାକୁ ଅଧିକ ସମ୍ପ୍ରସାରିତ କରାଯାଇଛି। ଭାଲୁଖାଇସ୍ଥିତ ଜଗନ୍ନାଥ ମନ୍ଦିରରୁ ରଥ ବାହାରୀ ୧୬ ନଂ ଜାତୀୟ ରାଜପଥ ଜାରକା, ବୁଦ୍ଧ ଛକ ଓ ଜଗନ୍ନାଥ ସଡ଼କର ଶନ୍ତିବଜାର, ଧର୍ମଶାଳା ବଜାର ଦେଇ ହାଟପଡିଆସ୍ଥିତ ମାଉସୀ ମା' ମନ୍ଦିରକୁ ଠାକୁର ଆସିଥାନ୍ତି। ରଥଯାତ୍ରାରେ ବିଗତ ୨୦୧୫ ମସିହା ଠାରୁ ପ୍ରତ୍ୟେକ ବର୍ଷ ଥାନା ଅଧିକାରୀ ଛେରାପହଁରା କରିବାର ନିୟମ ରହିଥିଲା। ତେବେ ଚଳିତ ଥର ଏହି ନିୟମକୁ ପରିବର୍ତ୍ତନ କରାଯାଇ ସ୍ଥାନୀୟ ବିଧାୟକ ଛେରାପହଁରା କରିବାକୁ କମିଟି ପକ୍ଷରୁ ନିୟମ କରାଯାଇଛି। ଏହି ରଥଯାତ୍ରାକୁ ସୁରୁଖୁରୁରେ ସମାପନ କରିବାକୁ ଜଗନ୍ନାଥ ମନ୍ଦିର କମିଟି ଓ ମୁନସୀ ମେଲଣ କମିଟି ଉଭୟ ଦାୟିତ୍ୱ ତୁଲାଉଥିବା ଜଣାପଡିଛି। ମନ୍ଦିର କମିଟି କାର୍ଯ୍ୟକାରୀ ସଭାପତି ଇଂ. କଳ୍ପତରୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ମନ୍ଦିର କମିଟିର ସମ୍ପାଦକ ମନୋଜ କୁମାର ରଣା, ସହ ସମ୍ପାଦକ ଜ୍ଞାନେନ୍ଦ୍ର ରାଉତ, ବରିଷ୍ଠ ସଦସ୍ୟ ପ୍ରସନ୍ନ ବରାଳ ଓ ମୁନସୀ ମେଲଣ କମିଟିର ସମ୍ପାଦକ ପ୍ରମୋଦ କୁମାର ଦାସ ଓ କୋଷାଧ୍ୟକ୍ଷ ମନୋଜ କୁମାର ରାଉଳ ପ୍ରମୁଖ ଉପସ୍ଥିତ ରହି ସାମ୍ବାଦିକମାନଙ୍କୁ ରଥଯାତ୍ରା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଚଳିତ ବର୍ଷ ରଥଯାତ୍ରାକୁ ଅଧିକ ସରସ ସୁନ୍ଦର କରିବା ଲାଗି ଗୋଟିପୁଅ ନୃତ୍ୟ, ଘୋଡ଼ାନାଚ, କେନ୍ଦରା ବାଦନ, ଓଡିଶୀ ନୃତ୍ୟ, ଭଜନ ସମାରୋହର ବ୍ୟବସ୍ଥା କରାଯାଇଛି। ସେହିପରି ରାସ୍ତାର ବିଭିନ୍ନ ସ୍ଥାନରେ ଝୋଟି ଏବଂ ମୁରୁଜ ପକାଇ ରଥାରୁଢ଼ ଠାକୁରଙ୍କୁ ସ୍ୱାଗତ କରିବା ଲାଗି ବ୍ୟବସ୍ଥା କରାଯାଇଛି। ରଥ ଟଣା ସମୟରେ ରାସ୍ତାର ବିଭିନ୍ନ ସ୍ଥାନରେ ସ୍ୱେଚ୍ଛାସେବୀ ସଙ୍ଗଠନ ପକ୍ଷରୁ ପାନୀୟ ଜଳ, ଖାଦ୍ୟର ବ୍ୟବସ୍ଥା କରାଯାଇଛି ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ଦିର କମିଟି ପକ୍ଷରୁ କୋଷାଧ୍ୟକ୍ଷ ଅଭୟ କୁମାର ରାଉତ, ଶ୍ରୀନିବାସ ଜେନା, ଅଜାମ୍ବର ସାହୁ, ଚିରରଞ୍ଜନ ଦାସ, ବାବୁଲି ଶର, ସୁନିଲ ରାଉତରାୟ, ଅଖିଳ କୁମାର ସ୍ୱାଇଁ, ରାଜେଶ କୁମାର ପାଳ, ଜିତେନ୍ଦ୍ର ରାଉତ, କାଶୀନାଥ ସାହୁ ସମେତ ମୁନସୀ ମେଲଣ କମିଟି ପକ୍ଷରୁ ଗଗନ ବରାଳ, ସୂର୍ଯ୍ୟକାନ୍ତ ରାଉତ, ଚନ୍ଦ୍ରମଣି ପଣ୍ଡିତ, ଲକ୍ଷ୍ମୀକାନ୍ତ ସାହୁ, ଅଶୋକ କୁମାର ସାହୁ, ସୁଜିତ କୁମାର ମହାରଣା ପ୍ରମୁଖ ଉପସ୍ଥିତ ରହିଥିଲେ।

# ବୈଷ୍ଣବ ଦତ୍ତ ଉଚ୍ଚ ବିଦ୍ୟାଳୟରେ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି



**ଯାଜପୁର,୧୪।୭(ସମିସ):** ଓଡ଼ିଆ ଜାତି ଓ ସ୍ୱାଭିମାନର ମଉଡ଼ମଣି ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧତିଥିରେ ତାରାମଦନ ସ୍ଥିତ ବୈଷ୍ଣବଦତ୍ତ ଉଚ୍ଚ ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସୁପ୍ରଭା ନାୟକଙ୍କ ପୌରୋହିତ୍ୟରେ ଏକ ସମର୍ପଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଯାଜପୁରର ଗାନ୍ଧୀବାଦୀ ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ନିସିତ୍ କୁମାର ଦାସ, ସାହିତ୍ୟିକ ଦାମୋଦର ବେହେରା, ଯାଜପୁର ମୁଖ୍ୟ ଡାକଘରର ପୋଷ୍ଟମାଷ୍ଟର ଜ୍ଞାନଚାନ୍ଦ ପରିଡ଼ା ଯଥାକ୍ରମେ ମୁଖ୍ୟଅତିଥି, ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଗୋପବନ୍ଧୁ ଦାସ କୋଟି କୋଟି ମଣିଷଙ୍କ ପାଇଁ ଯେଉଁ ମାନବିକତାର ଆଦର୍ଶ ରଖିଯାଇଛନ୍ତି। ମା, ମାଟି, ମଣିଷକୁ ଭଲପାଇବାରେ ଯେଉଁ ମନ୍ତ୍ର ଦେଇଯାଇଛନ୍ତି ତାହା ଆଜିର ଯୁବ ସମାଜ, ଛାତ୍ରଛାତ୍ରୀ ଉତ୍ତରପିଢ଼ି ଅନୁସରଣ କରିବା ଉଚିତ୍ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ।

# ଭୁବନେଶ୍ୱରପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା

**ଯାଜପୁର,୧୪।୭(ସମିସ)**




ଯାଜପୁର ବ୍ଲକ ଅନ୍ତର୍ଗତ ଭୁବନେଶ୍ୱରପୁର ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସିପିଆଇଏମ୍ ଭୁବନେଶ୍ୱରପୁର ଆଞ୍ଚଳିକ କମିଟି ପକ୍ଷରୁ ଆଜି ୨୫ ଦଫା ଦାବିରେ ଗଣଧାରଣା ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତବାସୀଙ୍କ ଉପରେ ୧୨ଶହ ଟଙ୍କାର ଟିକସ ଲାଗୁ ପ୍ରସ୍ତାବ ବାତିଲ କରିବା, ଦୁଇମାସର ବକେୟା ଭତ୍ତା ହିତାଧିକାରୀଙ୍କୁ ତୁରନ୍ତ ପ୍ରଦାନ କରିବା, ପ୍ରତିଶ୍ରୁତି ମୁତାବକ ଭତ୍ତା ୩ ହଜାରକୁ ବୃଦ୍ଧି କରିବା ସହ ମାସିକ ୩ ଶହ ୟୁନିଟ ମାଗଣା ବିଦ୍ୟୁତ ଯୋଗାଇବା, ବାସଗୃହ ନଥିବା ସବୁ ପରିବାରକୁ ଆବାସ ଯୋଜନାରେ ବାସଗୃହ ଯୋଗାଇବା, ଭୁଲ ପାଠ ଲେଖାଥିବା ବହି ପ୍ରତ୍ୟାହାର କରି ତୁରନ୍ତ ତ୍ରୁଟି ମୁକ୍ତ ପାଠ୍ୟପୁସ୍ତକ ଯୋଗାଇ ଦେବା, ଶେଷଦେବ ବାସନ୍ତୀ ଉଚ୍ଚ ବିଦ୍ୟାଳୟକୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରିବା, କଳସତିହ-ଯମୁନା ସେତୁ ତୁରନ୍ତ ନିର୍ମାଣ କରିବା, ରୁଢ଼ିଆ ଯୋକଡ଼ିଆ କେନାଲର ପୁନଃଉଦ୍ଧାର କରିବା, ଚାଷ ପାଇଁ ତୁରନ୍ତ କୃଷି ଋଣ ସମେତ ରିହାତି ଦରରେ ସାର, ବିହନ ଓ କୃଷି ଯନ୍ତ୍ରପାତି ଆଦି ଉପକରଣ ଯୋଗାଇବା, ଫସଲବୀମାର ସୁବିଧା ଓ ମଣ୍ଡିରେ ଧାନ ବିକ୍ରିର ସୁଯୋଗ ପ୍ରଦାନ କରିବା, ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନରେ ୧୮ ବର୍ଷରୁ ଉର୍ଦ୍ଧ୍ୱ ସମସ୍ତଙ୍କ ନାମ ରହିବା ସୁନିଶ୍ଚିନ୍ତ କରିବା ଇତ୍ୟାଦି ୨୫ ଦଫା ଦାବିରେ ଧାରଣା ଦିଆଯାଇଥିଲା। ଏହି ପରିପ୍ରେକ୍ଷିରେ ଆଞ୍ଚଳିକ କମିଟି ସମ୍ପାଦକ ସୁରେଶ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ପ୍ରତିବାଦ ସଭାରେ ସିପିଏମ୍ ଜିଲ୍ଲା ସମ୍ପାଦକ ଡାକ୍ତର ନିର୍ମଳ ରଥ, ଗଣେଶ ସାହୁ, ରବିନାରାୟଣ ସାହୁ, ସୁରେଶ ସାହୁ, ମାଧବ କୁଣ୍ଡୁ, ଅଭୟ ଓଝା, ନରେନ୍ଦ୍ର ସାହୁ, କୀର୍ତ୍ତନ ସାହୁ, ବନୋଜ ଓଝା, ବ୍ରହ୍ମାନନ୍ଦ ବାରିକ, ପ୍ରମୋଦ ସାହୁ, କୀର୍ତ୍ତନ ବାରିକ ଓ ସୁବାସ ବିଶ୍ୱାଳ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଆନ୍ଦୋଳନ ସ୍ଥଳରେ ସରପଞ୍ଚ ମନିଦୀପା ରାୟ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରଶେଖର ଜେନା, ଯାଜପୁର ସଦର ଥାନା ପକ୍ଷରୁ ରଞ୍ଜିତା ମହାରଣାଙ୍କ ଉପସ୍ଥିତିରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ସାଗରିକା ମହାପାତ୍ର ଦାବିପତ୍ର ଗ୍ରହଣ କରିବା ସହିତ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ।।

## ସର୍ପ ଦଂଶନରେ ବୃଦ୍ଧ ମୃତ

ଦୋଳସାହି,୧୪।୭(ସମିସ): ତିହିଡ଼ି ବ୍ଲକ୍ ପୀରହାଟ ଥାନା ନରେନ୍ଦ୍ରପୁର ପଞ୍ଚାୟତ ଅଧୀନ ଛତ୍ରପଦା ଗ୍ରାମର ଲକ୍ଷ୍ମୀଧର ବାରିକ (୭୦)ଙ୍କର ସୋମବାର ସର୍ପ ଦଂଶନରେ ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଲକ୍ଷ୍ମୀଧର ଗୁହାଳରେ ଗୋରୁଙ୍କୁ ତୋରାଣି ଦେଉଥିବାବେଳେ ଏକ ବିଷଧର ସାପ ତାଙ୍କୁ କାମୁଡ଼ିଦେବାରୁ ସେ ଗୁରୁତର ହୋଇପଡ଼ିଥିଲେ। ତାଙ୍କୁ ଚିକିତ୍ସା ନିମନ୍ତେ ତିହିଡ଼ି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ପୀରହାଟ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ରେଖିଦେଇପୁର ସ୍କୁଲ ପରିଚାଳନା କମିଟି ଗଠନ

କବାଟବନ୍ଧ,୧୪।୭(ସମିସ): ଧର୍ମଶାଳା ବ୍ଲକ ଶିକ୍ଷା ଅଧିକାରୀଙ୍କ ଚିଠି ଅନୁସାରେ ଧର୍ମଶାଳା ବ୍ଲକ ଅନ୍ତର୍ଗତ ପଞ୍ଚାୟତ ହାଇସ୍କୁଲ ରେଖିଦେଇପୁରରେ ସ୍କୁଲ ପରିଚାଳନା କମିଟି ଗଠନ ହୋଇଛି। ଉକ୍ତ ପରିଚାଳନା କମିଟିରେ ସଭାପତି ଏବଂ ଉପସଭାପତି ଭାବେ ଦୁଇ ଜଣ ମହିଳାଙ୍କୁ ସର୍ବସମ୍ମତି କ୍ରମେ ଚୟନ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି ବୈଠକରେ ପ୍ରଧାନ ଶିକ୍ଷକଙ୍କ ଅଧ୍ୟକ୍ଷତାରେ ସ୍କୁଲର ସଭ୍ୟ ମାନେ ଯୋଗ ଦେଇଥିଲେ। ସର୍ବସମ୍ମତି କ୍ରମେ ସଭାପତି ଭାବେ ଡଲିରାଣୀ ଜେନାଙ୍କୁ ଚୟନ କରାଯାଇଥିଲା। ସେହିପରି ଉପସଭାପତି ଭାବେ ନମିତା ମଲ୍ଲଙ୍କ ନାମ ଘୋଷଣା କରାଯାଇଥିଲା। ବୈଠକରେ ସଭ୍ୟ ମନୋଜ ବେହେରା, ବୁଲୁ ଭଞ୍ଜ, ଅମୂଲ୍ୟ ମଲିକ, ଟୁନା ରାଉତ, ସମେତ ଅନ୍ୟ ସଭ୍ୟ ମାନେ ଯୋଗ ଦେଇଥିଲେ। ସଭ୍ୟ ମାନଙ୍କ ସହିତ ଉତ୍ତମ ସମ୍ପର୍କ ଏବଂ ମତାମତ ଗ୍ରହଣ କରି ନୂତନ ସଭାପତି ଡଲିରାଣୀ ଜେନା ବିଦ୍ୟାଳୟର ଉନ୍ନତି, ସହିତ ଛାତ୍ରଛାତ୍ରୀଙ୍କ ପାଠପଢ଼ା, ବିଦ୍ୟାଳୟ ପରିବେଶ ତଥା ଏକ ଶୈକ୍ଷିକ ବାତାବରଣ ସୃଷ୍ଟି କରି ଏକ ଉତ୍ତମ ବିଦ୍ୟାଳୟ ଭାବେ ପରିଗଣିତ କରିବା ପାଇଁ ଗୁରୁତ୍ୱ ଦେବେ ବୋଲି କହିଛନ୍ତି।

## କାଉନସିଲରଙ୍କ ସ୍ୱାମୀଙ୍କୁ ମରଣାନ୍ତକ ଆକ୍ରମଣ; ଥାନା ଘେରିଲେ ଲୋକେ




ଧାମନଗର,୧୪।୭(ସମିସ): ଧାମନଗର ଏନ୍ଏସି ଅନ୍ତର୍ଗତ ୩ ନମ୍ବର ୱାର୍ଡ କାଉନ୍ସିଲର ହବିବନଗର ଗ୍ରାମର ଅମତୁନ ଝୀନିଙ୍କ ସ୍ୱାମୀ ସେକ୍ ଖଲିଲୁଲ୍ଲା(ବାବୁନ) ଙ୍କୁ ଗତ ରବିବାର ରାତିରେ ଉକ୍ତ ଗ୍ରାମର ଜଣେ ଯୁବକ ମରଣାନ୍ତକ ଆକ୍ରମଣ ଘଟଣାକୁ ନେଇ ସ୍ତ୍ରୀ ଧାମନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ରବିବାର ରାତି ପ୍ରାୟ ୧୦ଟା ବେଳେ ବାବୁନ ନିଜ ଘରକୁ ଫେରୁଥିବା ସମୟରେ ମିର୍ ଆର୍ଫାନ ତାଙ୍କୁ ହଠାତ୍ ବାଇକ୍ ଅଟକାଇ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ ବାବୁନଙ୍କ ମୁଣ୍ଡ ଓ ପିଠିରେ ଶକ୍ତ ଆଘାତ ଲାଗିଥିବା ସହ ତାଙ୍କ ମୋଟର ସାଇକଲକୁ ମଧ୍ୟ ଭଙ୍ଗାରୁଜା କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକାରୀଙ୍କ କହିବା ଅନୁଯାୟୀ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଚୟନକୁ କେନ୍ଦ୍ର କରି ଦୀର୍ଘଦିନ ଧରି ବିବାଦ ଲାଗି ରହିଥିଲା। ଏହାସହ ପୂର୍ବରୁ ଘଟିଥିବା ଏକ ମନ୍ଦିର ଚୋରି ଘଟଣାରେ ବାବୁନ ପୁଲିସକୁ ସୂଚନା ଦେଇଥିବା ସନ୍ଦେହରୁ ମଧ୍ୟ ଏହି ଆକ୍ରମଣ କରିଥିବା ଅଭିଯୋଗରେ ଦର୍ଶାଯାଇଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ବ୍ୟକ୍ତିଙ୍କୁ ଗିରଫ ଦାବିରେ ସୋମବାର ସନ୍ଧ୍ୟାରେ ଉକ୍ତ ୱାର୍ଡ କାଉନ୍ସିଲର ସହିତ ଗ୍ରାମରୁ ଶତାଧିକ ମହିଳା ଓ ପୁରୁଷ ଥାନାରେ ପହଞ୍ଚି ଯଥାଶୀଘ୍ର ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ଧାମନଗର ଥାନା ଅଧିକାରୀ ଶୁଭ୍ରଜିତ୍ ଦାଶ ଲୋକଙ୍କୁ ବୁଝାସୁଝା କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଗିରଫ କରାଯାଇ ଆଇନ ଅନୁଯାୟୀ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଅଧିକାରୀ ଶ୍ରୀ ଦାଶ ପ୍ରତିଶ୍ରୁତି ଦେବା ପରେ ପରିସ୍ଥିତି ସ୍ୱାଭାବିକ ହୋଇଥିଲା।

## ସଫେଇ କର୍ମଚାରୀଙ୍କୁ କିଟ୍ ବଣ୍ଟନ




ବାସୁଦେବପୁର,୧୪।୭(ସମିସ): ବାସୁଦେବପୁର ପୌରପାଳିକାର ନୀଳମଣି ଟାଉନ୍ ହଲ୍‌ରେ ନମସ୍ତେ କାର୍ଯ୍ୟକ୍ରମରେ ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା ଯୋଗଦେଇ ସଫେଇ କର୍ମଚାରୀଙ୍କୁ କିଟ୍ ବଣ୍ଟନ କରିଥିଲେ। କେନ୍ଦ୍ର ସରକାରଙ୍କ ନମସ୍ତେ ଡେ' ପାଳନ ଅବସରରେ ଆଭାସୀ ମାଧ୍ୟମରେ କୋଲକାତାରୁ କେନ୍ଦ୍ର ମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ବାସୁଦେବପୁର ଟାଉନ୍ ହଲ୍‌ରେ ଆୟୋଜିତ ସଭାରେ ପୌରପାଳିକାର ଅଧ୍ୟକ୍ଷା ନିବେଦିତା ବେହେରା, ଉପାଧ୍ୟକ୍ଷ ଉତମ ବାରିକ ଓ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ ଯୋଗଦେଇ ଉଦ୍‌ବୋଧନ ଦେବା ସହିତ ୪୩ ଜଣ ସଫେଇ କର୍ମଚାରୀଙ୍କୁ ପିପିଇ କିଟ୍ ପ୍ରଦାନ କରିଥିଲେ। ଯାହା ସଫେଇ କର୍ମଚାରୀଙ୍କ ସୁରକ୍ଷାରେ ବ୍ୟବହାର କରାଯାଇପାରିବ। ଆୟୋଜିତ ସଭାରେ ସ୍ୱେତଲିନା ଦାସ ସଂଯୋଜନା କରିଥିଲେ।

### ଶିଳ୍ପାଞ୍ଚଳ ପାର୍ଶ୍ୱବର୍ତ୍ତୀ ଗ୍ରାମ ମୁଖ୍ୟ ରାସ୍ତା ଶୋଚନୀୟ

# ରାସ୍ତା ଉପରେ ଆଣ୍ଠୁଏ ପାଣି

ଯଖପୁରା,୧୪।୭(ସମିସ)



ବିଭାଗୀୟ ଯନ୍ତ୍ରୀଙ୍କ ଦୂରଦୃଷ୍ଟି ଅଭାବରୁ ଶିଳ୍ପାଞ୍ଚଳ ପାଶ୍ୱର୍ବର୍ତ୍ତୀ ଯଖପୁରା ଗାଁରେ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ବିଜୁ ପଟ୍ଟନାୟକ ମାର୍ଗରୁ ମହାସାହି ପ୍ରାଥମିକ ବିଦ୍ୟାଳୟକୁ ଯାଇଥିବା ରାସ୍ତା ଉପରେ ଟିକେ ବର୍ଷା ହେଲେ ୧ ଫୁଟରୁ ଦେଢ଼ ଫୁଟ ପାଣି ଅନେକ ଦିନ ଧରି ଜମି ରହୁଛି। ପାଣି ଜମି ବାଟୋଇଙ୍କ ପାଇଁ ନା ନା ସମସ୍ୟା ସୃଷ୍ଟି କରୁଛି। ସେହିପରି ପଞ୍ଚାୟତର ମୁଖ୍ୟ ରାସ୍ତା ରାଧାଶ୍ୟାମ ବିଶ୍ୱାଳ ଏବଂ ୧୦ନମ୍ବର ଜିଲ୍ଲା ପରିଷଦ ସୁଚିତ୍ରା ବିଶ୍ୱାଳଙ୍କ ଘର ପାଶ୍ୱର୍ ଦେଇ ଯାଇଥିବା ଗ୍ରାମର ମୁଖ୍ୟ ରାସ୍ତା ଉପରେ ଦୀର୍ଘ ଦିନ ଧରି ପାଣି ଜମିରହୁଛି। ଫଳରେ ମଶା ମାଛି ପୋକ ଜୋକ ସୃଷ୍ଟି ହୋଇ ପାଖ ଘର ଲୋକ, ବୃଦ୍ଧ, ଛୋଟ ପିଲାମାନେ ନାହିଁ ନଥିବା ଅସୁବିଧା ସମ୍ମୁଖୀନ ହେଉଛନ୍ତି। ବିଭିନ୍ନ ରୋଗ ଥଣ୍ଡା, କାଶ, ଡେଙ୍ଗୁ, ମେଲେରିଆ, ଟାଇଫଡ ରୋଗରେ ପୀଡ଼ିତ ହେଉଛନ୍ତି।

କଳିଙ୍ଗନଗର ଶିଳ୍ପାଞ୍ଚଳ ପାଶ୍ୱବର୍ତ୍ତୀ ଯଖପୁରା ଗ୍ରାମ ମହାପାଟ ସାହିର ରାସ୍ତା ଦୁଇଟି ଯଖପୁରା ଗ୍ରାମ ଏବଂ ପଞ୍ଚାୟତର ମୁଖ୍ୟ ରାସ୍ତା ଅଟେ। ଟିକେ ବର୍ଷା ହେଲେ ଏହି କଂକ୍ରିଟ ରାସ୍ତା ଉପରେ ପାଣି ଆଣ୍ଠୁଏ। ଲୋକ ମାନେ ଯିବା ଆସିବ ସମୟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତା ଉପରେ ଦେଇ ଯଖପୁରା ମହାପାଟ ସାହିର ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୯ରୁ ଉର୍ଦ୍ଧ୍ୱ ଦେବାଦେବୀ ମନ୍ଦିର ଅବସ୍ଥିତ। ଟିକେ ବର୍ଷା ହେଲେ ରାସ୍ତା ଉପରେ ପାଣି ଅନେକ ଦିନ ରହୁଥିବାରୁ ସ୍କୁଲକୁ ଯିବା ବେଳେ କୋମଳ ମତି ଛାତ୍ରଛାତ୍ରୀ ନାହିଁ ନଥିବା ହଇରାଣ ହରକତ ହେଉଛନ୍ତି। ରାସ୍ତା ଉପରେ ବହୁ ଦିନ ଧରି ପାଣି ଅଟକି ରହୁ ଥିବାରୁ ଯିବାଆସିବା ସମୟରେ ବହୁ ସମସ୍ୟା ସୃଷ୍ଟି ହେଉଛି। ସ୍କୁଲ ସହିତ ଅଙ୍ଗନୱାଡି କେନ୍ଦ୍ରରେ ପାଠ ପଢୁଥିବା ପିଲା ମାନେ ବହୁ ଦିନରୁ ଅଟକି ଥିବା ପାଣି ଉପରେ ଯିବା ଆସିବାକୁ ପଡିବାରୁ ଏମାନେ ମଧ୍ୟ ବିଭିନ୍ନ ରୋଗରେ ଆକ୍ରାନ୍ତ ହେବାର ଆଶଙ୍କା ପ୍ରକାଶ ପାଉଛି। ମହାପାଟ ସାହିର ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଶିବ ମନ୍ଦିର ସହିତ ରାମ ମନ୍ଦିର, ସନ୍ତୋଷୀ ମା'ଙ୍କ ମନ୍ଦିର, ବାଙ୍କବିହାରୀ ମନ୍ଦିର (ରାଧାକୃଷ୍ଣ ମନ୍ଦିର), ଗଣେଶ ମନ୍ଦିର (ଦକ୍ଷିଣ ମୁଖି ଗଣେଶ), ହନୁମାନ ଦେବଙ୍କ ମନ୍ଦିର, ଶନି ଦେବଙ୍କ ମନ୍ଦିର, ଗାୟତ୍ରୀ ମା'ଙ୍କ ମନ୍ଦିର, ସୂର୍ଯ୍ୟ ଦେବଙ୍କ ମନ୍ଦିର ଏକାଠି ଏକ ପ୍ରାଙ୍ଗଣରେ ବିରାଜ ମାନ ହୋଇ ଶୋଭା ମଣ୍ଡନ କରୁଛନ୍ତି। ଗୋଟିଏ ଜାଗାରେ ସବୁ ଦେବା ଦେବୀ ବିରାଜ ମାନ ଥିବାରୁ ଦୈନ୍ୟଦିନ ଶହ ଶହ ଭକ୍ତଙ୍କ ସମାଗମ ଦେଖିବାକୁ ମିଳୁଛି। ଦେବା ଦେବୀମାନଙ୍କୁ ଦର୍ଶନ କରିବାକୁ ଆସୁଥିବା ଭକ୍ତମାନେ ଏହି ରାସ୍ତା ଉପରେ ନିର୍ଭରଶିଳ ଅଟନ୍ତି। ଏହି ରାସ୍ତାଦୁଇଟି ଦେଇ ଦୈନିକ ନିକଟସ୍ଥ କାରଖାନା, ଦାନଗଦି ବଜାର, ଯାଜପୁର ରୋଡ଼, ସ୍କୁଲ, କଲେଜ, ମେଡିକାଲ, ବ୍ୟାଙ୍କ ପ୍ରଭୃତି ସ୍ଥାନ ପାଇଁ ଶହ ଶହ ଲୋକ ଯିବା ଆସିବା ମଧ୍ୟ କରୁଛନ୍ତି। ଦୁଇ ରାସ୍ତା ଉପରେ ଅଟକୁଥିବା ପାଣିକୁ ନିଷ୍କାସନ କରିବା ପାଇଁ ନୂତନ ଡ୍ରେନ ନିର୍ମାଣ ଆବଶ୍ୟକ ହେଉଛି। ରାସ୍ତାର ପୂର୍ଣ୍ଣ ମରାମତି କାର୍ଯ୍ୟ ସହିତ ଯମୁଥିବା ବର୍ଷା ପାଣି ନିଷ୍କାସନ ପାଇଁ ଏକ ଡ୍ରେନର ସୁବ୍ୟବସ୍ଥା କରିବାକୁ ଜିଲ୍ଲା ପ୍ରଶାସନ ଓ ମନ୍ତ୍ରୀଙ୍କ ନିକଟରେ ବୁଦ୍ଧିଜୀବୀ ଦାବି କରୁଛନ୍ତି।

### ଘରେ ପଶି ସଶସ୍ତ୍ର ଡକାୟତି

## ବନ୍ଧୁକ ମୁନରେ କୋଟିଏରୁ ଊର୍ଦ୍ଧ୍ୱ ମୂଲ୍ୟର ସମ୍ପତ୍ତି ଲୁଟ୍

ଭଦ୍ରକ/ବନ୍ତ/ଆଗରପଡ଼ା,୧୪।୭ (ସମିସ): ସୋମବାର ରାତି ପ୍ରାୟ ୮ଟା ୪୫ରେ ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନସ୍ଥ ବନ୍ତ ବ୍ଲକ୍ ଗଣିଜାଙ୍ଗ ପଞ୍ଚାୟତ ହାସିନପୁରରେ ଜଣକ ଘରୁ ବନ୍ଧୁକ ମୁନରେ ଏକ ବଡ଼ ଧରଣର ଡକାୟତି ହୋଇଛି। ଏହି ଡକାୟତିରେ ବନ୍ଧୁକଧାରୀମାନେ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ସମେତ ନଗଦ ଟଙ୍କା ନେଇ ଫେରାର୍ ହୋଇଯାଇଛନ୍ତି।



ହାସିନପୁର ନିବାସୀ ପଞ୍ଚାନନ ପ୍ରଧାନଙ୍କ ପୁଅ ପ୍ରୀତି ପ୍ରକାଶ ପ୍ରଧାନ ଗ୍ରାମାଞ୍ଚଳ ଥାନାରେ ଦେଇଥିବା ଏତଲା ଅନୁସାରେ, ସୋମବାର ରାତି ୮ଟା ୪୫ରେ ସେ ମାଆ, ଭଉଣୀ ଓ ପତ୍ନୀଙ୍କ ସହ ଘରେ ଥିବାବେଳେ ବାହାର ଗେଟ୍ ପାଖରେ କେହି ଡାକିଥିଲେ। ସେ କବାଟ ଖୋଲିବାକୁ ଯିବାବେଳେ ମୁହଁରେ କଳା ମାସ୍କ ପିନ୍ଧିଥିବା ୮ ଜଣ ଦୁର୍ବୃତ୍ତ ବନ୍ଧୁକ ଓ ଭୁଜାଲି ଦେଖାଇ ଘର ଭିତରକୁ ନେଇ ଗୋଟିଏ ଘରେ ଭର୍ତ୍ତି କରି ବନ୍ଦ କରିଦେଇଥିଲେ। ତାଙ୍କୁ ଭୟଭୀତ କରାଇ ଉପର ମହଲାରେ ଥିବା ଲକରରୁ ପ୍ରାୟ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ସୁନା ଗହଣା ଓ ନଗଦ ୧୨ ଲକ୍ଷ ଟଙ୍କା ନେଇ ବାହାର ପଟୁ ତାଲା ପକାଇ ଫେରାର୍ ହୋଇଯାଇଥିଲେ। ପରେ ସେମାନେ କବାଟ ଭାଙ୍ଗି ବାହାରକୁ ବାହାରି ସମସ୍ତ ବିଷୟ ଜାଣିବାକୁ ପାଇ ଫୋନ୍ ଯୋଗେ ପୁଲିସକୁ ଜଣାଇଥିଲେ ଏବଂ ଥାନାରେ ଏତଲା ଦେଇଥିଲେ। ଡକାୟତମାନେ ସେମାନଙ୍କ ଘରେ ଲାଗିଥିବା ସିସିଟିଭି କ୍ୟାମେରାର ହାର୍ଡଡିସ୍କ ଭାଙ୍ଗି ନେଇଯାଇଥିବାର ମଧ୍ୟ ଜଣାପଡ଼ିଛି। ଏହି ଘଟଣାରେ ଏସ୍‌ପି ମନୋଜ ରାଉତ ଜିଲ୍ଲା ଓ ପାଖ ଜିଲ୍ଲାର ବିଭିନ୍ନ ଥାନାକୁ ସୂଚନା ଦେବା ସହ ଥାନାଧିକାରୀ ସୁବ୍ରତ ଦାସଙ୍କ ସମେତ ଅନ୍ୟ ପଦାଧିକାରୀଙ୍କୁ ଦୁର୍ବୃତ୍ତଙ୍କ ସନ୍ଧାନ ନେଉଥିବାର ଜଣାଯାଇଛି। ପୁଲିସ ରାସ୍ତା ପାଖ ଦୋକାନ ଓ ବିଭିନ୍ନ ଘରେ ଲାଗିଥିବା ସିସିଟିଭିରୁ ଏକ ଲାଲ୍ ରଙ୍ଗର କାର୍ ସହ ଦୁଇଟି ଚାରିଚକିଆ ଯାନରେ ଡକାୟତମାନେ ଭଦ୍ରକ-ଆନନ୍ଦପୁର ରାସ୍ତାରେ କେନ୍ଦୁଝର ଜିଲ୍ଲାକୁ ଖସି ଯାଇଥିବାର ଅନୁମାନ କରିଛି। ଏଠାରେ ସୂଚନାଯୋଗ୍ୟ, ବିଶିଷ୍ଟ ଯୁବ ବ୍ୟବସାୟୀ ପ୍ରୀତି ପ୍ରକାଶଙ୍କର ନିକଟରେ ବିବାହ ହୋଇଥିବାରୁ ଡକାୟତିରେ ସ୍ଥାନୀୟ ଅପରାଧୀଙ୍କର ସମ୍ପୃକ୍ତି ରହିଥିବାର ସନ୍ଦେହ କରାଯାଉଛି। ବିଶେଷକରି ଡକାୟତି ହୋଇଥିବା ଘରଟି ଜନବସତିଠାରୁ ବାହାରେ ହୋଇଥିବାରୁ ଏଭଳି ଅପରାଧ ଘଟାଇବାରେ ଦୁର୍ବୃତ୍ତଙ୍କୁ ସହଜ ହୋଇଥିଲା।

### ବ୍ଲାକଫାୟାରିଂ କରି ସୁନା ବ୍ୟବସାୟୀଙ୍କଠାରୁ ଲୁଟ୍

## ୩ କେଜି ରୁପା ଓ ୨୦ ଗ୍ରାମ ସୁନା ନେଇଗଲେ ଦୁର୍ବୃତ୍ତ

ବିଞ୍ଝାରପୁର,୧୪।୭ (ସମିସ): ବିଞ୍ଝାରପୁର ବ୍ଲକ ଘଣ୍ଟିଆଳି ପୋଲ ନିକଟରେ ଜଣେ ସୁନା ବ୍ୟବସାୟୀଙ୍କଠାରୁ ବନ୍ଧୁକ ଦେଖାଇ ଲୁଟପାଟ ହୋଇଥିବା ଘଟଣା ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଦୁର୍ବୃତ୍ତମାନେ ବ୍ଲାକ ଫାୟାରିଂ କରି ୩ କେଜି ରୂପା, ୨୦ ଗ୍ରାମ ସୁନା ଓ ୭ ହଜାର ଟଙ୍କା ଲୁଟି ଫେରାର ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ମଇଁଦା ଛକସ୍ଥିତ ମା' ତାରିଣୀ ଜୁଏଲର୍ସର ମାଲିକ ଶରତ ସାହୁଙ୍କ ପୁଅ ଚନ୍ଦନ ସାହୁ ପ୍ରତିଦିନ ପରି ରାତି ପ୍ରାୟ ୯ଟାରେ ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଏହି ସମୟରେ ଘଣ୍ଟିଆଳି ପୋଲ ନିକଟରେ ଏକ କଳା ରଙ୍ଗର ପଲସର ବାଇକରେ ଆସିଥିବା ୩ ଜଣ ଦୁର୍ବୃତ୍ତ ତାଙ୍କୁ ଅଟକାଇ ଗହଣା ବ୍ୟାଗ ଛଡ଼ାଇ ନେବାକୁ ଉଦ୍ୟମ କରିଥିଲେ। ଚନ୍ଦନ ପ୍ରତିବାଦ କରିବାରୁ ଦୁର୍ବୃତ୍ତମାନେ ବ୍ଲାକ ଫାୟାରିଂ କରି ତାଙ୍କୁ ଭୟଭୀତ କରିଥିଲେ। ପରେ ତାଙ୍କ ନିକଟରୁ ପ୍ରାୟ ୩ କେଜି ରୂପା, ୨୦ ଗ୍ରାମ ସୁନା ଓ ୭ ହଜାର ଟଙ୍କା ଲୁଟି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପାଇ ବିଞ୍ଝାରପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଫାୟାରିଂରେ ବ୍ୟବହୃତ ଗୁଳି ଜବତ କରିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛି। ଦୁର୍ବୃତ୍ତଙ୍କୁ ଧରିବା ପାଇଁ ପୋଲିସ ବିଭିନ୍ନ ଦିଗରେ ତଦନ୍ତ ଚଳାଇଥିବା ସୂଚନା ମିଳିଛି।

## ଗ୍ୟାସ୍ ଗ୍ରାମୀଣ ବିତରଣ ସଂସ୍ଥା ଆଗରେ ହିତାଧିକାରୀଙ୍କ ଧାରଣା

ବାସୁଦେବପୁର,୧୪।୭(ସମିସ): କେନ୍ଦ୍ର ସରକାରଙ୍କ ଯୋଜନାକୁ ଫୁଁ' କରୁଛନ୍ତି ଗ୍ୟାସ୍ ବିତରକ ମାଲିକମାନେ। ମାଗଣା ଉଜ୍ଜ୍ୱଳା ଗ୍ୟାସ୍‌କୁ ହିତାଧିକାରୀଙ୍କଠାରୁ ନେଉଛନ୍ତି ୨୫ଶହ ଟଙ୍କା। ଟଙ୍କା ନ ଦେଲେ ମିଳିବ ନାହିଁ ଉଜ୍ଜ୍ୱଳା ଗ୍ୟାସ୍ ବୋଲି କହୁଛନ୍ତି। ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରି ଏକାଧିକ ଦୁର୍ବ୍ୟବହାରର ଶିକାର ହୋଇ ଅଭିଯୋଗ କରୁଛନ୍ତି। ଗ୍ୟାସ୍ ବିତରକଠାରୁ ପକେଟ ଗରମ କରି ଯୋଗାଣ ବିଭାଗ ଧୃତରାଷ୍ଟ୍ର ସାଜିଛନ୍ତି। ଏମିତି ସଙ୍ଗୀନ ଅଭିଯୋଗ ଆସିଛି ବାସୁଦେବପୁର ବ୍ଲକ୍ ରାଜଘରପୋଖରୀ ପଞ୍ଚାୟତର ଭାସ୍କର ଇଣ୍ଡେନ ଗ୍ୟାସ୍ ଗ୍ରାମୀଣ ବିତରକଙ୍କ ନାମରେ। ଫଳରେ ହିତାଧିକାରୀମାନେ ଏହି ଗ୍ୟାସ୍ ଗ୍ରାମୀଣ ବିତରଣ ସଂସ୍ଥା ସମ୍ମୁଖରେ ଆନ୍ଦୋଳନ କରିଛନ୍ତି।

**ମାଗଣା ବଦଳରେ ୨୫ଶହ ଟଙ୍କା ଶୋଷଣ ଏକାଧିକ ଥର ଅଭିଯୋଗ ପରେ ବି କାର୍ଯ୍ୟାନୁଷ୍ଠାନ ଶୂନ୍**

ବେଆଇନ ଭାବେ ବିଦେଇପୁର ପଞ୍ଚାୟତର ଗୋଦାମ ଘରେ ଚାଲିଛି ଗ୍ୟାସ୍ ବଣ୍ଟନ। ବଣ୍ଟନ ସ୍ଥାନରେ ନା ଅଛି ପିଇବା ପାଣିର ବ୍ୟବସ୍ଥା ନା ଅଛି ହିତାଧିକାରୀଙ୍କ ପାଇଁ ବସିବାର ବ୍ୟବସ୍ଥା। ଖୁଲମ୍‌ଖୁଲା କର୍ମଚାରୀ କହୁଛନ୍ତି ୨୫ଶହ ଟଙ୍କା ନ ଦେଲେ ମିଳିବନି ଗ୍ୟାସ୍। ହିତାଧିକାରୀଙ୍କୁ ଡକାଇ ବିଭିନ୍ନ ଆଳ ଦେଖାଇ ଫେରାଇ ଦେଉଛନ୍ତି। ହିତାଧିକାରୀ ଜାଣିବା ପୂର୍ବରୁ ଗ୍ୟାସ୍ ବ୍ଲାକ୍‌ରେ ବିକ୍ରି ହୋଇ ସବ୍‌ସିଡି ଟଙ୍କା ଖାତାକୁ ଆସୁଛି। ମୋବାଇଲ୍‌କୁ ଆସିବା ପରେ ଗ୍ୟାସ୍ ବିତରକର ଅସଲି କଳାକାରନାମା ପଦାକୁ ଆସିଲା। କେନ୍ଦ୍ର ସରକାର ଗରିବ ଲୋକଙ୍କୁ ମାଗଣାରେ ଉଜ୍ଜ୍ୱଳା ଗ୍ୟାସ୍ ଯୋଗାଇ ଦେଉଛନ୍ତି। ଏହି ଗ୍ୟାସ୍ ସହିତ ଛୋଟ ଚୁଲା ମଧ୍ୟ ଯୋଗାଇ ଦେଉଛନ୍ତି। କିନ୍ତୁ ଲାଭଖୋର୍ ବିତରକମାନେ ଛୋଟ ଚୁଲା ବଦଳରେ ଜୋର୍‌ଜବରଦସ୍ତ କରି ଏକ ବଡ଼ ଚୁଲା ଦେଇ ୨୫ଶହ ଟଙ୍କା ଆଦାୟ କରୁଛନ୍ତି। ଟଙ୍କା ନ ଦେଲେ ଗ୍ୟାସ୍ ମିଳିବ ନାହିଁ ବୋଲି କହି ଫେରାଇ ଦେଉଛନ୍ତି। ଯାହାକୁ ନେଇ ହିତାଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଥିଲା। ଗ୍ୟାସ୍ ଏଜେନ୍ସି ରାଜଘରପୋଖରୀ ଅଫିସ କରି ବିତରଣ କରିବାକୁ ସରକାରୀ ଭାବେ ଅନୁମତି ପାଇଛି। ରାଜଘରପୋଖରୀ ଅଫିସର ବଣ୍ଟନ କଲେ ସ୍ଥାନୀୟ ଲୋକ ଧରିବେ। କଳାକାରନାମା ଲୋକଲୋଚନକୁ ଆସିଯିବ। ବିଦେଇପୁର କଣ୍ଟିଆ ନାଳୀରେ ପଞ୍ଚାୟତ ବିଲ ମଝିରେ ଗୋଦାମ ଘର କରି ସେଠାରେ ବଣ୍ଟନ କରୁଛନ୍ତି। ଯାହା ସମ୍ପୂର୍ଣ୍ଣ ବେଆଇନ ଅଟେ। ଯୋଗାଣ ବିଭାଗର ଅପାରଗ ଅଧିକାରୀଙ୍କ ପାଇଁ ମାଗଣା ଉଜ୍ଜ୍ୱଳା ଗ୍ୟାସ୍ ପାଇବାର ଉଜ୍ଜ୍ୱଳ ଆଶା ଏବେ ମଉଳି ଯାଉଛି। ସରକାରଙ୍କ ସବୁ ନୀତି ନିୟମକୁ ଉଲ୍ଲଂଘନ କରି ଯୋଜନାରୁ ମାଲେମାଲ ହେଉଛନ୍ତି ଗ୍ୟାସ୍ ବିତରକ। ଢୋ ଢୋ ବର୍ଷାରେ ଦୁଇ ଦିନ ଧରି ହିତାଧିକାରୀ ଧାରଣା ଦେଉଛନ୍ତି। ଜିଲ୍ଲାପାଳ ତୁରନ୍ତ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ଗରିବ ହିତାଧିକାରୀ ଯୋଜନାରୁ ସୁଫଳ ପାଇପାରନ୍ତେ।

## ନବଯୌବନ ଦର୍ଶନ ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼

ବନ୍ତ/ଆଗରପଡ଼ା,୧୪।୭(ସମିସ): ପ୍ରାୟ ୩ଶହ ବର୍ଷ ପୁରାତନ ତଥା ଜିଲ୍ଲାର ଅନ୍ୟତମ ପ୍ରମୁଖ ଜଗନ୍ନାଥ ମନ୍ଦିରରେ ଶ୍ରୀଜିଉମାନଙ୍କର ନବଯୌବନ ଦର୍ଶନ ପାଇଁ ସକାଳୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ଶ୍ରୀଜିଉମାନଙ୍କୁ ଶ୍ରଦ୍ଧାଳୁମାନେ ଦର୍ଶନ କରି ଆତ୍ମତୃପ୍ତି ଲାଭ କରିଥିଲେ। ଏହାଛଡ଼ା ନେତ୍ର ଉତ୍ସବ ବିଧି ଅନୁଯାୟୀ ସମ୍ପନ୍ନ ହୋଇଥିଲା। ଠାକୁର ରାଜା ତଥା ସୁପ୍ରିମକୋର୍ଟ ଆଡ୍‌ଭୋକେଟ ଜଗତମୋହନ ସିଂହ ଓ ତାଙ୍କ ଧର୍ମପତ୍ନୀ ସଂଯୁକ୍ତା ସିଂହ ମୁଖ୍ୟ ପୁରୋଧା ଓ ପଣ୍ଡିତ ସଂଗ୍ରାମ କେଶରୀ ସାମନ୍ତରାୟ, ସୁଧୀର ରଥ, ରଘୁନାଥ ପାଣିଗ୍ରାହୀ, ସର୍ବେଶ୍ୱର ପାଣିଗ୍ରାହୀ, ସୌମ୍ୟ ପ୍ରକାଶ ପଣ୍ଡା, ମାନସ ସାମନ୍ତରାୟ, ମନ୍ମଥ ପାଢ଼ୀ, ଜ୍ଞାନରଞ୍ଜନ ସାମନ୍ତରାୟ, ଶରତ ସାମନ୍ତରାୟ ପ୍ରମୁଖ ଯଥାରୀତି ପୂଜାର୍ଚ୍ଚନା କରିଥିଲେ। ସୂଚନାଯୋଗ୍ୟ, ପୂର୍ତ୍ତ ବିଭାଗ ଅଧୀନସ୍ଥ ଜଗନ୍ନାଥ ମନ୍ଦିରଠାରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ଲମ୍ବିଥିବା ରାସ୍ତା ଖାଲଖମାରେ ଭର୍ତ୍ତି ହୋଇଛି, ଯାହାକି ରଥଟଣା କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି କରିବ। ମନ୍ଦିର କର୍ତ୍ତୃପକ୍ଷଙ୍କ ପକ୍ଷରୁ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ଆଜିଯାଏଁ ମରାମତି ହୋଇନାହିଁ। ଯାହାକି ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ଦେଉଛି।



### ସହିଦ ପୀଠ ମର୍ଯ୍ୟାଦା ପ୍ରତି କୁଠାରାଘାତ

## ବେଆଇନ ମଦ ଦୋକାନକୁ ନେଇ ଗର୍ଜିଲେ ଅଞ୍ଚଳବାସୀ

ଅସୁରାଳି,୧୪।୭(ସମିସ): ଭଦ୍ରକ ଜିଲ୍ଲାର ଅନ୍ୟତମ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ତଥା ଜନସାଧାରଣଙ୍କ ସ୍ୱାଭିମାନ ଓ ଭାବାବେଗର ପ୍ରତୀକ "ସହିଦ ପୀଠ'ର ପବିତ୍ରତା ଏବେ ବିପନ୍ନ। ଏହି ସ୍ମୃତିପୀଠ ନିକଟରେ ମଦ ଦୋକାନ ଖୋଲିବା ଘଟଣା ସ୍ଥାନୀୟ ଅଞ୍ଚଳରେ ତୀବ୍ର ଜନଅସନ୍ତୋଷ ଓ ଆକ୍ରୋଶ ସୃଷ୍ଟି କରିଛି। ମଙ୍ଗଳପୁରରୁ ସହିଦ ପୀଠ ମଧ୍ୟଭାଗରେ ରହିଥିବା ସହିଦ ମଣ୍ଡପ, ସହିଦ ମେଡିକାଲ ଏବଂ ସହିଦ ମହାବିଦ୍ୟାଳୟ ସନ୍ନିକଟ ମୁଖ୍ୟ ରାସ୍ତାକଡ଼ରେ ଏହି ବିଦେଶୀ ମଦ ଦୋକାନ ଖୋଲାଯାଇଛି। ଦେଶମାତୃକା ପାଇଁ ବଳିଦାନ ଦେଇଥିବା ଅମର ସହିଦମାନଙ୍କ ସ୍ମୃତି ପ୍ରତି ଏହା ସମ୍ପୂର୍ଣ୍ଣ ଅପମାନ ବୋଲି ଅଭିଯୋଗ କରି ସ୍ଥାନୀୟ ବାସିନ୍ଦା ଏହାକୁ ଜୋର୍‌ଦାର୍ ବିରୋଧ କରିଛନ୍ତି। ସୂଚନାଯୋଗ୍ୟ ଯେ, ସରକାରଙ୍କ ଦ୍ୱାରା ଉକ୍ତ ମଦ ଦୋକାନଟି ଅସୁରାଳି ପଞ୍ଚାୟତ ପାଇଁ ଅନୁମୋଦିତ ହୋଇଥିବା ବେଳେ, ସମସ୍ତ ଆଇନକୁ ଫୁଁ' କରି ଏହାକୁ ବର୍ତ୍ତମାନ ବେଆଇନ ଭାବେ ଖପରପଦା ପଞ୍ଚାୟତ ସୀମା ମଧ୍ୟରେ ଚଳାଯାଉଛି। କେବଳ ସେତିକି ନୁହେଁ, ଏହା ଏକ "ଠିପି ବନ୍ଦ' ଦୋକାନ ହୋଇଥିଲେ ସୁଦ୍ଧା, ସରକାରୀ ନିୟମାବଳୀକୁ ଖୋଲାଖୋଲି ଉଲ୍ଲଂଘନ କରାଯାଇ ଦୋକାନ ଆଗରେ ଚେୟାର-ଟେବୁଲ ପକାଇ ମଦ୍ୟପାନ ଓ ଚାଖଣା ବିକ୍ରିର ଆସର ଜମୁଛି। ଏହି ମୁଖ୍ୟ ରାସ୍ତା ଦେଇ ଦୈନିକ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ, ମହିଳା ଓ ସାଧାରଣ ପଥଚାରୀ ଯାତାୟାତ କରିଥାନ୍ତି। ମାତ୍ର ସଞ୍ଜ ହେବା ମାତ୍ରେ ଏହି ସ୍ଥାନରେ ମଦ୍ୟପ ଓ ଅସାମାଜିକ ବ୍ୟକ୍ତିଙ୍କ ଭିଡ଼ ଜମୁଥିବାରୁ ମହିଳା ଓ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ଗମ୍ଭୀର ବିପଦ ସୃଷ୍ଟି ହୋଇଛି। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହେବାର ଆଶଙ୍କା ଦେଖାଦେଇଛି। ଏହି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ଜିଲ୍ଲା ଅବକାରୀ ବିଭାଗର ସୁପରିଣ୍ଟେଣ୍ଡେଣ୍ଟ ନରୋତ୍ତମ ସାହୁଙ୍କ ସହ ଯୋଗାଯୋଗ କରାଯିବାରୁ, ସେ ସ୍ପଷ୍ଟ କରିଛନ୍ତି ଯେ ଅଭିଯୋଗକୁ ଆଧାର କରି ବିଭାଗ ପକ୍ଷରୁ ତଦନ୍ତ କରାଯାଉଛି ଏବଂ ନିୟମ ଉଲ୍ଲଂଘନକାରୀଙ୍କ ବିରୋଧରେ ଖୁବ୍‌ଶୀଘ୍ର ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅପରପକ୍ଷରେ, ଯଦି ତୁରନ୍ତ ଏହି ବେଆଇନ ମଦ ଦୋକାନକୁ ସେଠାରୁ ହଟା ନ ଯାଏ, ତେବେ ଆଗାମୀ ଦିନରେ ଏହା ଏକ ବଡ଼ ଜନଆନ୍ଦୋଳନର ରୂପ ନେବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

**ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଲେ ଅବକାରୀ ସୁପରିଣ୍ଟେଣ୍ଡେଣ୍ଟ**

### ଦୁବକଣ ବିଦ୍ୟାଳୟରେ ଏସ୍ଏମ୍ସି କମିଟି ଗଠନକୁ ନେଇ ବିବାଦ


## ବାହାର ଲୋକଙ୍କ ପ୍ରବେଶକୁ ନେଇ ଉତ୍ତେଜନା

ମଙ୍ଗଳପୁର,୧୪।୭(ସମିସ): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେନୂତନ ଏସଏମସି କମିଟି ଗଠନ ବେଳେ ବିବାଦ ଦେଖାଦେଇଛି। ବୈଠକରେ ବାହାର ଲୋକଙ୍କ ହୋହଲ୍ଲା ଯୋଗୁଁ ଉତ୍ତେଜନା ପ୍ରକାଶ ପାଇବାରୁ ବୈଠକକୁ ବାତିଲ କରିଦିଆଯାଇଛି।

କମିଟି ନିମନ୍ତେ ସଭ୍ୟସଭ୍ୟା ଚୟନ ପାଇଁ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁ ବିଦ୍ୟାଳୟରେ ଅଧ୍ୟୟନ ରତ ଛାତ୍ରଛାତ୍ରୀଙ୍କର ଅଭିଭାବକମାନଙ୍କ ବୈଠକ ଡକାଇ ଥିଲେ। ବିଦ୍ୟାଳୟରେ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ୯୪ ଜଣ ଅଭିଭାବକ ଅଭିଭାବିକା ରହିଛନ୍ତି। ବୈଠକରେ କୋରମ ପାଇଁ ୪୭ ଜଣ ଅଭିଭାବକଙ୍କର ଦରକାର ଥିବା ବେଳେ ପ୍ରାୟ ୬୫ ଜଣ ଅଭିଭାବକ ବୈଠକରେ ଯୋଗ ଦେଇଥିଲେ। ଏହି ବୈଠକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁ ପରିଚାଳନା କରୁଥିବା ବେଳେ ସିଆର୍‌ସିସି ପ୍ରିୟରଞ୍ଜନ ଦାସ, ସହକାରୀ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡା, ଶିକ୍ଷୟିତ୍ରୀ ସ୍ନେହାଞ୍ଜଳି ଜେନା, ସୁଜାତା ସାହୁ, ଲକ୍ଷ୍ମୀପ୍ରିୟା ପ୍ରଧାନ ପ୍ରମୁଖ ସହଯୋଗ କରୁଥିଲେ। ନିୟମ ଅନୁଯାଇ ପ୍ରଥମ ବୈଠକରେ ସଭ୍ୟସଭ୍ୟା ଚୟନ କରାଯିବା ପରେ ପୁନର୍ବାର ୭ ଦିନ ପରେ ଦ୍ୱିତୀୟ ବୈଠକ ଡକାଯାଇ ଉକ୍ତ ବୈଠକରେ ନୂତବ ଭାବେ ନିର୍ବାଚିତ (ମନୋନୀତ) ସଭ୍ୟ ସଭ୍ୟା ମାନଙ୍କ ମଧ୍ୟରୁ ସଭାପତି, ଉପସଭାପତି ଚୟନ କରାଯାଇଥାଏ। ମାତ୍ର ସୋମବାର ବୈଠକରେ କୋରମ ହୋଇଥିଲେ ମଧ୍ୟ ବୈଠକ ଆରମ୍ଭରୁ ବାହାର ଲୋକେ ବିଦ୍ୟାଳୟ ମଧ୍ୟରେ ଅନୁଷ୍ଠିତ ବୈଠକ ଭିତରକୁ ପ୍ରବେଶ କରି ହୋହାଲ୍ଲା କରିବା ଶହ ଜୋରସୋରରେ ପାଟି ମୁଣ୍ଡ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ କିସୁନ ଟୁଡୁ ଯେଉଁମାନେ ଅଭିଭାବକ ନୁହଁନ୍ତି ସେମାନେ ବୈଠକ ସ୍ଥାନରୁ ପଳାଇବା ପାଇଁ ଅନୁରୋଧ କରିଥିଲେ ମଧ୍ୟ ପ୍ରଧାନ ଶିକ୍ଷକଙ୍କ କଥାକୁ କେହି କର୍ଣ୍ଣପାତ କରିନଥିଲେ। ବରଂ ଏହାପରେ ପାଟିତୁଣ୍ଡ ହୋହାଲ୍ଲା ବଢ଼ିବାରେ ଲାଗିଥିଲା। ଯାହା ଫଳରେ ବୈଠକକୁ ଆସିଥିବା ଅଭିଭାବକ ତଥା ମହିଳାମାନେ ଭୟଭୀତ ଅବସ୍ଥାରେ ବୈଠକ ସ୍ଥଳ ଛାଡି ପଳାଇଥିଲେ। ଯାହାଫଳରେ ସଭ୍ୟ ସଭ୍ୟା ଚୟନ ହୋଇପାରି ନଥିବା ବେଳେ ବୈଠକକୁ ବାତିଲ କରାଯାଇଥିଲା। ବାହାର ଲୋକମାନଙ୍କ ପ୍ରବେଶ ଏତେମାତ୍ରାରେ ଥିଲା ଯେ ସଭ୍ୟସଭ୍ୟା ଚୟନ କରିବା ସମ୍ଭବପର ହୋଇନଥିଲା। ନିୟମ ଅନୁଯାଇ ବୈଠକରେ କେବଳ ବିଦ୍ୟାଳୟରେ ପଢୁଥିବା ଛାତ୍ରଛାତ୍ରୀଙ୍କର ପିତାମାତା ଅବା ଅଭିଭାବକ ଉପସ୍ଥିତ ରହିବା କଥା। ମାତ୍ର ଏହି ନିୟମକୁ ନମାନି ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ବାହାର ଲୋକ ବିଦ୍ୟାଳୟ ଭିତରେ ଅନୁଷ୍ଠିତ ହେଉଥିବା ବୈଠକ ସ୍ଥଳରେ ପଶି ହୋହାଲ୍ଲା କରିଥିଲେ। ପ୍ରଧାନ ଶିକ୍ଷକ ପୁନର୍ବାର ଯେଉଁଦିନ ଦ୍ୱିତୀୟ ବୈଠକ ଡାକିବେ ସେହିଦିନ ପୁଲିସର ସହାୟତା ନେଇ ବୈଠକ କରିବା ପାଇଁ ଅଭିଭାବକମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଦଶରଥପୁର ବ୍ଲକର ବିଇଓ, ଯାଜପୁର ଜିଲ୍ଲାପାଳ ଦୃଷ୍ଟି ଦେବା ଶହ ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଅଭିଭାବକ ମହଲରେ ଦାବି ହୋଇଛି।


## 'ଉତ୍କଳମଣିଙ୍କ ଆଦର୍ଶ ଯୁବ ଓ ଛାତ୍ର ସମାଜ ଲାଗି ଧ୍ୟେୟ ହେଉ'

ଭଦ୍ରକ,୧୪।୭(ସମିସ): ଉତ୍କଳମଣିଙ୍କ ସେବା ଓ ତ୍ୟାଗର ପଟାନ୍ତର ନାହିଁ। ପରୋପକାର ସହିତ ଧାର୍ମିକ ଓ ଆଧ୍ୟାତ୍ମିକ କ୍ଷେତ୍ରରେ ମଧ୍ୟ ତାଙ୍କର ପ୍ରବେଶ ଥିଲା ଓ ସେ ଥିଲେ ଜଣେ ମହାନ ରାଷ୍ଟ୍ର ଚିନ୍ତକ। ତାଙ୍କର ଆଦର୍ଶ ଆଜିର ଯୁବ ଓ ଛାତ୍ର ସମାଜ ଲାଗି ଧ୍ୟେୟ ହେଉ ବୋଲି ଭଦ୍ରକର ସଂସ୍କୃତି ଭବନ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୯୮ତମ ଶ୍ରାଦ୍ଧୋତ୍ସବ ସମାରୋହରେ ଅତିଥିମାନେ ମତ ରଖିଛନ୍ତି। ସମାଜ ଓ ଲୋକସେବକ ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ଏହି ସମାରୋହରେ ଶିକ୍ଷାବିତ୍ ଡ. ବାସୁଦେବ ବାରିକ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲାପାଳ ଡ. ଦିଲ୍ଲୀପ ରାଉତରାଏ ମୁଖ୍ୟଅତିଥି ଏବଂ ପଣ୍ଡିତ ବୀରେନ୍ଦ୍ର ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ଜିଲ୍ଲାପାଳ ଡ. ରାଉତରାଏ ଭାଷଣରେ କହିଥିଲେ ଯେ, ନେବାଠାରୁ ଦେବାରେ ଥାଏ ଅଧିକ ଆନନ୍ଦ। ଉତ୍କଳମଣି ତାଙ୍କ ଜୀବଦ୍ଦଶାରେ ସେବା ଓ ତ୍ୟାଗର ଯେଉଁ ନିଦର୍ଶନ ଛାଡ଼ି ଯାଇଛନ୍ତି ତାହାକୁ ଆଜିର ଛାତ୍ରଛାତ୍ରୀ ଓ ଯୁବସମାଜ ଅନୁକରଣ କରିବା ଉଚିତ୍। ପଣ୍ଡିତ ଶ୍ରୀ ପଣ୍ଡା ନିଜ ଭାଷଣରେ ଭଲ ମଣିଷ ଓ ବଡ଼ ମଣିଷ ଭିତରେ ଥିବା ଫରକ ଏବଂ 'ପ୍ରକୃତ ସେବା ଓ ସେବା ପ୍ରଦର୍ଶନ' ସମ୍ପର୍କରେ ଥିବା ପ୍ରଭେଦ ସମ୍ପର୍କରେ ବୁଝାଇଥିଲେ। ସ୍ମୃତିରଞ୍ଜନ ସାହୁ ପ୍ରାରମ୍ଭିକ ସୂଚନା ଦେଇ ଶ୍ରାଦ୍ଧୋତ୍ସବ ପାଳନ ଅବସରରେ 'ସମାଜ' ପକ୍ଷରୁ ଅନୁଷ୍ଠିତ କୁଇଜ୍, ଚିତ୍ରାଙ୍କନ ପ୍ରତିଯୋଗିତା ସମେତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୂଜ୍ୟପୂଜା ସଂସଦର କାର୍ଯ୍ୟକାରୀ ସଭାପତି ରୂପକ ବିହାରୀ ରାୟ ସ୍ୱାଗତ ଭାଷଣ ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଶୁଭମ୍ ନର୍ସିଂ କଲେଜର ଛାତ୍ରଛାତ୍ରୀମାନେ ଏଥିରେ ଅଂଶଗ୍ରହଣ କରିଥିଲେ। ଗାନ୍ଧୀ ବାଳାଶ୍ରମର ସମ୍ପାଦକ ଅଶୋକ ଦାସ, ଅଧୀକ୍ଷକ ହୃଷୀକେଶ ମହାନ୍ତି, ଡ. ପ୍ରଦୀପ ନାୟକ, ଇଂ ଅମ୍ବିକା ବଲ୍ଲଭ ସ୍ୱାଇଁ, ସାମ୍ବାଦିକ ରବି ନାରାୟଣ ଖିଲାର, ପ୍ରଧାନଶିକ୍ଷକ ବୈକୁଣ୍ଠ ବିଶ୍ୱାଳ, ନାଟ୍ୟଶ୍ରୀ ନିର୍ମଳ ରାଉତ, କ୍ରୀଡ଼ାବିତ୍ ଉପେନ୍ଦ୍ର ବାରିକ, ଯୁବନେତା ଜ୍ୟୋତିପ୍ରକାଶ ମହାନ୍ତି, ପ୍ରାକ୍ତନ ପାରିଷଦ ବସୁମିତ୍ରା ସାହୁ, ଶିକ୍ଷୟିତ୍ରୀ ଚାରୁଲତା ମହାପାତ୍ର, ସର୍ବୋଦୟ ମଣ୍ଡଳର ଅମର ପାଣିଗ୍ରାହୀ, ସାମ୍ବାଦିକ ଅରୂପ ଦଳେଇଙ୍କ ସମେତ ବହୁ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଜଗନ୍ନାଥ ରାଉତ, ସାମ୍ବାଦିକ ଅକ୍ଷୟବଳ, ସମାଜସେବୀ ଦିଲ୍ଲୀପ ନାୟକ, ତ୍ରିଲୋଚନ ପଣ୍ଡା, ମନୋଜ ଦାସ, କୁନି ମହାନ୍ତି, ସମୀରକାନ୍ତ ଦାସ, ରାଜେଶ ସାହୁ, ରମାକାନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।



ସକାଳ
THE SAKALA

# ସମ୍ପାଦକୀୟ



ମାନବଜାତିର ସର୍ବୋତ୍କୃଷ୍ଟ ମୁକ୍ତିପଥ ହେଉଛି ପାରସ୍ପରିକ ସହଯୋଗ।
-ବର୍ଟ୍ରାଣ୍ଡ ରସେଲ୍

## 'ଅଚ୍ଛେଦିନ'ର ଦୁର୍ଦ୍ଦିନ

୨୦୧୪ ସାଧାରଣ ନିର୍ବାଚନ ଫଳାଫଳକୁ ଦଶବର୍ଷର ରିମୋଟ କଣ୍ଟ୍ରୋଲ୍ ତଥା ଦୁର୍ନୀତିଗ୍ରସ୍ତ ଶାସନ ବିରୋଧୀ ଜନମତ ସହିତ ଆଉ ଯେଉଁକେତେକ କାରକ ପ୍ରଭାବିତ କରିଥିଲା, ସେଥିମଧ୍ୟରେ ମୁଖ୍ୟ ଥିଲା 'ଅଚ୍ଛେଦିନ'(ଭଲଦିନ) ଆସିବାର ନିର୍ଭରଯୋଗ୍ୟ ଓ ଦୃଢ଼ ପ୍ରତିଶ୍ରୁତି। କିନ୍ତୁ ଆଜିର 'ଅଚ୍ଛେଦିନ'ର ଅନୁଭବ ଆମ ଭିତରୁ ଯେକେହି ଅକ୍ଷେବହୁତ ଅନୁଭବ କରିପାରୁଛନ୍ତି। କାଗଜକଲମରେ ମୁଦ୍ରାସ୍ଫୀତି ହାର ନିୟନ୍ତ୍ରଣାଧୀନ ରହିଥିବା ଦର୍ଶାଯାଉଛି; କିନ୍ତୁ ବଜାର ଦର ଯେ ଉପଭୋକ୍ତାମାନଙ୍କୁ ଅତିଷ୍ଠ କରିସାରିଲାଣି ଏହା ଆଉ ଅସ୍ୱୀକାର କରଯାଇପାରିବ ନାହିଁ। ଏଥିସହିତ ଆୟ ସଂକୋଚନ, କ୍ରମବର୍ଦ୍ଧିଷ୍ଣୁ ଋଣ ଭାର, ବିପର୍ଯ୍ୟସ୍ତ ଶିକ୍ଷା ଓ ବ୍ୟୟବହୁଳ ଚିକିତ୍ସା ଭାରତୀୟଙ୍କୁ ୨୦୧୪ ପୂର୍ବବର୍ତ୍ତୀ ସମୟକୁ ସ୍ମରଣ ଓ ତୁଳନା କରିବାକୁ ବାଧ କରୁଛି। ପୂର୍ବ ସରକାର ଅମଳର ତଥାକଥିତ 'ବୁରେଦିନ'(ଖରାପ ସମୟ)ର ବ୍ୟାଖ୍ୟାନ ଓ ବର୍ତ୍ତମାନର 'ଅଚ୍ଛେଦିନ'ର ବାସ୍ତବତା ସହିତ ତୁଳନା କରିବା ବେଳେ ଆଇନାଟିଏ ଆବଶ୍ୟକ ପଡୁଛି ଏବଂ ଏହାର ପ୍ରତିଛବି କେତେ ଚିନ୍ତାଜନକ ତାହା ବୁଝାପଡୁଛି।

ନିଜର ଓ ପରିବାରର ଆର୍ଥିକ ଭବିଷ୍ୟତକୁ ସୁରକ୍ଷିତ ରଖିବା ଏବଂ ଜରୁରିକାଳୀନ ସମୟରେ ଉପଯୋଗ କରି ଜନଜୀବନକୁ ଦୁର୍ଦ୍ଦିନରୁ ସୁରକ୍ଷା ଦେବାର ମହତ୍ ଲକ୍ଷ୍ୟ ନେଇ ଆରମ୍ଭ ହୋଇଥିଲା ବୀମା ଯୋଜନା। ଏଥିସହିତ ଜଡ଼ିତ ପ୍ରିମିୟମ ଏକପ୍ରକାର ଦୀର୍ଘମିଆଦୀ ସଞ୍ଚୟ ମନୋବୃତ୍ତିକୁ ପ୍ରୋତ୍ସାହିତ କରିବା ସହିତ ବଦ୍‌ଖର୍ଚ୍ଚରୁ ବୀମାଧାରୀଙ୍କୁ ଆକଟ କରେ। ତେଣୁ ସାଧାରଣତଃ ବୀମା ଅବଧି(ମାଚ୍ୟୁରିଟି) ପୂରଣ ନ ହେବା ପର୍ଯ୍ୟନ୍ତ କିମ୍ବା ଅତ୍ୟାବଶ୍ୟକ ନଥିବା ପର୍ଯ୍ୟନ୍ତ ବୀମା ଯୋଜନାକୁ କେହି କେବେ ବନ୍ଦ କରନ୍ତି ନାହିଁ। ଅବଧି ସରିବା ପୂର୍ବରୁ ଯୋଜନା ବନ୍ଦ କରିବାର ମାନସିକତାକୁ ନିରୁତ୍ସାହିତ କରିବା ପାଇଁ ଆର୍ଥିକ ଜୋରିମାନାର ବ୍ୟବସ୍ଥା ମଧ୍ୟ ରହିଛି। କିନ୍ତୁ ଗତ ପାଞ୍ଚ ବର୍ଷ ଭିତରେ ବୀମାଧାରୀମାନେ ବୀମା ଜମା ପ୍ରତ୍ୟାହାର କରିବାର ଅଭୂତପୂର୍ବ ଧାରା ଦେଖିବାକୁ ମିଳିଛି। ଏହି ତଥ୍ୟ ଅଧୁନା କେନ୍ଦ୍ର ସରକାରଙ୍କ ଅଦୃଶ୍ୟ ଇଚ୍ଛାରେ ପରିଚାଳିତ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆରବିଆଇ) ଦେଇଥିବାରୁ ଏହାକୁ କପୋଳକଳ୍ପିତ କିମ୍ବା ବିଭ୍ରାନ୍ତିକର ବୋଲି ଅଭିଯୋଗ କରାଯାଇପାରିବ ନାହିଁ। ବିଶେଷକରି ଜୀବନବୀମା କ୍ଷେତ୍ରରେ ଏଭଳି ବିଡ଼ମ୍ବନା ଅଧିକ ପରିଲକ୍ଷିତ ହୋଇଛି। ଅବଧି ପୂର୍ବରୁ ପ୍ରତ୍ୟାହାର ବାବଦକୁ ବୀମାଧାରୀମାନେ ସାମଗ୍ରିକ ଭାବେ ୩୧ ହଜାର କୋଟି ଟଙ୍କା କ୍ଷତି ସହିଛନ୍ତି ବା ଜୋରିମାନା ବାବଦକୁ ବିଭିନ୍ନ ବୀମା କମ୍ପାନୀକୁ ଦେଇଛନ୍ତି। ଅପରପକ୍ଷରେ ବୀମା କମ୍ପାନୀମାନେ ଏହି ପରିମାଣର ଅତିରିକ୍ତ ଲାଭ ପାଇଛନ୍ତି।

ଆରବିଆଇର ତଥ୍ୟାନୁଯାୟୀ ଗତ ଚାରିବର୍ଷ ଭିତରେ ପ୍ରତି ଶହେ ଜଣରେ ୩୮ ଜଣ ବୀମା ଅଧାରୁ ବନ୍ଦ କରୁଛନ୍ତି ବା ପ୍ରତ୍ୟାହାର କରିନେଇଛନ୍ତି। ସେହିପରି ଆଇଆରଡିଏ(ବୀମା ନିୟାମକ ଓ ବିକାଶ କର୍ତ୍ତୃପକ୍ଷ)ଙ୍କ ସୂଚନା ଅନୁଯାୟୀ ଗତ ପାଞ୍ଚବର୍ଷ ଭିତରେ ବୀମା ଅବଧି ପୂରଣ କରୁଥିବା ବୀମାଧାରୀଙ୍କ ସଂଖ୍ୟା ୪୮%ରୁ ୩୬.୯%କୁ ହ୍ରାସ ପାଇଛି। ୨୦୨୫-୨୬ ଆର୍ଥିକ ବର୍ଷରେ ଅବଧି ପୂରଣ କରିଥିବା ବୀମାଧାରୀଙ୍କୁ ୨.୬୯ ଲକ୍ଷ କୋଟି ଟଙ୍କା ଦିଆଯାଇଥିବା ବେଳେ ଅବଧି ପୂରଣ ପୂର୍ବରୁ ଦାବି କରିଥିବା ବୀମାଧାରୀଙ୍କୁ ଟଙ୍କା ଫେରସ୍ତ ପରିମାଣ ଥିଲା ୨.୮ ଲକ୍ଷ କୋଟି ଟଙ୍କା। ଆର୍ଥିକ ଜୋରିମାନା ବା କ୍ଷତି ସହି ମଧ୍ୟ ବୀମାଧାରୀମାନେ ବୀମା ପ୍ରତ୍ୟାହାର କରିନେବା ପଛରେ ଭାରତୀୟ ଉପଭୋକ୍ତାମାନଙ୍କର ଦେଶର ଅର୍ଥନୀତି ପ୍ରତି ଅସୁରକ୍ଷିତ ଭାବନା ଏବଂ ଦୈନନ୍ଦିନ ଜୀବନ ନିର୍ବାହ କରିବାରେ ଆର୍ଥିକ ପ୍ରତିବନ୍ଧକ ମୁଖ୍ୟ କାରଣ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ଗତ ପାଞ୍ଚବର୍ଷ ଭିତରେ ସ୍ୱାସ୍ଥ୍ୟ ବୀମା ବାବଦ ଦାବିରେ ୫୫% ବୃଦ୍ଧି ଘଟିଛି। ଏଥିରୁ ସ୍ୱାସ୍ଥ୍ୟ ସେବା ଆମ ଦେଶରେ କିଭଳି ମହଙ୍ଗା ହୋଇଚାଲିଛି ତାହା ଅନୁମେୟ। ଅର୍ଥାତ୍ 'ଅଚ୍ଛେଦିନ'ର 'ବର୍ତ୍ତମାନ' ଏଭଳି ଦୁର୍ବିସହ ହୋଇପଡ଼ିଛି ଯେ ଲୋକମାନେ ଭବିଷ୍ୟତର ସୁରକ୍ଷା ପାଇଁ ଯୋଜନା ଓ ସଞ୍ଚୟ କରିବାକୁ ସାହସ ଜୁଟାଇ ପାରୁନାହାନ୍ତି।

ବିଜ୍ଞାପନ ଓ ତୁଳନାତ୍ମକ ଜୀବନଚର୍ଯ୍ୟାରେ ପ୍ରଲୋଭିତ ହୋଇ ନିମ୍ନ-ମଧ୍ୟବିତ୍ତ ଓ ମଧ୍ୟବିତ୍ତମାନେ ଅଧିକରୁ ଅଧିକ ବିଳାସପୂର୍ଣ୍ଣ ଓ ଆରାମଦାୟକ ସାମଗ୍ରୀମାନ ଆହରଣ କରିବାରେ ଲାଗିଛନ୍ତି। ଏବେ ଋଣରେ ସବୁକିଛି ଉପଲବ୍ଧ ହେଉଥିବାରୁ ଇଚ୍ଛା କରିବାର ମାତ୍ର କିଛି ଘଣ୍ଟା ମଧ୍ୟରେ ସେ ସବୁ ଘରେ ପହଞ୍ଚି ଯାଉଛି। ତା'ପରେ ଆସୁଛି ଋଣ କିସ୍ତି ପରିଶୋଧ ବାବଦ ଆର୍ଥିକ ଚାପ, ଯାହା ସାଧାରଣତଃ ମାସିକ ଆୟ ବା ରୋଜଗାରରୁ ଭରଣା ହୋଇଥାଏ। ଏବେ ସାଧାରଣ ଜୀବନଚର୍ଯ୍ୟା ଏତେ ମହଙ୍ଗା ହୋଇଯାଇଛି ଯେ ନିତ୍ୟବ୍ୟବହାର୍ଯ୍ୟ ଓ ଅତ୍ୟାବଶ୍ୟକ ସାମଗ୍ରୀରେ ରୋଜଗାର ନିଅଣ୍ଟ ପଡୁଛି। ସଞ୍ଚୟ ଦୂରେ ଥାଉ କିସ୍ତି ପରିଶୋଧ ପାଇଁ ହାତରେ ଆଉ କିଛି ବଳକା ରହୁନାହିଁ। ତେଣୁ ବାଧହୋଇ ବୀମା ଯୋଜନାରେ ଯାହା କିଛି ସଞ୍ଚିତ ରହିଛି ତାହାକୁ ପ୍ରତ୍ୟାହାର କରି କିସ୍ତି ପରିଶୋଧରେ ବିନିଯୋଗ କରିବା ଛଡ଼ା ଉପାୟ ନାହିଁ।

ଗତ ୧୨ ବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ଋଣ ଭାର ୭୦% ବୃଦ୍ଧି ପାଇ ୭୨ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ପୁଞ୍ଜି ବ୍ୟୟ ବରାଦ ଲକ୍ଷ୍ୟ ପୂରଣ ପାଇଁ ସରକାର ବିଭିନ୍ନ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ପୁଞ୍ଜି ପ୍ରତ୍ୟାହାର କରୁଛନ୍ତି କିମ୍ବା ଘରୋଇ କମ୍ପାନୀକୁ ହସ୍ତାନ୍ତର କରୁଛନ୍ତି। ଏହିକ୍ରମରେ ଭାରତୀୟ ଜୀବନ ବୀମା ନିଗମ(ଏଲ୍‌ଆଇସି)ରୁ ମଧ୍ୟ ବିପୁଳ ପରିମାଣର ପୁଞ୍ଜି ପ୍ରତ୍ୟାହାର ହୋଇଛି। ଆରବିଆଇର ଲାଭାଂଶରୁ ଏକ ବଡ଼ ଅଂଶ କେନ୍ଦ୍ରୀୟ ରାଜକୋଷକୁ ଯାଉଛି। ତେଣୁ ଅଚ୍ଛେଦିନର ଆର୍ଥିକ ସ୍ୱାସ୍ଥ୍ୟ ଦିନକୁ ଦିନ ବିଗିଡ଼ି ଯାଉଥିବା ଅନୁଭୂତ ହେଉଛି। ଆର୍ଥିକ ସାକ୍ଷର, ସଚେତନ ଓ ସ୍ୱଚ୍ଛଳ ବୀମାଧାରୀମାନେ ବୀମାବାବଦ ଜମାକୁ ପ୍ରତ୍ୟାହାର କରିନେଇ ଅନ୍ୟାନ୍ୟ ଲାଭଜନକ କ୍ଷେତ୍ରରେ ବିନିଯୋଗ କରିବାକୁ ଉଚିତ ମଣୁଛନ୍ତି। ଆଉ କେତେକ ବିଭିନ୍ନ ବ୍ୟାଙ୍କ ଓ ଡାକଘର ଦୀର୍ଘମିଆଦୀ ଜମାରେ ନିବେଶ କରୁଛନ୍ତି। ଏସବୁକୁ ନିରବରେ ଅନୁଧ୍ୟାନ କରୁଥିବା ମଧ୍ୟବିତ୍ତ ଓ ନିମ୍ନ-ମଧ୍ୟବିତ୍ତ 'ଆପେ ବଞ୍ଚିଲେ ବାପର ନାଁ' ନ୍ୟାୟରେ ଭବିଷ୍ୟତ ପିଢ଼ିଙ୍କ ଭବିଷ୍ୟତ ଚିନ୍ତା ମଧ୍ୟ ଛାଡ଼ି ଦେଉଛନ୍ତି। ଯାହା କିଛି ଖାଇବାକୁ ମିଳୁଛି ତାହା ମଧ୍ୟ ଆଗାମୀ ଦିନରେ ଏଆଇ ଛଡ଼େଇ ନେବାର କ୍ଷେତ୍ର ପ୍ରସ୍ତୁତ ହୋଇସାରିଛି। କାରଣ ଏଆଇ ଡାଟାସେଣ୍ଟର ହବ୍ ହେବା ପାଇଁ ଭାରତ ଘୋଷଣା କରିସାରିଥିବାରୁ ଚାଷ କରିବା ଦୂରେ ଥାଇ ପିଇବା ପାଇଁ ବିଶୁଦ୍ଧ ପାଣି ମଧ୍ୟ ମିଳିବାର ସମ୍ଭାବନାମାନ ସରି ଯାଉଛି। 'ଅଚ୍ଛେଦିନ'ର ଅବଦାନ ଏହାଠାରୁ ବଳି ଆଉ କ'ଣ ହୋଇପାରେ!।

## ବଦଳୁଛି ପରିବେଶ, ହଜୁଛି ପରିଚୟ

**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ଜଳବାୟୁ ପରିବର୍ତ୍ତନ କେବଳ ପ୍ରକୃତିର ଏକ ଭୌଗୋଳିକ ସଙ୍କଟ ନୁହେଁ, ବରଂ ଏହା ମାନବ ସଭ୍ୟତା ଓ ଅସ୍ତିତ୍ୱ ପ୍ରତି ସବୁଠାରୁ ବଡ଼ ଆହ୍ୱାନ। ସାଧାରଣତଃ ଆମେ ଜଳବାୟୁ ପରିବର୍ତ୍ତନ କହିଲେ ହିମବାହ ତରଳିବା, ତାପମାତ୍ରା ବଢ଼ିବା କିମ୍ବା ସମୁଦ୍ର ପତ୍ତନ ବୃଦ୍ଧି ପାଇବା ଭଳି ପରିବେଶ ଜନିତ ସମସ୍ୟାକୁ ବୁଝିଥାଉ। କିନ୍ତୁ ଏହାର ଏକ ଭୟଙ୍କର ସାମାଜିକ ଦିଗ ରହିଛି, ଯାହା ଉପରେ ଖୁବ୍ କମ୍ ଆଲୋଚନା ହୋଇଥାଏ। ସାରା ବିଶ୍ୱରେ ଏଭଳି ବହୁସଂଖ୍ୟକ ଲୋକ ଅଛନ୍ତି, ଯେଉଁମାନଙ୍କୁ ବନ୍ୟା, ସାମୁଦ୍ରିକ କୂଳବର୍ତ୍ତୀ କ୍ଷୟ, ମରୁଡ଼ି ଓ ବାତ୍ୟା ଭଳି ଚରମ ପାଣିପାଗ ପରିସ୍ଥିତି ଘର ଛାଡ଼ିବାକୁ ବାଧ କରୁଛି। ଭାରତ ଭଳି ଦ୍ରୁତବିକାଶଶୀଳ ଦେଶରେ ଏହି ସମସ୍ୟା ଗମ୍ଭୀର ରୂପ ଧାରଣ କଲାଣି। ଯେଉଁଠାରେ ସୁନ୍ଦରବନରୁ ବ୍ରହ୍ମପୁତ୍ରର ଉପତ୍ୟକା ଏବଂ ଉତ୍ତରାଖଣ୍ଡର ପାର୍ବତ୍ୟ ଅଞ୍ଚଳ ପର୍ଯ୍ୟନ୍ତ କୋଟି କୋଟି ଲୋକ ଆଭ୍ୟନ୍ତରୀଣ ବିସ୍ଥାପନର ଶିକାର ହେଉଛନ୍ତି।

ଆଭ୍ୟନ୍ତରୀଣ ବିସ୍ଥାପନ ନିରୀକ୍ଷଣ କେନ୍ଦ୍ର(ଆଇଡିଏମ୍‌ସି) ଅନୁଯାୟୀ, ୨୦୧୫ ରୁ ୨୦୨୪ ମସିହା ମଧ୍ୟରେ ଭାରତରେ ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ୩.୨୩ କୋଟିରୁ ଅଧିକ ଆଭ୍ୟନ୍ତରୀଣ ବିସ୍ଥାପନ ରେକର୍ଡ କରାଯାଇଛି। କେବଳ ୨୦୨୪ ମସିହାରେ ହିଁ ପ୍ରାୟ ୫୪ ଲକ୍ଷ ଲୋକ ବନ୍ୟା, ବାତ୍ୟା ଓ ଅନ୍ୟାନ୍ୟ ପାଣିପାଗ ଜନିତ ବିପର୍ଯ୍ୟୟ ଯୋଗୁଁ ବିସ୍ଥାପିତ ହୋଇଛନ୍ତି। ଏହି ପରିସଂଖ୍ୟାନ ମଧ୍ୟରେ ଏମିତି ପରିବାର ଅଛନ୍ତି, ଯେଉଁମାନଙ୍କ ଘର ଭାସି ଯାଇଛି, ଚାଷଜମି ପାଣିରେ ବୁଡ଼ି ଯାଇଛି, ରୋଜଗାର ନାହିଁ ଏବଂ ପିଲାମାନଙ୍କର ଶିକ୍ଷା ମଝିରୁ ବନ୍ଦ ହୋଇଯାଇଛି। ବିସ୍ଥାପନର ସବୁଠାରୁ ବଡ଼ ଦୁଃଖ ଏହା ଯେ, ଏହି ଲୋକମାନେ କେବଳ ଭୌଗୋଳିକ ଭାବେ ନୁହେଁ, ବରଂ ସାମାଜିକ ଏବଂ ସାଂସ୍କୃତିକ ଭାବେ ମଧ୍ୟ ଅଲଗା ହୋଇଯା'ନ୍ତି। ସୁନ୍ଦରବନ ଅଞ୍ଚଳକୁ ଏହି ବିପତ୍ତିର ସବୁଠାରୁ ଜୀବନ୍ତ ଉଦାହରଣ କୁହାଯାଇପାରେ। ସେଠାରେ ସମୁଦ୍ରର ବଢ଼ୁଥିବା ଜଳପତ୍ତନ, ବାତ୍ୟା ଓ ଉପକୂଳ କ୍ଷୟ ହେତୁ ହଜାର ହଜାର ପରିବାର ବାରମ୍ବାର ବିସ୍ଥାପିତ ହୋଇଛନ୍ତି। କେବେ ହଜାର ହଜାର ଲୋକଙ୍କ ଘର ଥିବା ଘୋରାମାରା ଦ୍ୱୀପ କ୍ରମାଗତ ଭାବେ ସଙ୍କୁଚିତ ହେବାରେ ଲାଗିଛି। ଚାଷଜମିରେ ଲୁଣାପାଣି ପଶିଯିବା ଯୋଗୁଁ ବହୁସଂଖ୍ୟାରେ ଲୋକ କୋଲକାତା ଓ ଅନ୍ୟାନ୍ୟ ସହର ଆଡ଼କୁ ପଳାୟନ କରୁଛନ୍ତି। ଆସାମର ବ୍ରହ୍ମପୁତ୍ର ଅଞ୍ଚଳ ଭିନ୍ନ ଏକ ଚିତ୍ର ଉପସ୍ଥାପନ କରେ। ବ୍ରହ୍ମପୁତ୍ର ନଦୀ ପ୍ରତିବର୍ଷ ହଜାର ହଜାର ପରିବାରକୁ ବାସହରା କରିଥାଏ। ଅନେକ ପରିବାର ବର୍ଷା ଦିନେ ରିଲିଫ୍ କ୍ୟାମ୍ପରେ ରହନ୍ତି ଏବଂ ପାଣି କମିଯିବା ପରେ ପୁଣି ସେହି ଅସୁରକ୍ଷିତ ଜମିକୁ ଫେରିଆସନ୍ତି। ଉତ୍ତରାଖଣ୍ଡ ଏବଂ ଅନ୍ୟାନ୍ୟ ପାର୍ବତ୍ୟ ରାଜ୍ୟଗୁଡ଼ିକର ସ୍ଥିତି ମଧ୍ୟ ଅନୁରୂପ। ଏଠାରେ ବାଦଲଫଟା ବର୍ଷା, ଭୂସ୍ଖଳନ ଓ ଆକସ୍ମିକ ବନ୍ୟା ଗାଁଗୁଡ଼ିକୁ ଅସୁରକ୍ଷିତ କରିଦେଉଛି।

ଯୋଶୀମଠର ଭୂ-ଧସିବା ହେଉ କିମ୍ବା କେଦାରନାଥ କ୍ଷୟକ୍ଷତି, ଏହିସବୁ ଘଟଣା ଏହି ବାର୍ତ୍ତା ଦେଇଛି ଯେ ଜଳବାୟୁ ପରିବର୍ତ୍ତନ ଏବେ ପାହାଡ଼ଗୁଡ଼ିକୁ ମଧ୍ୟ ସୁରକ୍ଷିତ ରଖୁନାହିଁ। ପାଣିପାଗ ଜନିତ ବିପର୍ଯ୍ୟୟ ଯୋଗୁଁ ଦେଶରେ ଲୋକଙ୍କ ଜୀବନ ଯିବାର ସଂଖ୍ୟା ଗତ ପଚିଶ ବର୍ଷ ମଧ୍ୟରେ ୨୬୯ ପ୍ରତିଶତ ବୃଦ୍ଧି ପାଇଛି। ବିହାର, ଝାଡ଼ଖଣ୍ଡ ଓ ବୁନ୍ଦେଲଖଣ୍ଡ ଭଳି ଅଞ୍ଚଳରେ ଏହି ସଙ୍କଟର ରୂପ ଭିନ୍ନ। ଏଠାରେ ମରୁଡ଼ି ଏବଂ କୃଷି କ୍ଷେତ୍ର ହ୍ରାସ ଲୋକଙ୍କୁ ରୋଜଗାର ସନ୍ଧାନରେ ପଳାୟନ କରିବାକୁ ବାଧ କରୁଛି। ଜଳବାୟୁ ପରିବର୍ତ୍ତନ ଏବଂ ଆର୍ଥିକ ଅସୁରକ୍ଷିତତା ମିଶି ଏଭଳି ଏକ ଧୀମା ବିସ୍ଥାପନକୁ ଜନ୍ମ ଦେଉଛି, ଯାହା ହଠାତ୍ ଦେଖାଯାଏ ନାହିଁ; କିନ୍ତୁ ସମାଜକୁ ଭିତରୁ ବଦଳାଇ ଦିଏ। ସବୁଠାରୁ ଚିନ୍ତାର ବିଷୟ ହେଉଛି ଜଳବାୟୁ ଶରଣାର୍ଥୀଙ୍କର କୌଣସି ସ୍ପଷ୍ଟ ଆଇନଗତ ପରିଚୟ ନଥାଏ। ସମସ୍ୟା ହେଉଛି ସାମ୍ବିଧାନିକ ଅଧିକାର ଥିବା ସତ୍ତ୍ୱେ ଜଳବାୟୁ ବିସ୍ଥାପିତଙ୍କ ପୁନର୍ବାସ, ପରିଚୟ ଓ ସାମାଜିକ ସୁରକ୍ଷା ପାଇଁ କୌଣସି ସ୍ପଷ୍ଟ ଜାତୀୟ ଆଇନ ନାହିଁ। ଫଳସ୍ୱରୂପ, ଅନେକ ପରିବାର ବର୍ଷ ବର୍ଷ ଧରି ଅସ୍ଥାୟୀ ବସ୍ତି, ଭଡ଼ା ଘର କିମ୍ବା ଅନୌପଚାରିକ ଶ୍ରମ ବଜାରରେ ଜୀବନ ଅତିବାହିତ କରନ୍ତି। ବିଶେଷକରି ଦଳିତ, ଆଦିବାସୀ ଓ ଭୂମିହୀନ ସମ୍ପ୍ରଦାୟ ପୁନର୍ବାସ ଯୋଜନାରୁ ବାଦ୍ ପଡ଼ିଯା'ନ୍ତି। କାରଣ ସେମାନଙ୍କ ପାଖରେ ଜମି ମାଲିକାନାର କୌଣସି ଆନୁଷ୍ଠାନିକ ଦଲିଲ ନଥାଏ।

୧୯୫୧ ମସିହାର ଶରଣାର୍ଥୀ ସମ୍ମିଳନୀ(ରେଫ୍ୟୁଜି କନ୍‌ଭେନ୍‌ସନ୍) କେବଳ ନିର୍ଯାତନା, ଯୁଦ୍ଧ କିମ୍ବା ରାଜନୈତିକ କାରଣରୁ ବିସ୍ଥାପିତ ଲୋକଙ୍କୁ ହିଁ ଶରଣାର୍ଥୀ ବୋଲି ଗ୍ରହଣ କରେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ ବିସ୍ଥାପିତ ବ୍ୟକ୍ତି ଏହି ସଂଜ୍ଞା ଅଧୀନରେ ଆସନ୍ତି ନାହିଁ। ତେଣୁ ଅଧିକାଂଶ ଜଳବାୟୁ ଶରଣାର୍ଥୀଙ୍କୁ ଏହି ଅନ୍ତର୍ଜାତୀୟ ଆଇନର ସୁରକ୍ଷା ମିଳିପାରେ ନାହିଁ। ଅବଶ୍ୟ ବିଶ୍ୱର ଅନେକ ଦେଶ ଏହି ଦିଗରେ ପଦକ୍ଷେପ ନେଇଛନ୍ତି। ନ୍ୟୁଜିଲାଣ୍ଡ ଜଳବାୟୁ ବିପଦରେ ଥିବା ପ୍ରଶାନ୍ତ ମହାସାଗରୀୟ ଦ୍ୱୀପପୁଞ୍ଜର ନାଗରିକମାନଙ୍କ ପାଇଁ ସ୍ୱତନ୍ତ୍ର ପ୍ରବାସନ ମାର୍ଗ ଉପରେ ବିଚାର କରୁଛି। ଫିଜି ଯୋଜନାବଦ୍ଧ ପୁନର୍ବାସ ନୀତି ଆପଣେଇଛି। ଆଫ୍ରିକୀୟ ଦେଶଗୁଡ଼ିକରେ 'କମ୍ପାଲା କନଭେନସନ' ଆଭ୍ୟନ୍ତରୀଣ ବିସ୍ଥାପନର ମୁକାବିଲା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଢାଞ୍ଚା ପ୍ରଦାନ କରେ। ମିଳିତ ଜାତିସଂଘ ଓ ଅନ୍ତର୍ଜାତୀୟ ପ୍ରବାସନ ସଂଗଠନ ମଧ୍ୟ ଜଳବାୟୁ-ପ୍ରେରିତ ବିସ୍ଥାପନକୁ ଏକ ଭିନ୍ନ ନୀତି ଶ୍ରେଣୀ ଭାବେ ବୁଝିବା ଏବଂ ସେମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା ବିକଶିତ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି।

ଜଳବାୟୁ ପରିବର୍ତ୍ତନର ସଙ୍କଟ କେବଳ ବଢ଼ୁଥିବା ତାପମାତ୍ରା ନୁହେଁ, ବରଂ ଏହା ଲୋକଙ୍କୁ ନିଜ ଘରେ ହିଁ ଅସୁରକ୍ଷିତ କରିଦେଉଛି। ଭାରତ ସମେତ ବିଶ୍ୱର ଅନେକ ଭାଗରେ କୋଟି କୋଟି ଲୋକ ଅଛନ୍ତି, ଯେଉଁମାନଙ୍କ ପ୍ରଶ୍ନ ଏହା ଯେ ସେମାନେ ଆସନ୍ତା ବର୍ଷଗୁଡ଼ିକରେ ନିଜ ଗାଁ, ନିଜ ଚାଷଜମି ଏବଂ ନିଜ ଘରେ ରହିପାରିବେ କି ନାହିଁ? କୌଣସି ପରିବାର ନିଜ ଘର ଛାଡ଼ିଲେ ସ୍ମୃତି, ସାମାଜିକ ସମ୍ପର୍କ, ସାଂସ୍କୃତିକ ପରିଚୟ ଓ ସୁରକ୍ଷିତ ଭବିଷ୍ୟତ ମଧ୍ୟ ହରାଇଥା'ନ୍ତି।

ଆମ ପାଖରେ ବିପର୍ଯ୍ୟୟ ପରିଚାଳନା ଅଧିନିୟମ ଅଛି। ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଅଛନ୍ତି। ରିଲିଫ୍ ଓ ପୁନର୍ବାସର ବ୍ୟବସ୍ଥା ମଧ୍ୟ ରହିଛି। କିନ୍ତୁ ସେମାନଙ୍କର ଧ୍ୟାନ ପ୍ରାୟତଃ ବିପର୍ଯ୍ୟୟର ତତ୍କାଳୀନ ପ୍ରଭାବ ମଧ୍ୟରେ ସୀମିତ ଥାଏ। ଜଳବାୟୁ ପରିବର୍ତ୍ତନରୁ ସୃଷ୍ଟି ହେଉଥିବା ଦୀର୍ଘକାଳୀନ ବିସ୍ଥାପନ ପାଇଁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ଜାତୀୟ ନୀତି ନାହିଁ। ଫଳସ୍ୱରୂପ ପ୍ରଭାବିତ ଲୋକମାନେ ଶାରୀରିକ କଷ୍ଟ ସହିତ ଭବିଷ୍ୟତକୁ ନେଇ ଗଭୀର ଅନିଶ୍ଚିତତା ଓ ଭୟ ମଧ୍ୟରେ ବଞ୍ଚନ୍ତି।

ନୟାଗଡ଼, ମୋ: ୯୪୩୭୬୪୨୯୪୭

## ସୁସନ୍ତାନ ଖୋଜା ପଡୁଛି

**ସ୍ମୃତିରେଖା ମହାକୁଡ଼**

କେବେବେଳେ ଆମ ମନରେ ପ୍ରଶ୍ନ ଉଠେ ରାମକୃଷ୍ଣ, ବିବେକାନନ୍ଦ, ବୁଦ୍ଧ, ଗୋପବନ୍ଧୁ, ଶ୍ରୀମା, ଅରବିନ୍ଦଙ୍କ ପରି ଯଶସ୍ୱୀ ସନ୍ତାନ କାହିଁକି ଆଉ ଧରାବତରଣ କରୁନାହାନ୍ତି? ଦାସିଆବାଉରୀ ହାତରୁ ମହାପ୍ରଭୁ ନଡ଼ିଆ ନେବା ଅବା ସାଲବେଗ ପାଇଁ ରଥ ଅଟକିବା ଭଳି ଅଲୌକିକତା କାହିଁ ଆମ ଜୀବନରେ ତ ଘଟୁନାହିଁ? ବାସ୍ତବରେ କ'ଣ ଆମ ସମାଜରେ ଉତ୍ତମ ଗୁଣସମ୍ପନ୍ନ ମଣିଷ ଆଦୌ ନାହାନ୍ତି? ସେଥିପାଇଁ ବୋଧେ ସେଦିନ ଗ୍ରୀକ୍ ଦାର୍ଶନିକ ଡାଇଓଜିନିଜ ଏଥେନ୍ସ ନଗରୀର ରାଜରାସ୍ତାରେ ସ୍ପଷ୍ଟ ଦିବାଲୋକରେ ପାଗଳ ପ୍ରାୟ ହାତରେ ଜଳନ୍ତା ମଶାଲ ଧରି ଭଲ ମଣିଷଟିଏ ଖୋଜୁଥିଲେ, କିନ୍ତୁ ପାଇନଥିଲେ।

ବର୍ତ୍ତମାନ ବ୍ୟକ୍ତି ମଧ୍ୟରେ ମନର ପବିତ୍ରତା, ସତ୍ୟନିଷ୍ଠା ଓ ମାନବସେବା କ୍ରମଶଃ ଲୋପ ପାଇଯାଉଛି। ପ୍ରେମ, ଦୟା, କ୍ଷମା ଓ ସହଯୋଗ ପରି ମାନବୀୟ ମୂଲ୍ୟବୋଧ ଜୀବନରେ ଗ୍ରହଣ କରିବାକୁ ଯୁବସମାଜ ଅଗ୍ରାହ୍ୟ ପ୍ରକାଶ କରୁଛନ୍ତି। ଆମେ ଆଜି ଅଧୋପତନର ଅତଳ ଗହ୍ୱରରେ ପଡ଼ି ପଶୁତ୍ୱ ଆମକୁ ଆକ୍ରମଣ କରି ତଳିତଳାନ୍ତ କରିଦେଉଛି। ସମ୍ପ୍ରତି ଉନ୍ନତ ବୈଜ୍ଞାନିକ ପଦ୍ଧତିରେ ଚାଷ କରି ଆମେ ଉତ୍ପାଦନ ବୃଦ୍ଧି କରିପାରିଛୁ। ବିଭିନ୍ନ ଜୀବଜନ୍ତୁ ଓ ଉଦ୍ଭିଦର ଜନ୍ମ ଓ ବିକାଶ ଯେପରି ଉନ୍ନତ ହେବ, ସେଥିପାଇଁ ପ୍ରଜନ୍ମ ବିଜ୍ଞାନୀମାନେ ପ୍ରୟାସ ଜାରି ରଖିଛନ୍ତି। କିନ୍ତୁ ଉତ୍ତମ ମାନବ ସମ୍ବଳ ଗଠନ ଦିଗରେ କାହାରି ଉଦ୍ୟମ ନାହିଁ। ଆଜି ପରିବାରରେ କେହି କାହା କଥା ମାନିବାକୁ ନାରାଜ। ବିଶେଷ କରି ଯୁବଗୋଷ୍ଠୀ ନିଶାଗ୍ରସ୍ତ ହୋଇ ଅନେକ ଦୌରାତ୍ମ୍ୟ ରଚୁଛନ୍ତି। ତେଣୁ ସୁସନ୍ତାନ ସୃଷ୍ଟି ପାଇଁ ପିତାମାତା ମଧ୍ୟ ଶ୍ରେଷ୍ଠ ବିଚାରଧାରା ସମ୍ପନ୍ନ ହେବା ଆବଶ୍ୟକ। ଆଜିକାଲି ବିବାହର ଅର୍ଥ ଲୋକେ ବୁଝନ୍ତି ମଦ୍ୟନିଶାରେ ଚୁର ହୋଇ ବାଜା ବାଣରେ ଆକାଶ ପୃଥିବୀ କମ୍ପାଇ, ନିରୀହ ପଶୁପକ୍ଷୀଙ୍କ ହାତଗୋଡ଼ ଚୋବାଇ ମତୁଆଲା ହେବା। ଦାମ୍ପତ୍ୟ ଜୀବନର ପ୍ରମୁଖ ଉଦ୍ଦେଶ୍ୟ ପରିବାରକୁ ଶ୍ରେଷ୍ଠ ସଦସ୍ୟ ଅର୍ଥାତ୍ ସର୍ବଗୁଣାବଳୀ, ସ୍ୱାସ୍ଥ୍ୟବାନ, ଚରିତ୍ରବାନ ଏବଂ ଯଶସ୍ୱୀ ସନ୍ତାନ ପ୍ରଦାନ ଏବଂ ସମାଜକୁ ଉତ୍କୃଷ୍ଟ ନାଗରିକ ପ୍ରଦାନ କରିବା। ସନ୍ତାନମାନଙ୍କ ଶାରୀରିକ, ମାନସିକ ଏବଂ ଭାବନାତ୍ମକ ବିକାଶ କରିବାର କ୍ଷମତା ଯଦି ନିଜ ଠାରେ ନଥାଏ, ତେବେ ସନ୍ତାନ ଉତ୍ପାଦନର ଦୁଃସାହସ କରିବା ଅନାବଶ୍ୟକ। ପ୍ରବୃତ୍ତିର ବଶବର୍ତ୍ତୀ ହୋଇ ଅଜ୍ଞ ଭାବରେ ଯନ୍ତ୍ର ପରି ଗୁଡ଼ାଏ ପିଲାଙ୍କୁ ସଂସାରକୁ ଆଣିବା ଯେପରିକି ଠେକୁଆମାନେ କରିଥା'ନ୍ତି, ତାହାକୁ ଯଥାର୍ଥରେ ମାତୃତ୍ୱ କୁହାଯାଇ ପାରିବ ନାହିଁ।

ବ୍ୟକ୍ତିର ଶିକ୍ଷା ଜନ୍ମ ପୂର୍ବରୁ ଆରମ୍ଭ ହୋଇଥାଏ, ଯାହା ତା'ର ଜୀବନବ୍ୟାପୀ ଚାଲିଥାଏ। ଜନ୍ମ ନେବାକୁ ଯାଉଥିବା ଶିଶୁର ସ୍ୱଭାବ କିପରି ହେବ ତାହା ଅଧିକ ଭାବରେ ମାତାଙ୍କ ଉପରେ ନିର୍ଭର କରେ। କାରଣ ସେ ତାଙ୍କର ଆସ୍ପୃହା ଓ ଇଚ୍ଛାଶକ୍ତି ସାହାଯ୍ୟରେ ଏବଂ ନିଜେ ଯେଉଁ ପାରିପାର୍ଶ୍ୱିକ ଆବେଷ୍ଟନୀ ମଧ୍ୟରେ ବାସ କରନ୍ତି ସେ ଅନୁଯାୟୀ ଶିଶୁ ଗଢ଼ି ହୋଇଥାଏ। ସେଦିନ ପତି ପରାୟଣା ସୀତାଦେବୀ ଅନ୍ତଃସତ୍ତ୍ୱା ଅବସ୍ଥାରେ ମୁନି ବାଲ୍ମୀକି ଆଶ୍ରମର ତରୁଛାୟାରେ ନିର୍ବାସନ ଦଣ୍ଡ ଭୋଗୁଥିବା ବେଳେ ଶତଶତ ଶିଷ୍ୟଙ୍କ ବେଦଧ୍ୱନି ପ୍ରଭାବରେ ଲବକୁଶ ପରି ଯାଆଁଳା ବିଦ୍ୱାନ ସନ୍ତାନ ଜନ୍ମ ଦେଇଥିଲେ। ଶକୁନ୍ତଳାଙ୍କ ତ୍ୟାଗ ଓ ଆତ୍ମବଳର ପ୍ରଭାବରେ ପୁତ୍ର ଭରତ ଓ ଜୀଜାବାଈଙ୍କ ଶିକ୍ଷା, ସଂସ୍କାରରେ ଶିବାଜୀ ପ୍ରଚଣ୍ଡ ଅନୁପ୍ରାଣିତ ହୋଇଥିଲେ। ଫଳରେ ଭାରତୀୟ ସଂସ୍କୃତି ଓ ପରମ୍ପରାରେ ଏକ ନୂତନ ଅଧ୍ୟାୟ ସୃଷ୍ଟି ହୋଇଥିଲା। ତେଣୁ ମା' ଯଦି ଗର୍ଭବତୀ ସମୟରେ ଅପରାଧ-ମନସ୍କ ଅବା ମାନସିକ ଅବସାଦଗ୍ରସ୍ତ ହୋଇଥାଏ, ତେବେ ଗର୍ଭସ୍ଥ ସନ୍ତାନ ଉପରେ ଖୁବ୍ ପ୍ରଭାବ ପକାଇଥାଏ।

ବିଜ୍ଞାନ ମଧ୍ୟ ଏହା ସ୍ୱୀକାର କରେ ଯେ, ମାଆ ଯେତେବେଳେ ଅଧିକ ଚିନ୍ତା ବା ଉଦାସରେ ରହେ କର୍ଟିସଲ, ଆଡ୍ରେନାଲିନ ଓ ନରଆଡ୍ରେନାଲିନ ନାମକ ହରମୋନ୍ ବହୁତ ପରିମାଣରେ ନିର୍ଗତ ହୋଇଥାଏ। ଫଳରେ ଶିଶୁର ଶାରୀରିକ, ମାନସିକ ଗଠନ ବାଧାପ୍ରାପ୍ତ ହୋଇଥାଏ। ସେଥିପାଇଁ ମା'ମାନଙ୍କୁ ଯଥାସମ୍ଭବ ସକାରାତ୍ମକ ଚେତନାରେ ରହିବା ପାଇଁ ପରାମର୍ଶ ଦିଆଯାଏ। ଗର୍ଭବତୀ ମା'ମାନଙ୍କର ଚିନ୍ତା ସବୁବେଳେ ସୁନ୍ଦର ଓ ପବିତ୍ର ତଥା ମନୋଭାବ ସର୍ବଦା ମହତ୍ ଓ ବିଶୁଦ୍ଧ ହେଲେ ତାହା ପିଲା ଉପରେ ପ୍ରଭାବ ପକାଇଥାଏ। ସମର୍ଥ ବ୍ୟକ୍ତିତ୍ୱ ନିର୍ମାଣ କରିବାର କ୍ଷମତା ଅର୍ଜନ କରା ନ ଗଲେ ସନ୍ତାନ ଲାଭ କରିବା ନିଜ ପାଇଁ ଦୁଃଖଦାୟକ ଓ ସମାଜ ପାଇଁ ବୋଝ ସଦୃଶ। ଜନକଙ୍କର ଶ୍ରେଷ୍ଠ ସୁକୃତର ମୂର୍ତ୍ତି ଜାନକୀ ଏବଂ ଦଶରଥଙ୍କ ସୁକୃତର ପ୍ରତିମା ରାମ ଅଟନ୍ତି। ଯେପରି କୌଣସି ଉଚ୍ଚକୋଟୀର ଉପକରଣ ତିଆରି କରିବାକୁ ହେଲେ ଉପଯୁକ୍ତ କଞ୍ଚାମାଲ ଠାରୁ ଆରମ୍ଭ କରି ଉନ୍ନତ ଯନ୍ତ୍ରପାତି ଓ କୁଶଳୀ କାରିଗର ବ୍ୟବସ୍ଥା ବହୁପୂର୍ବରୁ କରିବାକୁ ପଡ଼େ, ସେହିପରି ଶ୍ରେଷ୍ଠ ସନ୍ତାନ ସୃଷ୍ଟି ଏକ ବଡ଼ ମହତ୍ୱପୂର୍ଣ୍ଣ ଓ ସମୟସାଧ୍ୟ କାର୍ଯ୍ୟ।

ଗୁଣବାନ ସନ୍ତାନ ପ୍ରାପ୍ତି ପାଇଁ ମାତାପିତାଙ୍କୁ ବିଚାରପୂର୍ବକ କର୍ମ କରିବା ଆବଶ୍ୟକ। କାରଣ ଆସୁଥିବା ସନ୍ତାନଟି ତାଙ୍କର ଆତ୍ମାର ପ୍ରତିରୂପ। ସେଥିପାଇଁ ପୁତ୍ରକୁ 'ଆତ୍ମା' ଓ ପୁତ୍ରୀକୁ 'ଆତ୍ମଜା' କୁହାଯାଏ। ଏଥିପାଇଁ ହିନ୍ଦୁଧର୍ମରେ ଗର୍ଭାଧାନ ସଂସ୍କାର ଉପରେ ଧ୍ୟାନ ରଖିବା ଜରୁରୀ। ପତିପତ୍ନୀଙ୍କ ମିଳନରୁ ସନ୍ତାନ ଜନ୍ମ ପର୍ଯ୍ୟନ୍ତ ସେମାନଙ୍କ ଚିନ୍ତା, ଚେତନାରେ କୌଣସି ଜାଗତିକ କାମନା ବାସନା ରହିବା ଉଚିତ ନୁହେଁ। ଭଗବତ ନାମ ଚିନ୍ତନ, ଗୁଣକୀର୍ତ୍ତନ ତଥା ଅଶ୍ଳୀଳତା ଠାରୁ ନିବୃତ୍ତ ରହି ଗୀତା, ଭାଗବତ ପରି ପବିତ୍ର ପୁସ୍ତକ ପଠନ କଲେ ନିଶ୍ଚିତ ଭାବରେ ଭକ୍ତ ପ୍ରହ୍ଲାଦ ଓ ଧ୍ରୁବଙ୍କ ପରି ଗୁଣୀ ସନ୍ତାନ ଗର୍ଭରେ ସଞ୍ଚରି ଉଠିବେ। ମାତ୍ର ଦୁଃଖର ବିଷୟ ଭଲ ସନ୍ତାନଟିଏ ସୃଷ୍ଟି ପାଇଁ ଯେଉଁମାନଙ୍କ ଉପରେ ଆଶା ରଖାଯାଏ, ସେମାନେ ପ୍ରେମରେ ଉନ୍ମତ୍ତ ହୋଇ ତୋଳୁଛନ୍ତି ଅସଂଯତ ଶୃଙ୍ଗାରର ବିକ୍ଷୁବ୍ଧ ଝଙ୍କାର। ଫଳରେ ଯୌନ ଜୀବନ ପବିତ୍ରତା ହ୍ରାସ ଘଟୁଛି। ଶ୍ରୀଠାକୁର ଅନୁକୂଳ ଚନ୍ଦ୍ର କହନ୍ତି - 'ଉତ୍ତମ ସଂସ୍କାର ଓ ପରସ୍ପରର ଉନ୍ନତି ହିଁ ବିବାହର ମୂଳ ଆଧାର। ତେଣୁ ଦୈବୀଗୁଣସମ୍ପନ୍ନ ଶିଶୁଟିଏ ଜନ୍ମଦେବା ପାଇଁ ଆବଶ୍ୟକ ପରିଶୁଦ୍ଧ ପ୍ରଜନନ।' ଭାଗବତ କହେ - 'ସ୍ତ୍ରୀ ସଙ୍ଗମ ଋତୁମତେ, କେବଳ ପୁତ୍ର ଜନ୍ମ ଅର୍ଥେ।'

ଆଧୁନିକା ନାରୀମାନେ ଶିକ୍ଷିତା, ମାର୍ଜିତା, ପ୍ରଗତିଶୀଳା ନାମରେ ଏକ ସୀମାବଦ୍ଧ ଜୀବନକୁ ଆପଣେଇ ନେଇ ସ୍ୱାର୍ଥପର ହୋଇଯାଉଛନ୍ତି। ଯାହା ଫଳରେ ନଷ୍ଟଜାତକର ଆବିର୍ଭାବ ଘଟି ଆମ ଦେଶ ଓ ଜାତିର ଧ୍ୱଂସ ସାଧନ କରୁଛନ୍ତି। ତେଣୁ ସମସ୍ତ ପିତାମାତା ଶିଶୁର ଜନ୍ମଗତ ଶୁଦ୍ଧତା ପ୍ରତି ଅଧିକ ଦାୟିତ୍ୱବାନ ହେବା ଅପରିହାର୍ଯ୍ୟ। ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ ସ୍ତରରେ ନୈତିକ ଶିକ୍ଷା ଓ ବ୍ରହ୍ମଚର୍ଯ୍ୟ ପାଳନର ଶିକ୍ଷା ଉପରେ ଗୁରୁତ୍ୱ ଦେବା ନିହାତି ଆବଶ୍ୟକ। ମା'ମାନେ ବସ୍ତୁତଃ ଖଣିଗର୍ଭା। ଖଣି ଯେଉଁ ପ୍ରକାର ହୋଇଥାଏ ସେହି ପ୍ରକାର ରତ୍ନ ବାହାରେ। ଶ୍ରେଷ୍ଠ ସନ୍ତତି ଲାଭ ନିମନ୍ତେ ମା'ମାନଙ୍କୁ ସୁସ୍ଥ ବିଚାର ତଥା ଭାବ ଦୃଷ୍ଟିରୁ ପରିପୁଷ୍ଟ କରାଇବା ଆବଶ୍ୟକ। ମାତାମାନେ ସବୁ ଦିଗରୁ ସନ୍ତାନ ଠାରେ ଶ୍ରେଷ୍ଠ ବିଚାର, ଶ୍ରେଷ୍ଠ ପ୍ରବୃତ୍ତି ଆରୋପଣ କରିବାର ଚେଷ୍ଟା କରିବା ଉଚିତ।

ଚୂଡ଼ାମଣି(ଭଦ୍ରକ), ମୋ: ୯୧୨୪୮୦୦୯୯୬

## ରଥ ଯାତ୍ରା

### ଲୋକକଥାରେ ଲୋକଦେବତା

**ସ୍ୱପ୍ନେଶ୍ୱର**

ଦ୍ୱାପର ଯୁଗରେ ଦ୍ୱାରକାର ରାଜା ଥିଲେ ଶ୍ରୀକୃଷ୍ଣଙ୍କ ଅଜା ଉଗ୍ରସେନ। ଦ୍ୱାରିକାଧୀଶ ଶ୍ରୀକୃଷ୍ଣ ଥିଲେ ଦ୍ୱାରକାର ଅଘୋଷିତ ସମ୍ରାଟ। ଅଷ୍ଟପାଟରାଣୀ ତାଙ୍କର ଖାଦ୍ୟ, ପାନୀୟ, ବିଶ୍ରାମ ଓ ମନୋରଞ୍ଜନର ସମସ୍ତ ବନ୍ଦୋବସ୍ତ ସୁଚାରୁ ରୂପେ କରୁଥିଲେ। ରାଜ ପରିବାରର ସମସ୍ତ ଐଶ୍ୱର୍ଯ୍ୟ ତାଙ୍କୁ ଉପଲବ୍ଧ ହେଉଥିଲେ ମଧ୍ୟ ସେ ତାଙ୍କର ପିଲାଦିନକୁ ଝୁରି ହେଉ ଥିଲେ- ନନ୍ଦ ଯଶୋଦାଙ୍କ ଅନାବିଳ ପୁତ୍ରସ୍ନେହ, ଗୋପୀ ଓ ଗୋପାଳ ବାଳକମାନଙ୍କ ସହ ତାଙ୍କର ବନ୍ଧୁତ୍ୱ ଏବଂ ସର୍ବୋପରି ରାଧାଙ୍କର ତାଙ୍କ ପାଇଁ ଥିବା ଅପାର୍ଥିବ ପ୍ରେମ। ଏହିସବୁ କଥାକୁ ମନେ ପକାଇ ସେ ବେଳେ ବେଳେ ଅନ୍ୟମନସ୍କ ହୋଇ ଯାଉଥିଲେ। ବିରହ ରୋଗ ଯେତିକି ପୁରୁଣା ହେଲା, ତାହା ତାଙ୍କର ମାନସିକ ଅବସ୍ଥାକୁ ସେତିକି ପ୍ରଭାବିତ କଲା। ଏପରିକି ସେ ଦିନେ ଦିନେ ପିଲାଦିନ କଥା ମନେ ପକେଇ ମୂର୍ଚ୍ଛିତ ହୋଇ ଯାଉଥିଲେ।

ଦିନେ ଶ୍ରୀକୃଷ୍ଣ ଅନେକ ସମୟ ପର୍ଯ୍ୟନ୍ତ ସଂଜ୍ଞାହୀନ ହୋଇ ରହିଲେ। ରାଜା ଉଗ୍ରସେନ ଓ ଭାଇ ବଳରାମ ଖବର ପାଇ ଆସି ପହଞ୍ଚିଲେ। ବଳରାମ ଶ୍ରୀକୃଷ୍ଣଙ୍କର ସେ ଅବସ୍ଥାର କାରଣ ଜାଣି ଥିଲେ ବି ନିରାକରଣ ଜାଣି ନ ଥିଲେ। ଏହି ସମୟରେ ଦେବର୍ଷି ନାରଦ ଆସି ପହଞ୍ଚିଲେ। ସେ ଜାଣି ଥିଲେ ଯେ କୃଷ୍ଣଙ୍କ କାନରେ ଗୋପଲୀଳା ବର୍ଣ୍ଣନା କଲେ, ସେ ସଂଜ୍ଞା ଫେରିପାଇବେ। କିନ୍ତୁ ପ୍ରକୃତିସ୍ଥ ହେବା ପରେ ସେ ପୁଣି ଥରେ ପିଲାଦିନ କଥା ମନେ ପକେଇ ଚେତା ହରେଇବାର ସମ୍ଭାବନା ଥିଲା। ତେଣୁ ବଳରାମ ପ୍ରସ୍ତାବ ଦେଲେ ଯେ ସଂଜ୍ଞା ପାଇବାପରେ କାହ୍ନାକୁ ଥରେ ବୃନ୍ଦାବନ ନେଇ ବୁଲେଇ ଆଣିବା ଉଚିତ ହେବ। କଥାଟା ଅଜା ଉଗ୍ରସେନଙ୍କ ମନକୁ ପାଇଲା।

ରାଜା ନିଷ୍ପତ୍ତି ନେଲେ ଯେ କେହି ଜଣେ ପ୍ରଥମେ ବୃନ୍ଦାବନ ଯାଇ କୃଷ୍ଣଙ୍କ ଆସିବା ଖବର ବୃନ୍ଦାବନରେ ଦେବ ଏବଂ ତା' ପରେ କୃଷ୍ଣ ବୃନ୍ଦାବନ ଯାତ୍ରା କରିବେ। ରାଜା ପ୍ରଥମେ ଉଦ୍ଧବଙ୍କୁ ଡାକି ଏ ଦାୟିତ୍ୱ ଦେଲେ। ନମ୍ରତାର ସହ ଉଦ୍ଧବ କହିଲେ- 'ମହାରାଜ! ଶ୍ରୀକୃଷ୍ଣ ବୃନ୍ଦାବନ ଆସିବେ ବୋଲି ମୁଁ ଆଗରୁ ଥରେ ଗୋପୀମାନଙ୍କୁ କହିଥିଲି। କିନ୍ତୁ ଶ୍ରୀକୃଷ୍ଣ ଗଲେ ନାହିଁ। ଏବେ ମୁଁ ଯାଇ ପୁଣି ଥରେ ସମାନ କଥା କହିଲେ ସେମାନେ ବିଶ୍ୱାସ କରିବେ ନାହିଁ।' ତା' ପରେ ଉଗ୍ରସେନ ବଳରାମଙ୍କୁ ଚାହିଁ ଇସାରାରେ ବୃନ୍ଦାବନ ଯିବାକୁ ଆଦେଶ ଦେଲେ। ବଳରାମ କହିଲେ- 'ଅଜା! ଅକ୍ରୂରଙ୍କ ସହ ମଥୁରା ଆସିବା ବେଳେ ମୁଁ ବି ସେମାନଙ୍କୁ କାହ୍ନା ସହ ଫେରିବା ପାଇଁ କଥା ଦେଇଥିଲି। କିନ୍ତୁ କଥା ରଖି ପାରିଲି ନାହିଁ। ଏବେ ପୁଣି ସେଇ କଥା କହିଲେ ସେମାନେ ମୋତେ ବି ବିଶ୍ୱାସ କରିବେ ନାହିଁ।'

ସେ ପର୍ଯ୍ୟନ୍ତ ସୁଭଦ୍ରା କିଛି ଦୂରରେ ଠିଆ ହୋଇ ସବୁ କଥା ଶୁଣୁଥିଲେ। ସେ କହିଲେ- 'ଅଜା! ମୋ ଭାଇର ମଙ୍ଗଳ ପାଇଁ ମୁଁ ସେ ଖବର ନେଇ ବୃନ୍ଦାବନ ଯିବି।' ବଳରାମ କହିଲେ- 'ଅଜା! ଭଦ୍ରା ଠିକ କହୁଛି। କିନ୍ତୁ ଝିଅ ପିଲାଟା, ଆମେ ତା'କୁ ଏକା ଏକା ଯିବାକୁ ଦେବା ନାହିଁ। ମୁଁ ଆଗେ ଆଗେ ଯିବି, ଭଦ୍ରା ମୋ ପଛେ ପଛେ ଯାଇ ବୃନ୍ଦାବନରେ କାହ୍ନା ଆସିବା ଖବର ଦେବ। ଗୋପୀମାନେ ସମସ୍ତେ ଭଦ୍ରାର ସଖୀ। ସେମାନେ ତା'କୁ ନିଶ୍ଚୟ ବିଶ୍ୱାସ କରିବେ।' ପ୍ରସ୍ତାବରେ ଉଗ୍ରସେନ ରାଜି ହେଲେ। ସଂଗେ ସଂଗେ ତିନୋଟି ରଥ ପ୍ରସ୍ତୁତ ହେଲା। ପ୍ରଥମେ ବଳରାମ ଏବଂ ତାଙ୍କ ପଛେ ପଛେ ଦେବୀ ସୁଭଦ୍ରା ଆଉ ଏକ ରଥ ଆରୋହଣ କରି ଯାତ୍ରା କଲେ। ତା' ପରେ ମହର୍ଷି ନାରଦ ଶ୍ରୀକୃଷ୍ଣଙ୍କ କାନରେ ଗୋପଲୀଳା ବର୍ଣ୍ଣନା କଲେ। ଶ୍ରୀକୃଷ୍ଣ ନିଦରୁ ଉଠିବା ପରି ଉଠି ବସିଲେ ଓ କହିବାକୁ ଲାଗିଲେ- 'ଆରେ! ମୋ ହାତରୁ ମୋ ବଂଶୀ କିଏ ନେଲା?' ନାରଦ କହିଲେ- 'ବୃନ୍ଦାବନ ଛାଡ଼ିବା ପରଠାରୁ ଆପଣ ବଂଶୀବାଦନ ଛାଡ଼ି ଦେଇଛନ୍ତି ପ୍ରଭୁ। ରଥ ପ୍ରସ୍ତୁତ ଅଛି। ପ୍ରଭୁ ବଳରାମ ଓ ଦେବୀ ସୁଭଦ୍ରା ବୃନ୍ଦାବନ ଅଭିମୁଖେ ଚାଲି ଗଲେଣି। ବର୍ତ୍ତମାନ ଆପଣ କିଛିଦିନ ପାଇଁ ବୃନ୍ଦାବନ ଯାତ୍ରା କରି ପିଲାଦିନର ଗୋପଲୀଳା ରଚନା କରନ୍ତୁ।' ଶ୍ରୀକୃଷ୍ଣ ମହାଆନନ୍ଦରେ ନନ୍ଦିଘୋଷ ଚଢ଼ି ବୃନ୍ଦାବନ ଯାତ୍ରା କଲେ।

ଏହି ରଥଯାତ୍ରାର ସ୍ମୃତିରେ କଳିଯୁଗରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଆଷାଢ଼ ଶୁକ୍ଳ ଦ୍ୱିତୀୟା ଦିନ ତିନିରଥ ଆରୋହଣ କରି ଗୁଣ୍ଡିଚା ମନ୍ଦିର ଯାତ୍ରା କରୁଛନ୍ତି। ଦ୍ୱାପର ଯୁଗରେ ସେମାନେ ଯେଉଁକ୍ରମରେ ରଥ ଚଢ଼ି ବୃନ୍ଦାବନ ଯାତ୍ରା କରିଥିଲେ, ବର୍ତ୍ତମାନ ସେହିକ୍ରମରେ ପ୍ରଥମେ ବଡ଼ ଠାକୁର ବଳଭଦ୍ର, ତା' ପରେ ଦେବୀ ସୁଭଦ୍ରା ଓ ଶେଷରେ ମହାପ୍ରଭୁ ଜଗନ୍ନାଥ ରଥଯାତ୍ରା କରୁଛନ୍ତି। ଶ୍ରୀମନ୍ଦିରକୁ ଦ୍ୱାରକା ଓ ଗୁଣ୍ଡିଚା ମନ୍ଦିରକୁ ବୃନ୍ଦାବନ ଜ୍ଞାନ କରାଯାଉଛି। ଶ୍ରୀମନ୍ଦିରର ଐଶ୍ୱର୍ଯ୍ୟ ଛାଡ଼ି ରାଜରାଜେଶ୍ୱର ଜଗନ୍ନାଥ ଗୁଣ୍ଡିଚା ମନ୍ଦିରର ମାଧୁର୍ଯ୍ୟ ଲୀଳା ରଚନା କରି ପୁଣି ଶ୍ରୀମନ୍ଦିରକୁ ବାହୁଡ଼ି ଆସନ୍ତି।

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ହର୍ମୁଜର ବିକଳ୍ପ ସନ୍ଧାନରେ ୟୁଏଇ

ଦୁବାଇ, ୧୪।୭(ଏଜେନ୍ସି): ଆଞ୍ଚଳିକ ସୁରକ୍ଷା ପରିସ୍ଥିତି ଏବଂ ସାମୁଦ୍ରିକ ପରିବହନରେ ବାରମ୍ବାର ସୃଷ୍ଟି ହେଉଥିବା ବାଧାକୁ ଦୃଷ୍ଟିରେ ରଖି ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ଏହାର ବିକଳ୍ପ ପଥ ପାଇଁ ପ୍ରସ୍ତୁତ ହେଉଛି। ଦୁବାଇ ସରକାରଙ୍କ ମାଲିକାନାରେ ଥିବା ପ୍ରମୁଖ ବନ୍ଦର ଏବଂ ଲଜିଷ୍ଟିକ୍ସ ସଂସ୍ଥା ଡିପି ୱାର୍ଲ୍ଡ ୟୁଏଇର ପୂର୍ବ ଉପକୂଳରେ ଏକ ନୂତନ ବନ୍ଦର ଏବଂ କଣ୍ଟେନର ଟର୍ମିନାଲ ନିର୍ମାଣ କରିବାକୁ ଯୋଜନା କରୁଛି। ବିବାଦୀୟ ହର୍ମୁଜ ପ୍ରଣାଳୀ ଉପରେ ନିର୍ଭରଶୀଳତା ହ୍ରାସ କରିବା ଏବଂ ବିଶ୍ୱ ବାଣିଜ୍ୟ କାରବାରକୁ ସୁରକ୍ଷିତ ରଖିବା ଏହାର ମୂଳ ଲକ୍ଷ୍ୟ ରହିଛି। ବିଶ୍ୱର ପ୍ରାୟ ୨୦ ପ୍ରତିଶତ ତୈଳ ଏବଂ ଗ୍ୟାସ ପରିବହନ ହର୍ମୁଜ ପ୍ରଣାଳୀ ଦେଇ ହୋଇଥାଏ। ମାତ୍ର ଇରାନ ଏବଂ ଆମେରିକା ମଧ୍ୟରେ ସଂଘର୍ଷ ଯୋଗୁଁ ଏହି ଜଳପଥ ବାରମ୍ବାର ବନ୍ଦ ହେଉଛି ଏବଂ ବିଶ୍ୱ ଶକ୍ତି ଯୋଗାଣ ପ୍ରଭାବିତ ହେଉଛି। ଇରାନ ହର୍ମୁଜ ପ୍ରଣାଳୀ ବନ୍ଦ କରିବା ପରେ ଦୁବାଇର ସବୁଠାରୁ ବଡ଼ ବନ୍ଦର 'ଜେବେଲ ଅଲି'ର ବ୍ୟବସାୟିକ ଗତିବିଧି ପ୍ରାୟ ୯୦-୯୫ ପ୍ରତିଶତ ହ୍ରାସ ପାଇଛି। ଏହି କାରଣରୁ ଡିପି ୱାର୍ଲ୍ଡ ବିକଳ୍ପ ବାଣିଜ୍ୟ ମାର୍ଗ ପ୍ରସ୍ତୁତ କରିବାକୁ ନିଷ୍ପତ୍ତି ନେଇଛି। ନୂତନ ପ୍ରକଳ୍ପଟି ଓମାନ ଉପସାଗରରେ ଅବସ୍ଥିତ ଫୁଜୈରା ଠାରେ ସ୍ଥାପନ ହେବ। ଏହି ବନ୍ଦର କାର୍ଯ୍ୟକ୍ଷମ ହେଲେ ବାଣିଜ୍ୟିକ ଜାହାଜଗୁଡ଼ିକୁ ହର୍ମୁଜ ଦେଇ ଯିବାକୁ ପଡ଼ିବ ନାହିଁ। ସେଠାରୁ କଣ୍ଟେନରଗୁଡ଼ିକୁ ସ୍ଥଳପଥରେ ଦୁବାଇ, ଆବୁଧାବି ଏବଂ ଅନ୍ୟାନ୍ୟ ଗଲ୍ଫ ଦେଶଗୁଡ଼ିକୁ ସହଜରେ ପଠାଯାଇପାରିବ। ଏହି ସମୟରେ ୟୁଏଇର ପୂର୍ବ ଉପକୂଳରେ ପ୍ରତିଯୋଗିତା ମଧ୍ୟ ବୃଦ୍ଧି ପାଇଛି।ଶାରଜା-ଭିତ୍ତିକ 'ଗଲ୍‌ଫଟେନର' ସଂସ୍ଥା ମଧ୍ୟ ନିକଟସ୍ଥ ଖୋର ଫକ୍କାନ ବନ୍ଦରର ସମ୍ପ୍ରସାରଣ ପାଇଁ ୨ ବିଲିୟନ ଡଲାରର ନିବେଶ ଯୋଜନା ଘୋଷଣା କରିଛି। ଫୁଜୈରା ବର୍ତ୍ତମାନ ମଧ୍ୟ ୟୁଏଇର ଶକ୍ତି କ୍ଷେତ୍ର ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଏବଂ ଆବୁଧାବିର ଅଶୋଧିତ ତୈଳ ରପ୍ତାନି ପାଇଁ ଏକ ପ୍ରମୁଖ ବିନ୍ଦୁ ଭାବେ କାର୍ଯ୍ୟ କରୁଛି। ଏହି ନୂତନ ପ୍ରକଳ୍ପ ଦ୍ୱାରା ୟୁଏଇର ଅର୍ଥନୈତିକ ସ୍ଥିରତା ଆହୁରି ମଜବୁତ ହେବ ବୋଲି ଆଶା କରାଯାଉଛି।

**ଫୁଜୈରାରେ ନିର୍ମିତ ହେବ ନୂତନ ବନ୍ଦର**

## ଭାରତ ସୀମାରେ ସନ୍ଦିଗ୍ଧ ଅବସ୍ଥାରେ ଆମେରିକୀୟ ସ୍ପେଶାଲ ଫୋର୍ସର ସଦସ୍ୟ ଗିରଫ

ମହାରାଜଗଞ୍ଜ, ୧୪।୭(ଏଜେନ୍ସି): ଉତ୍ତରପ୍ରଦେଶର ଭାରତ-ନେପାଳ ସୀମାରେ ଜଣେ ଆମେରିକୀୟ ନାଗରିକଙ୍କୁ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ପକ୍ଷରୁ ଅଟକ ରଖାଯାଇଛି। ଜୋର୍ଡାନ ବ୍ରାଉନ ନାମକ ଏହି ୩୬ ବର୍ଷୀୟ ବ୍ୟକ୍ତି ଜଣକ ନିଜକୁ ଆମେରିକୀୟ ନୌସେନା ଏବଂ ସ୍ପେଶାଲ ଫୋର୍ସର ପୂର୍ବତନ ସଦସ୍ୟ ବୋଲି ଦାବି କରିଛନ୍ତି। ତାଙ୍କ ପାଖରେ କୌଣସି ବୈଧ ଯାତ୍ରା ଦସ୍ତାବିଜ ନଥିବା ବେଳେ ସନ୍ଦିଗ୍ଧ ଭାବେ ସେ ସୀମା ପାର ହୋଇ ନେପାଳକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କୁ ଧରାଯାଇଛି। ସୂଚନା ଅନୁଯାୟୀ, ଗତ ଶନିବାର ମହାରାଜଗଞ୍ଜ ଜିଲ୍ଲାର ସୋନୌଲି ପୁଲିସ ଷ୍ଟେସନ ଅନ୍ତର୍ଗତ ମାଇନିହ୍ୱା ଅଞ୍ଚଳରେ ନିୟମିତ ପାଟ୍ରୋଲିଂ ସମୟରେ ଏସଏସବି ଯବାନମାନେ ବ୍ରାଉନଙ୍କୁ ଚିହ୍ନଟ କରିଥିଲେ। କାଲିଫର୍ଣ୍ଣିଆର ବାସିନ୍ଦା ବ୍ରାଉନ ପ୍ରଥମେ ବେଙ୍ଗାଲୁରୁରୁ ସୋନୌଲି ସୀମାକୁ ଯାତ୍ରା କରିଥିଲେ ଏବଂ ସେଠାରୁ ନେପାଳକୁ ଯିବାକୁ ଯୋଜନା କରିଥିଲେ। ଯେତେବେଳେ କର୍ତ୍ତୃପକ୍ଷ ତାଙ୍କୁ ପରିଚୟ ପତ୍ର ମାଗିଥିଲେ, ସେ ସେଠାରୁ ଖସି ପଳାଇବାକୁ ଚେଷ୍ଟା କରିଥିଲେ। ତେବେ ଏସଏସବି କର୍ମଚାରୀମାନେ ତାଙ୍କୁ ପିଛା କରି କାବୁ କରିବାରେ ସଫଳ ହୋଇଥିଲେ। ଗତ ମାର୍ଚ୍ଚରେ ଭାରତ-ମ୍ୟାନ୍‌ମାର ସୀମାରେ ମାଥ୍ୟୁ ଭ୍ୟାଣ୍ଡାଇକ୍ ନାମକ ଜଣେ ପୂର୍ବତନ ଆମେରିକୀୟଙ୍କ ସେନା ସଦସ୍ୟଙ୍କୁ ଗିରଫ କରାହୋଇଥିଲା। ବର୍ତ୍ତମାନ ସ୍ଥାନୀୟ ପୁଲିସ ଏବଂ ଏସଏସବି ଅଧିକ ପଚରାଉଚରା ଜାରି ରଖିଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ନବଯୌବନ ବେଶରେ...

ସାହାଣମେଲାରେ ବି ଭକ୍ତମାନେ ଭିତରକାଠରୁ ଭଗବାନଙ୍କୁ ଦର୍ଶନ କରିଥିଲେ। ମୋଟ ୨ ଘଣ୍ଟା ୧୫ ମିନିଟ୍ ଦର୍ଶନ ଚାଲିବା ପରେ ବନ୍ଦ କରି ଦିଆଯାଇଥିଲା। ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ପରିମାଣିକ ଏବଂ ସର୍ବସାଧାରଣ ଦର୍ଶନ ପାଇଁ ମୋଟ ୨ ଘଣ୍ଟା ସମୟ ଦିଆଯିବ ବୋଲି ଘୋଷଣା କରିଥିଲା। ଅବଶ୍ୟ ପରିମାଣିକ ଦର୍ଶନଧାରୀଙ୍କ ସଂଖ୍ୟା କମ୍ ଥିବାରୁ ଏହା ଅଧଘଣ୍ଟାଏରେ ସରିଥିଲା। ସର୍ବସାଧାରଣ ଦର୍ଶନ ଅଧିକ ୪୫ ମିନିଟ୍ ଦିଆଯାଇଥିଲେ ମଧ୍ୟ ଆହୁରି ଅନେକ ଧାଡି ଲଗାଇଥିଲେ। କିନ୍ତୁ ରଥଯାତ୍ରା ପ୍ରସ୍ତୁତି ପାଇଁ ସନ୍ଧ୍ୟା ୭ଟା ୧୫ରେ ଦର୍ଶନ ବନ୍ଦ କରି ଦିଆଯାଇଥିଲା।

ଅନ୍ୟପକ୍ଷରେ ବୁଧବାର ଉଭାଯାତ୍ରା। ରଥଯାତ୍ରା ପାଇଁ ବହୁଳ ନୀତିକାନ୍ତି ଥିବାରୁ ମହାପ୍ରଭୁଙ୍କ ଦର୍ଶନ ବନ୍ଦ ରହିବ। କିନ୍ତୁ ଯେଉଁମାନେ ମହାପ୍ରସାଦ ପାଇବାକୁ ଇଚ୍ଛୁକ ସେମାନେ ଉତ୍ତର ଦ୍ୱାରରେ ପ୍ରବେଶ କରି ଆନନ୍ଦବଜାରରୁ କାମ ସାରି ସେହି ଉତ୍ତର ଦ୍ୱାର ଦେଇ ପ୍ରସ୍ଥାନ କରିପାରିବେ ବୋଲି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ କହିଛନ୍ତି।

## ଦୁଇ ଅଙ୍କ...

ରୁ ୨୭.୪୧% କୁ ହ୍ରାସ ପାଇଛି। ଦୀର୍ଘକାଳୀନ ଉଚ୍ଚ ପାଇକାରୀ ମୁଦ୍ରାସ୍ଫୀତି ଅଧିକାଂଶ ଉତ୍ପାଦକ କ୍ଷେତ୍ରକୁ ପ୍ରତିକୂଳ ଭାବରେ ପ୍ରଭାବିତ କରିଥାଏ। ଯଦି ପାଇକାରୀ ମୂଲ୍ୟ ବହୁତ ଦିନ ଧରି ଉଚ୍ଚ ସ୍ତରରେ ରହେ, ତେବେ ଗ୍ରାହକଙ୍କ ଉପରେ ଏହାର ମୂଲ୍ୟ ବୋଝ ଲଦି ହୋଇଯାଏ। ଅଶୋଧିତ ତୈଳ ମୂଲ୍ୟରେ ତୀବ୍ର ବୃଦ୍ଧିର ପ୍ରତିକ୍ରିୟାରେ, ସରକାର ଇନ୍ଧନ ଉପରେ ଉତ୍ପାଦ ଶୁଳ୍କ ହ୍ରାସ କରିଛନ୍ତି। ଆଳୁ, ଟମାଟୋ, ଏବଂ ଅଦା ସମେତ କେତେକ ଖାଦ୍ୟ ସାମଗ୍ରୀର ମୂଲ୍ୟରେ ପୁନଃ ବୃଦ୍ଧି ଯୋଗୁଁ ଲଗାତାର ଷଷ୍ଠ ମାସ ପାଇଁ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇଛି। ଜୁନ୍ ମାସରେ ଏହା ୪.୩୮%ରେ ପହଞ୍ଚିଛି। ଜାନୁଆରୀରେ ଏହା ୨.୭୪% ରହିଥିବାବେଳେ ମେ' ମାସରେ ଏହା ୩.୯୩% ରହିଥିଲା।

## ଗିରଫ ହେଲେ...

କର୍ମଚାରୀ କ୍ରାଇମବ୍ରାଞ୍ଚ ସ୍କାନରରେ ରହିଛନ୍ତି। କ୍ରାଇମବ୍ରାଞ୍ଚ ଅଧିକାରୀଙ୍କ ମିଳିଥିବା ସୂଚନା ଅନୁଯାୟୀ, ଜାତୀୟ ଶିକ୍ଷା ନୀତି-୨୦୨୦ ଅଧୀନରେ ପାଠ୍ୟପୁସ୍ତକ ପ୍ରସ୍ତୁତି ପ୍ରକ୍ରିୟାର ସାମଗ୍ରିକ ତଦାରଖ, ସମନ୍ୱୟ ଏବଂ ଅନୁମୋଦନ ଦାୟିତ୍ୱ ଶ୍ରୀ ପାଢ଼ୀଙ୍କ ଉପରେ ନ୍ୟସ୍ତ ଥିଲା। ମାତ୍ର ସେ ନିଜର ସରକାରୀ ଦାୟିତ୍ୱକୁ ସଠିକ୍ ଭାବେ ତୁଲାଇବାରେ ବିଫଳ ହୋଇଥିଲେ। ବହିରେ ତଥ୍ୟ, ଅନୁବାଦ ଏବଂ ଚିତ୍ର ଗୁଡ଼ିକର କୌଣସି ଯାଞ୍ଚ ନ କରି ସେ ଛାପିବା ପାଇଁ ଅନୁମୋଦନ ଦେଇଥିଲେ। ମାଳମାଳ ଭୁଲ ତଥା ବିକୃତ ପୁସ୍ତକ ଏହି ଅପରାଧିକ ଅବହେଳା ଯୋଗୁଁ ପ୍ରକାଶିତ ଓ ବଣ୍ଟନ ହୋଇଥିଲା। ଯାହାଦ୍ୱାରା ରାଜ୍ୟ ରାଜକୋଷର ପ୍ରାୟ ୧୭୫ କୋଟି ଟଙ୍କା କ୍ଷତି ହୋଇଛି ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ନେହରୁନଗରର ବାସିନ୍ଦା ୫୭ ବର୍ଷୀୟ ଶ୍ରୀ ପାଢ଼ୀଙ୍କ ବିରୋଧରେ ପ୍ରାଥମିକ ପ୍ରମାଣ ମିଳିବା ପରେ କ୍ରାଇମବ୍ରାଞ୍ଚ ତାଙ୍କୁ ଗିରଫ କରି କଟକର ଜେଏମଏଫସି-୩ କୋର୍ଟରେ ହାଜର କରିଛି। ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬(୫),୨୦୨୧,୬୧(୨) ଓ ୩(୫) ଅନୁଯାୟୀ ମାମଲା ରୁଜୁ କରାଯାଇଛି। ଏହି ଘଟଣାରେ ଅନ୍ୟ କାହାର ସଂପୃକ୍ତି ରହିଛି, ସେ ନେଇ କ୍ରାଇମବ୍ରାଞ୍ଚ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଛି।

ପ୍ରକାଶଥାଉକି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ କ୍ରାଇମବ୍ରାଞ୍ଚ ଏହି ସମ୍ବେଦନଶୀଳ ମାମଲାର ତଦନ୍ତ ଭାର ହାତକୁ ନେଇଥିଲା। ବର୍ତ୍ତମାନର ଏସସିଇଆରଟିର ନିର୍ଦ୍ଦେଶିକା ଥିବା ମଧୁସ୍ମିତା ସାହୁଙ୍କ ପକ୍ଷରୁ ଲିଖିତ ଏତଲା ଆଧାରରେ ମାମଲା ରୁଜୁ କରାଯାଇଥିଲା। ଡେପୁଟି ଏସପି ନରେନ୍ଦ୍ର କୁମାର ବେହେରାଙ୍କ ସମେତ ଆଉ ଦୁଇ ଜଣ ଅଧିକାରୀ ଏହି ମାମଲାରେ ଶ୍ରୀ ପାଢୀଙ୍କୁ ଜେରା କରିଥିଲେ। ପ୍ରକାଶିତ ସ୍କୁଲ ବହିଗୁଡ଼ିକରେ ୧,୬୦୦ରୁ ଅଧିକ ଗୁରୁତର ତ୍ରୁଟି ଦେଖିବାକୁ ମିଳିଥିଲା। ଏଥିରେ ଭୁଲ ଐତିହାସିକ ତଥ୍ୟ, ବ୍ୟାକରଣଗତ ଅଶୁଦ୍ଧି ଏବଂ ଭଙ୍ଗା ଗାଣିତିକ ସୂତ୍ର ଭଳି ସାଂଘାତିକ ଭ୍ରମ ରହିଥିଲା। ବାରମ୍ବାର ଚେତାବନୀ ସତ୍ତ୍ୱେ ଏବଂ ପରବର୍ତ୍ତୀ ସମୟରେ ହୋଇଥିବା "ସଂଶୋଧିତ' ମୁଦ୍ରଣରେ ମଧ୍ୟ ଏହି ସବୁ ତ୍ରୁଟିକୁ ଅଣଦେଖା କିଭଳି କରାଯାଇଥିଲା ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଥିଲା। ଆଇନ ବିଶେଷଜ୍ଞଙ୍କ ଅନୁଯାୟୀ, କ୍ରାଇମବ୍ରାଞ୍ଚ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬(୫) ଅଧୀନରେ ମାମଲା ରୁଜୁ କରିଛି, ଯାହା ଜଣେ ସରକାରୀ କର୍ମଚାରୀଙ୍କ ଦ୍ୱାରା ହୋଇଥିବା ବିଶ୍ୱାସଘାତକତାକୁ ଦର୍ଶାଏ। ଏହି ଧାରାରେ ସର୍ବାଧିକ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ ଦଣ୍ଡର ପ୍ରାବଧାନ ରହିଛି। ଏହି ଘଟଣାରେ ପୂର୍ବରୁ ସରକାର ୩ ଜଣ ବରିଷ୍ଠ ଅଧିକାରୀଙ୍କୁ ନିଲମ୍ବିତ କରିବା ସହ ଅନ୍ୟମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛନ୍ତି। ଏକ ଉଚ୍ଚସ୍ତରୀୟ କମିଟି ମଧ୍ୟ ୧୦ ଜଣଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସୁପାରିଶ କରିଥିଲେ। ପାଠ୍ୟପୁସ୍ତକ ପ୍ରୁଫ୍-ରିଡିଂ (ପାଠ୍ୟ ସଂଶୋଧନ) ପାଇଁ ପ୍ରାୟ ୫୦ ଜଣ ବିଶେଷଜ୍ଞ ଶିକ୍ଷକଙ୍କୁ ନିୟୋଜିତ କରାଯାଇ ବିପୁଳ ସରକାରୀ ଅର୍ଥ ଖର୍ଚ୍ଚ କରାଯାଇଥିବା ବେଳେ ଏତେ ବଡ଼ ବିଫଳତା ପଛର ପ୍ରକୃତ ଗୁମର ଖୋଲିବାକୁ କ୍ରାଇମବ୍ରାଞ୍ଚ ତଦନ୍ତ ଜାରି ରଖିଛି। ଆଗକୁ ଏହି ମାମଲାରେ ଅଧିକ ଗିରଫଦାରୀ ହେବାର ସଂକେତ ମିଳିଛି।

## ସଡ଼କ ଓ ସେତୁପାଇଁ...

ଯୋଜନାରେ ୧୪୧୭ଟି ନିର୍ମାଣାଧୀନ ସେତୁ ସମ୍ପୂର୍ଣ୍ଣ କରିବା ସହ ୧୭୫୦ଟି ନୂଆ ସେତୁ ନିର୍ମାଣ କରାଯିବ। ଏଥିପାଇଁ ୧୧୮୦୦ କୋଟିର ବ୍ୟୟବରାଦ କରାଯାଇଛି। ସେହିପରି 'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା-ହସ୍ତାନ୍ତରିତ ରାସ୍ତାଗୁଡ଼ିକର ଉନ୍ନତିକରଣ' ଯୋଜନାକୁ ୨୦୨୫-୨୬ରୁ ୨୦୨୯-୩୦ ବର୍ଷ ଯାଏଁ କାର୍ଯ୍ୟକାରୀ କରିବା ପାଇଁ ୬୭୦୦ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। ଏହି ଯୋଜନା ଅଧିନରେ ଆନୁମାନିକ ୨୫୫୦୦ କିଲୋମିଟର ନୂତନ ରାସ୍ତା ନିର୍ମାଣ ସହ ଚାଲୁ ରହିଥିବା ରାସ୍ତା ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ପୁନଶ୍ଚ ଗ୍ରାମାଞ୍ଚଳରେ ଅସଂଯୁକ୍ତ ବସତିଗୁଡ଼ିକ ସବୁଦିନିଆ ସଡ଼କ ସଂଯୋଗ କରାଇବା ପାଇଁ ୨୦୧୪-୧୫ରେ ଆରମ୍ଭ ହୋଇଥିବା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା ଅଧିନରେ ଚାଲୁ ରହିଥିବା ୧୧୫ କିମି ସଡ଼କ ପ୍ରକଳ୍ପ ସମାପ୍ତ କରିବା ସହ ପ୍ରାୟ ୪୬୦୭ କିମି ନୂଆ ସଡ଼କ ନିର୍ମାଣ ପାଇଁ ପ୍ରସ୍ତାବ ଦିଆଯାଇଛି। ଏହି ଯୋଜନା ଆସନ୍ତା ୫ ବର୍ଷ(୨୦୨୬-୨୭ରୁ ୨୦୩୦-୩୧) ଯାଏଁ କାର୍ଯ୍ୟକାରିତା ବୃଦ୍ଧି ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଥିବା ବେଳେ ଏଥିପାଇଁ ୪୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି।

'ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା- ଗ୍ରାମ୍ୟ ଉନ୍ନୟନ ଅଧିନସ୍ଥ ରାସ୍ତାଗୁଡ଼ିକର ଉନ୍ନତିକରଣ' ଯୋଜନାକୁ ଆଉ ୫ ବର୍ଷ ବୃଦ୍ଧି ପାଇଁ ରାଜ୍ୟ କ୍ୟାବିନେଟ ନିଷ୍ପତ୍ତି ନେଇଥିବା ବେଳେ ଏଥିପାଇଁ ୫୭୫୦ କୋଟିର ବ୍ୟୟବରାଦ କରାଯାଇଛି। ଏହି ଅର୍ଥରେ ୧୭୫୦୦ କିଲୋମିଟର ନୂତନ ରାସ୍ତା ନିର୍ମାଣ ସହ ଚାଲୁରହିଥିବା ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ। ସେହିପରି 'ଆନ୍ତଃରାଜ୍ୟ, ଆନ୍ତଃଜିଲ୍ଲା ଏବଂ ଆନ୍ତଃବ୍ଲକ ମଧ୍ୟରେ ଅସଂଯୋଜିତ ରାସ୍ତାଗୁଡ଼ିକୁ ମୁଖ୍ୟରାସ୍ତା ସହ ସଂଯୋଗୀକରଣ' ଯୋଜନା ୨୦୨୫-୨୬ରୁ ୨୦୨୯-୩୦ ପର୍ଯ୍ୟନ୍ତ ମୋଟ୍ ୫ ବର୍ଷ ବୃଦ୍ଧି ପାଇଁ ୧୯୧୭ କୋଟିର ପ୍ରସ୍ତାବକୁ ଅନୁମୋଦନ ଦେଇଛନ୍ତି ରାଜ୍ୟ ସରକାର। ଏହି ଅର୍ଥରେ ୩୮୫୦ କିମି ନୂଆ ରାସ୍ତା ସହ ସେତୁ ନିର୍ମାଣ ଏବଂ ଚାଲୁ ରହିଥିବା ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ସମ୍ପୂର୍ଣ୍ଣ ହେବ। ଦୁର୍ଗମ ତଥା ବାମପନ୍ଥୀ ଉଗ୍ରବାଦ ପ୍ରଭାବିତ ଅଞ୍ଚଳର ଅସଂଯୁକ୍ତ ଗ୍ରାମଗୁଡ଼ିକୁ ସବୁଦିନିଆ ସଡ଼କ ସଂଯୋଗୀକରଣ ଯୋଗାଇଦେବା ଉଦ୍ଦେଶ୍ୟରେ ରାଜ୍ୟ ସରକାର 'ଏମଏମଏସୱାଇ-ଦୁର୍ଗମ ଅଞ୍ଚଳରେ ଅସଂଯୋଜିତ ଗ୍ରାମଗୁଡ଼ିକର ସଂଯୋଗୀକରଣ' ଯୋଜନା ଆରମ୍ଭ କରିଥିଲେ। ଏହି ଯୋଜନାକୁ ୨୦୨୬-୨୭ରୁ ୨୦୩୦-୩୧ ଅର୍ଥାତ୍ ୫ ବର୍ଷ ବୃଦ୍ଧି ପାଇଁ କ୍ୟାବିନେଟ ଅନୁମୋଦନ ଦେଇଥିବା ବେଳେ ଏଥିପାଇଁ ୧୩୦୦ କୋଟିର ବ୍ୟୟବରାଦକୁ ମଞ୍ଜୁରୀ ଦେଇଛନ୍ତି। ଏହି ଅବଧିରେ ମୋଟ ୧୧୫୦ କିମି ନୂଆ ସଡ଼କ ସହ ଚାଲୁ ରହିଥିବା ୯୪୯ କିମି ଦୈର୍ଘ୍ୟର ପ୍ରକଳ୍ପ ଏବଂ ଆବଶ୍ୟକୀୟ ପୋଲ ନିର୍ମାଣ ହେବ।

ଅପରପକ୍ଷେ କ୍ୟାବିନେଟରେ ଓଡ଼ିଶା କୃଷି ବିପଣନ ଆଇନ, ୧୯୫୬ ରଦ୍ଦ ଏବଂ ଏକ ନୂଆ କୃଷି ଓ ପଶୁ ସମ୍ପଦ ବିପଣନ ଆଇନ ପ୍ରଣୟନକୁ ରାଜ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ସେହିପରି 'ରାଜ୍ୟ କୃଷି ନୀତି ଅଧିନରେ ସବସିଡି' ଯୋଜନାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାଜ୍ୟ କ୍ୟାବିନେଟ ଏହାକୁ ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ଆଉ ୫ ବର୍ଷ ବୃଦ୍ଧି ପାଇଁ ନିଷ୍ପତ୍ତି ସହ ୨୪୯୬.୪୦ କୋଟିର ବ୍ୟୟବରାଦକୁ ଅନୁମୋଦନ ଦେଇଛନ୍ତି। ବ୍ରିଜ-କମ-ୱେୟାର ଯୋଜନାକୁ ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ବୃଦ୍ଧି ପ୍ରସ୍ତାବକୁ ଅନୁମୋଦନ ମିଳିଥିବା ବେଳେ ଏଥିପାଇଁ ୬୦୦ କୋଟିର ବ୍ୟୟବରାଦକୁ ମଞ୍ଜୁରୀ ମିଳିଛି। ଏହାଦ୍ୱାରା ୫୦୮ଟି ନୂଆ ପ୍ରକଳ୍ପ ସହ ୧୬୨ଟି ଅସମ୍ପୂର୍ଣ୍ଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ। ପାର୍ବତୀ ଗିରି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଅଧିନରେ ପ୍ରସ୍ତାବିତ କ୍ଲଷ୍ଟର-୩୬ ମାଧ୍ୟମରେ ୩ଟି ଉଠା ଜଳସେଚନ ପ୍ରକଳ୍ପ ନିର୍ମାଣକୁ କ୍ୟାବିନେଟ ଅନୁମୋଦନ ଦେଇଛି। ଏହାଦ୍ୱାରା ତେଲ୍ ନଦୀ ଓ ଉନ୍ଧେର ନଦୀରୁ ଜଳ ଉତ୍ତୋଳନ କରି ଚାପ ନିୟନ୍ତ୍ରିତ ଜଳଯୋଗାଣ ବ୍ୟବସ୍ଥା ମାଧ୍ୟମରେ ବଲାଙ୍ଗୀର ଜିଲ୍ଲାର ୪୩୩୦ ହେକ୍ଟର ଚାଷଜମିକୁ ଜଳସେଚନ ଲକ୍ଷ୍ୟ ରହିଛି। ଏହି ପ୍ରକଳ୍ପ ନିର୍ମାଣ ପାଇଁ ୧୨୧ କୋଟି ୮୦ ଲକ୍ଷ ୭୮୬୬୧ ଟଙ୍କା ଏବଂ ୧୫ ବର୍ଷ ରକ୍ଷଣାବେକ୍ଷଣ ଓ ପରିଚାଳନା ପାଇଁ ୯ କୋଟି ୭୪ ଲକ୍ଷ ୪୬୨୯୩ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି। ଏତଦ୍ ବ୍ୟତୀତ ଓଡ଼ିଶା ମତ୍ସ୍ୟ ସେବା(ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ନିୟମାବଳୀ, ୨୦୨୬କୁ ରାଜ୍ୟ ମନ୍ତ୍ରୀ ପରିଷଦ ଅନୁମୋଦନ ଦେଇଥିବା ବେଳେ ଓଡ଼ିଶା ରାଜ୍ୟ ଓ ଜିଲ୍ଲା କମିଶନ କ୍ଷିପ୍ରଲେଖକ(ନିଯୁକ୍ତି ପ୍ରଣାଳୀ ଓ ସେବା ସର୍ତ୍ତାବଳୀ) ନିୟମାବଳୀ ୨୦୨୬କୁ ମଧ୍ୟ ଅନୁମୋଦନ ମିଳିଛି।

## ଲଘୁଚାପ ପ୍ରଭାବ...

ଓ ଏହାଦ୍ୱାରା ରାଜ୍ୟର ଅଧିକାଂଶ ସ୍ଥାନରେ ପ୍ରବଳ ବର୍ଷା ହେବ। ସକ୍ରିୟ ଥିବା ଘୂର୍ଣ୍ଣିବଳୟ ପ୍ରଭାବରେ ଗତ ୩୬ ଘଣ୍ଟା ମଧ୍ୟରେ ଉତ୍ତର ଉପକୂଳ ଓଡ଼ିଶାରେ ଭୀଷଣ ବର୍ଷା ଅନୁଭୂତ ହୋଇଛି। ଏହି ସମୟ ମଧ୍ୟରେ ଭଦ୍ରକରେ ସର୍ବାଧିକ ୧୩୦ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ବାଲେଶ୍ୱରରେ ୧୧୮, ବାରିପଦାରେ ୧୦୭, ପାରାଦୀପରେ ୧୦୨, ଚାନ୍ଦବାଲିରେ ୧୦୦, କେନ୍ଦ୍ରାପଡ଼ାରେ ୭୨ ଓ ଯାଜପୁରରେ ୬୬ ମିମି ବର୍ଷା ରେକର୍ଡ କରାଯାଇଛି। ସନ୍ଧ୍ୟାରେ ଭୁବନେଶ୍ୱରରେ ମଧ୍ୟ ବିଜୁଳି ଘଡ଼ଘଡ଼ି ସହ ମଧ୍ୟ ବର୍ଷା ହୋଇଛି। ବୁଧବାର ଜଗତସିଂହପୁର ଜିଲ୍ଲାରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ ବୋଲି ଆକଳନ କରି ପାଣିପାଗ କେନ୍ଦ୍ର ଏହି ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି କରିଛି। ସେହିପରି ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, କେନ୍ଦୁଝର, କନ୍ଧମାଳ, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଢେଙ୍କାନାଳ ଆଦି ଜିଲ୍ଲାରେ ମଧ୍ୟ ବର୍ଷାର ପ୍ରଭାବ ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଭାଗ ନିର୍ଦ୍ଦେଶିକା ମନୋରମା ମହାନ୍ତି କହିଛନ୍ତି ଯେ, ଆସନ୍ତା ୧୭ ତାରିଖ ଯାଏ ରାଜ୍ୟରେ ଲଗାଣ ବର୍ଷା ଜାରି ରହିପାରେ। ଓଡିଶା ଉପକୂଳରେ ମେଘୁଆ ପାଗ ଦେଖା ଦେବା ସହ ୪୫ ରୁ ୫୦ କିମି ବେଗରେ ପବନ ବହିବାର ସମ୍ଭାବନା ରହିଛି। ଏହି ସମୟରେ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି।

## ବନ୍ଦ ହେଲା...

ସ୍ୱାବଲମ୍ବୀ କରିବା ପାଇଁ ସରକାରୀ ସଂସ୍ଥା ବା ବିଭାଗ ସହ ଆଲୋଚନା କରି ସହାୟତା ପ୍ରଦାନ କରିବା। ଏହାଫଳରେ ଗ୍ରାମବାସୀ ନିଜେ ସ୍ୱାବଲମ୍ବୀ ହେବା ସହ ଜଙ୍ଗଲ ସୁରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ନିଜ ପେଟ ପୋଷିବା ପାଇଁ ଜଙ୍ଗଲ ଉପରେ ନିର୍ଭର ହେବା ଅପେକ୍ଷା ଅନ୍ୟ ଉପାୟରେ ନିଜ ଅର୍ଥନୀତିକୁ ସୁଦୃଢ଼ କରିପାରିବେ।

ଏହି ଯୋଜନାର ଲାଭ ବଲାଙ୍ଗିର ଜିଲ୍ଲାରେ ଅଧିକ ଦେଖିବାକୁ ମିଳିଥିଲା। ଏହି ଯୋଜନା ଅଧୀନରେ ୨୯୦ ବନ ସୁରକ୍ଷା ସମିତି ଜଙ୍ଗଲ ସୁରକ୍ଷା କରିବାରେ ନିୟୋଜିତ ହୋଇଥିଲେ। ଏହା ସହ ଜିଲ୍ଲାର ଉକ୍ତ ଗାଁର ଲୋକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଏହି ଯୋଜନାରେ କାର୍ଯ୍ୟରତ ଥିବା କର୍ମଚାରୀ ଓ ଘରୋଇ ସ୍ୱେଚ୍ଛାସେବୀ ସଂସ୍ଥା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ବନ ବିଭାଗ ଡିଭିଜନ କାର୍ଯ୍ୟାଳୟରେ ଜଣେ ଆମ ଜଙ୍ଗଲ ଯୋଜନା ସଂଯୋଜକ, ଜଣେ ଡାଟା ଏଣ୍ଟ୍ରି ଅପରେଟର କାମ କରୁଥିବା ବେଳେ ଜିଲ୍ଲାର ୧୧ଟି ରେଞ୍ଜରେ ଜଣେ ଜଣେ ଏହି ଯୋଜନା କାର୍ଯ୍ୟକୁ ଗତିଶୀଳ କରିବା ପାଇଁ ଡାଟା ଏଣ୍ଟ୍ରି ଅପରେଟର ନିୟୋଜିତ ହୋଇଥିଲେ। ସେହିପରି ଗାଁ ସ୍ତରରେ ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ଘରୋଇ ସ୍ୱେଚ୍ଛାସେବୀ ସଂସ୍ଥାକୁ ନିୟୋଜିତ କରାଯାଇଥିଲା। ଜିଲ୍ଲାରେ ଏହି କାର୍ଯ୍ୟକ୍ରମରେ ସଂପୃକ୍ତ ସଂସ୍ଥା ୧୨ ଜଣ ଡେଭଲେମେଣ୍ଟ ଅଫିସର ଓ ୪ ଜଣ ଟିମ୍ ଲିଡରଙ୍କୁ ନିଯୁକ୍ତି ଦେଇଥିଲା। ତେବେ ଏହି ଯୋଜନା ୨୦୨୫ ମାର୍ଚ୍ଚ ୩୧ ତାରିଖରେ ବନ୍ଦ ହେବାକୁ ଥିଲା। ଗୋଟିଏ ବର୍ଷ ଏହାର ଅବଧି ବୃଦ୍ଧି କରାଯାଇଥିଲା। ପରେ ପୁଣି ୩ ମାସ କିଛି କର୍ମଚାରୀଙ୍କ ସମୟ ବୃଦ୍ଧି କରାଯାଇଥିଲା। ତାହା ଜୁନ ଶେଷରେ ସମାପ୍ତ ହୋଇଛି। ୧୦ ବର୍ଷ ଧରି ଜିଲ୍ଲାର ଜଙ୍ଗଲ ସୁରକ୍ଷା କାର୍ଯ୍ୟରେ ନିୟୋଜିତ ହୋଇଥିବା ଏହି କର୍ମଚାରୀମାନେ ଏବେ କ'ଣ କରିବେ ତାକୁ ନେଇ ପ୍ରଶ୍ନ। ଘରୋଇ ସଂସ୍ଥା ଦ୍ୱାରା ନିୟୋଜିତ ହୋଇଥିବାରୁ ଏବେ ଏମାନଙ୍କ ଭବିଷ୍ୟତ ଅନ୍ଧାର। ତେବେ ଏହି ଯୋଜନାରେ କାର୍ଯ୍ୟ କରୁଥିବା କର୍ମଚାରୀ ସଂଘ ପକ୍ଷରୁ ଏନେଇ ମୁଖ୍ୟମନ୍ତ୍ରୀ ଓ ପିସିସିଏଫଙ୍କୁ ଅନ୍ୟ କୌଣସି କାର୍ଯ୍ୟକ୍ରମରେ ନିୟୋଜିତ କରିବା କିମ୍ବା ଅନ୍ୟତ୍ର ଥଇଥାନ ବ୍ୟବସ୍ଥା କରିବାକୁ ଦାବି କରାଯାଇଛି। ତେବେ ଆଉ ଏକ କାର୍ଯ୍ୟକ୍ରମ ସରକାର ଆରମ୍ଭ କରିବେ ବୋଲି ଆଲୋଚନା ହେଉଛି। ତାହାର କୌଣସି ସ୍ପଷ୍ଟ ସୂଚନା ନ ଥିବାରୁ ଏହି କର୍ମଚାରୀମାନେ ଭବିଷ୍ୟତକୁ ନେଇ ସନ୍ଦେହ ପ୍ରକାଶ କରିଛନ୍ତି। ଜିଲ୍ଲାରେ ଜଙ୍ଗଲ ସୁରକ୍ଷା ଓ ଜଙ୍ଗଲ ନିକଟବର୍ତ୍ତି ଗ୍ରାମବାସୀଙ୍କୁ ସ୍ୱାବଲମ୍ବୀ କରିବାରେ ଏହି ଯୋଜନା ସହାୟକ ହୋଇଥିଲା। ଏବେ ଜିଲ୍ଲାରେ ସୁରକ୍ଷିତ ଜଙ୍ଗଲର ଭବିଷ୍ୟତକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି।


**STEEL AUTHORITY OF INDIA LIMITED**
Rourkela Steel Plant
Rourkela - 769 011, Odisha, India

Great Place To Work. Certified

The SAIL Mediclaim Scheme (2026-27) has been renewed for a period of one year starting from 11th July, 2026 to 10th July, 2027 with M/s. New India Assurance Co. Ltd. The premium payable for renewal of membership for various age categories is as under:

| Member age-Group | Renewal Premium per Member payable by the member |
|---|---|
| Below 70 Yrs. | Rs. 9,609/- |
| Between 70 to 80 Yrs. | Rs. 6,428/- |
| 80 Yrs. & above | Rs. 100/- |

| Member age-Group | Gap Case Enrollment Premium per Member payable by the member |
|---|---|
| Below 70 Yrs. | Rs. 19,218/- |
| Between 70 to 80 Yrs. | Rs. 12,856/- |
| 80 Yrs. & above | Rs. 100/- |

In addition to renewals and fresh enrollments during the policy period 2026-27, the Gap Cases i.e. ex-employees who have failed to renew their membership or have never enrolled under SAIL Mediclaim Scheme after separation from SAIL and/or those ex-employees who were otherwise eligible in terms of the coverage criteria provided under the SAIL Mediclaim Scheme 2026-27, shall also be allowed for enrollment under the scheme for 2026-27 on payment of premium based on their age category as mentioned above.

Fresh enrolments for employees retiring during the policy period 2026-27 and their spouses shall be allowed for coverage under SAIL Mediclaim Scheme 2026-27 on payment of pro-rata premium.

Further, the facility of super Top Up has been there for willing employees / ex-employees on payment of full premium on the existing Terms and Conditions of enrollment in SAIL Mediclaim Scheme.

The details of the SAIL Mediclaim Scheme (2026-27) are available in Sampark Website (https://sampark.sailrsp.co.in) and also on the SAIL Website (https://www.sail.co.in) and SAIL Mediclaim Portal (http://sail.mdindia.com).

For gap case enrollment, eligible ex-employees have to fill up the physical available form on sampark website (https://sampark.sailrsp.co.in), pay the premium through DD, enclose necessary documents and get the forms signed & filled in and submit at HR- ER& C Section (Administrative Building) or at Public Health Office Complex, Sector- 5 within the last date i.e. 10-08-2026.

The application form for Gap cases can be downloaded from Sampark Website.

The last date for renewal under SAIL Mediclaim Scheme and also for GAP Case enrollment is 10-08-2026.

Registered Office: Ispat Bhawan, Lodi Road, New Delhi 110 003
Corporate Identity Number: L27109DL1973GOI006454, Website: www.sail.co.in

*There's a little bit of SAIL in everybody's life*



**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI**
E-Procurement Notice
Bid Identification No. S.E (R&B)-MLK-07/2026-27

34001/477/2627

No.: 3901 Date: 06.07.2026

1. Name of the work : Civil Work & E.I work
2. Total No. of Works : 03 Nos.
3. Estimated cost : 24.14 to 42.71 lakhs
4. Period of completion : 03 (Three) – 6 (six) months
5. Date & time of availability of bid document in the portal : From 10.00 hrs. of 15.07.2026 To 17.00 hrs. of 23.07.2026
6. Last date / Time for receipt of bids in the Portal : 17.00 hours of 23.07.2026
7. Date of opening of Tender : 10.00 hours of 24.07.2026
8. Name and address of the Officer Inviting Bid : Superintending Engineer Malkangiri (R&B) Division

Further details can be seen from the e-procurement portalhttps://tendersorissa.gov.in

Superintending Engineer
Malkangiri (R&B) Division

OIPR-34001/34063/1/2627/0006



**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, SAMBALPUR**
**CORRIGENDUM** 10001/360/2627

Corrigendum No. Chemical/ 3935 /2026-27 Date: 14.07.2026

In pursuance to tender reference no. Chemical/2900/2026-27 dated 07.05.2026, sealed tenders in prescribed format are invited from registered Firms/ Suppliers/ Manufacturers/ authorized distributors for supply of Lab chemical reagent & consumables (the items for which only single party/no party has quoted rates) to the undersigned for the year 2026-27. Details regarding items with terms and condition may be downloaded from the district website www.sambalpur.odisha.gov.in. The tender document should reach to the office of the undersigned on or before 28.07.2026 up to 05.00 PM (On working days) through Speed Post/Registered Post/Courier Service only. The tender will be opened on 29.07.2026 at 11.30 AM in the office chamber of the undersigned. Those who have submitted tender documents vide above tender reference should not submit the technical bid again. They will submit only the financial bid. The undersigned reserves the right to reject any or all the tenders without assigning any reason thereof. All other terms and conditions prescribed earlier will remain same.

Sd/- Chief District Medical & Public Health Officer, Sambalpur

OIPR-10001/10049/1/26-27/0006



**OFFICE OF THE SUPERINTENDING ENGINEER**
**RURAL WORKS DIVISION NO-I, GANJAM, BERHAMPUR**
E.Mail : eerw_gm1@yahoo.co.in

25001/735/2627

No. 4576 /RWD-I/BAM/ Dated: 13.07.2026

**1ST CORRIGENDUM TO TENDER CALL NOTICE**
**IDENTIFICATION NO. 11 / SERWDG-I / 2026-27 T.O. LETTER NO. 4093 DT. 18.06.2026**

The tender for the works as invited vide Tender Identification No. Online Tender / 11 / SERWDG-I / 2026-27 is hereby modified as follows due to unavoidable circumstances. The modification dates are as below.

| Procurement Officer | Bid Identification No. | No. of Works | Availability of Tender Online for Bidding | | Last Date & Time of Seeking Tender Clarification | Date & Time of Opening of Tender/Bid |
|---|---|---|---|---|---|---|
| | | | From | To | | |
| 1 | 2 | 3 | 4 | 5 | 6 | 7 |
| Executive Engineer, R.W. Division-I, Ganjam, Berhampur | Online Tender / 11 / SE RWDG-I / 2026-27 | (09) Nine Nos. | 16.07.2026 at 11.00 A.M. | 28.07.2026 up to 6.00 P.M. | 27.07.2026 up to 3.00 P.M. | 29.07.2026 at 11.30 A.M. |

All other contents will remain unchanged.

(Er. Saroj Kumar Mishra)
Executive Engineer,
Rural Works Division No.-I,
Ganjam, Berhampur

OIPR-25001/25085/1/26-27/0020



Forest, Environment and Climate Change Department, Odisha
**OFFICE OF THE DIVISIONAL FOREST OFFICER**
**JHARSUGUDA FOREST DIVISION**
Email – dfo.jharsuguda@odisha.gov.in / Ph – 06645-450249
Address – BTM (Ekatali), Jharsuguda Unit No. 1, Dist. Jharsuguda

8001/205/2627

**Office Order No. 154 1F(Acct.) / Dated: 10.07.2026**
**SHORT TENDER CALL NOTICE FOR SUPPLY OF IRON GABION WITH FIBRE NET**

Sealed tenders are invited from eligible manufacturers, authorized dealers, suppliers, registered firms, and other eligible agencies having a valid MSME (Udyam) Registration Certificate for the supply of Iron Gabion with HDPE Fibre Net to be used as Tree Guards for plantation sites under Jharsuguda Forest Division. The Iron Gabion with Fibre Net shall be fabricated using 25 mm Flat Iron comprising three (03) vertical stands of 8 ft. length each and three (03) Flat Iron Ring Supports of 5 ft. circumference each (total 15 ft.). The gabion shall be fitted with HDPE Oblong Fibre Net of 1.80 m height and shall include fabrication, one coat of primer, two coats of synthetic enamel paint, and transportation to the selected site located approximately 40 km from the Divisional Office, complete in all respects as per the specifications and terms & conditions contained in the tender document. The tentative requirement is **approximately 500 (Five Hundred) Iron Gabions with HDPE Fibre Net,** calculated at the rate of **250 Nos. per RKM for an estimated 2 RKM plantation stretch.** However, the quantity indicated is tentative only and may **increase or decrease** depending upon the plantation target approved during the current financial year and the availability of funds. The successful bidder shall have no claim whatsoever on account of such variation in quantity. The sealed tenders shall reach the Office of the Divisional Forest Officer, Jharsuguda Forest Division, on or before 28.07.2026 up to 5:00 P.M. through Registered Post/Speed Post/Courier Service or may be dropped in the Sealed Tender Box kept in the Office of the Divisional Forest Officer, Jharsuguda Forest Division. The tenders will be opened on 29.07.2026 at 11:00 A.M. in the Office of the Divisional Forest Officer, Jharsuguda Forest Division. The standard bidding document containing detailed specifications, terms and conditions can be downloaded from https://jharsuguda.odisha.gov.in/ and https://odishaforest.in/ or obtained from the Office of the Divisional Forest Officer, Jharsuguda Forest Division, during office hours from 14.07.2026 to 28.07.2026. The undersigned reserves the right to accept or reject any or all tenders, wholly or partly, or to cancel the tender process at any stage without assigning any reason thereof.

Divisional Forest Officer
Jharsuguda Forest Division

OIPR-8001/8054/1/26-27/0004



**AFFIDAVIT**

I, asraf khan, aged about 57 years, S/o- Ibrahim Khan, At- Bhandaghar, Po- Rasulpur, Ps- Kakatpur, Dist-Puri, Pin-752119, Odisha, declared by this Affidavit No.835/2026 Dated.14.07.2026, That now onwards I shall be known as **ASHRAF KHAN** that for all future purposes.

**AFFIDAVIT**

I, Sheikh Sahil Ahmed Sakil, aged about 25 years, S/o- Sheikh Sakil Ahmed, resident of Vill/PO/PS- Brahmabarada, Dist- Jajpur, State- Odisha declared by this affidavit No. 9866, dtd- 09/07/2026 that now onwards I shall be known as **SKSAHIL AHMED SAKIL** for all future purposes.

**AFFIDAVIT**

By virtue of an affidavit (SL No. 184/26, dtd- 13.07.2026) sworn before The Executive Magistrate, Sinapali. I, Simanchal Ghibhele, S/o Chhinu Ghibhela, resident of Vill: Kaseipani, PO: Kusumjore, PS- Sinapali, Dist- Nuapada, Odisha declare that I have changed my minor daughter's name & date of birth from **Khirendri Ghibhela (DOB: 28.02.2009) to Khilendri Ghibhela (02.09.2009).** Henceforth, she shall be known as **Khilendri Ghibhela (02.09.2009)** for all purposes.

**AFFIDAVIT**

By the virtue of an affidavit sworn before the Notary public, Sunabeda, Odisha, Affidavit No.: 1241, Dated: 13.07.2026, I, Krupa Golari, S/o.: Dasharath Galari, resident of At: Bijapur, PO.: Semala, P.S.: Nandapur, Dist.: Koraput, Odisha, being the father and natural guardian of my minor son, hereby declare that the name of my son has been changed from **Rajan Gallari to Ranjan Golari.** Henceforth, he shall be known and called as **Ranjan Golari** for all purposes.

**Sd/- Krupa Golari**

**AFFIDAVIT**

By Virtue of an affidavit sworn before Notary Public, Phulbani, Dist- Kandhamal, on Dated: 14.07.2026. I, Smt. Kamalini Kanhar, wife of Sri Lingaraj Kanhar, resident of At-Kutiguda, P.O. Rabingia, P.S. Phiringia, Dist. Kandhamal, Odisha, have changed the name of my minor son from **Ayashman Kanhar to Ayushman Kanhar.** Henceforth, he shall be known and called by the name Ayushman Kanhar for all purposes.

**Sd/- Kamalini Kanhar**

**AFFIDAVIT**

By Virtue of an affidavit sworn before Notary Public, Sunabeda, Affidavit No. 1247, on Dated: 13.07.2026. I, Sri Suku Sisa, S/o Sri Adu Sisa, resident of At- Parajabadapada, P.O.- Parajabadapada, P.S.- Padwa, Dist.- Koraput, Odisha, have changed the name of my minor son from **Bijay Sisa to Bijay Kumar Sisa.** Henceforth, he shall be known as **Bijay Kumar Sisa** for all purposes.

**Sd/- Suku Sisa**

**AFFIDAVIT**

I, Rajiba Lochan Nayak, aged about 38 years, S/o- Sudhakar Nayak, resident of Srirampur, At - Kopal, Po- Tiran, Dist- Jagatsinghpur, PIN- 754138, Odisha declared by this affidavit No. 467, dtd- 10/07/2026 that now onwards I shall be known as **RAJIB LOCHAN NAYAK** for all future purposes.

**AFFIDAVIT**

By virtue of an affidavit on dtd- 02.07.2026 sworn before The Executive Magistrate, Angul. I, **Sidheswar Pani** (new name), S/o- Santanu Pani & Rina Pani, resident of Vill/PO: Nuahata, PS: Banarpal, Dist: Angul, Odisha, PIN- 759128 declare that I have changed my name from Jagdish Pani (old name) to **Sidheswar Pani** (new name). Henceforth, I shall be known as **Sidheswar Pani** (new name) for all purposes. I declare that **Jagdish Pani** and **Sidheshwar Pani** are same and one person.

**Sidheswar Pani**

# ପଶ୍ଚିମବଙ୍ଗ ମୁହାଁ ଉପେକ୍ଷିତ ଉପାନ୍ତ ଗାଁ

ଜଳେଶ୍ୱର,୧୪।୭ (ଜଗନ୍ନାଥ ଗୋଚ୍ଛାୟତ)

ଜଳେଶ୍ୱର ବ୍ଲକ ଅଧୀନ ରାଇବଣିଆର ସର୍ଦ୍ଧାରବନ୍ଧ ପଞ୍ଚାୟତର ଗୋପିନାଥପୁର ସୀମାନ୍ତରେ ୩ ପରିବାରକୁ ନେଇ ଏକ ରାଜସ୍ୱ ଗାଁ ରହିଛି। ଗ୍ରାମଟି ପଶ୍ଚିମବଙ୍ଗ ରାଜ୍ୟର ବାଲିଗଡ଼ିଆ ବ୍ଲକ ଅନ୍ତର୍ଗତ ନୟାଗ୍ରାମ ଥାନା ସୀମାନ୍ତ ହୋଇଥିବାରୁ ଦୁଇ ରାଜ୍ୟର ଭାଷାଭାଷୀ ପରିବେଶରେ ମିଶି ଯାଇଛନ୍ତି। ଏହି ଗ୍ରାମର ଜଣେ ପରିବାର ସରକାରୀ ଆବାସ ପାଇବା ସହ ରାସନଠୁ ଆରମ୍ଭ କରି ସମସ୍ତ ସରକାରୀ ସୁବିଧା ସୁଯୋଗ ମଧ୍ୟ ପାଉଛନ୍ତି। ପୂର୍ବେ ଗ୍ରାମର ୮ ପରିବାର ବସବାସ କରୁଥିଲା ବେଳେ ମହିଳା ଓ ପୁରୁଷ ମିଶି ୩୦ଜନ ସଂଖ୍ୟା ବିଶିଷ୍ଟ ଛୋଟ ଗାଁରେ ୨୨ଜଣ ଭୋଟର ଥିଲେ। ପଞ୍ଚାୟତ ଓ ଅନ୍ୟ ଗ୍ରାମ ଠାରୁ ଏହା ୩ କିମି ଦୂରତା ଏବଂ ବିଚ୍ଛିନ୍ନ ହେବା ଦ୍ୱାରା ଅଧିକାଂଶ ଲୋକେ ପଶ୍ଚିମବଙ୍ଗ ମୁହାଁ ହେଉଛନ୍ତି। ବଙ୍ଗୀୟ ଚଳଣିରେ ରହିବା ସହିତ ସୀମାନ୍ତ ଗ୍ରାମ ଓ ଖଡିକା ସ୍ଥିତ ବଜାର, ହସ୍ପିଟାଲ ଉପରେ ନିର୍ଭରଶୀଳ ରହୁଛନ୍ତି। ପଶ୍ଚିମବଙ୍ଗ ସରକାରଙ୍କ ବିଭିନ୍ନ ସରକାରୀ ଯୋଜନାରେ ପ୍ରଲୋଭନ ଦେଖାଇ ଓଡ଼ିଶା ଲୋକଙ୍କୁ ଆକର୍ଷିତ କରୁଥିବା ଅଭିଯୋଗ ହେଉଛି। ପଶ୍ଚିମବଙ୍ଗ ସୀମାନ୍ତ ଗ୍ରାମର ସହଯୋଗ ପାଉଥିବାରୁ ପୂର୍ଣ୍ଣଚନ୍ଦ୍ର ମହାନ୍ତ, ମଣ୍ଟେଶ୍ୱର ମହାନ୍ତ ପ୍ରମୁଖ କେତେ ଜଣ



ପଶ୍ଚିମବଙ୍ଗର ବାସିନ୍ଦା ହୋଇଥିବା ସୂଚନା ରହିଛି। ଅଧୁନା ଗ୍ରାମରେ କୃଷ୍ଣ ବିନ୍ଧାଣୀ, ଅନୀଲ ମହାନ୍ତ,ନିମାଇଁ ମହାନ୍ତଙ୍କ ୩ ପରିବାର ରହୁଥିବା ବେଳେ ଭୋଟର ସଂଖ୍ୟା ୯ ଜଣରେ ସୀମିତ ରହିଛି। ଗାଁର ଲାବଣ୍ୟ ମହାନ୍ତ ବିଧବା ଭତ୍ତା ପାଉଥିବା ବେଳେ ଅନୀଲ ମହାନ୍ତ, କୃଷ୍ଣ ବିନ୍ଧାଣୀ ଓ ନିମାଇଁ ମହାନ୍ତ ବାର୍ଦ୍ଧକ୍ୟ ଭତ୍ତା ପାଉଥିବାର ଜଣାପଡିଛି। ଚୁଡାମଣି ପୁର ଖଡିକା ମୁଖ୍ୟ ରାସ୍ତାରୁ ଗ୍ରାମକୁ ଯିବା ପାଇଁ ୨୦୧୮/୧୯ ବର୍ଷରେ ୯ ଲକ୍ଷ ଟଙ୍କାର ବ୍ୟୟରେ ପଞ୍ଚାୟତ ପକ୍ଷରୁ ପକ୍କା ସଡ଼କ ଆରମ୍ଭ ହୋଇଥିଲା। କିନ୍ତୁ କିଛି ରାସ୍ତା ହେବା ସହ ବାକି ଦେଢ କିମି ରାସ୍ତାରେ ମୋରମ ସହ ମେଟାଲିଂ ହୋଇ ଅଧାପନ୍ତରିଆ ଭାବେ ପଡି ରହିଛି। ପାନୀୟଜଳ ଲାଗି ଏକ ନଳକୂପ ବସାଇବା ସହିତ ମଟର ଚାଳିତ ଏକ ପାଣିପମ୍ପ ହାଉସ ଓ ସମସ୍ତ ଘରକୁ ପାଣିପାଇପ ସଂଯୋଗ ହୋଇ ଥିଲେ ମଧ୍ୟ ତାହା ଅକାମୀ ହୋଇ ପଡ଼ିରହିଛି। ଭୋଗରାଇର ଚର୍ଚ୍ଚିତ ଶଙ୍ଖାମେଦୀ ଗାଁ ପଶ୍ଚିମବଂଗ ସହ ମିଶିବା ଭଳି ଓଡ଼ିଶା ପ୍ରଶାସନ ସଜ୍ଞାନ ନେଇ ଉକ୍ତ ଉପାନ୍ତ ଗାଁରେ ମୌଳିକ ସୁବିଧା ଯୋଗାଇ ଦେବାକୁ ସାଧାରଣରେ ଦୃଷ୍ଟି ଆକର୍ଷଣ କରାଯାଇଛି।

## ବ୍ୟାଙ୍କର୍ସ ସଚେତନତା କାର୍ଯ୍ୟକ୍ରମ

ବାଲେଶ୍ୱର,୧୪।୭ (ସମିସ): ନ୍ୟାସନାଲ ବ୍ୟାଙ୍କ ଫର ଏଗ୍ରିକଲଚର ଏଣ୍ଡ ରୁରାଲ ଡେଭେଲୋପମେଂଟ (ନାବାର୍ଡ) ର ୪୫ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଏକ ବ୍ୟାଙ୍କର୍ସ ସଚେତନତା କାର୍ଯ୍ୟକ୍ରମ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଗ୍ରାମାଂଚଳର ଉନ୍ନତିରେ ନାବାର୍ଡର ଦାୟିତ୍ୱ ଉପରେ ଆଲୋକପାତ କରିଥିଲେ। ନାବାର୍ଡର ଜିଲ୍ଲା ବିକାଶ ପ୍ରବନ୍ଧକ ତାପସ ରଞ୍ଜନ ପ୍ରଧାନ ଏଥିରେ ପୌରହିତ୍ୱ କରିବା ସହିତ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଗତ ଆର୍ଥିକ ବର୍ଷରେ ନାବାର୍ଡ ଦ୍ୱାରା ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟକାରୀ ହୋଇଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ, କୃଷି ଓ ଗ୍ରାମୀଣ ବିକାଶ, ଆର୍ଥିକ ଅନ୍ତର୍ଭୁକ୍ତି, କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ର ସଶକ୍ତିକରଣ, କୃଷକଙ୍କୁ ଋଣ ସହାୟତା ଏବଂ ବ୍ୟାଙ୍କ ନାବାର୍ଡ ସମନ୍ୱୟକୁ ଆହୁରି ସୁଦୃଢ଼ କରିବା ସମ୍ପର୍କରେ ସେ ଆଲୋଚନା କରିଥିଲେ। ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ଗଣେଶ ପ୍ରସାଦ ମହାପାତ୍ର, ୟୁକୋ ବ୍ୟାଙ୍କ ଜୋନାଲ ମ୍ୟାନେଜର ନିତେଶ ମହାନ୍ତି, ବାଲେଶ୍ୱର ଲିଡ ବ୍ୟାଙ୍କ ମ୍ୟନେଜର ମୋତି କୁମାର ଶାହ, ଉଦ୍ୟାନ କୃଷି ବିଭାଗ ଉପ-ନିର୍ଦ୍ଦେଶକ ପ୍ରଦୀପ ବଳ, ଜିଲ୍ଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ରବି ପଟ୍ଟନାୟକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ ପଣ୍ଡା, ଜିଲ୍ଲା ମତ୍ସ୍ୟ ଅଧିକାରୀ ଦେବେନ୍ଦ୍ର ସାମଲ, ଓଡିଶା ଗ୍ରାମ୍ୟ ବ୍ୟାଙ୍କ ରିଜିଓନାଲ ମ୍ୟାନେଜର, ମିଶନ ଶକ୍ତି ଜିଲ୍ଲା ପ୍ରକଳ୍ପ ଅଧିକାରୀ କାର୍ତ୍ତିକ ନାୟକ, ଓରମାସ ମୁଖ୍ୟ ନିର୍ବାହୀ ଅଧିକାରୀ ଶାନ୍ତନୁ ବାନାର୍ଜୀ, ଓଡିଶା ଜୀବିକା ମିଶନ ଜିଲ୍ଲା ପ୍ରକଳ୍ପ ପରିଚାଳକ ବନଜକାନ୍ତ ମହାରି ପ୍ରମୁଖଙ୍କ ସମେତ ଜିଲ୍ଲାର ବିଭିନ୍ନ ବ୍ୟାଙ୍କର ଅଧିକାରୀ, କୃଷକ ଉତ୍ପାଦକ ସଂଗଠନର ପ୍ରତିନିଧି ଏବଂ ବିଭିନ୍ନ ସରକାରୀ ବିଭାଗର ଅଧିକାରୀ ଯୋଗଦେଇଥିଲେ।

## ନାଳ ଅବରୋଧ; ଶିବ ମନ୍ଦିରରେ ପଶିଲା ବର୍ଷା ପାଣି



ଜଳେଶ୍ୱର,୧୪।୭ (ସମିସ) : ଉପାନ୍ତ ଗୋବରଘାଟା ପଞ୍ଚାୟତ ଦେଇ ଯାଇଥିବା ଐତିହାସିକ ଜଗନ୍ନାଥ ସଡ଼କ(ଗ୍ରାଣ୍ଡ ଟ୍ରଙ୍କ ରୋଡ଼)ର ଦୁଇ ପାଶ୍ୱର୍ରେ ଥିବା ଜଳ ନିଷ୍କାସନ ନାଳ ଜବର ଦଖଲରେ ରହିଛି। ମଙ୍ଗଳବାର ଅସରାଏ ବର୍ଷା ଫଳରେ ଅଗ୍ରୱାଲା ଛକ ଠାରେ ଥିବା ଶିବ ମନ୍ଦିର ଓ ଲିଙ୍ଗ ଉପରେ ଆଣ୍ଠୁଏ ଅପରିଷ୍କାର ପାଣି ଛିଡ଼ା ହୋଇ ଅଭାବନୀୟ ପରିସ୍ଥିତ ସୃଷ୍ଟି ହୋଇଛି। ସନ୍ନିକଟ ୧୬ ନଂ ଜାତୀୟ ରାଜପଥ ରେ ଅଧିକ ଚଳାଚଳ ଫଳରେ ଉକ୍ତ ସଡ଼କ ସଂପ୍ରସାରଣ ଓ ମରାମତିକୁ ଅଣଦେଖା କରାଯାଉଛି। ଜଳେଶ୍ୱର ଠାରୁ ହାଟପଦା ପର୍ଯ୍ୟନ୍ତ ଦୁଇ ପାଶ୍ୱର୍ରେ ଥିବା ଓସାରିଆ ସରକାରୀ ଜାଗା କୁ ଅବୈଧ କବ୍‌ଜା ଏବଂ ଜଳ ନିଷ୍କାସନ ନାଳକୁ ବନ୍ଦ କରାଯାଇଛି। ରାଜସ୍ୱ ବିଭାଗ ସମୀକ୍ଷା ନ କରି ପାଣି ନିଷ୍କାସନ ନାଳକୁ ବେପରୁଆ ଭାବେ ଘରବାଡ଼ି ପଟା ଦେଉଥିବା ସ୍ଥାନୀୟ ବାସୀ ଅଭିଯୋଗ କରିଛନ୍ତି। ଏହା ଦ୍ୱାରା ଅଗରୱାଲା ଛକ ନିକଟରେ ସଡ଼କ ଉପରକୁ ପାଣି ଆସି ରାସ୍ତା ନଷ୍ଟ ହେବା ସହିତ ଯାତାୟାତରେ ଘୋର ଅସୁବିଧା ସୃଷ୍ଟି ହୋଇଛି। ମନ୍ଦିରର ଗର୍ଭ ଗୃହ ଶକ୍ତି ସ୍ଥଳ ରେ ନର୍ଦ୍ଦମା ପାଣି ଛିଡ଼ା ହୋଇଥିବାରୁ ଧର୍ମୀୟ ଭାବନା କୁଠାରାଘାତ ହେଉଥିବା କୁହାଯାଉଛି।

## ପଞ୍ଚାୟତରେ କାର୍ଯ୍ୟକର୍ତ୍ତା ଚୟନ ପାଇଁ ବୈଠକ

ବାଲେଶ୍ୱର,୧୪।୭ (ସମିସ): ସଦର ବ୍ଲକ ପଞ୍ଚାୟତ ସମିତି ଅନ୍ତର୍ଗତ ପଦ୍ମପୁର ଗ୍ରାମପଞ୍ଚାୟତ ର ୨୭ ନମ୍ବର ଜୋନର ସଭାପତି ନିରଞ୍ଜନ ଦାସଙ୍କ ନେତୃତ୍ୱରେ ପଦ୍ମପୁର ଗ୍ରାମପଞ୍ଚାୟତ ଓ ଅଡାର ନୂତନ କାର୍ଯ୍ୟକର୍ତ୍ତା ଚୟନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ରେମୁଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସୁଦର୍ଶନ ଜେନା ଉପସ୍ଥିତ ରହି ଆଗାମି ପଂଚାୟତ ନିର୍ବାଚନ ପ୍ରସ୍ତୁତି ହେବା ପାଇଁ ସମସ୍ତ କଂଗ୍ରେସ ଦଳର କର୍ମୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ଏହି ବୈଠକରେ ଜିଲ୍ଲାର ସାଧାରଣ ସଂପାଦକ କେଶବ ଚନ୍ଦ୍ର ନାୟକ, ରେମୁଣା ବ୍ଲକର ଉପସଭାପତି ଜିବନ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ। ନୂତନ କର୍ମକର୍ତ୍ତା ଭାବେ ରାଜେନ୍ଦ୍ର ପାତ୍ରଙ୍କୁ ପଦ୍ମପୁର ଗ୍ରାମପଞ୍ଚାୟତ କଂଗ୍ରେସ ର ସଭାପତି ଦାୟିତ୍ୱ ପ୍ରଦାନ କରାଯାଇଛି।

## ଟ୍ରାକ୍ଟର ଓଲଟି ଯୁବକ ମୃତ

ବସ୍ତା ବ୍ଲକ, ୧୪।୭ (ସମିସ): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଦରଡ଼ାଠାରେ ଏକ ଟ୍ରାକ୍ଟର ଓଲଟି ପଡ଼ିବା ଫଳରେ ଜନୈକ ଯୁବକଙ୍କ ମୃତ୍ୟୁ ହୋଇଥିବା ଜଣା ପଡ଼ିଛି। ମଙ୍ଗଳବାର ସକାଳ ସମୟ ରେ ପ୍ରବଳ ବର୍ଷା ହେଉଥିବା ବେଳେ ବିଲକୁ ହଳ କରିବାକୁ ଯାଉଥିବା ଏକ ଟ୍ରାକ୍ଟର ଭାରସାମ୍ୟ ହରାଇ ବିଲ ଭିତରକୁ ଓଲଟି ପଡ଼ିଥିଲା। ଫଳରେ ବିଲରେ ଥିବା ଏକଡାଳିଆ ଗ୍ରାମର ମଧୁସୂଦନ ମହାନ୍ତିଙ୍କ ପୁତ୍ର ଅଭିଜିତ (୧୯) ଘଟଣା ସ୍ଥଳ ରେ ଗାଡି ତଳେ ଚାପି ହୋଇ ରହି ଯାଇ ଥିଲେ। ଖବର ପାଇ ବସ୍ତା ଅଗ୍ନିଶମ ବିଭାଗ ପହଂଚି ଯୁବକକୁ ଉଦ୍ଧାର କରି ବସ୍ତା ମେଡିକାଲ କୁ ନେଇଥିଲେ ମଧ୍ୟ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ଥାନା ରେ ଅଭିଯୋଗ ପରେ ପୁଲିସ ହସ୍ପିଟାଲରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ତଦନ୍ତ ଜାରି ରଖିଛି। ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିବା ଜଣା ପଡିଛି।

## ରଘୁନାଥ ଜୀଉ ମଠର କାର୍ଯ୍ୟନିର୍ବାହୀ ଅଧିକାରୀ ହେଲେ ବିଘ୍ନେଶ୍ୱର



ନୀଳଗିରି, ୧୪।୭ (ସମିସ): ୧୨୨୯ ସାଲରେ ନିର୍ମିତ ଶ୍ରୀ ରଘୁନାଥ ଜୀଉ ମଠ ପ୍ରଥମେ ନୀଳଗିରି ରାଜାଙ୍କ ଦ୍ୱାରା ପରିଚାଳିତ ହେଉଥିଲା। ସ୍ୱାଧୀନତା ପରେ ରାଜ୍ୟ ସରକାରଙ୍କ ଦେବତ୍ତୋର ବିଭାଗ ଦ୍ୱାରା ଉକ୍ତ ମଠ ଟି ପରିଚାଳିତ ହେଉଛି। ଏହି ମଠ ପରିଚାଳନା ନିମନ୍ତେ ଦୀର୍ଘ ପାଞ୍ଚ ବର୍ଷ ଧରି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିଯୁକ୍ତ ହୋଇପାରିନଥିଲା ବେଳେ ବିଭିନ୍ନ ପ୍ରକାର ଅସୁବିଧା ଦେଖାଦେଇଥିଲା। ଦେବତ୍ତୋର କମିଶନରଙ୍କ ସୁଦୃଷ୍ଟି ପଡ଼ିବାରୁ ଏଠାରେ ବିଘ୍ନେଶ୍ୱର ବାରିକଙ୍କୁ କାର୍ଯ୍ୟନିର୍ବାହୀ ଅଧିକାରୀ ଭାବେ ନିଯୁକ୍ତି ଦେଇଛନ୍ତି।

## ଏସ୍‌ଏମ୍‌ସି ଗଠନକୁ ନେଇ ବିଦ୍ୟାଳୟରେ ଉତ୍ତେଜନା

ବାଲେଶ୍ୱର ସଦର, ୧୪।୭ (ସମିସ): ସଦର ବ୍ଲକ ଅନ୍ତର୍ଗତ ରସଲପୁର ପଞ୍ଚାୟତ ମନୁଡିହା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଏସଏମ୍‌ସି କମିଟି ଗଠନକୁ କେନ୍ଦ୍ର କରି ଉତ୍ତେଜନା ଦେଖା ଦେଇଥିଲା। ଶେଷରେ ବସ୍ତା ପୋଲିସର ହସ୍ତକ୍ଷେପ ପରେ ମାମଲା ଥଣ୍ଡା ପଡ଼ିଥିଲା। ପୂର୍ବ ନିର୍ଦ୍ଧାରିତ ସମୟ ଅନୁଯାୟୀ ଆଜି ଦିନ ୧୧ଟା ସମୟରେ ସ୍ଥାନୀୟ ସିଆରସିସିଙ୍କ ସମେତ ଅଭିଭାବକ ମାନେ ଆସି ପହଞ୍ଚିଥିଲେ। ଏହି ସମୟରେ ଅଭିଭାବକମାନଙ୍କ ଅନ୍ୟ ଏକ ଗୋଷ୍ଠୀ ସେଠାରେ ପହଞ୍ଚିବା ସହିତ କମିଟି ଗଠନ କାର୍ଯ୍ୟ ସରକାରୀ ନିୟମ ମୁତାବକ ହେଉନଥିବା ଅଭିଯୋଗ ଆଣିବା ସହିତ ପାଟିତୁଣ୍ଡ କରିଥିଲେ। ଖବର ପାଇ ବସ୍ତା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହିତ ଆଇନ ମୁତାବକ କାର୍ଯ୍ୟ କରିବା ପାଇଁ ତାଗିଦ୍ କରି ଯାଇଥିଲେ। ଏହି କମିଟି ଚୟନରେ ଅନିୟମିତତା ହେଉଛି ବୋଲି କିଛି ଅଭିଭାବକ ବିରୋଧ କରିବା ପରେ ଆଜିକା ପାଇଁ ଏହି କାର୍ଯ୍ୟକୁ ସ୍ଥଗିତ ରଖାଯାଇଥିବା ଜଣା ପଡିଛି। ଆଗାମୀ ଦିନରେ ଶିକ୍ଷା ବିଭାଗ ସଠିକ ଓ ନିୟମ ମୁତାବକ କମିଟି ଗଠନ ନ କଲେ ଅନଶନରେ ବସିବେ ବୋଲି ବିରୋଧୀ ଅଭିଭାବକମାନେ କଡ଼ା ଚେତାବନୀ ଦେଇଛନ୍ତି।

## ଗଛ ପଡ଼ି ରାସ୍ତା ଅବରୋଧ

ନୀଳଗିରି, ୧୪।୭ (ସମିସ): ସୋମବାର ରାତିଠାରୁ ନିଳଗିରିରେ ଅହ ରହ ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଘରୁ ବାହାରକୁ ବାହାରିବା ଅସମ୍ଭବ ହୋଇ ପଡ଼ିଛି। ଲଘୁଚାପ ବର୍ଷା ଯୋଗୁଁ ନିଳଗିରି ସହରର ଜେଲ୍ ରୋଡ ରେ ଥିବା ବହୁ ପୁରୁଣା ଅଶ୍ୱସ୍ତ ଗଛଟି ସମ୍ପୂର୍ଣ୍ଣ ରୂପେ ଭାଙ୍ଗି ଯିବା ଫଳରେ ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଇଥିଲା। ପରେ ଅଗ୍ନିଶମ ବିଭାଗ ପହଂଚି ଡାଳ କାଟି ରାସ୍ତା ପରିଷ୍କାର କରିଥିଲେ।



## ଜଳେଶ୍ୱର ପୌର ପରିଷଦରେ ନମସ୍ତେ ଦିବସ

ଜଳେଶ୍ୱର,୧୪।୭ (ସମିସ): ସଫେଇ ମିତ୍ରଙ୍କ ଅମୂଲ୍ୟ ଅବଦାନକୁ ସମ୍ମାନ ଜଣାଇବା ଏବଂ ସୁରକ୍ଷିତ ଓ ଯାନ୍ତ୍ରିକ ସ୍ୱଚ୍ଛତା ବ୍ୟବସ୍ଥାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ଆଜି ଜଳେଶ୍ୱର ପୌରାଞ୍ଚଳରେ 'ନମସ୍ତେ ଦିବସ' ପାଳନ କରାଯାଇଛି। ଜଳେଶ୍ୱର ପୌରପରିଷଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ସଭାରେ କାର୍ଯ୍ୟନିର୍ବାହୀ ଅଧିକାରୀ ହେମନ୍ତ ସିଂ ସଭାପତିତ୍ୱ କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ନଗର ପାଳ ପ୍ରତିପ କୁମାର ପ୍ରଧାନ, ସମ୍ମାନିତ ଅତିଥି ଭାବେ ଉପାଧକ୍ଷା ପୁଷ୍ପ ପ୍ରିୟା କାମିଲା,ପାରିଷଦର ସମସ୍ତ



କାଉନସିଲର ପାଳିକାର କର୍ମଚାରୀ କିଶୋର ଚମ୍ପତି, ସହକାରୀ ଯନ୍ତ୍ରୀ ସୁଶୀଲ ମୁର୍ମୁ, ଗୋଷ୍ଠୀ ସଂଗଠିକା ଜ୍ୟୋସ୍ନାରାଣୀ ପତି, ପରିମଳ ବିଶେଷଜ୍ଞ ସ୍ମୃତି ରେଖା ଦେହୁରୀଙ୍କ ସମେତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ଶେଷରେ ସଫେଇ କର୍ମଚାରୀଙ୍କୁ ବ୍ୟକ୍ତିଗତ ସୁରକ୍ଷା ସାମଗ୍ରୀ (ପିପିଇ) ବଣ୍ଟନ କରାଯାଇଥିଲା। ଏହି ଦିବସରେ ଅବସରରେ ନୂତନ ବାର୍ଦ୍ଧକ୍ୟଭତ୍ତା-୫୫, ବିକଳାଙ୍ଗଭତ୍ତା -୯, ବିଧବାଭତ୍ତା-୬ ଜଣଙ୍କୁ ବଣ୍ଟନ କରାଯାଇଛି। ଆବାସ ଯୋଜନାରେ ୬୧ ଜଣଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା।

## ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଜଳେଶର/ଜଳେଶ୍ୱର ବ୍ଲକ, ୧୪।୭ (ସମିସ): ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତି କରଣ ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ସାମାଜିକ ସୁରକ୍ଷା ବିଭାଗ, ବାଲେଶ୍ୱରଙ୍କ ସହଯୋଗରେ ଜଳେଶ୍ୱର ପଞ୍ଚାୟତ ସମିତି ଆୟୋଜନରେ ଜଳେଶ୍ୱର ଶାନ୍ତିଆ ସରକାରି ଉ.ପ୍ରା. ବିଦ୍ୟାଳୟ ପରିସରରେ ପଞ୍ଚଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକ ଅଧକ୍ଷ ମାନସ କୁମାର ଜେନା, ଏବିଡ଼ିଓ ସୁଧୀର କୁମାର ସାହୁ,ସାମାଜିକ ସୁରକ୍ଷା ବିଭାଗର ଭାରପ୍ରାପ୍ତ ଅଧିକାରୀ ସୟତ୍ ଅନୁପମ, କମ୍ୟୁନିଟି ଅର୍ଗାନାଇଜର ମୋନାଲିସା ମିଶ୍ରଙ୍କ ସହ ଅନ୍ୟାନ୍ୟ ଅଧିକାରୀ ମାନେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିବା ସହିତ ବିଭିନ୍ନ ବିଭାଗର ଡାକ୍ତର ଉପସ୍ଥିତ ରହି ସବୁ ବିଭାଗର ହିତାଧୀକାରୀମାନଙ୍କୁ ପରୀକ୍ଷା କରି ଚିହ୍ନଟ କରାଯାଇ ଥିଲା। ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ ସଭ୍ୟା, ଅଙ୍ଗନବାଡ଼ି, ଆଶାକର୍ମୀ,ଶାନ୍ତିଆ ସରକାରି ଉ.ପ୍ରା. ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ସ୍କୁଲ ଛାତ୍ରଛାତ୍ରୀ ଉପସ୍ଥିତ ରହି ଏହି ପଞ୍ଚଦଶ ପର୍ଯ୍ୟାୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରକୁ ସହଯୋଗ କରିଥିଲେ। ଏହି ଶିବିରରେ ଅସ୍ଥିଶଲ୍ୟ,ରକ୍ତ ହୀନତା,ସ୍ନାୟୁ ଆଘାତ ବିଭାଗ ପକ୍ଷରୁ-୧୨୯, ଦୃଷ୍ଟିବାଧିତ ବିଭାଗପକ୍ଷରୁ ୩୯, ମାନସିକ ଅଗ୍ରସର ପକ୍ଷରୁ ୩୨ ଜଣ ମୋଟ ୧୯୧ ଜଣ ଏହି ସବୁ ବିଭାଗରେ ପଞ୍ଜିକରଣ କରି ଡ଼ାକ୍ତର ମାନଙ୍କ ଠାରୁ ପରୀକ୍ଷା କରେଇ

## ରାସ୍ତା କଡ଼ରୁ ଛେଳି କଟା ବନ୍ଦ ହେଉନି; ଜିଲ୍ଲାପାଳଙ୍କୁ ଅଭିଯୋଗ

କାଳିପଦା, ୧୪।୭ (ସମିସ): ବାଲିଆପାଳ ବସ୍ତା ପୂର୍ତ୍ତ ବିଭାଗ ମୁଖ୍ୟ ରାସ୍ତାରେ ଏବେ ଖୁଲମ ଖୁଲା ଭାବେ ଶହ ଶହ ଛେଳି କଟାଯାଇ ବିକ୍ରି କରାଯାଉଛି। ଏହାର ଖରାପ ପ୍ରଭାବ ମହିଳା ଓ ଶିଶୁ ମାନଙ୍କ ଉପରେ ପଡୁଛି। ରାସ୍ତାର ସିମୁଳିଆ ଛକ, ହସ୍ପିଟାଲ ଛକ, ଗେଙ୍ଗୁଟିଆ ଛକ, ଘଣ୍ଟିଆଡ଼ି ଛକ, ଦାନ୍ତୁଣିଦା ଛକ, ଦେଭୋଗ ଛକ ଆଦିରେ ଦୈନନ୍ଦିନ ଛେଳି କଟା ଯାଇ ବ୍ୟବସାୟୀ ମାନେ ଖୁବ ଫାଇଦା ଉଠାଉଛନ୍ତି। ପ୍ରଶାସନ ଓ ପୁଲିସ ସମସ୍ତ ଜାଣି ମଧ୍ୟ ନୀରବ ରହୁଛନ୍ତି। ବିଶ୍ୱ ହିନ୍ଦୁ ପରିଷଦ, ବଜରଙ୍ଗ ଦଳ, ବରିଷ୍ଠ ନାଗରିକ ପରିଷଦ, ସ୍ୱେଚ୍ଛାସେବୀ ମହିଳା ସଂଗଠନ ଛେଳି କଟା ଜନ ଗହଳି ରାସ୍ତା କଡ଼ରୁ ବନ୍ଦ କରିବା ନେଇ ପୂର୍ବରୁ ପ୍ରଶାସନ ଓ ପୁଲିସକୁ ବାରମ୍ବାର ଜଣାଇବା ସତ୍ତ୍ୱେ କୌଣସି ପ୍ରତିକାର ହେଉ ନାହିଁ। ଗଲା ଦୁଇ ବର୍ଷ ତଳେ ରାସ୍ତା କଡରେ ଛେଳି କଟା ବନ୍ଦ ନେଇ ବଡ଼ ଧାରଣର ଗଣ୍ଡଗୋଳ ହୋଇ ଥିଲା। ସେତେବେଳେ ନିଷ୍ପତ୍ତି ହୋଇ ଛେଳି କଟା ଦୈନିକ ସିମୁଳିଆ ମାର୍କେଟର ଦକ୍ଷିଣ ପଟରେ ହୋଇ ଆସୁଥିଲା। ମାତ୍ର ଏବେ ତାହାକୁ ଉଲ୍ଲଂଘନ କରି କେତେକ ମୁଖ୍ୟ ରାସ୍ତାରେ ଛେଳି କାଟୁଛନ୍ତି। ସେହିପରି ବାଲିଆପାଳ କମର୍ଦ୍ଦା, ବାଲିଆପାଳ କାଳିପଦା, ବାଲିଆପାଳ ଲଙ୍ଗଳେଶ୍ୱର ଆଦି ରାସ୍ତା କଡରେ ଅବାଧରେ ଛେଳି କଟା ହେଉଛି। ଏ ନେଇ ପ୍ରଶାସନ ଓ ପୁଲିସ ବିଭାଗ କୌଣସି ପଦକ୍ଷେପ ନେଉ ନ ଥିବାରୁ ଗତ କାଲି ବାଲିଆପାଳ ବ୍ଲକ ପରିସରରେ ମିଳିତ ଜନ ଶୁଣାଣି ଶିବିରରେ ଏଥିପ୍ରତି ଦୃଷ୍ଟି ଦେବାକୁ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୁରଙ୍କ ଠାରେ ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘର ଅନୁଜ କୁମାର ମହାପାତ୍ର,ସୀତାରାମ ଦେହୁରୀ, ପ୍ରଭାକର ଦେ, ଲକ୍ଷଣ କୁମାର ବେହେରା, ସୁଦର୍ଶନ ଦାସ, ଖଗେଶ୍ୱର ଗିରି, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ସଦାନନ୍ଦ ସାହୁ, ସୁମତି ମଣ୍ଡଳ, ରତ୍ନାକର ମଙ୍ଗରାଜ, ଗଗନ ବିହାରୀ ଧଳ, ସୁନନ୍ଦା ପଡ଼ିଆରୀ, ଦୁଃଖହରୀ ପ୍ରହରାଜ ପ୍ରମୁଖ ଅଭିଯୋଗ ବାଢି ଥିଲେ। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେବେ ବୋଲି ପ୍ରକାଶ କରିଥିଲେ।

## ସନ୍ଥତୀର୍ଥ ସେବାଶ୍ରମରେ ବୃକ୍ଷରୋପଣ କାର୍ଯ୍ୟକ୍ରମ




ବାଲେଶ୍ୱର,୧୪।୭ (ସମିସ): ସହାୟକ ବାଲେଶ୍ୱର ତରଫରୁ ହଳଦୀପଦାସ୍ଥିତ ସନ୍ଥତୀର୍ଥ ସେବାଶ୍ରମ ପରିସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ 'ସହାୟକ'ର ପୂର୍ବତନ ସଭାପତି ଓ ବର୍ତ୍ତମାନର ଉପଦେଷ୍ଟା ଦିବାକର ମହାପାତ୍ର ଓ ବର୍ତ୍ତମାନର ସଭାପତି ଡ. କ୍ଷିତୀଶ୍ୱର ଦାଶଙ୍କ ନେତୃତ୍ୱରେ ୧୫ ଜଣ ସଦସ୍ୟ ସଦସ୍ୟା ହଳଦୀପଦା ଅଭିମୁଖେ ଚାରା ସହ ଯାତ୍ରା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଶ୍ରମର ସନ୍ଥ ଚିତ୍ତ ବାବା ଓ ତତ୍ତ୍ୱାବଧାରକ ଗୋବିନ୍ଦ ବଲ୍ଲଭ ଦଳାଇଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ 'ସହାୟକ'ର ସଦସ୍ୟ ସଦସ୍ୟାମାନେ ବିଭିନ୍ନ ପ୍ରକାର ଫଳଚାରା ଓ ଔଷଧୀୟ ବୃକ୍ଷମାନ ସେବାଶ୍ରମରେ ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଇଂ. ସୁରେନ୍ଦ୍ରପ୍ରସାଦ ନାୟକ, ଶରତ ଚନ୍ଦ୍ର ବିଶ୍ୱାଳ, ତାରାକାନ୍ତ ନନ୍ଦ, ପ୍ରଫୁଲ୍ଲ ଦାସ, ଅକ୍ଷୟ ତ୍ରିପାଠୀ, ଇଂ. କେଶବ ଚରଣ ମହାନ୍ତି, ରବି ନାରାୟଣ ଭୋଳ, ଅକ୍ଷୟ କୁମାର କର, ଗଙ୍ଗାଧର ପୃଷ୍ଟି, କାମିନୀକାନ୍ତ ପାଢ଼ୀ, ଅମିତା ଦାଶ, ରବୀନ୍ଦ୍ରନାଥ ଗିରି, ସାବିତ୍ରୀ ଦାସ, ଦିଲ୍ଲୀପ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ବୃକ୍ଷରୋପଣ କରିଥିଲେ।

## ଲଗାଣ ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ

କାଳିପଦା, ୧୪।୭ (ସମିସ): ଗତ ତିନି ଦିନ ହେବ ଲଗାଣ ବର୍ଷା ଯୋଗୁଁ ବାଲିଆପାଳ ବ୍ଲକ ସମେତ ଗ୍ରାମାଞ୍ଚଳରେ ଜନ ଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଲୋକେ ବର୍ଷା ଯୋଗୁଁ ଘରୁ ବାହାରି ପାରୁ ନାହାଁନ୍ତି। ଗୃହପାଳିତ ପଶୁ ପକ୍ଷୀଙ୍କ ଦୁର୍ଦ୍ଦଶା କହିଲେ ନ ସରେ। ରାସ୍ତା, ବଜାର ସବୁଠି କାଦ ପଚ ପଚ। ଦୈନିକ ପାରିବା ଓ ମାଛ ମାର୍କେଟ



ଗୁଡିକରେ ଏତେ କାଦୁଅ ହୋଇଛି ଯେ ସଉଦା ଓ ମାଛ କିଣିବା କଷ୍ଟକର ହୋଇଛି। ଢିପ ଜମିକୁ ଛାଡିଦେଲେ ଅନ୍ୟ ସବୁ ଜମିରେ ପାଣି ବନ୍ୟା ଭ୍ରମ ସୃଷ୍ଟି କରିଛି। ଚାଷୀଙ୍କ ପାରିବା ଚାଷ ସମ୍ପୂର୍ଣ୍ଣ ଉଜୁଡି ଯାଇଛି କହିଲେ ଚଳେ। ଧାନ ତଳି ମଧ୍ୟ ବର୍ଷା ପାଣିରେ ବୁଡି ରହିଛି। ଅନେକ ସ୍ଥାନରେ ବିଦ୍ୟୁତ ସରବରାହ ବନ୍ଦ ରହିଛି। ଫଳରେ ଲୋକେ ରାତି ତମାମ ଅନ୍ଧାରରେ ରହିଛନ୍ତି। ଆଜି ବାଲିଆପାଳରେ ତିନି ମିଲି ମିଟର ବର୍ଷା ହୋଇ ଥିବା ରେକର୍ଡ କରାଯାଇଛି। ତେବେ ସୁବର୍ଣ୍ଣ ରେଖା ନଦୀରେ ଜଳସ୍ତର ସାମାନ୍ୟ ଥିବା ଜଣା ଯାଇଛି। ବଙ୍ଗୋପସାଗରରେ ଏବେ ଅଧିକ ଜୁଆର ଥିବାରୁ ଥିବାରୁ ମତ୍ସଜୀବୀମାନଙ୍କୁ ଗଭୀର ସମୁଦ୍ରକୁ ଯିବାକୁ ମନା କରାଯାଇଛି। ତେବେ ବର୍ଷା ଅଧିକ ଦିନ ଲାଗି ରହିଲେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇ ପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

## ଶ୍ରେଷ୍ଠ ପ୍ରୋଗ୍ରାମ ଅଫିସର ଭାବେ ସମ୍ମାନିତ

କାଳିପଦା, ୧୪।୭ (ସମିସ): ଜାମଶୂଳୀସ୍ଥିତ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ମହିଳା ୟୁନିଟର ପ୍ରୋଗ୍ରାମ ଅଫିସର ଅଧାପିକା ମିତାରାଣୀ ଜେନା ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟରୁ ଶ୍ରେଷ୍ଠ ପ୍ରୋଗ୍ରାମ ଅଫିସର ଭାବେ ତା'ର ପ୍ରତିଷ୍ଠା ଦିବସ ଅବସରରେ ସମ୍ମାନିତ ହୋଇ ଛନ୍ତି। ବିଶ୍ୱ ବିଦ୍ୟାଳୟ କୁଳପତି ଡ଼ଃ




ସନ୍ତୋଷ କୁମାର ତ୍ରିପାଠୀ ଅଧାପିକା ଜେନାଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଅଧାପିକା ଜେନା ଏବେ ଶିକ୍ଷା ବିଭାଗରେ ଥାଇ ତାଙ୍କର କାର୍ଯ୍ୟ ସମ୍ପାଦନ କରୁଛନ୍ତି। ମହାବିଦ୍ୟାଳୟର ଅଧକ୍ଷ ପ୍ରଧାପକ ଦିବ୍ୟେନ୍ଦୁ ଗିରିଙ୍କ ସମେତ କର୍ମଚାରୀ ସଂଘ ପକ୍ଷରୁ ଅଧାପିକା ଜେନାଙ୍କୁ ଏହି ସଫଳତା ପାଇଁ ଶୁଭେଚ୍ଛା ଜଣାଯାଇଛି।

# ବାଇଗଣବାଡ଼ିଆ-ଖାଲିନା ରାସ୍ତା କାମ ନିମ୍ନମାନର ଅଭିଯୋଗ

ଜଳେଶର ବ୍ଲକ, ୧୪।୭ (ସମିସ)

ଜଳେଶ୍ୱର ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ୨୦୨୩-୨୪ ମସିହାରେ ଜଳେଶ୍ୱର ବ୍ଲକ ଅଧିନ ବାଇଗଣବାଡିଆ ଏମ୍ ଇ ସ୍କୁଲ୍‌ଠାରୁ ଖାଲିନା ହାକାଣ୍ଡ ପୋଖରୀ ଭାୟା ଘୋଡ଼ା ଚଡ଼ିଆ ପଦା ରାସ୍ତାର ମୋଟ୍ ଦୈର୍ଘ୍ୟ ୫.୭୩୦ କିମି ଏକ ରାସ୍ତା ପାଣି ନିଷ୍କାସନ ସକାଶେ ଏଗ୍ରିମେଣ୍ଟ ନ-୧୮ ୯ପି୧/୨୦୨୪ ଏମ୍ ଏମ୍ ଏସ୍ ୱ ଟି ଆର୍ ଆଇ ପି ଇନ୍ ଜିଲ୍ଲା ବାଲେଶ୍ୱର କାର୍ଯ୍ୟାଦେଶ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ତରଫରୁ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଠାରେ ଠିକାଦାର ସୁମିତ କୁମାର ଭୂୟାଁ ଚୁକ୍ତି ପ୍ରଦାନ କରିଥିଲେ। ଉକ୍ତ ଚୁକ୍ତି ଅନୁସାରେ ୭ କୋଟି ୪୩ ଲକ୍ଷ ୫୧ ହଜାର ୨୫୪ ଟଙ୍କାର ଏକ ବ୍ୟୟ ବାବଦରେ ୨୦୨୪ ମସିହା ଫେବୃଆରୀ ମାସ ୨୬ ତାରିଖରେ ଆରମ୍ଭ ହୋଇ ୨୦୨୫ ମସିହା ଜାନୁଆରୀ ମାସ ୨୬ ତାରିଖରେ ସଂପୂର୍ଣ୍ଣ ହେବାକୁ ଥିବା ବେଳେ ରାସ୍ତା ନିର୍ମାଣ କାମ ଶେଷ ହେବାର ଧାର୍ଯ୍ୟ ତାରିଖକୁ ଆଉ ଦିନ କେଇଟା ପରେ ବର୍ଷେ ପୂରିବ। ହେଲେ ରାସ୍ତା କାମ ଅଦ୍ୟାବଧି ଅସମ୍ପୂର୍ଣ୍ଣ ରହିବା ସହ ନିର୍ମାଣ କାର୍ଯ୍ୟରେ ଚୁକ୍ତି ମୁତାବକ ଯେଉଁ ସବୁ କାର୍ଯ୍ୟଧାରା ଉଲ୍ଲେଖ କରାଯାଇଛି, ତାହା ଉଲ୍ଲଂଘନ କରାଯାଇ ନିମ୍ନମାନର କାମ କରାଯାଇଛି।

ଡ୍ରେନ୍ ନିର୍ମାଣ କାମ ଗତ ୧ ମାସରୁ ଅଧିକ ସମୟ ହେଲା ଅଧପନ୍ତରିଆ ଏବଂ ଅତି ନିମ୍ନମାନର ହୋଇ ପଡ଼ିରହିଛି। ସେହିପରି ୧୫ରୁ ଅଧିକ ପରିବାର ନିର୍ମାଣାଧୀନ ଡ୍ରେନ୍ ଯୋଗୁଁ ଘରୁ ରାସ୍ତା କୁ ବାହାରିବା ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ପାଇଁ ଆବଶ୍ୟକ ମାଟି ବେଆଇନ ଭାବେ ପାଖ ନାଗୁଆଣି ଖାଳ, ଆଡ଼ି ଓ ଲୋକଙ୍କ ଚାଷଜମିରୁ ଅଣାଯାଇଛି। ସେହିପରି କଂକ୍ରିଟ୍



ରାସ୍ତା ନିର୍ମାଣ ସମୟରେ ବାଲି, ସିମେଣ୍ଟ, ଚିପ୍ସର ଭାଗମାପ ଠିକ୍ ରହୁ ନାହିଁ। କଂକ୍ରିଟ ପାଇଁ ଚୁକ୍ତି ଅନୁସାରେ ଉକ୍ତ ମେସିନକୁ ନ ଲଗାଇ ସାଧାରଣ ମଣିଷ କୃତ ମେସିନ ସାହାଯ୍ୟରେ କଂକ୍ରିଟ ଗୋଳାଇ ୫.୬୫ମି କାର୍ଯ୍ୟ ଦେଶ ପ୍ରକଳ୍ପ ବୁଡରେ ଥିବାବେଳେ କାର୍ଯ୍ୟ ଦେଶକୁ ଅବମାନନା କରି ୫.୬୫ମି ରୁ କମ୍ କଂକ୍ରିଟ ରାସ୍ତା ନିର୍ମାଣ କରି ଚାଲିଛନ୍ତି। ସେହି ଭଳି ୭.୫ ମିଟର ରାସ୍ତା ନିର୍ମାଣ କରିବାକୁ ଥିବାବେଳେ ଅଦ୍ୟାବଧି ରାସ୍ତା ସଂପୂର୍ଣ୍ଣ ଭାବେ ନିର୍ମାଣ ନ କରି ଆର୍ ଟି ଆଇ ତଥ୍ୟ ଅନୁଯାୟୀ ଗତ ୨୦୨ମସିହା ଏପ୍ରିଲ ମାସ ୩୦ ତାରିଖ ମଧ୍ୟରେ ବିଲ୍ ୫ କୋଟି ୫୦ ଲକ୍ଷରୁ ଅଧିକ ଟଙ୍କା ଉଠାଇ ନେଇଥିବା ଜଣାପଡିଛି। ଏହି ରାସ୍ତା ନିର୍ମାଣ ନ ସରୁଣୁ ସ୍ଥାନେ ସ୍ଥାନେ ଫାଟି ଆଁ ହେଇଥିବାରୁ ଉକ୍ତ ରାସ୍ତା ଦେଇ ଯାତାୟତ କରୁଥିବା ସଚେତନ ନାଗରିକ ମାନେ ଗତ ୩ ତାରିଖରେ ରେ ମୁଖ୍ୟମନ୍ତ୍ରୀଙ୍କ ସମେତ ମୁଖ୍ୟ ଶାସନ ସଚିବ, ଆର୍ ଡି ସି, ଭିଜିଲାନ୍ସ ବିଭାଗ, ଜିଲ୍ଲାପାଳ,ଚିଫ ଇଂଜିନିୟରଙ୍କ ସମେତ ଓଡ଼ିଶାର ୧୩ ଜଣ ଅଧିକାରୀଙ୍କୁ ଲିଖିତ ଭାବେ ଅବଗତ କରାଇଥିଲେ ମଧ୍ୟ କୌଣସି ପ୍ରତିକାର ଅଦ୍ୟାବଧି ହୋଇପାରି ନାହିଁ ବୋଲି ଦରଖାସ୍ତ ଦେଇଥିବା ବ୍ୟକ୍ତି ମାନେ ପ୍ରକାଶ କରିଛନ୍ତି। ଏହାର ସଠିକ୍ ତଦନ୍ତ ଓ ପ୍ରତିକାର ନ ହେଲେ ଆଗାମୀ ଦିନରେ ଏକ ବିଶାଳ ଜନ ଆନ୍ଦୋଳନ ହେବା ନିଶ୍ଚିତ ବୋଲି ମୁଖ୍ୟମନ୍ତ୍ରୀଙ୍କ ସମେତ ଅନ୍ୟ ୧୩ ଜଣ ଅଧିକାରୀଙ୍କୁ ଅବଗତ କରାଇଥିବା ବ୍ୟକ୍ତି ଗୌରିଶଙ୍କର ପ୍ରଧାନ, ରମାକାନ୍ତ ମିଶ୍ର, ଜଗବନ୍ଧୁ ଗିରି, ଗଦାଧର ଜେନା, ଜୟନ୍ତ ବଡୁ, ଆଶିଷ କୁମାର ଗିରି, ପ୍ରବିର କୁମାର ମାଝୀ, ପୂର୍ଣ୍ଣଚନ୍ଦ୍ର ଗିରି, ରାଜେନ୍ଦ୍ର ପାଣିଗ୍ରାହୀ, ପ୍ରଫୁଲ୍ଲ ଗିରି, ଜୋସ୍ନାରାଣୀ ପାଣିଗ୍ରାହୀ, ଅମିତ କୁମାର ଜେନା, ନକୁଳ ଚନ୍ଦ୍ର ପ୍ରଧାନ ପ୍ରମୁଖ ଜଣାଇଛନ୍ତି।

## ଭଦ୍ରକରେ ଲଗାଣ ବର୍ଷା

# ଆଖଣ୍ଡଳମଣି ମନ୍ଦିର ପ୍ରବେଶ ପଥରେ ଲହଡ଼ି ମାରୁଛି ଡ୍ରେନ୍ ପାଣି




ଆରଡ଼ି,୧୪।୭ (ସମିସ)

- ଡ୍ରେନ୍‌ରେ କୁଢ଼କୁଢ଼ ଅଳିଆ ଆବର୍ଜନା ପାଇଁ ମନ୍ଦିର ବେଢ଼ାରେ ପଶିଲା ନର୍ଦ୍ଦମା ପାଣି
- ଅସ୍ୱାସ୍ଥ୍ୟକର ପରିବେଶ ଯୋଗୁଁ ମହାମାରୀ ଆଶଙ୍କା

ମୌସୁମୀ ସକ୍ରିୟ ଓ ଲଘୁଚାପ ପ୍ରଭାବରେ ଗତ ସୋମବାର ମଧ୍ୟରାତ୍ରରୁ ଲାଗି ରହିଥିବା ଲଗାଣ ବର୍ଷାରେ ପୁଣି ବାବା ଆଖଣ୍ଡଳମଣିଙ୍କ ମନ୍ଦିରବେଢ଼ା ଓ ଦକ୍ଷିଣ ଦ୍ୱାର ନିକଟରେ ଲହଡ଼ି ମାରିଲା ନର୍ଦ୍ଦମା ପାଣି। ଏହା ସହ ପାଣିପାଗର ଆକଳନ ଅନୁଯାୟୀ, ଚାନ୍ଦବାଲିରେ ସର୍ବାଧିକ ବର୍ଷା ହୋଇଥିବାବେଳେ ଆରଡ଼ି ପୀଠରେ ମଧ୍ୟ ଲଗାଣ ବର୍ଷା ଲାଗି ରହିଛି। ଫଳରେ ଦୀର୍ଘ ୨ମାସ ହେବ ମନ୍ଦିର ବେଢ଼ା ଚତୁଃପାର୍ଶ୍ୱ ସହ ମୁଖ୍ୟ ବଜାର ରାସ୍ତାରେ ଭଙ୍ଗା ହୋଇଥିବା ବଡ଼ବଡ଼ କୋଠା ଘରର ଇଟା, କଂକ୍ରିଟ ଆଦି କୁଢ଼କୁଢ଼ ପଡ଼ି ରହିଥିବାରୁ ମୁଖ୍ୟ ଡ୍ରେନ୍ ଓ ସାହି ଡ୍ରେନ୍‌ଗୁଡ଼ିକ ପୋତି ହୋଇପଡ଼ିଛି। ଯାହାକି ସାମାନ୍ୟ ବର୍ଷା ହେଲେ ନର୍ଦ୍ଦମା ପାଣି ସିଧାସଳଖ ଭାବେ ମୁଖ୍ୟ ରାସ୍ତା ଦେଇ ମନ୍ଦିର ବେଢ଼ାକୁ ପ୍ରବେଶ କରିବାରୁ ମନ୍ଦିର ବେଢ଼ା ଓ ଦକ୍ଷିଣ ଦ୍ୱାର ସମ୍ମୁଖରେ ଲହଡ଼ି ମାରୁଛି। ଏହି ଅଳିଆ ଆବର୍ଜନା ପାଣିରେ ପଶି ସେବାୟତ ଦୈନିକ ଭୋଗ ନେଇ ଯାତାୟାତ କରିବା ସହ ଆଗନ୍ତୁକ ଭକ୍ତମାନେ ମଧ୍ୟ ସେହି ନର୍ଦ୍ଦମା ପାଣିରେ ପଶି ବାବାଙ୍କ ଦର୍ଶନ ପାଇଁ ମନ୍ଦିର ଭିତରକୁ ଯାଉଛନ୍ତି।

ଆଗକୁ ଶ୍ରାବଣୀ ଯାତ୍ରା ଥିବାରୁ ଲକ୍ଷାଧିକ କାଉଡ଼ିଆ ଭକ୍ତଙ୍କ ଭିଡ଼ ଲାଗିବ ପୀଠରେ। ହେଲେ ପ୍ରଶାସନ ଆଗନ୍ତୁକ କାଉଡ଼ିଆ ଭକ୍ତମାନଙ୍କ ସମସ୍ତ ସୁବିଧା ପାଇଁ ଜିଲ୍ଲାସ୍ତରୀୟ ବୈଠକରେ ଆଲୋଚନା କରି ଚୁପ୍ ହୋଇ ବସିଛି। ଆଗକୁ ଆହୁରି ବର୍ଷା ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି। ହେଲେ ପୀଠରେ ନାଳନର୍ଦ୍ଦମା ଆଦି ସଫା ନ ହୋଇ ପଡ଼ି ରହିଥିବାରୁ ଭକ୍ତମାନେ ନାନା ଅସୁବିଧାର ସମ୍ମୁଖୀନ ହେବେ ବୋଲି ଆଶଙ୍କା ଦେଖାଦେଇଛି।

ସେହିପରି ଭଙ୍ଗା ହୋଇଥିବା ବଡ଼ବଡ଼ କୋଠା ଘର ସମ୍ପୂର୍ଣ୍ଣ ଭଙ୍ଗା ହୋଇ ନ ଥିବାରୁ ଭଙ୍ଗା କଂକ୍ରିଟ ଖଣ୍ଡ ଓ ଲୁହା ରଡ୍ ଓହଳି ରହିଛି। ସେହିପରି ଆଗନ୍ତୁକ କାଉଡ଼ିଆ ଭକ୍ତ କେଉଁଠି ସ୍ନାନ କରିବେ ଓ ଜଳଭାର ଉଠାଇବେ ତାହା ସ୍ଥିର ହୋଇପାରି ନ ଥିବାରୁ ଦ୍ୱନ୍ଦ୍ୱରେ ପଡ଼ିଛନ୍ତି ସେବାୟତ। ଅନ୍ୟପଟେ ବିଗତ ୨ମାସ ହେବ ଶିବଗଙ୍ଗା ପୁଷ୍କରିଣୀର ସୌନ୍ଦର୍ଯ୍ୟକରଣ ପାଇଁ ପାଣି ଶୁଖାହୋଇଥିଲେ ମଧ୍ୟ କାମ ଆରମ୍ଭ ହେବା ତ ଦୂରର କଥା ପୀଠର ସମସ୍ତ ଅଳିଆ ଆବର୍ଜନା ବର୍ଷା ଦ୍ୱାରା ପଶୁଥିବାରୁ ପଚିସଢ଼ି ନର୍ଦ୍ଦମା ପାଲଟି ଗଲାଣି। ତାହାସହ ପୁଷ୍କରିଣୀ ଚତୁଃପାର୍ଶ୍ୱରେ ମାସ ମାସ ଧରି ଅଳିଆ ଆବର୍ଜନା କୁଢ଼କୁଢ଼ ହୋଇ ପଡ଼ି ରହିଥିବାରୁ ତାହା ମଧ୍ୟ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଆଗକୁ ଯଦି ଡ୍ରେନ୍ ଓ ଅଳିଆ ଆବର୍ଜନା ସଫା ନ ହେବ ପୀଠରେ ମହାମାରୀ ଭଳି ଅନେକ ରୋଗର ଶିକାର ହେବେ ସ୍ଥାନୀୟ ଅଧିବାସୀ। ଏଥିପ୍ରତି ପୀଠ ଉନ୍ନୟନ କମିଟିର ଅଧ୍ୟକ୍ଷ ତଥା ଭଦ୍ରକ ଜିଲ୍ଲାପାଳ ଦୃଷ୍ଟି ଦେବା ସହ ଶ୍ରାବଣୀ ଯାତ୍ରା ପୂର୍ବରୁ ସଫେଇ କରିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

## ଦିନ ତମାମ ସବୁଠି ବର୍ଷା ଜାରି
## ଚାନ୍ଦବାଲିରେ ସର୍ବାଧିକ ୬୭.୨ ମି.ମି. ବର୍ଷା

ଭଦ୍ରକ/ବାରିକପୁର,୧୪।୭ (ସମିସ): ଭଦ୍ରକ ଜିଲ୍ଲା ତଥା ଭଣ୍ଡାରିପୋଖରୀ ବ୍ଲକ୍ ଅଞ୍ଚଳରେ ଦିନ ତମାମ ବର୍ଷା ଜାରି ରହିଛି। ବିନା ଛତା ଓ ରେନ୍ କୋର୍ଟରେ ଲୋକେ ଘରୁ ବାହାରିବା ଅସମ୍ଭବ ହୋଇଛି। ଗତ ସୋମବାର ମଧ୍ୟରାତ୍ରୀରୁ ଝିପିଝିପି ବର୍ଷା ଆରମ୍ଭ ହୋଇଥିବାବେଳେ ମଙ୍ଗଳବାର ସକାଳୁ ସକାଳୁ ଏହାର ପରିମାଣ ବଢ଼ିଥିଲା। ସକାଳ ୭ଟା ପରେ ସବୁ ଅଞ୍ଚଳରେ ମଧ୍ୟମ ଧରଣର ବର୍ଷା ଆରମ୍ଭ ହୋଇଯାଇଥିଲା। ଜିଲ୍ଲାର ଅନ୍ୟାନ୍ୟ ବ୍ଲକ୍ ଅଞ୍ଚଳରେ ମଧ୍ୟ ବର୍ଷା ଜାରି ରହିଥିବା ସୂଚନା ମିଳିଛି। ଲଗାଣ ବର୍ଷା ଯୋଗୁଁ ଯଦିଓ ବ୍ଲକ୍ ଦେଇ ଯାଇଥିବା ବୈତରଣୀ ନଦୀରେ ଜଳସ୍ତର ସେତେଟା ବୃଦ୍ଧି ପାଇନାହିଁ କିନ୍ତୁ ସନ୍ଧ୍ୟା ଯାଏଁ ମେଘ ସାଙ୍ଗକୁ ହାଲୁକା ପବନ ଜାରି ରହିଛି। ମିଳିଥିବା ସୂଚନା ମୁତାବକ, ଜିଲ୍ଲାର ଚାନ୍ଦବାଲିଠାରେ ସର୍ବାଧିକ ୬୭.୨ ମିମି ବର୍ଷା ରେକର୍ଡ କରାଯାଇଛି।



ସେହିଭଳି ବନ୍ତଠାରେ ୪୪, ଧାମନଗରଠାରେ ୪୯, ତିହିଡ଼ିଠାରେ ୪୨, ଭଦ୍ରକଠାରେ ୩୨.୨, ବାସୁଦେବପୁରଠାରେ ୨୯ ଓ ଭଣ୍ଡାରିପୋଖରୀଠାରେ ୩୦ ମି.ମି. ବର୍ଷା ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଛି। ଅନୁରୂପ ଭାବେ ବୈତରଣୀ ନଦୀର ଉପରମୁଣ୍ଡ ଆନନ୍ଦପୁରଠାରେ ଗତ ୨୪ ଘଣ୍ଟା ମଧ୍ୟରେ ୩୧.୪ ମି.ମି. ବର୍ଷା ହୋଇଥିବା ରେକର୍ଡ ହୋଇଛି।

■ ମଧ୍ୟମ ବର୍ଷାରେ ବି ଜଟିଳ ଡ୍ରେନେଜ୍ ସମସ୍ୟା

## ଚାଷ ଜମି ଜଳମଗ୍ନ; ତଳି ନଷ୍ଟ ହେବ

ବାରିକପୁର,୧୪।୭ (ସମିସ): ଜାତୀୟ ରାଜପଥ ପ୍ରଶସ୍ତୀକରଣ ବେଳେ ତ୍ରୁଟିପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଓ ଡ୍ରେନେଜ ବିଭାଗର ଅପାରଗତା ଯୋଗୁଁ ସାମାନ୍ୟ ବର୍ଷା ହେଲେ ଭଣ୍ଡାରିପୋଖରୀ ବ୍ଲକ୍



ଛତାବର ଅଞ୍ଚଳଟି ଜଳକଷ୍ଟରେ ଉବୁଟୁବୁ ହେଉଛି। ଗତ ସପ୍ତାହେ ପୂର୍ବରୁ ହୋଇଥିବା ବର୍ଷା ପାଣି ଏଯାଏଁ ନିଷ୍କାସନ ହୋଇ ନ ଥିବାବେଳେ ପୁଣି ବର୍ଷା ଆରମ୍ଭ ହୋଇଛି। ଯଦିଓ ବ୍ଲକ୍ ଅଞ୍ଚଳରେ ମଧ୍ୟମ ଧରଣର ବର୍ଷା ହୋଇଛି, ତଥାପି ଚାଷଜମି ଜଳମଗ୍ନ ହୋଇଛି। ଏହାଦ୍ୱାରା ଖରିଫ୍ ଧାନ ଚାଷ ପାଇଁ ପଡ଼ିଥିବା ତଳି ନଷ୍ଟ ହେବାର ସମ୍ଭାବନା ଯଥେଷ୍ଟ ରହିଛି। ବିଶେଷ କରି ନେରଡ଼ା, ଡାହାଲା, ପୁରିପଡ଼ା, ଯଶୋଟିକିରି, କୁଶଗଡ଼ିଆ, ବେଲପୋଖରୀ, ନେଉଳିଆ, ଛତାବର ପ୍ରମୁଖ ସ୍ଥାନରେ ପାଣି ଜମିଛି। ଏଭଳି ସମସ୍ୟା ପ୍ରତ୍ୟେକ ବର୍ଷ ସୃଷ୍ଟି ହେଉଛି। ବ୍ଲକ୍ ପ୍ରଶାସନଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ଓ ଡ୍ରେନେଜ୍ ବିଭାଗ ଏନେଇ ସବୁ ଜାଣି ସୁଦ୍ଧା ଜଳ ନିଷ୍କାସନ ସମସ୍ୟାକୁ ସମାଧାନ କରୁ ନ ଥିବା ସ୍ଥାନୀୟ ଜନସାଧାରଣମାନେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ବର୍ଷା କାରଣରୁ ମାଳଦା ଓ ସରସଦା ଅଞ୍ଚଳରେ ମଧ୍ୟ ଡ୍ରେନେଜ୍ ସମସ୍ୟା ଦେଖାଦେଇଛି। ବର୍ଷକୁ ବର୍ଷ ସଠିକ୍ ଭାବେ ଡ୍ରେନେଜ୍ ନାଳଗୁଡ଼ିକ ପୁନରୁଦ୍ଧାର ହେଉ ନ ଥିବାରୁ ବର୍ଷା ହେଲେ ବ୍ଲକ୍ ଅଞ୍ଚଳରେ ଏଭଳି ସମସ୍ୟା ଦେଖାଦେଉଥିବା କୁହାଯାଇଛି।

## ଦୁର୍ଘଟଣାରେ ଜଣେ ମୃତ; ୨ ଗୁରୁତର

ଭଦ୍ରକ,୧୪।୭ (ସମିସ): ଭଦ୍ରକର ୧୬ ନମ୍ବର ଜାତୀୟ ରାଜପଥର ମହତାବ ଛକ ନିକଟରେ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଲୋକଙ୍କର ମୃତ୍ୟୁ ହୋଇଥିବାବେଳେ ୨ ଜଣ ଗୁରୁତର ଭଦ୍ରକ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପ୍ରକାଶ ଯେ, ଜାତୀୟ ରାଜପଥରେ ବାଲେଶ୍ୱରରୁ କଟକ ଅଭିମୁଖେ ଯାଉଥିବା ଏକ କାର୍ ମହତାବ ଛକ ନିକଟରେ ଖରାପ ହୋଇଯାଇଥିବାରୁ ଅଟକି ରହିଥିଲା ଏକ କଣ୍ଟେନର ଗାଡ଼ି। ମଙ୍ଗଳବାର ସକାଳୁ ସକାଳୁ ମେଘୁଆ ପାଗ ସହ ବର୍ଷା ଲାଗି ରହିଥିବା ଫଳରେ ଦ୍ରୁତ ଗତିରେ ବାଲେଶ୍ୱରରୁ କଟକ ଅଭିମୁଖେ ଯାଉଥିବା ଏକ କାର୍ ଆସି ଛିଡ଼ା ହୋଇଥିବା କଣ୍ଟେନର ପଛପଟୁ ଧକ୍କା ଦେଇଥିଲା। ଫଳରେ କାର୍ ଭିତରେ ଥିବା ଦୁଇ ଜଣ ଗୁରୁତର ହେବା ସହ ଗାଡ଼ି ଚଳାଉଥିବା ଡ୍ରାଇଭରଙ୍କର ଶୋଚନୀୟ ମୃତ୍ୟୁ



ହୋଇଛି। କାର୍‌ଟି ବାଲେଶ୍ୱର ନମ୍ବର ରହିଥିବାରୁ, ସେମାନେ ବାଲେଶ୍ୱର ଅଞ୍ଚଳର ହୋଇଥିବା ଅନୁମାନ କରାଯାଉଛି। କିନ୍ତୁ ମୃତକଙ୍କ ପରିଚୟ ମିଳିପାରିନାହିଁ। ଘଟଣାସ୍ଥଳରେ ଟାଉନ୍ ପୁଲିସ, ସ୍ଥାନୀୟ ଲୋକମାନେ ଓ ଦମକଳ ବାହିନୀ ପହଞ୍ଚି ଆହତ ଲୋକମାନଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ସାହାଯ୍ୟରେ ଭଦ୍ରକ ମେଡିକାଲକୁ ପଠାଇଥିବାବେଳେ ଅଧିକ ତଦନ୍ତ ଆରମ୍ଭ କରିଛି ପୁଲିସ। ଅନ୍ୟପଟେ ଏହି ଦୁର୍ଘଟଣା ହେବା ଫଳରେ ଶହଶହ ଗାଡ଼ି ଜାତୀୟ ରାଜପଥରେ ଅଟକି ରହିଛି।

## ଜାତୀୟ ରାଜପଥର ବର୍ଷା ଜଳରେ ଲୋକେ ହନ୍ତସନ୍ତ

ଭଣ୍ଡାରିପୋଖରୀ,୧୪।୭ (ସମିସ)



ଭଣ୍ଡାରିପୋଖରୀ ଜାତୀୟ ରାଜପଥ ଲଘୁଚାପ ବର୍ଷା ଜଳରେ ବାଇପାସ୍ ରାସ୍ତା ଦେଇ ଯାତାୟାତ କଲାବେଳେ ଲୋକମାନେ ହନ୍ତସନ୍ତ ହେଉଥିବା ଦେଖିବାକୁ ମିଳିଛି। ଜାତୀୟ ରାଜପଥ ନିର୍ମାଣ କରିବା ପାଇଁ ଦିଲ୍ଲୀପ ବିଲକନ ଲିମିଟେଡ୍ ନାମକ ଏକ ଠିକା ସଂସ୍ଥା କାର୍ଯ୍ୟ କରିବା ପାଇଁ ସରକାର ଅନୁମତି ପ୍ରଦାନ କରିଥିଲେ। କିନ୍ତୁ ଦୁଃଖର ବିଷୟ ଆଜିପର୍ଯ୍ୟନ୍ତ ଜାତୀୟ ରାଜପଥର ଉଭୟ ପାର୍ଶ୍ୱର ବାଇପାସ୍ ରାସ୍ତା ନିର୍ମାଣ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଏହି ରାସ୍ତା ଦେଇ ଦୈନିକ ପ୍ରାୟ ହଜାର ହଜାର ସଂଖ୍ୟାରେ ଲୋକ ଯାତାୟାତ କରୁଥିବାବେଳେ କୁନି କୁନି କୋମଳମତି ଶିଶୁଠାରୁ ଆରମ୍ଭ କରି କଲେଜ ଛାତ୍ରଛାତ୍ରୀମାନେ ଉକ୍ତ ରାସ୍ତା ଦେଇ ପାଠ ପଢ଼ିବା ପାଇଁ ଯାତାୟାତ କରିଥା'ନ୍ତି। ଜାତୀୟ ରାଜପଥର ବର୍ଷା ଜଳ ନିଷ୍କାସନ ପାଇଁ ଜାଗା ଜାଗାରେ ହୋଲ୍ କରାଯାଇ ପ୍ଲାଷ୍ଟିକ୍ ପାଇପ୍ ଲଗାଯାଇଥିବା ବେଳେ କିଛି ଦିନ ହେବ ସେ ପ୍ଲାଷ୍ଟିକ୍ ପାଇପ୍ କୌଣସି କାରଣବଶତଃ ନଷ୍ଟ ହୋଇଯାଇଛି। ସେଥି ନିମନ୍ତେ ବର୍ଷା ହେଲା ସମୟରେ ଜାତୀୟ ରାଜପଥର ଅତ୍ୟଧିକ ବର୍ଷା ଜଳ ରାସ୍ତାର ସେହି ହୋଲ୍‌ଗୁଡ଼ିକରେ ପାଣି ବାହାରି ରାସ୍ତାର ମଝିରେ କାଟିହୋଇ ପଡୁଥିବା ହେତୁ ଯାତାୟାତ କରୁଥିବା ସାଧାରଣ ଲୋକମାନେ ଘରୁ ଶୃଙ୍ଖଳାରେ ଆସି ରାସ୍ତାରେ ଲୁଗାପଟା ଓଦା ହୋଇ ଯାଉଥିବା ଦେଖିବାକୁ ମିଳିଛି। ତେଣୁ ଏହିପରି ସମସ୍ୟାଗୁଡ଼ିକ ଉପରେ ନଜର ଦେଇ ଉକ୍ତ ଠିକା ସଂସ୍ଥା ପକ୍ଷରୁ ସମାଧାନ କରିବା ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି।

### ତିହିଡ଼ିରେ ପୁଣି ଚାଞ୍ଚଲ୍ୟ

## ଅଷ୍ଟମ ଶ୍ରେଣୀ ଛାତ୍ରୀକୁ ଅପହରଣ; ୨ ଗିରଫ

ଭଦ୍ରକ/ତିହିଡ଼ି,୧୪।୭ (ସମିସ): ଭଦ୍ରକ ଜିଲ୍ଲାରେ ନାବାଳିକାମାନେ ଆଦୌ ସୁରକ୍ଷିତ ନୁହଁନ୍ତି। ଗତ ୨ଦିନ ତଳେ ତିହିଡ଼ି ଥାନାଞ୍ଚଳର ନନ୍ଦପୁର ଅଞ୍ଚଳରୁ ଜଣେ ଦଳିତ ନାବାଳିକାକୁ ଘରୁ ଉଠାଇ ନେଇ ଗଣଦୁଷ୍କର୍ମ ମାମଲା



**ନନ୍ଦପୁର ଗଣଦୁଷ୍କର୍ମ ନିଆଁ ଲିଭିନି; ବାହାବଳପୁରରୁ ନାବାଳିକା ଗାଏବ**

ମନରୁ ନ ଲିଭୁଣୁ, ପୁଣି ତିହିଡ଼ି ବାହାବଳପୁର ଅଞ୍ଚଳରେ ଏକ ସାଂଘାତିକ ଚାଞ୍ଚଲ୍ୟକର ଘଟଣା ସାମ୍ନାକୁ ଆସିଛି। ଜଣେ ୧୩ ବର୍ଷୀୟା ଅଷ୍ଟମ ଶ୍ରେଣୀର ଛାତ୍ରୀଙ୍କୁ ବାଇକ୍‌ରେ ଅପହରଣ କରିନେଇଛନ୍ତି ଦୁର୍ବୃତ୍ତ। ସମ୍ପୃକ୍ତ ନାବାଳିକାର ବାପାଙ୍କ ଅଭିଯୋଗ ମୁତାବକ, ଗତ ୯ ତାରିଖ ସନ୍ଧ୍ୟା ସମୟରେ ତାଙ୍କ ଝିଅକୁ ବାଇକ୍ ଯୋଗେ କିଛି ଦୁର୍ବୃତ୍ତ ଅପହରଣ କରି ନେଇଥିଲେ। ଏ ନେଇ ପରିବାର ପକ୍ଷରୁ ତିହିଡ଼ି ଥାନାରେ ଏକ ଲିଖିତ ଅଭିଯୋଗ କରାଯାଇଥିଲା। ଏହି ସମ୍ବେଦନଶୀଳ ମାମଲାକୁ ଅତ୍ୟନ୍ତ ଗୁରୁତ୍ୱର ସହ ନେଇ ତିହିଡ଼ି ଥାନା ଆଇଆଇସି ଲୋପାମୁଦ୍ରା ନାୟକଙ୍କ ନିର୍ଦ୍ଦେଶରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ବିଭିନ୍ନ ସ୍ଥାନରେ ଘନଘନ ଚଢ଼ଉ କରାଯାଇଥିଲା। ମାତ୍ର ୨ଦିନ ମଧ୍ୟରେ ପୁଲିସକୁ ମିଳିଛି ବଡ଼ ସଫଳତା। ମୁଖ୍ୟ ଅଭିଯୁକ୍ତ କରୁଣାକର ବେହେରା ଏବଂ ତାଙ୍କର ଜଣେ ସହଯୋଗୀକୁ ପୁଲିସ ଗିରଫ କରିବାରେ ସକ୍ଷମ ହୋଇଛି। ଏନେଇ ଏକ ମାମଲା (ନଂ-୨୮୧/୨୬) ରୁଜୁ ହେବା ସହ ଅଭିଯୁକ୍ତଙ୍କୁ ବିଭିନ୍ନ ସମ୍ବେଦନଶୀଳ ଦଫା ଲଗାଯାଇ କୋର୍ଟ ଚାଲାଣ କରାଯାଇଛି।

## ସିଆର୍‌ପିଙ୍କ ନାଁରେ ୪ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗ



ବାରିକପୁର,୧୪।୭ (ସମିସ)

ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ନେରଡ଼ା ପଞ୍ଚାୟତ ଅଞ୍ଚଳରେ ଜଣେ ସିଆର୍‌ପି ୪ଲକ୍ଷ ଟଙ୍କା ହଡ଼ପ କରିଥିବା ଜିଲ୍ଲାପାଳଙ୍କ ମିଳିତ ଜନଶୁଣାଣି ଶିବିରରେ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ, ମାର୍କଣ୍ଡେଶ୍ୱର ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ଭାବେ ଜୟନ୍ତୀ ଲତା ଭାରତୀ ଦାୟିତ୍ୱ ନିର୍ବାହ କରୁଥିଲେ। ପରବର୍ତ୍ତୀ ସମୟରେ ସେ ସିଆର୍‌ପି ଭାବେ ନିଯୁକ୍ତି ପାଇଥିବାବେଳେ ପୂର୍ବ ଭଳି ମଧ୍ୟ ଗୋଷ୍ଠୀର ସମସ୍ତ କାଗଜପତ୍ର କାମ କରୁଥିଲେ। ଇତିମଧ୍ୟରେ ସମସ୍ତ ସଦସ୍ୟାଙ୍କ ଅଗୋଚରରେ ସେମାନଙ୍କ ସରଳତାର ସୁଯୋଗ ନେଇ ସିଆର୍‌ପି ଜଣକ ଗୋଷ୍ଠୀ ବ୍ୟାଙ୍କ ଖାତାରୁ ୪ ଲକ୍ଷ ଟଙ୍କା ହଡ଼ପ କରିଛନ୍ତି। ଏ ବିଷୟରେ ସଦସ୍ୟାମାନେ ପଚାରିଲେ ସେ କିଛି ସନ୍ତୋଷଜନକ ଉତ୍ତର ଦେଉନାହାନ୍ତି। ଏନେଇ ଏବେକାର ଉକ୍ତ ସ୍ୱୟଂ ସହାୟକ ଗୋଷ୍ଠୀର ସଭାନେତ୍ରୀ ହରପ୍ରିୟା ପରିଡ଼ା, ସମ୍ପାଦିକା ଶାନ୍ତିଲତା ପଣ୍ଡା, ସଦସ୍ୟା ମାନସୀ ଓଝା, ରଶ୍ମିତା ପଣ୍ଡା, ବନ୍ୟାରାଣୀ ଦାସ, ସ୍ୱର୍ଣ୍ଣଲତା ନାୟକ, ସରସ୍ୱତୀ ସାହୁ, ନିବେଦିତା ପଣ୍ଡା, ସଂଯୁକ୍ତା ନାୟକ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଏହାର ତଦନ୍ତ ପାଇଁ ସେମାନେ ଦାବି କରିଥିବାବେଳେ ସିଆର୍‌ପିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅଭିଯୋଗ ନେଇ ମଙ୍ଗଳବାର ବ୍ଲକ୍ ମିଶନ ଶକ୍ତି କାର୍ଯ୍ୟାଳୟରେ ତନାଘନା ହୋଇଥିବା ଜଣାପଡ଼ିଛି। ଏ ବିଷୟରେ ସମ୍ପୃକ୍ତ ସିଆର୍‌ପିଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଦୁଷ୍କର୍ମ ଘଟଣାକୁ କଡ଼ା ନିନ୍ଦା କଲା ଜିଲ୍ଲା ବିଜେଡି

## ଏସ୍‌ପିଙ୍କୁ ଭେଟିଲା ଫ୍ୟାକ୍ଟ ଫାଇଣ୍ଡିଙ୍ଗ୍ ଟିମ୍

ଭଦ୍ରକ,୧୪।୭ (ସମିସ): ରାଜ୍ୟରେ ପ୍ରତ୍ୟେକ ଦିନ ନାବାଳିକା ଦୁଷ୍କର୍ମ, ଅପହରଣ ଓ ଗଣଦୁଷ୍କର୍ମ ଆଦି ଘଟଣାମାନ ଘଟି ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଯାଇଛି। ଏଥିରୁ ଭଦ୍ରକ ଜିଲ୍ଲା ମଧ୍ୟ ବାଦ୍ ପଡ଼ିନି। ଗତ ୨ଦିନ ମଧ୍ୟରେ ଜିଲ୍ଲାର ତିହିଡ଼ି ଥାନାଞ୍ଚଳରେ ୨ଟି ନାବାଳିକା ଦୁଷ୍କର୍ମ, ଅପହରଣ ଘଟଣା ଏହାକୁ ପ୍ରମାଣିତ କରିଛି। ତେଣୁ ଅଭିଯୁକ୍ତମାନଙ୍କୁ ଦୃଷ୍ଟାନ୍ତମୂଳକ



କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ପୀଡ଼ିତାଙ୍କ ପରିବାରକୁ ସୁରକ୍ଷା ପ୍ରଦାନ କରିବା ସହ ଏଭଳି ଅଭାବନୀୟ ଘଟଣାକୁ ନିଜେ ଏସ୍‌ପି ତଦନ୍ତ କରିବାକୁ ଜିଲ୍ଲା ବିଜେଡିର ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଦାବି କରିଛି। ବିଜେଡି ସୁପ୍ରିମୋ ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ଟିମ୍ ମଙ୍ଗଳବାର ଭଦ୍ରକ ଏସ୍‌ପି ମନୋଜ କୁମାର ରାଉତଙ୍କ ଭେଟି ଉକ୍ତ ଦାବି ରଖିଛି। ଜିଲ୍ଲା ତମାମ ଏବେ ଆଇନଶୃଙ୍ଖଳା ପରିସ୍ଥିତି ବିଗିଡ଼ି ଥିବାବେଳେ ସାଧାରଣରେ ଭୟର ବାତାବରଣ ସୃଷ୍ଟି ହୋଇଛି ବୋଲି ଜିଲ୍ଲା ବିଜେଡି ସଭାପତି ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏହି ଟିମ୍‌ରେ ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ, ପ୍ରାକ୍ତନ ବିଧାୟକ ରାଜେନ୍ଦ୍ର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପ୍ରଫୁଲ୍ଲ ଜେନା, ପୂର୍ବତନ ବ୍ଲକ୍ ଅଧ୍ୟକ୍ଷ ଅଶୋକ ନାୟକ, ବ୍ଲକ୍ ଉପାଧ୍ୟକ୍ଷ ମୁକୁନ୍ଦଦେବ ସାମଲ, ସରପଞ୍ଚ ଅକ୍ଷୟ ମହାନ୍ତି, ଜିଲ୍ଲା ମହିଳା ବିଜେଡି ସଭାପତି ବିଦ୍ୟୁତ୍ ଲତା ନାୟକ, ଯୁବ ନେତା ସୂର୍ଯ୍ୟକୁମାର ଦାସ, ଛାତ୍ର ବିଜେଡି ସଭାପତି ଭାସ୍କର ମହାଳିକ ପ୍ରମୁଖ ସାମିଲ୍ ଥିଲେ।

● ଲଘୁଚାପ ବର୍ଷାରେ ଭିଜୁଛି ଧାମନଗର

## ଅସ୍ତବ୍ୟସ୍ତ ଜନଜୀବନ; ରାସ୍ତାଘାଟ ମରଣଯନ୍ତା

ଦୋବଲ,୧୪।୭ (ସମିସ): ଲଗାତାର ଲଘୁଚାପ ବର୍ଷା ଯୋଗୁଁ ଧାମନଗର ଅଞ୍ଚଳରେ ଜନଜୀବନ ଏକପ୍ରକାର ଅସ୍ତବ୍ୟସ୍ତ ହୋଇପଡ଼ିଛି। ଗତକାଲି ଓ ଆଜିର ପ୍ରବଳ ବର୍ଷା ଯୋଗୁଁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହେବା ସହ କୃଷି କ୍ଷେତ୍ରରେ ବ୍ୟାପକ କ୍ଷୟକ୍ଷତିର ଆଶଙ୍କା ଦେଖାଦେଇଛି। ମଙ୍ଗଳବାର ସକାଳ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ, ଭଦ୍ରକ ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ରେକର୍ଡ ହୋଇଛି। ଚାନ୍ଦବାଲିରେ ସର୍ବାଧିକ ୬୭.୨ ମି.ମି. ବର୍ଷା ହୋଇଥିବାବେଳେ ଧାମନଗରରେ ୪୯ ମି.ମି., ବନ୍ତରେ ୪୪ ମି.ମି., ତିହିଡ଼ିରେ ୪୨ ମି.ମି., ଭଣ୍ଡାରିପୋଖରୀ ରେ ୩୦ ମି.ମି. ଏବଂ ବାସୁଦେବପୁରରେ ୨୯ ମି.ମି. ବର୍ଷା ରେକର୍ଡ କରାଯାଇଛି। ବର୍ଷା କାରଣରୁ ଧାମନଗର ବ୍ଲକ୍‌ରେ ସ୍ଥିତି ଅଧିକ ସଙ୍ଗୀନ ହୋଇପଡ଼ିଛି। ଲଗାଣ ବର୍ଷା ଯୋଗୁଁ ଗୋରୁଗାଈମାନେ ବାହାରକୁ ବାହାରି ନ ପାରି ଗୁହାଳରେ ଅଟକି ରହିଥିବାବେଳେ ଚାଷୀମାନେ ଚିନ୍ତାରେ ପଡ଼ିଛନ୍ତି। ବିଶେଷକରି ପୂର୍ବ ଲଘୁଚାପ ଓ ବର୍ତ୍ତମାନର ବର୍ଷା ଯୋଗୁଁ ପନିପରିବା ଚାଷ ବ୍ୟାପକ ଭାବେ ନଷ୍ଟ ହୋଇଥିବା ଅଭିଯୋଗ ହେଉଛି। ଅବିଶ୍ରାନ୍ତ ବର୍ଷା ଯୋଗୁଁ ସ୍ଥାନୀୟ ରାସ୍ତାଘାଟର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି। ଧାମନଗର-ଫଳପୁର



ରାସ୍ତାର ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଗାତ ସୃଷ୍ଟି ହୋଇଛି। ଏହି ଗାତଗୁଡ଼ିକ ବର୍ଷା ପାଣିରେ ପୂର୍ଣ୍ଣ ହୋଇଥିବାରୁ ଯାନବାହନ ଚଳାଚଳରେ ଘୋର୍ ଅସୁବିଧା ସୃଷ୍ଟି ହେଉଛି। ଏହାଛଡ଼ା, ବିଭିନ୍ନ ନଦୀବନ୍ଧରେ ଚାଲିଥିବା କାର୍ଯ୍ୟ ଯୋଗୁଁ ରାସ୍ତା ଖରାପ ହୋଇ ପଥଚାରୀ ଓ ଯାନବାହନ ଚଳାଚଳରେ ବାଧା ଉପୁଜୁଛି। ନିମ୍ନାଞ୍ଚଳରେ ପାଣି ଜମିବାକୁ ନେଇ ସ୍ଥାନୀୟ ପ୍ରଶାସନ ପକ୍ଷରୁ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି। ତେବେ ରାସ୍ତା ମରାମତି ପାଇଁ ସାଧାରଣରେ ଦାବିହେଉଛି।

### ନଦୀ ପଠା ଜଙ୍ଗଲ ଜମିରୁ ଟ୍ରିପ୍ ଟ୍ରିପ୍ ବାଲି ଚୋରି

# ବଦଳିବ ବୈତରଣୀ ଗତିପଥ

ବରିକପୁର,୧୪।୭ (ସମିସ)

ଭଣ୍ଡାରିପୋଖରୀ ଥାନା ଅଧୀନ ବିଭିନ୍ନ ସ୍ଥାନରେ ହେଉଥିବା ବାଲି ଚୋରିକୁ ରୋକିବା ପାଇଁ ପ୍ରଶାସନ ପକ୍ଷରୁ କିଛି ମାସ ପୂର୍ବରୁ ବୈତରଣୀ କୂଳବର୍ତ୍ତି ସ୍ଥାନରେ ଗର୍ତ୍ତ ସୃଷ୍ଟି କରାଯାଇଥିଲା। ବିଶେଷ କରି ଯେଉଁ ରାସ୍ତାରେ ଟ୍ରାକ୍ଟର ବାଲି ବୋଝେଇ କରି ଯାଉଥିବା ଉକ୍ତ ପଥକୁ ଚିହ୍ନଟ କରାଯାଇ ସେଠାରେ ନାଳ ଖନନ ହୋଇଥିଲା, ଏହି କ୍ରମରେ ବାଲିପୋଖରୀ ଏସ୍‌କେପକୁ ଲାଗି ଖଣି ବିଭାଗ ଅଧିକାରୀଙ୍କ ଉପସ୍ଥିତିରେ ଦୁଇ ଚାରୋଟି ସ୍ଥାନରେ ନାଳ ଖୋଳା ଯାଇଥିଲା। ପରିତାପର ବିଷୟ କିଛି ଦିନ ଅତିକ୍ରାନ୍ତ ପରେ ପୁଣି ଯେଉଁ କଥାକୁ ସେଇ କଥା ଦେଖିବାକୁ ମିଳିଛି। ବାଲି ମାଫିଆମାନେ ନାଳ ପୋତି ବୈତରଣୀ ନଦୀରୁ ଅହରହ ବାଲି ଲୁଟ୍ କରୁଛନ୍ତି। ଭୋର୍ ୪ଟାରୁ ୬ଟା ଓ ସନ୍ଧ୍ୟା ୬ରୁ ରାତି ୮ଟା ଯାଏଁ ଅହରହ ବାଲି ଉତ୍ତୋଳନ ହେଉଛି। ନଦୀ ମଧ୍ୟରୁ ବାଲି ଚୋରି ଏକ ନିତିଦିନିଆ ଘଟଣା ହୋଇଥିବାବେଳେ ଏବେ ସେମାନେ ନଦୀ ପଠାକୁ ମଧ୍ୟ ଛାଡ଼ିନାହାନ୍ତି। ସେମାନଙ୍କ ଲୋଲୁପ ଦୃଷ୍ଟି ଏବେ ବୈତରଣୀ ପଠା ଜଙ୍ଗଲ ଜମି ଉପରେ ପଡ଼ିଛି। ଜଗନ୍ନାଥ ପ୍ରସାଦ ବାଲି ସୈରାତଠାରୁ ଏସ୍‌କେପ ଶେଷ ମୁଣ୍ଡ ଯାଏଁ ବିସ୍ତୀର୍ଣ୍ଣ ନଦୀ ପଠା ରହିଛି। ଉକ୍ତ ପଠାର ଉପର ସ୍ତରକୁ ଖୋଳାଯାଇ ଏହାର ନିମ୍ନ ଭାଗରୁ ବାଲି ଚୋରି ହେଉଥିବା ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି। ଅହରହ ବାଲି ଉତ୍ତୋଳନ ଯୋଗୁଁ ପଠା



ଏବେ ପୁଷ୍କରିଣୀ ସଦୃଶ ଦୃଶ୍ୟମାନ ହେଉଛି। ଆଉ କିଛି ଦିନ ପରେ ବୈତରଣୀ ମଧ୍ୟ ଏହା ସହିତ ସଂଯୋଗ ହେବା ପରେ ନଦୀର ଗତିପଥ ବଦଳିବ ଏଥିରେ ସନ୍ଦେହ ନାହିଁ। ଏପଟେ ନଦୀପଠାରୁ ଅନବରତ ବେଆଇନ ଭାବେ ବାଲି ଉତ୍ତୋଳନ କାରଣରୁ ନଦୀବନ୍ଧ ଓ ବାଲିପୋଖରୀ ଏସ୍‌କେପକୁ ମଧ୍ୟ ବିପଦ ମାଡ଼ିଆସୁଛି। ସ୍ଥାନୀୟ ଜଗନ୍ନାଥ ପ୍ରସାଦ, କୁମ୍ଭାରିଆ, ଆଖୁଆପଦା ଓ ବାଲିପୋଖରୀ ଗ୍ରାମର କିଛି ବୁଦ୍ଧିଜୀବୀଙ୍କ କହିବା କଥା ହେଲା ପ୍ରଶାସନ ପକ୍ଷେ ବାଲି ଚୋରିକୁ ସମ୍ପୂର୍ଣ୍ଣ ବନ୍ଦ କରିବା ସମ୍ଭବପର ନୁହେଁ। କେବଳ ଧର୍ମକୁ ଆଖିଠାର ଭଳି କେତେବେଳେ କେମିତି କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଅଞ୍ଚଳରେ ଏମିତି ବେଆଇନ ବାଲି ପରିବହନ ଅନେକ ବର୍ଷ ହେବ ଚାଲିଛି। ସମ୍ପ୍ରତି ସରକାର ନଦୀ କୂଳବର୍ତ୍ତି ଜଙ୍ଗଲ ଜମିରେ ତଟ ସୁରକ୍ଷା ପାଇଁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଆରମ୍ଭ କରନ୍ତୁ। ବୃକ୍ଷ ରୋପଣ ପରବର୍ତ୍ତୀ ରକ୍ଷଣାବେକ୍ଷଣ ଦାୟିତ୍ୱ ସ୍ଥାନୀୟ ପଞ୍ଚାୟତ ହାତରେ ନ୍ୟସ୍ତ କରାଗଲେ ବେଆଇନ ବାଲି ପରିବହନ କିଛି ମାତ୍ରାରେ ବନ୍ଦ ହେବା ସହିତ ନଦୀ ପଠା ସୁରକ୍ଷା ମଧ୍ୟ ହୋଇପାରିବ ବୋଲି ସେମାନେ ମତାମତ ଦେଇଛନ୍ତି।

# ରାଜ୍ୟର ସର୍ବବୃହତ୍ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର ଉଦ୍‌ଘାଟିତ





■ କଟକର ୩୫ ଜଣ ପ୍ରତିଷ୍ଠିତ ପ୍ରକାଶକଙ୍କୁ ସମ୍ବର୍ଦ୍ଧନା
■ କେଏମସିର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ୱତନ୍ତ୍ର ଲୋଗୋ ଉନ୍ମୋଚିତ
■ ଗୁରୁଡିଝାଟିଆରେ ୨୧ କୋଟି ଟଙ୍କାରେ ପ୍ରସ୍ତାବିତ ଗୋଶାଳାର ଭିତ୍ତିପ୍ରସ୍ତର ସ୍ଥାପନ

କଟକ,୧୪।୭(ସମିସ): ରାଜ୍ୟର ସାଂସ୍କୃତିକ ପ୍ରାଣକେନ୍ଦ୍ର କଟକ ସହରରେ ଆଜି ଲୋକାର୍ପିତ ହୋଇଛି ବହୁ ପ୍ରତୀକ୍ଷିତ ଓଡ଼ିଶାର ସର୍ବବୃହତ୍ ବିଶ୍ୱନାଥ ପଣ୍ଡିତ କେନ୍ଦ୍ରୀୟ ପାଠାଗାର। ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଏହି ଅତ୍ୟାଧୁନିକ ସ୍ମାର୍ଟ ଲାଇବ୍ରେରୀର ଉଦଘାଟନ କରିଥିଲେ। ଜ୍ଞାନ, ଗବେଷଣା ଓ ପଠନ ସଂସ୍କୃତିର ବିକାଶ ଦିଗରେ ଏହି ପାଠାଗାର କଟକ ତଥା ସମଗ୍ର ଓଡ଼ିଶା ପାଇଁ ଏକ ନୂତନ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ମତ ବ୍ୟକ୍ତ କରିଥିଲେ ମନ୍ତ୍ରୀ ଡା. ମହାପାତ୍ର। କାର୍ଯ୍ୟକ୍ରମରେ କଟକ ମହାନଗର ନିଗମର ମେୟର ସୁବାସ ସିଂ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାରବାଟୀ-କଟକ ବିଧାୟିକା ଇଂ ସୋଫିଆ ଫିରଦୋସ, କଟକ ସଦର ବିଧାୟକ ଇଂ ପ୍ରକାଶଚନ୍ଦ୍ର ସେଠୀ, ଡେପୁଟି ମେୟର ସୁଶ୍ରୀ ଦମୟନ୍ତୀ ମାଝୀ, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, କଟକ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ, କଟକ ଡିସିପି ଖିଲାରି ଋଷିକେଶ ଦ୍ୟାନଦେଓ, କଟକ ମେୟର ସୁବାସ ସିଂହ, କମିସନର ସୁଶ୍ରୀ କୀରଣଦୀପ କୌର ସହୋତା ପ୍ରମୁଖ ଯୋଗ ଦେଇଥିଲେ।

ଏହି ଅବସରରେ ଅବସରରେ ଲାଇବ୍ରେରୀ ମ୍ୟାନେଜମେଣ୍ଟ ସିଷ୍ଟମର ଉଦଘାଟନ କରାଯାଇଛି। କଟକର ୩୫ଜଣ ପ୍ରତିଷ୍ଠିତ ପ୍ରକାଶକଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। କଟକ ମହାନଗର ନିଗମ (କେଏମସି)ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବର୍ଷବ୍ୟାପୀ କାର୍ଯ୍ୟକ୍ରମ ପାଇଁ ଏକ ସ୍ୱତନ୍ତ୍ର ଲୋଗୋର ମଧ୍ୟ ଉନ୍ମୋଚନ କରାଯାଇଛି। ପରେ ଗୁରୁଡିଝାଟିଆଠାରେ ୫ ଏକର ଜମିରେ ୨୧ କୋଟି ଟଙ୍କା ବିନିମୟରେ ହେବାକୁ ଥିବା ଗୋଶାଳାର ଭର୍ଚୁଆଲ ଜରିଆରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। କେଏମସିର ସମସ୍ତ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ଓ ଅଧ୍ୟକ୍ଷାଙ୍କ ସହ କର୍ପୋରେଟର ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

## ଲକ୍ଷାଧିକ ପୁସ୍ତକ, ହଜାରେ ପାଠକଙ୍କ ପାଇଁ ସୁବିଧା

ବାଦାମବାଡ଼ିଠାରେ ସ୍ଥାପିତ ଏହି ଅତ୍ୟାଧୁନିକ ସୁବିଧାସମ୍ପନ୍ନ ଏହି ପାଠାଗାରରେ ୧ ଲକ୍ଷରୁ ଅଧିକ ପୁସ୍ତକ ସହ ୧୦୦୦ରୁ ଅଧିକ ପିଲାଙ୍କ ପାଇଁ ବସି ପାଠ ପଢ଼ିବାର ବ୍ୟବସ୍ଥା କରାଯାଇଛି। ଏହାସହିତ ପୁରା ଲାଇବ୍ରେରୀରେ ଇଣ୍ଟରନେଟ୍, ଫଟୋ କପି ପ୍ରଭୃତି ସୁବିଧା ରଖାଯାଇଛି। ବାଦାମବାଡ଼ି ଅଞ୍ଚଳରେ ୩ ଏକର ପରିମିତ ଜମି ଉପରେ ୪୨ କୋଟି ଟଙ୍କା ଖର୍ଚ୍ଚରେ ନିର୍ମାଣ ହୋଇଛି ଏହି ପାଠାଗାର। ଓଡ଼ିଶା ରାଜ୍ୟ ପୁଲିସ ହାଉସିଂ ଓ ଓ୍ୱେଲଫେୟାର କର୍ପୋରେସନ୍ ଲିମିଟେଡ୍ ଏହାକୁ ନିର୍ମାଣ କରିଛି। ୩ ମହଲା ବିଶିଷ୍ଟ ଏହି କୋଠାରେ ୮୪ ସିଟ ବିଶିଷ୍ଟ ଅଡିଟୋରିଅମ୍, ଅଡିଓ-ଭିଡିଓ କନଫେରେନ୍ସ ରୁମ୍, ୭୨ଜଣ ବସିବା ଭଳି କ୍ୟାଫେଟେରିଆ ପ୍ରଭୃତି ବ୍ୟବସ୍ଥା କରାଯାଇଛି। ପାର୍କିଂ ପାଖରୁ ଦୁଇଟି ଲିଫ୍ଟ ସହିତ ସିସିଟିଭି ନିରୀକ୍ଷଣ, ୨୪ ଘଣ୍ଟିଆ ସୁରକ୍ଷା ବ୍ୟବସ୍ଥା, ଅଗ୍ନି ନିରାପତ୍ତା ବ୍ୟବସ୍ଥା, ସୌର ଶକ୍ତି, ପର୍ଯ୍ୟାପ୍ତ ପାର୍କିଂ, ଆକର୍ଷଣୀୟ ସବୁଜ ପରିବେଶ ଓ ଦିବ୍ୟାଙ୍ଗ ଅନୁକୂଳ ସୁବିଧା ମଧ୍ୟ ଏଥିରେ ଉପଲବ୍ଧ ରହିଛି। ପ୍ରକାଶଥାଉକି, ତତ୍କାଳୀନ ବିଜେଡି ସରକାର ସମୟରେ କଟକ ନେତାଜୀ ବସ ଟର୍ମିନାଲ ନିର୍ମାଣ ପାଇଁ ଖାନନଗରଠାରେ ଥିବା ଏହି ପାଠାଗାରକୁ ଉଚ୍ଛେଦ କରାଯିବା ସହ ବାଦାମବାଡ଼ିଠାରେ କରିବା ପାଇଁ ଯୋଜନା ହୋଇ କାର୍ଯ୍ୟ ଚାଲିଥିଲା।

**୩ ଏକର ଜାଗାରେ ଅତ୍ୟାଧୁନିକ ସୁବିଧା**

# ଆନ୍ଧ୍ରରେ କୋଭିଡ଼ ଭୟ: ସଚେତନ ରହିବାକୁ ସରକାରଙ୍କ ପରାମର୍ଶ



ଭୁବନେଶ୍ୱର,୧୪।୭(ସମିସ): ସମ୍ଭାବ୍ୟ କୋଭିଡ-୧୯ ପରିସ୍ଥିତିକୁ ଦୃଷ୍ଟିରେ ରଖି ଲୋକସେବା ଭବନଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଅଧ୍ୟକ୍ଷତା କରି ବିଭିନ୍ନ ପ୍ରସ୍ତୁତି ଓ ଆବଶ୍ୟକୀୟ ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରିଛନ୍ତି। ରାଜ୍ୟ ସରକାର କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ସହ ନିରନ୍ତର ସମନ୍ୱୟରେ ଅଛନ୍ତି ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ପାଇଁ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ମନ୍ତ୍ରୀ କହିଛନ୍ତି। ଜନସାଧାରଣଙ୍କୁ ଅନୁରୋଧ କରି କୌଣସି ଗୁଜବ କିମ୍ବା ଅପପ୍ରଚାରରେ ବିଚଳିତ ଅଥବା ଭୟଭୀତ ନହୋଇ ସଚେତନ ରହିବା ଏବଂ ଆବଶ୍ୟକ ସ୍ୱାସ୍ଥ୍ୟ ସୁରକ୍ଷା ନିୟମାବଳୀ ପାଳନ କରିବାକୁ ଅନୁରୋଧ କରିଛନ୍ତି। ବୈଠକରେ ସ୍ୱାସ୍ଥ୍ୟ ସଚିବ ଅଶ୍ୱତୀ ଏସ., ଜାତୀୟ ସ୍ୱାସ୍ଥ୍ୟ ମିଶନର ନିର୍ଦ୍ଦେଶିକା ବୃନ୍ଦା ଡି., ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

### ଆୟବହିର୍ଭୁତ ସମ୍ପତ୍ତି ମାମଲା

## ପୂର୍ବତନ ଜେଇଙ୍କୁ ୩ ବର୍ଷ କାରାଦଣ୍ଡ

ରାୟଗଡ,୧୪।୭(ସମିସ): ଆୟବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ରାୟଗଡ ଜିଲ୍ଲା ଗୁଣପୁରସ୍ଥିତ ସହକାରୀ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟର ପୂର୍ବତନ କନିଷ୍ଠ ଯନ୍ତ୍ରୀ (ଜେଇ) ଅଶୋକ କୁମାର ପାଢ଼ୀଙ୍କୁ ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି । ଜୁଲାଇ ୧୪ ତାରିଖ ଦିନ ଏହି ମାମଲାର ଶୁଣାଣି ହୋଇଥିଲା। ଅଶୋକ କୁମାର ପାଢ଼ୀଙ୍କୁ ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତ ଦୁର୍ନୀତି ନିବାରଣ ଆଇନ, ୧୯୮୮ର ଧାରା ୧୩(୨) ସହ ୧୩(୧)(ଇ) ଅନୁଯାୟୀ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ କାରାଦଣ୍ଡ ସହ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡାଦେଶ ଦେଇଛନ୍ତି। ପାଢ଼ୀ ଗୁଣୁପୁର ସହକାରୀ ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟରେ କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟରତ ଥିବାବେଳେ ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗରେ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଦୋଷୀ ସାବ୍ୟସ୍ତ ହେବା ପରେ ପାଢ଼ୀ ବର୍ତ୍ତମାନ ଅବସରପ୍ରାପ୍ତ ହୋଇଥିବାରୁ ତାଙ୍କ ପେନସନ ବନ୍ଦ କରିବା ପାଇଁ ଓଡ଼ିଶା ଭିଜିଲାନ୍ସ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସୂଚନା ଦିଆଯାଇଛି।

**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ. ST-OT-GOODSSHED-KUR-575, ତାରିଖ: 08.07.2026

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ମୌଳିକ ସୁବିଧାସୁଯୋଗ ଏବଂ ପ୍ରଦୂଷଣ ନିୟନ୍ତ୍ରଣ ମାପଦଣ୍ଡ ଦ୍ୱାରା ସୁକିନ୍ଦା ରୋଡ଼, ଢେଙ୍କାନାଳ, କପିଳାସ ରୋଡ଼, କଟକ, ନିର୍ଗୁଣ୍ଡି, ଜଗନ୍ନାଥପୁର, ଧାନମଣ୍ଡଳ, ଟୋମ୍‌କା, ଗୋଲଡିହ, ପୋର୍ଜନ ପୁର ଏବଂ ନୟାନଡ଼ ସାମଗ୍ରୀ ଭଣ୍ଡାରର ଉନ୍ନତିକରଣ ।

**ଟେଣ୍ଡର ମୂଲ୍ୟ :** ₹4,91,98,115.72, EMD: ₹9,84,000.00.

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** 30.07.2026, 11.00 ଘଟିକାରେ ।

ବିଡ୍ ଆରମ୍ଭ ହେବା ତାରିଖ : 16.07.2026

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦିଆଯାଇଥିବ ଏବଂ ଠିକ୍ ସମୟରେ ମିଳିଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ । ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ଅଟେ ।
**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ଅବଲୋକନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।

ବରିଷ୍ଠ ମଣ୍ଡଳ ସଂକେତ ଓ ଦୂରସଂଚାର ଯନ୍ତ୍ରୀ/ ଖୋର୍ଦ୍ଧା ରୋଡ
PR-298/R/26-27

■ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ମାର୍ଗଦର୍ଶିକା ଉନ୍ମୋଚିତ

## ୧୪ ଅଗଷ୍ଟ ୨୦୨୬ ପର୍ଯ୍ୟନ୍ତ ଚାଲିବ ଆବେଦନ ପ୍ରକ୍ରିୟା

ଭୁବନେଶ୍ୱର,୧୪।୭(ସମିସ): ଆଜି ଭୁବନେଶ୍ୱରସ୍ଥିତ ପର୍ଯ୍ୟଟନ ଭବନଠାରେ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ମାର୍ଗଦର୍ଶିକା ଉନ୍ମୋଚନ ହୋଇଛି। ଏହି ଯୋଜନା ମାଧ୍ୟମରେ ବରିଷ୍ଠ ନାଗରିକମାନେ ଯେପରି ସମ୍ମାନ, ସୁରକ୍ଷା ଏବଂ ସରକାରୀ ସହାୟତା ସହିତ ଦେଶର ବିଭିନ୍ନ ପବିତ୍ର ଧାର୍ମିକ ସ୍ଥଳୀ ଭ୍ରମଣ କରିପାରିବେ, ତାହା ନିଶ୍ଚିତ କରିବା ପାଇଁ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କହିଛନ୍ତି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା। ଜୁଲାଇ ୧୫ ତାରିଖରୁ ଅଗଷ୍ଟ ୧୪ ତାରିଖ ଯାଏ ଆବେଦନ ପ୍ରକ୍ରିୟା ଖୋଲା ରହିବ। ଯୋଗ୍ୟ ବରିଷ୍ଠ ନାଗରିକମାନେ ୱେବସାଇଟ୍ ମାଧ୍ୟମରେ ଅନଲାଇନ୍‌ରେ କିମ୍ବା ମାର୍ଗଦର୍ଶିକା ଅନୁଯାୟୀ ନିର୍ଦ୍ଧାରିତ ଅଫଲାଇନ୍ ଆବେଦନ ପତ୍ର ଦାଖଲ କରିପାରିବେ। ଏହି ମାର୍ଗଦର୍ଶିକାରେ ଯୋଜନାର ଯୋଗ୍ୟତା ମାପଦଣ୍ଡ, ଆବେଦନ ପ୍ରକ୍ରିୟା, ଚୟନ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିବା ଶ୍ରୀମତୀ ପରିଡ଼ା ସୂଚନା ଦେଇଛନ୍ତି। ପର୍ଯ୍ୟଟନ ବିଭାଗର କମିଶନର-ତଥା-ଶାସନ ସଚିବ ବଲୱନ୍ତ ସିଂ,ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଆଇଆରସିଟିସି ଭୁବନେଶ୍ୱରର ଆଞ୍ଚଳିକ ପ୍ରବନ୍ଧକ ଅନୁଜ ଦତ୍ତଙ୍କ ସମେତ ଆଇଆରସିଟିସି ଏବଂ ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀମାନେ ଏହି ଅବସରରେ ଉପସ୍ଥିତ ଥିଲେ। ୨୦୧୬ରେ ଏହି ଯୋଜନା ଆରମ୍ଭ ହେବା ଦିନଠାରୁ ଏପର୍ଯ୍ୟନ୍ତ ୪୫,୫୫୫ ରୁ ଉର୍ଦ୍ଧ୍ୱର୍ ବରିଷ୍ଠ ନାଗରିକ ଭାରତର ବିଭିନ୍ନ ପ୍ରସିଦ୍ଧ ତୀର୍ଥସ୍ଥଳୀ ଦର୍ଶନ କରିସାରିଛନ୍ତି।

**୨୦୧୬ରୁ ଏଯାଏ ୪୫୫୫୫ ବରିଷ୍ଠ ନାଗରିକ ଉପକୃତ**

## ପାହାଡ଼ରୁ କ୍ଷତବିକ୍ଷତ ଅବସ୍ଥାରେ ଉଲଗ୍ନ ମହିଳା ଉଦ୍ଧାର

ପାରଳାଖେମୁଣ୍ଡି, ୧୪।୭ (ସମିସ) : ଗଜପତିରେ ଚାଞ୍ଚଲ୍ୟ। ପାହାଡ଼ରୁ ଉଲଗ୍ନ ଓ କ୍ଷତବିକ୍ଷତ ଅବସ୍ଥାରେ ମହିଳା ଉଦ୍ଧାର। ମହିଳା ଜଣକ ଅଡବା ଥାନା ଅଞ୍ଚଳର ହୋଇଥିବା ବେଳେ ରା ଉଦୟଗିରିର ରାହୁଲ ନାମକ ଜଣେ ଯୁବକ ତାଙ୍କୁ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ଅନ୍ତରଡା ନିକଟସ୍ଥ ଜଙ୍ଗଲରେ ନିଛାଟିଆ ଜଙ୍ଗଲକୁ ନେଇ ବଳାତ୍କାର ଉଦ୍ୟମ ପରେ ଛୁରାରେ ଆକ୍ରମଣ କରି ପଥର ଛେଚି ହତ୍ୟା ଉଦ୍ୟମ କରିଥିବା ମହିଳା ଜଣଙ୍କ ଅଭିଯୋଗ କରିଛନ୍ତି। ଗୁରୁତର ଅବସ୍ଥାରେ ଗ୍ରାମବାସୀଙ୍କ ଦ୍ୱାରା ଉଦ୍ଧାର ପରେ ପ୍ରଥମେ ଖଜୁରିପଦାରେ ପ୍ରାଥମିକ ଚିକିତ୍ସା ପରେ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି। ସେଠାରେ ଚିକିତ୍ସା ଜାରି ରହିଛି। ଏନେଇ ରା ଉଦୟଗିରି ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ପରୀକ୍ଷା ଫି ଓ ହଷ୍ଟେଲ ଫି ଦେବେ ଛାତ୍ରଛାତ୍ରୀ : ମନ୍ତ୍ରୀ

ଭୁବନେଶ୍ୱର, ୧୪/୭(ସମିସ): ରାଜ୍ୟର ସରକାରୀ ଏବଂ ସରକାରୀ ଅନୁଦାନପ୍ରାପ୍ତ ବେସରକାରୀ ଉଚ୍ଚ ଶିକ୍ଷାନୁଷ୍ଠାନରେ ନିୟମିତ ପାଠ୍ୟକ୍ରମରେ ପଢ଼ିବା ପାଇଁ ଛାତ୍ରଛାତ୍ରୀ ଙ୍କୁ କୌଣସି ଫି ଦେବାକୁ ପଡିବ ନାହିଁ। ନାମଲେଖା ଫି ସମେତ କଲେଜ ଡେଭେଲପମେଣ୍ଟ ଫି, ଲାଇବ୍ରେରୀ ଫି ଏବଂ ଆନୁଷଙ୍ଗିକ ଫି ସରକାର ବହନ କରିବେ। କେବଳ ପରୀକ୍ଷା ଫି ଛାତ୍ରଛାତ୍ରୀଙ୍କୁ ଦେବାକୁ ପଡ଼ିବ। ସେହିପରି ସେଲ୍ଫ ଫାଇନାନ୍ସିଂ କୋର୍ସ, ଦୂରଶିକ୍ଷା, ପତ୍ରବିନିମୟ ଶିକ୍ଷା, ମୁକ୍ତ ଶିକ୍ଷା, ପବ୍ଲିକ୍-ପ୍ରାଇଭେଟ୍-ପାର୍ଟନର୍ସିପ୍ ବ୍ୟବସ୍ଥାରେ ପରିଚାଳିତ ପାଠ୍ୟକ୍ରମ, ବିଭିନ୍ନ ବୃତ୍ତିଗତ, ବୈଷୟିକ ଶିକ୍ଷା ଏହି ଯୋଜନାରୁ ବାଦ୍ ପଡ଼ିବ। ଅର୍ଥାତ୍ ଏସବୁ ପାଠ୍ୟକ୍ରମ ପାଇଁ ଛାତ୍ରଛାତ୍ରୀଙ୍କୁ ଫି ଦେବାକୁ ପଡିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ମାଗଣା ଶିକ୍ଷାଦାନ ସମ୍ପର୍କରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ସ୍ପଷ୍ଟ କରିଛନ୍ତି।

ମନ୍ତ୍ରୀ ଅଧିକ ସ୍ପଷ୍ଟ କରି କହିଛନ୍ତି ଯେ, ଚଳିତ ଶିକ୍ଷାବର୍ଷରୁ ଏହି ଯୋଜନା ଲାଗୁ ହେବ। ଉଚ୍ଚଶିକ୍ଷା ବିଭାଗ ଅଧୀନରେ ଥିବା ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ ଓ ଅନୁଦାନପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟରେ ( ଉଭୟ ୪୮୮ ଓ ୬୬୨ ବର୍ଗ) ନିୟମିତ ସ୍ନାତକ ଓ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ କୌଣସି ଫି ଦେବାକୁ ପଡିବ ନାହିଁ। ମାତ୍ର ଏହି ପିଲାଙ୍କୁ ପରୀକ୍ଷା ଫି ଦେବାକୁ ହେବ। ପରୀକ୍ଷା ସମ୍ପର୍କରେ ପିଲାଙ୍କ ମଧ୍ୟରେ ସକ୍ରିୟତା ଆଣିବା ପାଇଁ ଏହି ଫି ଲାଗୁ କରିବାକୁ ନିଷ୍ପତ୍ତି ହୋଇଛି। ସେହିପରି ସେଲ୍ଫ ଫାଇନାନ୍ସିଂ କୋର୍ସ, ଦୂରଶିକ୍ଷା, ପତ୍ରବିନିମୟ ଶିକ୍ଷା, ମୁକ୍ତ ଶିକ୍ଷା, ପବ୍ଲିକ୍-ପ୍ରାଇଭେଟ୍-ପାର୍ଟନର୍ସିପ୍ ବ୍ୟବସ୍ଥାରେ ପରିଚାଳିତ ପାଠ୍ୟକ୍ରମ, ବିଭିନ୍ନ ବୃତ୍ତିଗତ, ବୈଷୟିକ ଏବଂ ଶିକ୍ଷକ ଶିକ୍ଷା ପାଠ୍ୟକ୍ରମ, ବିଏଡ଼.,ଏମ୍‌ଏଡ଼, ବିଏଚଏଡ଼, ଆଇଟିଇପି, ଏଲଏଲ.ବି, ଏଲଏଲ.ଏମ୍, ବିବିଏ, ବିସିଏ, ଏମ୍‌ବିଏ, ଏମ୍‌ସିଏ ଆଦି ପାଠ୍ୟକ୍ରମ ଏବଂ ଘରୋଇ ଉଚ୍ଚ ଶିକ୍ଷାନୁଷ୍ଠାନ ଉପରେ ମାଗଣା ଶିକ୍ଷାଦାନ ଯୋଜନା ଲାଗୁ ହେବ ନାହିଁ। ଏଥିପାଇଁ ସମ୍ପୃକ୍ତ ପିଲାଙ୍କୁ ଫି ପୈଠ କରିବାକୁ ହେବ। ପିଲାଙ୍କୁ ଶିକ୍ଷା ମନସ୍କ କରିବା ପାଇଁ ମାଗଣା ଶିକ୍ଷାରେ ଉପସ୍ଥାନ କୁ ବାଧ୍ୟତାମୂଳକ କରାଯାଇଛି। ଶ୍ରେଣୀଗୃହରେ ସର୍ବନିମ୍ନ ୭୫% ଉପସ୍ଥାନ ରହୁଥିବା ପିଲାମାନେ ଏହି ସୁବିଧା ପାଇବେ। ତେବେ, ଅସାଧାରଣ ପରିସ୍ଥିତିରେ ଏହାକୁ ୬୫% ପର୍ଯ୍ୟନ୍ତ କୋହଳ କରାଯାଇପାରେ। ଛାତ୍ରଛାତ୍ରୀଙ୍କ ଉପସ୍ଥାନ ସରକାରଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ବାୟୋମେଟ୍ରିକ୍ କିମ୍ବା ଅନ୍ୟ କୌଣସି ଡିଜିଟାଲ ଉପସ୍ଥାନ ପ୍ରଣାଳୀ ମାଧ୍ୟମରେ ଯାଞ୍ଚ କରାଯିବ।

ସେହିପରି ଏହି ଯୋଜନା ଦ୍ୱାରା ଶିକ୍ଷାନୁଷ୍ଠାନ କୁ କୌଣସି ଆର୍ଥିକ କ୍ଷତି ହେବନାହିଁ। ନାମଲେଖା ପୂର୍ବରୁ କଲେଜ ଧାର୍ଯ୍ୟ କରିଥିବା ସମ୍ପୂର୍ଣ୍ଣ ଫି ସରକାର ପୈଠ କରିବେ। ଏହି ଫି କୁ କୌଣସି ଶିକ୍ଷାନୁଷ୍ଠାନ ପରିବର୍ତ୍ତନ ବା ସଂଶୋଧନ କରିପାରିବେ ନାହିଁ। ୨୦୨୬-୨୭ ଶିକ୍ଷାବର୍ଷ ପାଇଁ ସାମ୍ସ ପୋର୍ଟାଲରେ ଅପଲୋଡ଼ କରାଯାଇଥିବା ଶୁଳ୍କକୁ ହିଁ ବିଚାରକୁ ନିଆଯିବ। ରାଜ୍ୟ ସ୍ତରୀୟ ଶୁଳ୍କ ନିୟନ୍ତ୍ରଣ କମିଟି ଗଠନ କରାଯିବା ସହିତ ଆବଶ୍ୟକ ସ୍ଥଳେ, ଜରୁରୀ ପରିସ୍ଥିତିରେ ଉଚ୍ଚଶିକ୍ଷାନୁଷ୍ଠାନ ଶୁଳ୍କରେ ଯେକୌଣସି ସଂଶୋଧନ ପାଇଁ ନିଜର ପ୍ରସ୍ତାବକୁ ଶୁଳ୍କ ନିୟନ୍ତ୍ରଣ କମିଟି ପାଖରେ ଦାଖଲ କରିପାରିବେ। ସିଣ୍ଡିକେଟ୍ ବା ପରିଚାଳନା କମିଟି ଦ୍ୱାରା ଶୁଳ୍କ ଢାଞ୍ଚାରେ କୌଣସି ପ୍ରକାର ସଂଶୋଧନ ପାଇଁ ନିଜର କ୍ଷମତା ପ୍ରୟୋଗ କରିପାରିବେ ନାହିଁ। ସରକାରଙ୍କ ତରଫରୁ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କୁ କିସ୍ତିରେ ଅନୁମୋଦିତ ଅର୍ଥରାଶି ପ୍ରଦାନ କରାଯିବ। ପ୍ରଥମେ ୧୦ ପ୍ରତିଶତ ଏବଂ ପରେ ୧୫ ପ୍ରତିଶତ ଅନୁଦାନ ଦିଆଯିବ। ଏହା ପରେ ପ୍ରତି ୩ ମାସରେ ୨୫ ପ୍ରତିଶତ ଲେଖାଏଁ ଟଙ୍କା ଶିକ୍ଷାନୁଷ୍ଠାନ କୁ ପ୍ରଦାନ କରାଯିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ସୂଚନା ଦେଇଛନ୍ତି। ଅନୁରୂପ ଭାବେ ଛାତ୍ରବୃତ୍ତିରେ ମଧ୍ୟ କୌଣସି ପରିବର୍ତ୍ତନ ହେବନାହିଁ। ପୂର୍ବରୁ ପାଉଥିବା ଅର୍ଥରାଶି ଛାତ୍ରଛାତ୍ରୀମାନେ ପାଇବେ। କେବଳ ପୋଷ୍ଟ ମାଟ୍ରିକ୍ ଛାତ୍ରବୃତ୍ତି କ୍ଷେତ୍ରରେ ଦିଆଯାଉଥିବା ନାମଲେଖା ଫି କୁ ବାଦ ଦିଆଯାଇ ଅବଶିଷ୍ଟ ଅର୍ଥ ପ୍ରଦାନ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

ବିକଶିତ ଓଡ଼ିଶା-୨୦୩୬ ଲକ୍ଷ୍ୟ ପୂରଣ କରିବାରେ ଜାତୀୟ ଶିକ୍ଷା ନୀତି ଏବଂ ଜ୍ଞାନୋଦୟ ଯୋଜନା ନିର୍ଣ୍ଣାୟକ ଭୂମିକା ନିର୍ବାହ କରିବ। ଜ୍ଞାନୋଦୟ ଯୋଜନାର ପ୍ରଣୟନ ମାଧ୍ୟମରେ ଶିକ୍ଷା କ୍ଷେତ୍ରରେ ଡ୍ରପ୍ ଆଉଟ ରେଟ୍ ହ୍ରାସ ପାଇବ ବୋଲି ଲକ୍ଷ୍ୟ ରଖାଯାଇଛି। ଉପକୂଳରୁ ଉପାନ୍ତ ପର୍ଯ୍ୟନ୍ତ, ସମସ୍ତଙ୍କ ପାଇଁ ଶିକ୍ଷା ଓ ସମସ୍ତଙ୍କ ପାଇଁ ଉଚ୍ଚଶିକ୍ଷାର ଲକ୍ଷ୍ୟକୁ ଜ୍ଞାନୋଦୟ ଯୋଜନା ମାଧ୍ୟମରେ ହାସଲ କରାଯାଇପାରିବ ବୋଲି ଉଚ୍ଚଶିକ୍ଷା ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜ ମତପ୍ରକାଶ କରିଛନ୍ତି।

## ଲଗାଣ ବର୍ଷା: ଆଜି ଭଦ୍ରକ ଜିଲ୍ଲାର ସମସ୍ତ ବିଦ୍ୟାଳୟ ବନ୍ଦ

ଭଦ୍ରକ, ୧୪।୭(ସମିସ):: ଭଦ୍ରକ ଜିଲ୍ଲାରେ ଲଗାତାର ବର୍ଷା ଯୋଗୁଁ ସୃଷ୍ଟି ହୋଇଥିବା ପରିସ୍ଥିତିକୁ ଦୃଷ୍ଟିରେ ରଖି ଜିଲ୍ଲାପାଳ ବୁଧବାର (୧୫ ଜୁଲାଇ ୨୦୨୬) ପାଇଁ ଜିଲ୍ଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଓ ବେସରକାରୀ ବିଦ୍ୟାଳୟରେ ଛୁଟି ଘୋଷଣା କରିଛନ୍ତି। ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ଅନୁଯାୟୀ, ଲଗାଣ ବର୍ଷା ଏବଂ ଜଳବନ୍ଦୀ ପରିସ୍ଥିତିକୁ ନଜରରେ ରଖି ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ସର୍ବାଧିକ ଗୁରୁତ୍ୱ ଦେଇ ଏହି ପଦକ୍ଷେପ ଗ୍ରହଣ କରାଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଅଭିଭାବକ, ଶିକ୍ଷକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ଏହି ନିର୍ଦ୍ଦେଶ ପାଳନ କରିବା ସହ ବର୍ଷାଜନିତ ପରିସ୍ଥିତିରେ ସତର୍କ ରହିବାକୁ ଅନୁରୋଧ କରାଯାଇଛି।

## ଭୀମକୁଣ୍ଡରେ ବୁଡ଼ି ଯୁବକ ମୃତ

ତୁରୁମୁଙ୍ଗା, ୧୪।୭(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକର ପର୍ଯ୍ୟଟନସ୍ଥଳ ଭୀମକୁଣ୍ଡରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ମୃତ ଯୁବକଙ୍କ ପରିଚୟ ମିଳି ନଥିବା ବେଳେ ଭୁବନେଶ୍ୱରରୁ ୪ ଜଣ ସାଙ୍ଗ ଏକ କାରରେ ଭୀମକୁଣ୍ଡକୁ ବୁଲିବାକୁ ଆସିଥିଲେ। ଗାଧୋଉଥିବା ସମୟରେ ଜଣେ ସାଙ୍ଗ ବୁଡି ଯାଉଥିବା ଦେଖି ବଞ୍ଚାଇବାକୁ ଯାଇ ଅନ୍ୟ ଜଣେ ବୁଡି ଯାଇଥିଲେ। ପ୍ରଥମେ ବୁଡିଯାଇଥିବା ଯୁବକ ସୁରକ୍ଷିତ ଭାବେ ଉଦ୍ଧାର ହୋଇଥିବା ବେଳେ ସାଙ୍ଗକୁ ବଞ୍ଚାଇବାକୁ ଯାଇ ଅନ୍ୟଜଣେ ସାଙ୍ଗ ବୈତରଣୀ ନଦୀର ପ୍ରୋଖର ସ୍ରୋତରେ ଭାସି ଯାଇଥିଲେ। ଖବର ପାଇ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ମୃତଦେହକୁ ଉଦ୍ଧାର କରିଛି।




**01. ଗୁଣ୍ଡିଚା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 15.07.26 | 2200 | 16.07.26 | 0345 |
| 08407 | ଭଦ୍ରକ-ପୁରୀ | 15.07.26 | 2130 | 16.07.26 | 0355 |
| 08421 | ଅନୁଗୁଳ-ପୁରୀ | 16.07.26 | 0500 | 16.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 16.07.26 | 0230 | 16.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 16.07.26 | 0500 | 16.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 16.07.26 | 0800 | 16.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ଼-ପୁରୀ | 16.07.26 | 0630 | 16.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 16.07.26 | 0700 | 16.07.26 | 1230 |
| 08437 | ପଲାସା-ପୁରୀ | 15.07.26 | 2100 | 16.07.26 | 0200 |
| 08557 | ଗୁଣୁପୁର-ପୁରୀ | 15.07.26 | 1830 | 16.07.26 | 0050 |
| 08551 | ବିଶାଖାପାଟଣା-ପୁରୀ | 15.07.26 | 1230 | 15.07.26 | 2130 |
| 08553 | ଜଗଦଲପୁର-ପୁରୀ | 15.07.26 | 0600 | 16.07.26 | 0140 |
| 08555 | ରାୟଗଡ଼ା-ପୁରୀ | 15.07.26 | 1430 | 16.07.26 | 0400 |
| 08559 | ସମ୍ବଲପୁର-ପୁରୀ | 15.07.26 | 2200 | 16.07.26 | 0615 |
| 08336 | ଜୁନାଗଡ଼ ରୋଡ଼-ପୁରୀ | 15.07.26 | 2050 | 16.07.26 | 0825 |
| 08561 | ପୁରୁଣାକଟକ-ପୁରୀ | 15.07.26 | 1000 | 15.07.26 | 2100 |
| 08565 | ଶାଲିମାର-ପୁରୀ | 15.07.26 | 1800 | 16.07.26 | 0600 |
| 08331 | ରାଉରକେଲା-ପୁରୀ | 15.07.26 | 1940 | 16.07.26 | 0945 |
| 08569 | ବାଦାମପାହାଡ଼-ପୁରୀ | 15.07.26 | 0900 | 15.07.26 | 2245 |
| 08563 | ବାଙ୍ଗିରିପୋଷି-ପୁରୀ | 15.07.26 | 1430 | 16.07.26 | 0300 |
| 08567 | ବଡ଼ବିଲ-ପୁରୀ | 15.07.26 | 0735 | 15.07.26 | 1730 |

**02. ଗୁଣ୍ଡିଚା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 16.07.26 | 1505 | 16.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ଼ | 16.07.26 | 1815 | 17.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 16.07.26 | 2100 | 17.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 16.07.26 | 2115 | 17.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 16.07.26 | 2130 | 17.07.26 | 0315 |
| 08444 | ପୁରୀ-ତାଳଚେର | 17.07.26 | 0005 | 17.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 17.07.26 | 0100 | 17.07.26 | 0430 |
| 08422 | ପୁରୀ-ଅନୁଗୁଳ | 17.07.26 | 0215 | 17.07.26 | 0745 |
| 08438 | ପୁରୀ-ପଲାସା | 17.07.26 | 0400 | 17.07.26 | 0915 |
| 08558 | ପୁରୀ-ଗୁଣୁପୁର | 17.07.26 | 0245 | 17.07.26 | 0945 |
| 08552 | ପୁରୀ-ବିଶାଖାପାଟଣା | 17.07.26 | 0230 | 17.07.26 | 1105 |
| 08554 | ପୁରୀ-ଜଗଦଲପୁର | 16.07.26 | 1915 | 17.07.26 | 1315 |
| 08556 | ପୁରୀ-ରାୟଗଡ଼ା | 17.07.26 | 0130 | 17.07.26 | 1430 |
| 08560 | ପୁରୀ-ସମ୍ବଲପୁର | 17.07.26 | 0330 | 17.07.26 | 1100 |
| 08337 | ପୁରୀ-ଜୁନାଗଡ଼ ରୋଡ଼ | 17.07.26 | 0700 | 17.07.26 | 1845 |
| 08562 | ପୁରୀ-ପୁରୁଣାକଟକ | 16.07.26 | 2030 | 17.07.26 | 0640 |
| 08566 | ପୁରୀ-ଶାଲିମାର | 17.07.26 | 0030 | 17.07.26 | 1330 |
| 08332 | ପୁରୀ-ରାଉରକେଲା | 17.07.26 | 0300 | 17.07.26 | 1555 |
| 08570 | ପୁରୀ-ବାଦାମପାହାଡ଼ | 17.07.26 | 0045 | 17.07.26 | 1345 |
| 08564 | ପୁରୀ-ବାଙ୍ଗିରିପୋଷି | 17.07.26 | 0115 | 17.07.26 | 1330 |
| 08568 | ପୁରୀ-ବଡ଼ବିଲ | 16.07.26 | 1945 | 17.07.26 | 0700 |

**03. ବାହୁଡ଼ା ଯାତ୍ରା ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 23.07.26 | 2200 | 24.07.26 | 0345 |
| 08407 | ଭଦ୍ରକ-ପୁରୀ | 23.07.26 | 2130 | 24.07.26 | 0355 |
| 08421 | ଅନୁଗୁଳ-ପୁରୀ | 24.07.26 | 0500 | 24.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 24.07.26 | 0230 | 24.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 24.07.26 | 0500 | 24.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 24.07.26 | 0800 | 24.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ଼-ପୁରୀ | 24.07.26 | 0630 | 24.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 24.07.26 | 0700 | 24.07.26 | 1230 |
| 08437 | ପଲାସା-ପୁରୀ | 23.07.26 | 2100 | 24.07.26 | 0200 |
| 08557 | ଗୁଣୁପୁର-ପୁରୀ | 23.07.26 | 1830 | 24.07.26 | 0050 |
| 08551 | ବିଶାଖାପାଟଣା-ପୁରୀ | 23.07.26 | 1230 | 23.07.26 | 2130 |
| 08553 | ଜଗଦଲପୁର-ପୁରୀ | 23.07.26 | 0600 | 24.07.26 | 0140 |
| 08555 | ରାୟଗଡ଼ା-ପୁରୀ | 23.07.26 | 1430 | 24.07.26 | 0400 |
| 08559 | ସମ୍ବଲପୁର-ପୁରୀ | 23.07.26 | 2200 | 24.07.26 | 0615 |
| 08336 | ଜୁନାଗଡ଼ ରୋଡ଼-ପୁରୀ | 23.07.26 | 2050 | 24.07.26 | 0825 |
| 08561 | ପୁରୁଣାକଟକ-ପୁରୀ | 23.07.26 | 1000 | 23.07.26 | 2100 |
| 08565 | ଶାଲିମାର-ପୁରୀ | 23.07.26 | 1800 | 24.07.26 | 0600 |
| 08331 | ରାଉରକେଲା-ପୁରୀ | 23.07.26 | 1940 | 24.07.26 | 0945 |
| 08569 | ବାଦାମପାହାଡ଼-ପୁରୀ | 23.07.26 | 0900 | 23.07.26 | 2245 |
| 08563 | ବାଙ୍ଗିରିପୋଷି-ପୁରୀ | 23.07.26 | 1430 | 24.07.26 | 0300 |
| 08567 | ବଡ଼ବିଲ-ପୁରୀ | 23.07.26 | 0735 | 23.07.26 | 1730 |

**04. ବାହୁଡ଼ା ଯାତ୍ରା ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 24.07.26 | 1505 | 24.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ଼ | 24.07.26 | 1815 | 25.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 24.07.26 | 2100 | 25.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 24.07.26 | 2115 | 25.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 24.07.26 | 2130 | 25.07.26 | 0315 |
| 08444 | ପୁରୀ-ତାଳଚେର | 25.07.26 | 0005 | 25.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 25.07.26 | 0100 | 25.07.26 | 0430 |
| 08422 | ପୁରୀ-ଅନୁଗୁଳ | 25.07.26 | 0215 | 25.07.26 | 0745 |
| 08438 | ପୁରୀ-ପଲାସା | 25.07.26 | 0400 | 25.07.26 | 0915 |
| 08558 | ପୁରୀ-ଗୁଣୁପୁର | 25.07.26 | 0245 | 25.07.26 | 0945 |
| 08552 | ପୁରୀ-ବିଶାଖାପାଟଣା | 25.07.26 | 0230 | 25.07.26 | 1105 |
| 08554 | ପୁରୀ-ଜଗଦଲପୁର | 24.07.26 | 1915 | 25.07.26 | 1315 |
| 08556 | ପୁରୀ-ରାୟଗଡ଼ା | 25.07.26 | 0130 | 25.07.26 | 1430 |
| 08560 | ପୁରୀ-ସମ୍ବଲପୁର | 25.07.26 | 0330 | 25.07.26 | 1100 |
| 08337 | ପୁରୀ-ଜୁନାଗଡ଼ ରୋଡ଼ | 25.07.26 | 0700 | 25.07.26 | 1845 |
| 08562 | ପୁରୀ-ପୁରୁଣାକଟକ | 24.07.26 | 2030 | 25.07.26 | 0640 |
| 08566 | ପୁରୀ-ଶାଲିମାର | 25.07.26 | 0030 | 25.07.26 | 1330 |
| 08332 | ପୁରୀ-ରାଉରକେଲା | 25.07.26 | 0300 | 25.07.26 | 1555 |
| 08570 | ପୁରୀ-ବାଦାମପାହାଡ଼ | 25.07.26 | 0045 | 25.07.26 | 1345 |
| 08564 | ପୁରୀ-ବାଙ୍ଗିରିପୋଷି | 25.07.26 | 0115 | 25.07.26 | 1330 |
| 08568 | ପୁରୀ-ବଡ଼ବିଲ | 24.07.26 | 1945 | 25.07.26 | 0700 |

**05. ସୁନାବେଶ ଦିନ ପୁରୀ ପହଞ୍ଚୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ତାରିଖ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08443 | ତାଳଚେର-ପୁରୀ | 24.07.26 | 2200 | 25.07.26 | 0345 |
| 08407 | ଭଦ୍ରକ-ପୁରୀ | 24.07.26 | 2130 | 25.07.26 | 0355 |
| 08421 | ଅନୁଗୁଳ-ପୁରୀ | 25.07.26 | 0500 | 25.07.26 | 1010 |
| 08413 | କେନ୍ଦୁଝରଗଡ଼-ପୁରୀ | 25.07.26 | 0230 | 25.07.26 | 1030 |
| 08429 | କେନ୍ଦ୍ରାପଡ଼ା-ପୁରୀ | 25.07.26 | 0500 | 25.07.26 | 1100 |
| 08447 | ଢେଙ୍କାନାଳ-ପୁରୀ | 25.07.26 | 0800 | 25.07.26 | 1110 |
| 08427 | ଯାଜପୁର କେନ୍ଦୁଝର ରୋଡ଼-ପୁରୀ | 25.07.26 | 0630 | 25.07.26 | 1200 |
| 08417 | ପାରାଦ୍ୱୀପ-ପୁରୀ | 25.07.26 | 0700 | 25.07.26 | 1230 |
| 08563 | ବାଙ୍ଗିରିପୋଷି-ପୁରୀ | 24.07.26 | 1430 | 25.07.26 | 0300 |

**06. ସୁନାବେଶ ଦିନ ପୁରୀରୁ ଛାଡୁଥିବା ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ତାରିଖ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08408 | ପୁରୀ-ଭଦ୍ରକ | 25.07.26 | 1505 | 25.07.26 | 2315 |
| 08428 | ପୁରୀ-ଯାଜପୁର କେନ୍ଦୁଝର ରୋଡ଼ | 25.07.26 | 1815 | 26.07.26 | 0005 |
| 08430 | ପୁରୀ-କେନ୍ଦ୍ରାପଡ଼ା | 25.07.26 | 2100 | 26.07.26 | 0130 |
| 08414 | ପୁରୀ-କେନ୍ଦୁଝରଗଡ଼ | 25.07.26 | 2115 | 26.07.26 | 0445 |
| 08418 | ପୁରୀ-ପାରାଦ୍ୱୀପ | 25.07.26 | 2130 | 26.07.26 | 0315 |
| 08444 | ପୁରୀ-ତାଳଚେର | 26.07.26 | 0005 | 26.07.26 | 0630 |
| 08448 | ପୁରୀ-ଢେଙ୍କାନାଳ | 26.07.26 | 0100 | 26.07.26 | 0430 |
| 08422 | ପୁରୀ-ଅନୁଗୁଳ | 26.07.26 | 0215 | 26.07.26 | 0745 |
| 08564 | ପୁରୀ-ବାଙ୍ଗିରିପୋଷି | 26.07.26 | 0115 | 26.07.26 | 1330 |

**07. ରଥଯାତ୍ରା ପାଇଁ ପୁରୀ ପହଞ୍ଚୁଥିବା ଅନ୍ୟ ସ୍ୱତନ୍ତ୍ର ଟ୍ରେନ୍**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ତାରିଖ | ଗନ୍ତବ୍ୟ ଷ୍ଟେସନରୁ ଛାଡ଼ିବା ସମୟ | ପୁରୀରେ ପହଞ୍ଚିବା ଦିନ | ପୁରୀରେ ପହଞ୍ଚିବା ସମୟ |
|---|---|---|---|---|---|
| 08423 | ବ୍ରହ୍ମପୁର-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0230 |
| 08431 | ଦଶପଲ୍ଲା-ପୁରୀ | 15.07.2026 ଠାରୁ 25.07.2026 | 2330 | ପରବର୍ତ୍ତୀ ଦିନ | 0330 |
| 08419 | ଅନୁଗୁଳ-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0430 |
| 08411 | କେନ୍ଦୁଝରଗଡ଼-ପୁରୀ | 15.07.2026 ଠାରୁ 25.07.2026 | 2100 | ପରବର୍ତ୍ତୀ ଦିନ | 0505 |
| 08415 | ପାରାଦ୍ୱୀପ-ପୁରୀ | 15.07.2026 ଠାରୁ 25.07.2026 | 2300 | ପରବର୍ତ୍ତୀ ଦିନ | 0540 |
| 08425 | ବ୍ରହ୍ମପୁର-ପୁରୀ | 16.07.2026 ଠାରୁ 26.07.2026 | 0530 | ସେହି ଦିନ | 0930 |
| 08409 | ଭଦ୍ରକ-ପୁରୀ | 16.07.2026 ଠାରୁ 26.07.2026 | 0420 | ସେହି ଦିନ | 1020 |
| 08433 | ଦଶପଲ୍ଲା-ପୁରୀ | 16.07.2026 ଠାରୁ 26.07.2026 | 0800 | ସେହି ଦିନ | 1315 |
| 08451 | ଖୋର୍ଦ୍ଧା ରୋଡ଼-ପୁରୀ | 16.07.2026 ଠାରୁ 26.07.2026 | 1330 | ସେହି ଦିନ | 1430 |

**08. ରଥଯାତ୍ରା ପାଇଁ ପୁରୀରୁ ଛାଡୁଥିବା ଅନ୍ୟ ସ୍ୱତନ୍ତ୍ର ଟ୍ରେନ**

| ଟ୍ରେନ୍ ନଂ | ସ୍ୱତନ୍ତ୍ର ଟ୍ରେନ୍‌ଗୁଡ଼ିକର ନାମ | ପୁରୀ ଷ୍ଟେସନରୁ ଛାଡ଼ିବା ତାରିଖ | ପୁରୀ ଷ୍ଟେସନରୁ ଛାଡ଼ିବା ସମୟ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ଦିନ | ଗନ୍ତବ୍ୟ ଷ୍ଟେସନରେ ପହଞ୍ଚିବା ସମୟ |
|---|---|---|---|---|---|
| 08452 | ପୁରୀ-ଖୋର୍ଦ୍ଧା ରୋଡ଼ | 16.07.2026 ଠାରୁ 26.07.2026 | 1445 | ସେହି ଦିନ | 1545 |
| 08432 | ପୁରୀ-ଦଶପଲ୍ଲା | 16.07.2026 ଠାରୁ 26.07.2026 | 1430 | ସେହି ଦିନ | 1830 |
| 08424 | ପୁରୀ-ବ୍ରହ୍ମପୁର | 16.07.2026 ଠାରୁ 26.07.2026 | 1530 | ସେହି ଦିନ | 2100 |
| 08412 | ପୁରୀ-କେନ୍ଦୁଝରଗଡ଼ | 16.07.2026 ଠାରୁ 26.07.2026 | 1615 | ସେହି ଦିନ | 2345 |
| 08416 | ପୁରୀ-ପାରାଦ୍ୱୀପ | 16.07.2026 ଠାରୁ 26.07.2026 | 1745 | ସେହି ଦିନ | 2355 |
| 08420 | ପୁରୀ-ଅନୁଗୁଳ | 16.07.2026 ଠାରୁ 26.07.2026 | 1900 | ପରବର୍ତ୍ତୀ ଦିନ | 0030 |
| 08426 | ପୁରୀ-ବ୍ରହ୍ମପୁର | 16.07.2026 ଠାରୁ 26.07.2026 | 2230 | ପରବର୍ତ୍ତୀ ଦିନ | 0300 |
| 08410 | ପୁରୀ-ଭଦ୍ରକ | 17.07.2026 ଠାରୁ 27.07.2026 | 0200 | ସେହି ଦିନ | 0700 |
| 08434 | ପୁରୀ-ଦଶପଲ୍ଲା | 17.07.2026 ଠାରୁ 27.07.2026 | 0315 | ସେହି ଦିନ | 0645 |

ରଥଯାତ୍ରା ସ୍ୱତନ୍ତ୍ର ଟ୍ରେନ ଗୁଡ଼ିକ ସ୍ୱତନ୍ତ୍ର ଭଡ଼ା ଟ୍ରେନ ଭାବରେ ପୁରୀ ଠାରୁ ଏବଂ ପୁରୀକୁ ଚଳାଚଳ କରିବ। ବ୍ରହ୍ମପୁର ମାର୍ଗ ଦେଇ ପୁରୀକୁ/ପୁରୀରୁ ଆସିବାକୁ କିମ୍ବା ଯିବାକୁ ଥିବା ସମସ୍ତ ଟ୍ରେନ୍ ଖୋର୍ଦ୍ଧା ରୋଡ଼ ନଯାଇ ଭାୟା-ଅରୁଗୁଳ ଏବଂ ହରିପୁରଗ୍ରାମ ମାର୍ଗ ଦେଇ ଯାତାୟାତ କରିବ।

ECOR YATRA APP | RailOne
କିମ୍ବା ପ୍ଲେ ଷ୍ଟୋର୍‌ରୁ ଡାଉନ୍‌ଲୋଡ୍ କରନ୍ତୁ
RailOne ଏକିକୃତ ରେଲୱେ ଆପ୍

**ରଥଯାତ୍ରା ମୋବାଇଲ୍ ଆପ୍**
ସମସ୍ତ ସୂଚନା ପାଇଁ ପୂର୍ବ ତଟ ରେଳପଥର ରଥଯାତ୍ରା ମୋବାଇଲ୍ ଆପ୍ ECOR YATRA ପରିଦର୍ଶନ କରନ୍ତୁ
Google Play Store ରୁ ଏହି ଆପ୍ ଡାଉନ୍‌ଲୋଡ୍ କରନ୍ତୁ

**ପୂର୍ବ ତଟ ରେଳପଥ**
www.eastcoastrail.indianrailways.gov.in
ଡାଏଲ୍ କରନ୍ତୁ 139 — ଟ୍ରେନ୍ ସହିତ ଜଡ଼ିତ କୌଣସି ସହାୟତା, ସୂଚନା ଏବଂ ଅଭିଯୋଗ ନିମନ୍ତେ ଏକିକୃତ ନମ୍ବର
D-08/26-27
www.facebook/@EASTCOASTRailway1 www.x.com/@EastCoastRail www.instagram.com/cproecor

## ଆଜିର ରାଶିଫଳ

**ମେଷ:** ଆଶା କରିଥିବା ଦିଗରୁ ଧନ ମିଳିବ। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ଯେକୌଣସି ପରିସ୍ଥିତିରେ ବିଚଳିତ ହୁଅନ୍ତୁନି।

**ବୃଷ:** ମନ ପ୍ରସନ୍ନ ରହିବ। ମାନସମ୍ମାନ ବୃଦ୍ଧି ପାଇବ। ଉଧାର ଦେଇଥିବା ଟଙ୍କା ବିଳମ୍ବରେ ଫେରିପାଇବେ। ଛାତ୍ରଛାତ୍ରୀଙ୍କ ପାଇଁ ଦିନଟି ଭଲ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଖର୍ଚ୍ଚଭାର ବଢ଼ିବ। ରାଜନୀତିରେ ସକ୍ରିୟ ହେବେ। ନିଜ ଲୋକଙ୍କ ସହ ଯୁକ୍ତିତର୍କ ହୋଇପାରେ। ପରୀକ୍ଷାର୍ଥୀ କୃତକାର୍ଯ୍ୟ ହେବେ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ପୈତୃକ ସମ୍ପତ୍ତିକୁ ନେଇ ବାଦବିବାଦ ଉପୁଜିପାରେ।

**ସିଂହ:** ଦୂରସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଛାତ୍ରଛାତ୍ରୀ ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା କରିପାରନ୍ତି।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପ୍ରେମ ଜୀବନରେ ମଧୁରତା ଆସିବ। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ତୁଳା:** ସରକାରୀ ଚାକିରିଆଙ୍କ ପାଇଁ ଦିନଟି ଭଲ। ଜୀବନସାଥୀଙ୍କ ସହଯୋଗ ମିଳିବ। ମହିଳାମାନେ ଘରକାର୍ଯ୍ୟରେ ସମୟ ଅତିବାହିତ କରିବେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ।

**ବିଛା:** ଆଇଟି ଓ ବ୍ୟାଙ୍କ ଚାକିରିଆଙ୍କ ପାଇଁ ଦିନଟି ଭଲ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯାଇପାରନ୍ତି। ବନ୍ଧୁ ମିଳନ ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିପାରନ୍ତି। ପାରିବାରିକ ଜୀବନ ସୁଖମୟ ହେବ। ଦୀର୍ଘ ଦିନରୁ ଆଶା କରିଥିବା କଥା ପୂରଣ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ସହକର୍ମୀଙ୍କ ସହ ମତଭେଦ ହୋଇପାରେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ।

**କୁମ୍ଭ:** ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ। ଅନ୍ୟଙ୍କୁ ବାଧିଲା ପରି କଥା କୁହନ୍ତୁନି।

**ମୀନ:** ଚାକିରିଆଙ୍କୁ ନୂଆ ନିଯୁକ୍ତି ସମ୍ଭାବନା ଅଛି। ସାମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବେ। ନିଜ ଲୋକ ଶତ୍ରୁ ସାଜିପାରନ୍ତି। ଉଧାର ଦେଇଥିବା ଟଙ୍କା ଫେରିପାଇବାରେ ବିଳମ୍ବ ହେବ।

## ଆଜିର ଇତିହାସ


- ୧୯୧୬- ବିଶ୍ୱର ସବୁଠୁ ବଡ଼ ଏରୋସ୍ପେସ୍ କମ୍ପାନି 'ବୋଇଂ'ର ଆରମ୍ଭ।
- ୧୯୨୬- ମୁମ୍ବାଇରେ ପ୍ରଥମେ ମୋଟର୍ ବସ୍ ସେବା ଆରମ୍ଭ ହେଲା।
- ୧୯୬୨-ଆଲ୍‌ଜେରିଆ ଆରବ ଲିଗ୍‌ର ଅଂଶ ହେଲା।
- ୧୯୭୯- ପ୍ରଧାନମନ୍ତ୍ରୀ ମୋରାର୍‌ଜୀ ଦେଶାଇ ନିଜ ପଦରୁ ଇସ୍ତଫା ଦେଲେ।
- ୧୯୯୬- ଯୁବରାଜ ଚାର୍ଲସ୍ ଓ ଯୁବରାଣୀ ଡାଏନା ଛାଡ଼ପତ୍ର ପାଇଁ ଆବେଦନ କଲେ।

# ପରିବା ଭଳି ବିକ୍ରି ହେଉଛି ନୋଟ୍



ବର୍ତ୍ତମାନ ସମୟରେ ବିଶ୍ୱର ଅଧିକାଂଶ ଦେଶରେ ଡିଜିଟାଲ୍ ପେମେଣ୍ଟ ବ୍ୟବସ୍ଥା ବୃଦ୍ଧି ପାଇବାରୁ ଲୋକେ ଆଉ ପାଖରେ ଟଙ୍କା ରଖୁନାହାନ୍ତି। ଭାରତରେ ମଧ୍ୟ ଡିଜିଟାଲ ପେମେଣ୍ଟ ନଗଦ କାରବାରର ଆବଶ୍ୟକତାକୁ ଅନେକାଂଶରେ କମାଇ ଦେଇଛି। ହେଲେ ବିଶ୍ୱରେ ଏମିତି ଏକ ସ୍ଥାନ ଅଛି ଯେଉଁଠି ବଜାରରେ ଫଳ ଏବଂ ପନିପରିବା ବିକ୍ରି ହେଲା ଭଳି ନୋଟ୍ ବିଡ଼ା ବିକ୍ରି ହୋଇଥାଏ। ଏହି ସ୍ଥାନଟି ହେଉଛି ସୋମାଲିଲ୍ୟାଣ୍ଡ। ୧୯୯୧ ମସିହାରେ ଏହି ଅଞ୍ଚଳ ନିଜକୁ ସୋମାଲିଆଠାରୁ ଅଲଗା ବୋଲି ଘୋଷଣା କରିଥିଲା। ତେବେ ଆଜି ବି ମିଳିତ ଜାତିସଂଘ ସମେତ ବିଶ୍ୱର ଅଧିକାଂଶ ଦେଶ ଏହାକୁ ଏକ ସ୍ୱାଧୀନ ଦେଶ ଭାବରେ ମାନ୍ୟତା ଦେଇନାହାନ୍ତି। ପ୍ରାୟ ୪୦ ଲକ୍ଷ ଜନସଂଖ୍ୟା ବିଶିଷ୍ଟ ଏହି ଅଞ୍ଚଳ ନିଜକୁ ଏକ ସ୍ୱାଧୀନ ଗଣରାଜ୍ୟ ବୋଲି ମାନିଥାଏ ଏବଂ ନିଜର ସରକାର ତଥା ପ୍ରଶାସନ ମଧ୍ୟ ନିଜେ ଚଳାଇଥାଏ। ସୋମାଲିଲ୍ୟାଣ୍ଡର ମୁଦ୍ରା ହେଉଛି ସୋମାଲିଲ୍ୟାଣ୍ଡ ଶିଲିଙ୍ଗ୍। ହେଲେ ଏହାର ମୂଲ୍ୟ ଏତେ କମ୍ ଯେ ଗୋଟିଏ ଆମେରିକୀୟ ଡଲାର ବଦଳରେ ପ୍ରାୟ ୯ ହଜାର ଶିଲିଙ୍ଗ ଦେବାକୁ ପଡ଼ିଥାଏ। ଏଠାରେ ୫୦୦ ଏବଂ ୧୦୦୦ ଶିଲିଙ୍ଗ୍‌ର ନୋଟ୍ ସବୁଠାରୁ ଅଧିକ ପ୍ରଚଳିତ। ଏହି କାରଣରୁ ଯଦି ଜଣେ ବ୍ୟକ୍ତିଙ୍କୁ ଦୈନନ୍ଦିନ ଜୀବନର କୌଣସି ସାମାନ୍ୟ ଜିନିଷ ମଧ୍ୟ କିଣିବାକୁ ଥାଏ, ତେବେ ତାଙ୍କୁ ନୋଟ୍‌ର ଏକ ବଡ଼ ବିଡ଼ା ନିଜ ସହିତ ନେଇକି ଯିବାକୁ ପଡ଼ିଥାଏ। ଯଦି କାହାକୁ ଗୋଟିଏ ସିଗାରେଟ୍ ମଧ୍ୟ କିଣିବାକୁ ଥାଏ, ତେବେ ତାଙ୍କୁ ୫୦୦ କିମ୍ବା ୧୦୦୦ ଶିଲିଙ୍ଗର ଅନେକ ନୋଟ୍ ଦେବାକୁ ପଡ଼ିପାରେ। ସେହିପରି, ଗୋଟିଏ ବ୍ୟାଗ୍ ଭର୍ତ୍ତି ପନିପରିବା କିଣିବା ପାଇଁ ଲୋକଙ୍କୁ ନୋଟ୍ ଭର୍ତ୍ତି ଝୋଲା ଧରି ବଜାରକୁ ଯିବାକୁ ପଡ଼ିଥାଏ। ଯଦି କେହି ଦାମୀ ଗହଣା କିମ୍ବା କିଛି ବଡ଼ ଜିନିଷ କିଣିବାକୁ ଚାହାନ୍ତି, ତେବେ ନୋଟ୍‌ର ବିଡ଼ା ସବୁ ଟ୍ରକ୍‌ରେ ମଧ୍ୟ ନେବାକୁ ପଡ଼ିପାରେ। ସେଥିପାଇଁ ଟଙ୍କା ଗଣିବା ବଦଳରେ ଏଠାରେ ଅନେକ ସମୟରେ କେଜି ହିସାବରେ ଟଙ୍କା ଓଜନ କରାଯାଏ। ବଜାରରେ ଥିବା ମୁଦ୍ରା ବ୍ୟବସାୟୀମାନେ ବିଦେଶୀ ମୁଦ୍ରା (ଯେପରିକି ଡଲାର ବା ୟୁରୋ) ବଦଳରେ ସ୍ଥାନୀୟ ଶିଲିଙ୍ଗ୍ ନୋଟ୍‌ର ବଡ଼ ବଡ଼ ବିଡ଼ା ବିକ୍ରି କରିଥାନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି, ରାସ୍ତା କଡ଼ରେ ବିନା କୌଣସି ସୁରକ୍ଷାରେ କୋଟି କୋଟି ଟଙ୍କାର ନୋଟ୍ ଜମା ହୋଇ ରହିଥିଲେ ମଧ୍ୟ ସେଠାରେ ଚୋରି ହେବାର ଭୟ ନ ଥାଏ। କାରଣ ଏହି ମୁଦ୍ରାର ମୂଲ୍ୟ ଏତେ କମ୍ ଯେ, ଏହାକୁ ଚୋରି କରି ବୋହି ନେବା ପାଇଁ ଗାଡ଼ିର ଆବଶ୍ୟକତା ପଡ଼ିବ, ଯାହା ଚୋରମାନଙ୍କ ପାଇଁ ଲାଭଦାୟକ ନୁହେଁ। ଏହି କାରଣରୁ ସୋମାଲିଲ୍ୟାଣ୍ଡରେ ମୋବାଇଲ୍ ପେମେଣ୍ଟ ଏବଂ ଡିଜିଟାଲ୍ କାରବାର ବହୁତ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ଏଠାରେ ଲୋକେ ଛୋଟ କିଣାକିଣିଠାରୁ ଆରମ୍ଭ କରି ବଡ଼ ଅର୍ଥରାଶିର ପେମେଣ୍ଟ ମୋବାଇଲ୍ ମାଧ୍ୟମରେ କରିବାକୁ ପସନ୍ଦ କରନ୍ତି। ଏପରିକି ସେଠାକାର ଅନେକ ଭିକାରୀ ମଧ୍ୟ ନଗଦ ଟଙ୍କା ବଦଳରେ ମୋବାଇଲ୍ ପେମେଣ୍ଟ ଗ୍ରହଣ କରନ୍ତି। ଏହି କାରଣରୁ ଆଜି ସୋମାଲିଲ୍ୟାଣ୍ଡର ଏକ ବଡ଼ ଭାଗ ସମ୍ପୂର୍ଣ୍ଣ ରୂପେ କ୍ୟାସଲେସ୍ କାରବାର ଉପରେ ନିର୍ଭରଶୀଳ ହୋଇଯାଇଛି। ସୋମାଲିଲ୍ୟାଣ୍ଡର ପ୍ରାୟ ଅଧା ଭାଗ ମରୁଭୂମି ଅଟେ, ବାକି ଅଞ୍ଚଳ ପ୍ରାୟତଃ ମରୁଡ଼ିର ସମ୍ମୁଖୀନ ହୋଇଥାଏ। ଏଠାରେ କୃଷି କାର୍ଯ୍ୟ ସୀମିତ ଏବଂ ରୋଜଗାର ଅବସର ମଧ୍ୟ ବହୁତ କମ୍। ଏହି ଦେଶର ସବୁଠାରୁ ବଡ଼ ରପ୍ତାନି ହେଉଛି ଓଟ। ଏହାବାଦ୍ ଲୋକେ ମାଛ ଚାଷ ଏବଂ ଛୋଟମୋଟ ବ୍ୟବସାୟ କରି ନିଜର ଗୁଜୁରାଣ ମେଣ୍ଟାଇଥାନ୍ତି। ଏସବୁ ସତ୍ତ୍ୱେ, ଏଠାକାର ଅର୍ଥବ୍ୟବସ୍ଥା ଏବେ ମଧ୍ୟ ବହୁତ ଦୁର୍ବଳ।

# 'ରାମାୟଣ' ଆସିବ ଦୁଇଟି ଟ୍ରେଲର୍



ଭାରତୀୟ ଚଳଚ୍ଚିତ୍ର ଜଗତର ସବୁଠୁ ଅଧିକ ବଜେଟ୍‌ର ଫିଲ୍ମ କୁହାଯାଉଥିବା 'ରାମାୟଣ'କୁ ନେଇ ଦର୍ଶକଙ୍କ ଭିତରେ ବେଶ୍ ଉତ୍ସାହ ରହିଛି। ଦର୍ଶକେ ଏହାର ଟ୍ରେଲର୍‌ର ରିଲିଜ୍‌କୁ ଅନେକ ଦିନରୁ ଅପେକ୍ଷା କରିଛନ୍ତି। ରଣବୀର କପୁରଙ୍କ ଅଭିନୀତ 'ରାମାୟଣ'ର ଟ୍ରେଲର୍ ୧୮ ଜୁଲାଇରେ ଆସିବା ନେଇ ସାମାଜିକ ଗଣମାଧ୍ୟମରେ ଆଲୋଚନା ହେଉଛି। ତେବେ 'ରାମାୟଣ'ର ଗୋଟିଏ ନୁହେଁ, ବରଂ ଦୁଇଟି ଟ୍ରେଲର୍ ଆସିବ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏହାର ଟ୍ରେଲର୍‌କୁ ଭାରତ ସହ ବିଦେଶରେ ମଧ୍ୟ ଲଞ୍ଚ୍ କରାଯିବା ପାଇଁ ଯୋଜନା କରାଯାଇଛି। 'ରାମାୟଣ'ର ପ୍ରଥମ ଟ୍ରେଲର୍, ୧୮ ଜୁଲାଇରେ ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଲଞ୍ଚ ହେବ। ଏହି ଟ୍ରେଲର୍ ୪ ମିନିଟ୍‌ର ହେବ। ଏହି ସମାନ ଟ୍ରେଲର୍‌ଟି ୧୭ ଜୁଲାଇରେ ରିଲିଜ୍ ହେବାକୁ ଥିବା କ୍ରିଷ୍ଟୋଫର୍ ନୋଲନ୍‌ଙ୍କ ଫିଲ୍ମ 'ଦ ଓଡିସେ' ସହିତ ମଧ୍ୟ ପ୍ରଦର୍ଶନ କରାଯିବ। ଦ୍ୱିତୀୟ ଟ୍ରେଲର୍‌ଟି ୩ ମିନିଟ୍ ୩୦ ସେକେଣ୍ଡର ହେବ। ଏହା ସାନ୍ ଡିଏଗୋ କମିକ୍ କନ୍‌ର ଓପନିଂ ଡେ'ରେ ମଧ୍ୟ ପ୍ରଦର୍ଶନ କରାଯିବ। ଗ୍ଲୋବାଲ୍ ସିନେମା ଇଭେଣ୍ଟରେ ପ୍ରାୟ ପାଞ୍ଚ ହଜାର ଲୋକଙ୍କ ଗହଣରେ ଏହି ଟ୍ରେଲର୍ ଲଞ୍ଚ କରାଯିବ। ଏହା ଉପରେ ଏକ ପ୍ୟାନେଲ୍ ଆଲୋଚନା ମଧ୍ୟ ହେବ। ପ୍ରଯୋଜକ ନମିତ ମାଲହୋତ୍ରା ଏବଂ ଯଶ୍‌ଙ୍କ ସହ ରଣବୀର କପୁର ଏବଂ ନିର୍ଦ୍ଦେଶକ ନୀତେଶ ତିୱାରୀ ଏହି ଆଲୋଚନାରେ ଅଂଶଗ୍ରହଣ କରିବେ। ଏଠାରେ ପ୍ରକାଶ ଥାଉ କି, 'ରାମାୟଣ'ରେ ରଣବୀର କପୁର ଭଗବାନ ରାମ, ସାଇପଲ୍ଲବୀ ମାତା ସୀତା, ଯଶ୍ ରାବଣ, ସନ୍ନି ଦେଓଲ ହନୁମାନ, କୁନାଲ କପୁର ଭଗବାନ ଇନ୍ଦ୍ରଙ୍କ ଭୂମିକାରେ ନଜର ଆସିବେ। ଏହାର ବଜେଟ୍ ୪୦୦୦ କୋଟି ରହିଛି।

# ବିବାହରେ 'ୱାଟର ବାର୍' ଟ୍ରେଣ୍ଡ




ଆଜିକାଲି ବିବାହରେ ଡେକୋରେସନ୍, କ୍ୟାଟରିଂ, ପୋଷାକ ଏବଂ ଫଟୋଗ୍ରାଫି ଭଳି ବ୍ୟୟବହୁଳ ଆୟୋଜନ ଯୋଗୁଁ ସାଧାରଣ ପରିବାରଙ୍କ ପାଇଁ ଏହା ବୋଝ ପାଲଟୁଛି। ଅଧିକାଂଶ ବିବାହରେ ଅତିଥିଙ୍କୁ ସ୍ୱାଗତ କରିବାକୁ ଥଣ୍ଡା, ସରବତ ଆଦି ପରଷା ଯାଉଥିବାବେଳେ ବର୍ତ୍ତମାନ ଏହାର ସ୍ଥାନ ନେଉଛି ୱାଟର୍ ବାର୍। ୱାଟର୍ ବାର୍‌ର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଅତିଥିଙ୍କୁ ଏକ ନିଆରା ଅନୁଭୂତି ପ୍ରଦାନ କରିବା। ବିଶେଷ କରି ଡେଷ୍ଟିନେସନ୍ ବିବାହ, ୱେଲନେସ୍ ଥିମ୍ ବିବାହ, ସମ୍ଭ୍ରାନ୍ତ ଶ୍ରେଣୀୟ ବିବାହ ଏବଂ ଅନ୍ୟାନ୍ୟ ଉତ୍ସବରେ ୱାଟର ବାର୍‌ର ଟ୍ରେଣ୍ଡ ଅଧିକ ଦେଖିବାକୁ ମିଳୁଛି। ଏହି ଟ୍ରେଣ୍ଡ ମୁତାବକ ଅତିଥିଙ୍କୁ ସାଧା ପାଣି ବଦଳରେ ଷ୍ଟିଲ୍ ୱାଟର, ଗ୍ଲେଶିୟର ୱାଟର, ସ୍ପ୍ରିଙ୍ଗ୍ ୱାଟର, ନ୍ୟାଚୁରାଲ ମିନେରାଲ ୱାଟର, ସ୍ପାର୍କଲିଙ୍ଗ ୱାଟର, ଆଲକାଲାଇନ୍ ୱାଟର ପରି ସ୍ୱାସ୍ଥ୍ୟକର ଏବଂ ସୁଗନ୍ଧିତ ପାଣି ପରଷା ଯାଏ। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ, ପାଣିରେ ଥିବା କ୍ୟାଲ୍‌ସିୟମ୍, ମ୍ୟାଗ୍ନେସିୟମ୍, ସୋଡିୟମ୍ ଏବଂ ବାଇକାର୍ବୋନେଟ୍ ପରି ପ୍ରାକୃତିକ ଖଣିଜ ଏହାର ସ୍ୱାଦ ଏବଂ ଗୁଣବତ୍ତାକୁ ପ୍ରଭାବିତ କରିଥାଏ। କେବଳ ସେତିକି ନୁହେଁ, ପ୍ରିମିୟମ୍ ଜଳ ହେଉଛି ସ୍ୱତନ୍ତ୍ର ଉତ୍ସରୁ ଆସୁଥିବା ଉନ୍ନତମାନର ଏବଂ ସ୍ୱାସ୍ଥ୍ୟକର ପ୍ୟାକେଜ୍ଡ ପିଇବା ପାଣି। ଏହା ସାଧାରଣ ପାଣିଠାରୁ ଅଧିକ ସ୍ୱଚ୍ଛ, ସୁରକ୍ଷିତ ଏବଂ ବିଭିନ୍ନ ଖଣିଜ ପଦାର୍ଥ ଯୁକ୍ତ ହୋଇଥାଏ। ଖାସ୍ ଏହି କାରଣରୁ ଆଜିକାଲି ସେଲିବ୍ରିଟିମାନେ ଏହି ସ୍ୱତନ୍ତ୍ର ପାଣି ପିଇବାକୁ ହଜାର ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି। କିଛି ପ୍ରିମିୟମ୍ ବ୍ରାଣ୍ଡର ଛୋଟ ବୋତଲ ମୂଲ୍ୟ ୭୦୦ରୁ ୮୦୦ ଟଙ୍କା ହୋଇଥାଏ। ଆଗାମୀ ଦିନଗୁଡ଼ିକରେ ୱାଟର୍ ବାର୍ ଭାରତୀୟ ବିବାହଗୁଡ଼ିକରେ ଏକ ଟ୍ରେଣ୍ଡ ପାଲଟିଯିବ ଏଥିରେ ସନ୍ଦେହ ନାହିଁ।

## ସମ୍ଭାବନା



# ବଢୁଛି 'ନୋ ଟକ୍ ଟାଇମ୍'


**ଆଜିର ଯୁବପିଢ଼ିଙ୍କ ଲାଗି ସ୍କ୍ରିନ୍ ଟାଇମ୍‌ଠାରୁ ବେଶି ବିପଦଜନକ ହେଉଛି 'ନୋ ଟକ୍ ଟାଇମ୍।' ଏହା ହେଉଛି ସେହି ସମୟ, ଯେତେବେଳେ ବାପା, ମାଆ, ଭାଇ, ଭଉଣୀଙ୍କ ମଧ୍ୟରେ ଭାବନା ଓ କଥାବର୍ତ୍ତାର ଦୂରତ୍ୱ ବୃଦ୍ଧି ପାଏ। ମୁଖ୍ୟତଃ କିଶୋରାବସ୍ଥାରେ ଏହି ଦୂରତ୍ୱ ଅଧିକ ବଢ଼ିଯାଏ।**



ଗୋଟିଏ ଛାତ ତଳେ ବାପାମାଆ, ପୁଅ, ଝିଅ ଏକାଠି ରହିବା ପରେ ବି ଏବେ କଥାବାର୍ତ୍ତାରୁ ଦୂରେଇ ରହୁଥିବା ଦେଖିବାକୁ ମିଳୁଛି। ଖାଇବା ବେଳେ, ସ୍କୁଲ, କଲେଜ ତଥା ଅଫିସ୍‌ରୁ ଫେରିବା ପରେ ତଥା ଶୋଇବା ପୂର୍ବରୁ କଥାବାର୍ତ୍ତା କରିବା ପରିବର୍ତ୍ତେ ସମସ୍ତେ ନିଜ ନିଜର ଫୋନ୍‌ରେ ବ୍ୟସ୍ତ ରହନ୍ତି। ଏପରି ସ୍ଥିତିରେ କାହା ପାଖରେ କାହାର କଥା ଶୁଣିବା ପାଇଁ ସମୟ ନ ଥାଏ। ଏହିପରି ଭାବେ ଦିନକୁ ଦିନ ଯୁବପିଢ଼ିଙ୍କ ମଧ୍ୟରେ ନୋ ଟକ୍ ଟାଇମ୍ ବୃଦ୍ଧି ପାଉଛି। ଅବଶ୍ୟ ସେମାନେ ଚାହିଁଲେ ଏହି ସ୍କ୍ରିନ୍ ଟାଇମ୍‌କୁ ସୀମିତ କରିପାରିବେ।

କଥାବାର୍ତ୍ତା ନ ହେବା ଦ୍ୱାରା ସମସ୍ତେ ନିଜକୁ ଏକାକୀ ଏବଂ ଅଣଦେଖା କରାଯାଉଥିବା ମନେ କରନ୍ତି। ଧୀରେ ଧୀରେ ବାପାମାଆ ଏବଂ ପିଲାମାନେ ନିଜ ଭାବନା ସେୟାର୍ କରିବା ବନ୍ଦ କରିଦିଅନ୍ତି। ଏହା ପିଲା ତଥା ବୟସ୍କଙ୍କ ସ୍ୱାସ୍ଥ୍ୟକୁ ମଧ୍ୟ ପ୍ରଭାବିତ କରେ। ଏହା ଦ୍ୱାରା ଅଧିକ ଚିଡାଚିଡାପଣ, ଆତ୍ମବିଶ୍ୱାସର ଅଭାବ, ଚାପ, ନିଜ ଭାବନାକୁ ପରିପ୍ରକାଶ ନ କରିବା ଦେଖିବାକୁ ମିଳେ। ନୋ ଟକ୍ ଟାଇମ୍ ଯୋଗୁଁ ପିଲା ଏବଂ ଅଭିଭାବକଙ୍କ ମଧ୍ୟରେ ଭରସାର ଅଭାବ ଦେଖା ଦିଏ। କିଶୋରାବସ୍ଥାରେ ଏହି ଦୂରତ୍ୱ ଅଧିକ ବଢ଼ିଯାଏ। ତେଣୁ ସ୍କ୍ରିନ୍ ଟାଇମ୍‌କୁ କମ୍ କରି ଯୁବପିଢ଼ିମାନେ ଘର ତଥା ପରିବାର ସଦସ୍ୟଙ୍କ ନିକଟତର ହେବା ଦରକାର। ଘରଲୋକଙ୍କ ସହ କଥାବାର୍ତ୍ତା ହେବା ଦ୍ୱାରା ସ୍କ୍ରିନ ସମୟ ଆପେ ଆପେ କମ୍ ହୋଇଯିବ।

# ଷ୍ଟକ୍ ମାର୍କେଟ୍‌ରେ କ୍ୟାରିୟର



ଆଜିର ସମୟରେ ଷ୍ଟକ୍ ମାର୍କେଟ୍ କେବଳ ନିବେଶର ମାଧ୍ୟମ ନୁହେଁ, ବରଂ ଏକ ଉନ୍ନତ କ୍ୟାରିୟର ବିକଳ୍ପ ହୋଇପାରିଛି। ଏହି କାରଣ ଯୋଗୁଁ ଏବେ ଯୁବପିଢ଼ିଙ୍କ ମଧ୍ୟରେ ଷ୍ଟକ୍ ମାର୍କେଟକୁ ନେଇ ଖୁବ୍ ଚର୍ଚ୍ଚା ହେଉଛି ଏବଂ ସେମାନେ ମାର୍କେଟ୍‌ରେ ନିବେଶ ମଧ୍ୟ କରୁଛନ୍ତି। ଷ୍ଟକ୍ ମାର୍କେଟ୍‌ରେ ନିବେଶ ତଥା ଟ୍ରେଡିଂ କରିବା ପାଇଁ ବିଶେଷ ଡିଗ୍ରୀ ଦରକାର ନାହିଁ। ଯେକେହି ବି କୌଣସି ବିଷୟ ପଢ଼ିଥିଲେ ଉଚିତ ତଥ୍ୟ ଓ ଅଭ୍ୟାସ ସହିତ ନିବେଶ କରିପାରିବେ। ବିକମ୍, ବିବିଏ, ଏମ୍‌ବିଏ, ସିଏଫ୍ଏ, ଏନ୍ଏସ୍ଇ ଏକାଡେମୀ ସାର୍ଟିଫିକେସନ କୋର୍ସ କରିବା ଭଲ। ଯଦିଓ ଏହାକୁ କ୍ୟାରିୟର ଭାବେ ଆପଣାଇବାକୁ ଚାହୁଁଥିଲେ, କମର୍ସ, ଫାଇନାନ୍ସ ଏବଂ ଇକନମିକ୍ ପଢ଼ା ଏ କ୍ଷେତ୍ରରେ ସାହାଯ୍ୟ କରିଥାଏ।

ସେହିପରି ଏ ଲାଗି ଫଣ୍ଡାମେଣ୍ଟାଲ ଆନାଲିସ୍ ଉପରେ ଜ୍ଞାନ ରହିବା ଜରୁରି। ଟେକ୍ନିକାଲ ଆନାଲିସିସ୍ ଶିଖିବା, ଚାର୍ଟ ଏବଂ କ୍ୟାଣ୍ଡଲଷ୍ଟିକ୍ ପ୍ୟାଟର୍ଣ୍ଣ ପଢ଼ିବା, ରିସ୍କ ମ୍ୟାନେଜମେଣ୍ଟ, କମ୍ପାନି ଆର୍ଥିକ ପରିଣାମକୁ ବୁଝିବାର କ୍ଷମତା, ଆର୍ଥିକ ତଥା ବିଶ୍ୱସ୍ତର ଖବର ଉପରେ ନଜର ରଖିବା ଦରକାର। ସେହିପରି ବିନା ପଢ଼ାରେ ଷ୍ଟକ୍ ମାର୍କେଟ୍‌ରୁ ଆୟ କରିବା ବିପଦଜନକ ହୋଇପାରେ। ଇଣ୍ଟରନେଟ୍‌ରେ ଅନେକ ଅନଲାଇନ କୋର୍ସ, ୱେବିନାର, ବହି ତଥା ଶିକ୍ଷଣୀୟ ଭିଡିଓ ଉପଲବ୍ଧ ଅଛି। ଏହା ସାହାଯ୍ୟରେ ଯେକେହି ଷ୍ଟକ୍ ମାର୍କେଟ ଶିଖିପାରିବେ। ଏହାକୁ ପ୍ରଥମେ ଛୋଟ ନିବେଶରୁ ଆରମ୍ଭ କରିବା ଦରକାର। ଏହାପରେ ଅଭିଜ୍ଞତା ବଢ଼ିଲେ ଏଥିରେ ନିବେଶ ବୃଦ୍ଧି କରିବା ଉଚିତ।

# ହ୍ୱାଟ୍‌ସ୍‌ଆପ୍‌ର ଜନ୍ମଦିନ ଫିଚର୍



ଫେସ୍‌ବୁକ୍ ଭଳି ହ୍ୱାଟ୍‌ସ୍‌ଆପ୍ ମଧ୍ୟ 'ବାର୍ଥଡେ ରିମାଇଣ୍ଡର' ଫିଚର୍ ଲଞ୍ଚ କରିବ। କମ୍ପାନି ଏହା ଉପରେ ଏବେ କାମ କରୁଛି। ଏହି ଆପ୍‌ରେ ଅଲଗା ଅପକମିଂ ବାର୍ଥଡେ ସେକ୍‌ସନ ରହିବ। ନୋଟିଫିକେସନ ମାଧ୍ୟମରେ ଏହା ବ୍ୟବହାକାରୀଙ୍କ ନିଜ ପ୍ରିୟଜନଙ୍କ ଜନ୍ମଦିନ ମନେ ପକାଇବାରେ ସାହାଯ୍ୟ କରିବ। ଫଳରେ ବ୍ୟବହାରକାରୀ ଠିକ୍ ସମୟରେ ନିଜ ପ୍ରିୟଜନଙ୍କୁ ଜନ୍ମଦିନ ଶୁଭେଚ୍ଛା ଜଣାଇପାରିବେ।


ଏହି ନୂଆ ଫିଚର୍‌କୁ ହ୍ୱାଟ୍ସଆପ୍‌ର ଆଣ୍ଡ୍ରଏଡ୍‌ର ବିଟା ଭର୍ସନ୍‌ରେ ଦେଖିବାକୁ ମିଳିଛି। ହେଲେ ଏହା ଏବେ ବିକଶିତ ପର୍ଯ୍ୟାୟରେ ହିଁ ଅଛି। ଯେତେବେଳେ ଏହି ଫିଚର୍ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଯିବ, ହ୍ୱାଟ୍‌ସ୍‌ଆପ୍ ବ୍ୟବହାରକାରୀଙ୍କୁ କୌଣସି କଣ୍ଟାକ୍ଟର ଜନ୍ମଦିନରେ ଇନ୍-ଆପ୍ ନୋଟିଫିକେସନ୍ ପ୍ରେରଣ କରିବ। ଏହି ନୋଟିଫିକେସନ୍‌ରେ କ୍ଲିକ୍ କଲେ ବ୍ୟବହାରକାରୀ ସିଧା ସେହି ବନ୍ଧୁଙ୍କ ଚାଟ୍ ବକ୍ସ ଖୋଲିପାରିବେ ଏବଂ ତାଙ୍କୁ ଶୁଭେଚ୍ଛା ଜଣାଇପାରିବେ।

ତେବେ ଏହି ଫିଚର୍ ଲାଗି ଆପ୍‌ରେ ଏକ ଅଲଗା ବାର୍ଥଡେ ସେକ୍‌ସନ ରଖାଯିବ। ଏହି ବିଭାଗରେ ବ୍ୟବହାରକାରୀଙ୍କୁ ନିଜର ସମସ୍ତ କଣ୍ଟାକ୍ଟ ଲିଷ୍ଟ ଦୃଷ୍ଟିଗୋଚର ହେବ, ଯେଉଁମାନଙ୍କର ଆଗକୁ ଜନ୍ମଦିନ ଆସୁଥିବ। ସେହିପରି ଉକ୍ତ ଫିଚର୍‌ର ବିଶେଷତ୍ୱ ହେଉଛି ଗୋଟିଏ ସ୍ଥାନରେ ବ୍ୟବହାରକାରୀ ଏହା ଦେଖିପାରିବେ ଯେ, ଆଗାମୀ ଦିନରେ କେଉଁ ସାଙ୍ଗର ଜନ୍ମଦିନ ଅଛି। ତା'ସହ ବ୍ୟବହାରକାରୀ ଚାହିଁଲେ ସାଙ୍ଗ ପାଇଁ ଆଗୁଆ ସରପ୍ରାଇଜ ଯୋଜନା ପ୍ରସ୍ତୁତ କରିପାରିବେ।

ଅନ୍ୟପଟେ ଏହି ଫିଚର୍ ସେତେବେଳେ କାମ କରିବ, ଯେତେବେଳେ ବ୍ୟବହାକାରୀଙ୍କ ଡାଟା ଅପ୍ ବାର୍ଥ ହ୍ୱାଟ୍‌ସ୍‌ଆପ୍ ପାଖରେ ଉପଲବ୍ଧ ଥିବ। କେବଳ ସେତିକି ନୁହେଁ, ଏହାର ଗୋପନୀୟତାକୁ ନେଇ କିଛି ତଥ୍ୟ ସାମ୍ନାକୁ ଆସି ନାହିଁ। ସେଥିପାଇଁ ଏକଥା ସ୍ପଷ୍ଟ ହୋଇ ନାହିଁ, ବ୍ୟବହାରକାରୀ ନିଜ ଜନ୍ମଦିନ କାହାଠୁ ଲୁଚେଇ ରଖିବାକୁ ଚାହାଁନ୍ତି ଏବଂ କାହାକୁ ଜଣାଇବାକୁ। ସେହିପରି ହ୍ୱାଟ୍ସଆପ୍ ବିଧିବଦ୍ଧ ଭାବେ ଏହି ଫିଚର୍‌ର ଘୋଷଣା ଏ ଯାଏଁ କରି ନାହିଁ। ବ୍ୟବହାରକାରୀଙ୍କୁ ଏହି ଫିଚର୍ ପାଇଁ ଆହୁରି କିଛି ଦିନ ଅପେକ୍ଷା କରିବାକୁ ପଡ଼ିବ ବୋଲି କୁହାଯାଇଛି।

# କିଭଳି ଦୂରେଇବେ ପରୀକ୍ଷା ଭୟ

**ପରୀକ୍ଷା ସମୟ ପାଖେଇ ଆସିଲେ ଛାତ୍ରଛାତ୍ରୀ ଭାରାକ୍ରାନ୍ତ ହୋଇ ପଡ଼ନ୍ତି। ସେମାନଙ୍କ ମନରେ ଅଜଣା ଭୟ ମାଡ଼ି ଆସେ। ତେବେ ଏହି ଭୟକୁ କିଭଳି ଦୂର କରିବେ, ସେ ସମ୍ପର୍କରେ ଜାଣିବା।**



- ପରୀକ୍ଷା ଆସିଲେ ପିଲାଙ୍କ ସହିତ ସକାରାତ୍ମକ କଥାବାର୍ତ୍ତା କରିବା ଦରକାର।
- ଯେଉଁ ବିଷୟ ସେମାନେ ବୁଝିପାରୁ ନାହାନ୍ତି, ତାହାକୁ ସହଜରେ ବୁଝାଇବାକୁ ପ୍ରୟାସ କରିବା ଉଚିତ।
- କଠିନ ବିଷୟବସ୍ତୁକୁ କାହାଣୀ ଭଳି ବୁଝାଇଲେ ପଢ଼ା ପ୍ରତି ରୁଚି ବଢ଼ିବ।
- ପିଲାଙ୍କ ଉପରେ ପରୀକ୍ଷାରେ ପ୍ରଥମ ହେବାର ଚାପ ନ ରଖିବା ଉଚିତ।
- ପରୀକ୍ଷା ଭୟରେ ନିଦ ହୁଏ ନାହିଁ। ତେଣୁ ସେମାନଙ୍କ ନିଦ ଉପରେ ଧ୍ୟାନ ଦେବା ଜରୁରି।
- ସନ୍ତୁଳିତ ଖାଦ୍ୟ ଉପରେ ଗୁରୁତ୍ୱ ଦେବା ଉଚିତ।




## ଆର୍ଜେଣ୍ଟିନା-ଇଂଲଣ୍ଡ ସେମିଫାଇନାଲ ମ୍ୟାଚ୍ ଲାଗି ନାହିଁ ନ ଥିବା ସୁରକ୍ଷା

ଆଟଲାଂଟା,୧୪।୭(ଏଜେନ୍ସି): ବିଶ୍ୱର ଦୁଇ ଶ୍ରେଷ୍ଠ ପ୍ରତିଦ୍ୱନ୍ଦ୍ୱୀ ଆର୍ଜେଣ୍ଟିନା ଓ ଇଂଲଣ୍ଡ ମଧ୍ୟରେ ସ୍ଥାନୀୟ ମର୍ସିଡିଜ୍ ବେଞ୍ଜ ଷ୍ଟାଡିୟମରେ ବୁଧବାର ରାତି ୧୨ଟା ୩୦ ମିନିଟ୍‌ରେ ଫିଫା ବିଶ୍ୱକପର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଖେଳାଯିବ। ଦୁଇ ଦେଶ ମଧ୍ୟରେ ଭିନ୍ନ ଭିନ୍ନ କାରଣରୁ ଉତ୍ତମ ସମ୍ପର୍କ ନାହିଁ। ଯାହା ଫଳରେ ଏହି ମ୍ୟାଚକୁ କିପରି ସୁରୁଖୁରୁରେ ପରିଚାଳନା କରାଯିବ, ଉଭୟ ଦେଶର ସମର୍ଥକ ଓ ଦର୍ଶକମାନେ କିପରି ସହଜରେ ଖେଳକୁ ଉପଭୋଗ କରିପାରିବେ, ସେଥିଲାଗି ଆଟଲାଣ୍ଟା ପୁଲିସ୍ ପକ୍ଷରୁ ଅତିରିକ୍ତ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ୧୯୮୨ରେ ଫାକ୍‌ଲାଣ୍ଡ ଦ୍ୱୀପପୁଞ୍ଜରେ ଘଟିଥିବା ଯୁଦ୍ଧରେ ଆର୍ଜେଣ୍ଟିନାର ୬୪୯ ଓ ଇଂଲଣ୍ଡର ୨୫୫ ଜଣ ସୈନିକ ମୃତ୍ୟୁବରଣ କରିଥିଲେ। ଏହାପରେ ୧୯୮୬ ଇଂଲଣ୍ଡ ବିପକ୍ଷ ବିଶ୍ୱକପ୍ କ୍ୱାର୍ଟର ଫାଇନାଲରେ ଆର୍ଜେଣ୍ଟିନାର ସୁପରଷ୍ଟାର ମାରାଡୋନା ହାତମାରି ଗୋଲ କରିବାକୁ ନେଇ ମଧ୍ୟ ବିବାଦ ରହିଛି। ପରେ ଏହାକୁ 'ହ୍ୟାଣ୍ଡ ଅଫ ଗଡ୍'ଙ୍କ ଦ୍ୱାରା ହୋଇଥିବା ଗୋଲ ବୋଲି ମାରାଡୋନା କହିଥିଲେ। ଆମେରିକା ଆସିଥିବା ଆର୍ଜେଣ୍ଟିନା ସମର୍ଥକ ମଧ୍ୟ ଫାକ୍‌ଲାଣ୍ଡ ଦ୍ୱୀପପୁଞ୍ଜକୁ ନେଇ ଗୀତ ଗାଉଛନ୍ତି। ଏହାର ଅର୍ଥ ଏହି ଯୁଦ୍ଧକୁ ସେମାନେ ଭୁଲିନାହାନ୍ତି। ନିକଟରେ ଯୁଦ୍ଧରେ ସାମିଲ ଥିବା ସୈନିକ ମାନେ କେବଳ ଖେଳ ଉପରେ ମନୋନିବେଶ କରିବାକୁ ଆହ୍ୱାନ ଦେବା ଅର୍ଥ ଦୁଇ ଦେଶର ସମର୍ଥକଙ୍କ ମଧ୍ୟରେ ଯେ କୌଣସି ସମୟରେ ଗଣ୍ଡଗୋଳ ହୋଇଯାଇପାରେ ବୋଲି ପୁଲିସ୍ ଆଶଙ୍କା କରୁଛି। ଏଥିଲାଗି ଅତିରିକ୍ତ ଓ କଡ଼ା ସୁରକ୍ଷା ଲାଗି ପୁଲିସ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

## ଟିମ୍ ଡାକ୍ତରଙ୍କୁ ନେଇ ସେନେଗାଲରେ ବିବାଦ

ଡାକାର,୧୪।୭(ଏଜେନ୍ସି): ଫିଫା ବିଶ୍ୱକପ୍‌ରେ ସେନେଗାଲ ଟିମ୍ ଯାଇଥିବା ଡାକ୍ତର ଜଣେ ସ୍ତ୍ରୀ ଓ ପ୍ରସୂତି ରୋଗ ଚିକିତ୍ସକ। ଏଭଳି ଜଣେ ବ୍ୟକ୍ତିଙ୍କୁ ସାଙ୍ଗରେ ନେଇଥିବାରୁ ଖେଳାଳିମାନେ ଉପଯୁକ୍ତ ଚିକିତ୍ସା ପାଇଲେ ନାହିଁ ବୋଲି ସେନେଗାଲ ଫୁଟବଲ ମହାସଂଘ ସଭାପତି ଆବଦୌଉଲଆୟେ ଫଲ୍ କହିବା ପରେ ବିବାଦ ସୃଷ୍ଟି ହୋଇଛି। ସେନେଗାଲ ଏହି ବିଶ୍ୱକପ୍‌ରେ ଚମତ୍କାର ଖେଳିଥିଲେ ମଧ୍ୟ ଶେଷ ୫ରୁ ୧୦ ମିନିଟ୍‌ରେ ଗୋଲବରଣ କରି ପରାଜିତ ହୋଇଥିଲା। ଏଥିଲାଗି ସଭାପତି ଫଲ ଡାକ୍ତରଙ୍କୁ ଦାୟୀ କରିଛନ୍ତି। ଫଲ୍‌ଙ୍କ ଏହି ଉକ୍ତିକୁ ତୀବ୍ର ଖଣ୍ଡନ କରିଛି ସେନେଗାଲ ଆସୋସିଏସନ ଅଫ୍ ସ୍ପୋର୍ଟ୍ସ ମେଡିସିନ୍। ସଭାପତିଙ୍କ ଏପରି ମନ୍ତବ୍ୟ ଅପମାନଜନକ ଓ ଅନାବଶ୍ୟକ। ସଂଘର କହିବା ଅନୁଯାୟୀ ଟିମ୍ ସହ ଯାଇଥିବା ଡାକ୍ତର ଏ ଫେଡିଓର ସେନେଗାଲର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟରୁ ସ୍ପୋର୍ଟ୍ସ ମେଡିସିନ୍ ଓ ବାୟୋଲୋଜିରେ ଡିପ୍ଲୋମା କରିଛନ୍ତି। ଫାନ୍ ହସ୍ପିଟାଲରେ ସେ ଫିଜିଓଥେରାପି ବିଭାଗର ମୁଖ୍ୟ ଭାବେ କାମ କରିଛନ୍ତି। ସେ ୨୦୧୭ରୁ ଟିମ୍ ଡାକ୍ତରଭାବେ ଦାୟିତ୍ୱ ତୁଲାଇଆସୁଛନ୍ତି। ତାଙ୍କ ସମୟରେ ସେନେଗାଲ ୩ଟି ବିଶ୍ୱକପ୍ ଓ ୫ଟି ଆଫ୍ରିକୀୟ ନେସନ୍ସ କପ୍‌ରେ ଟିମ୍ ଡାକ୍ତରଭାବେ କାମ କରିଛନ୍ତି। ଖରାପ ପ୍ରଦର୍ଶନ ଲାଗି ଏହା ମଧ୍ୟରେ ସେନେଗାଲର ହେଡ୍ କୋଚ୍ ଥିଆଙ୍କୁ ବହିଷ୍କାର କରାଯାଇଛି।

### ଦ୍ୱିତୀୟ ସେମିରେ ମେସିଙ୍କ ସହ କେନ୍-ବେଲିଂହାମ୍ ମୁକାବିଲା

# ୨୪ ବର୍ଷ ପରେ ଆର୍ଜେଣ୍ଟିନା-ଇଂଲଣ୍ଡ ଲଢ଼େଇ

ଆଟଲାଣ୍ଟା,୧୪।୭(ଏଜେନ୍ସି)


ମ୍ୟାଚ୍ ଆରମ୍ଭ: ରାତି ୧୨.୩୦
ପ୍ରସାରଣ: ଜୀ ଟିଭି ନେଟ୍‌ୱର୍କ, ଜୀ-୫

ବିଶ୍ୱ ଫୁଟ୍‌ବଲର ଦୁଇ ଶ୍ରେଷ୍ଠ ଦଳ ଯଥା ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଓ ଇଂଲଣ୍ଡ ମଧ୍ୟରେ ଚଳିତ ଫିଫା ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ସ୍ଥାନୀୟ ଆଟଲାଣ୍ଟା ଷ୍ଟାଡିୟମ୍‌ରେ ବୁଧବାର ରାତି ୧୨ଟା ୩୦ ମିନିଟରେ ଖେଳାଯିବ। ଉଭୟ ଦଳ ଦୁଇ ମହାଦେଶକୁ ପ୍ରତିନିଧିତ୍ୱ କରୁଛନ୍ତି। ବ୍ରାଜିଲ ପରେ ଦକ୍ଷିଣ ଆମେରିକାର ଦ୍ୱିତୀୟ ଶ୍ରେଷ୍ଠ ଦଳ ଆର୍ଜେଣ୍ଟିନା ୩ଥର ବିଶ୍ୱ ଟାଇଟଲ ଜିତି ବେଶ ଅଭିଜ୍ଞ ହୋଇଛି। ଅନ୍ୟପକ୍ଷରେ ୧୯୬୬ରେ ଥରେ ମାତ୍ର ଇଂଲଣ୍ଡ ବିଶ୍ୱର ଏହି ଶ୍ରେଷ୍ଠ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଟାଇଟଲ୍ ବିଜୟୀ ହୋଇଥିଲା। ଚଳିତ ବିଶ୍ୱକପ୍‌ରେ ଉଭୟ ଦଳକୁ ଟାଇଟଲ ଫେବରାଇଟ୍ ବିବେଚନା କରାଯାଉଛି। ଏଣୁ ଏହି ମୁକାବିଲାଟି ବିଶ୍ୱର ଦୁଇ ଶୀର୍ଷ ଦଳ ମଧ୍ୟରେ ହେଉଥିବାରୁ ବିଶ୍ୱକପ୍‌ର ଅନ୍ୟତମ ଶ୍ରେଷ୍ଠ ମ୍ୟାଚ୍ ହେବ ବୋଲି ଆଶା କରାଯାଉଛି। ଏଠାରେ ଯେଉଁ ଦଳ ବିଜୟୀ ହେବ ସେହି ଦଳ ଫାଇନାଲରେ ଦୁଇଥରର ଚାମ୍ପିଅନ୍ ଫ୍ରାନ୍ସ କିମ୍ବା ୨୦୧୦ ବିଜେତା ସ୍ପେନ୍ ସହ ମୁକାବିଲା କରିବ। ରବିବାର ଗ୍ରାଣ୍ଡ ଫାଇନାଲ ମ୍ୟାଚ୍ ଖେଳାଯିବ।

ବିଶ୍ୱ ଫୁଟବଲରେ ଦୁଇ ଦଳ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ଯେପରି ଜୋରଦାର ହୋଇଥାଏ, ଠିକ୍ ସେହିପରି ବିବାଦୀୟ ମଧ୍ୟ ହୋଇଥାଏ। ୧୯୮୬ରେ ଡିଏଗୋ ମାରାଡୋନାଙ୍କ 'ହ୍ୟାଣ୍ଡ ଅଫ୍ ଗଡ୍' ହେଉ କିମ୍ବା ୧୯୯୮ରେ ଆର୍ଜେଣ୍ଟିନାର ଡିଏଗୋ ସିମୋନଙ୍କୁ ଡେଭିଡ୍ ବେକହାମ୍ କିକ୍ ମାରି ରେଡକାର୍ଡ ପାଇବା ଘଟଣା ଫୁଟବଲ ପ୍ରେମୀଙ୍କ ମନରୁ ଲିଭି ନାହିଁ। ଉଭୟ ଦଳ ମଧ୍ୟରେ ଯେତେବେଳେ ଡାଇଭୋଲ୍ଟେଜ୍ ମୁକାବିଲା ହୋଇଛି, ଠିକ୍ ସେତିକିବେଳେ କିଛି ନା କିଛି ନାଟକୀୟ ପରିବେଶ ସୃଷ୍ଟି ହୋଇଛି। ଲିଓନେଲ ମେସିଙ୍କ ନେତୃତ୍ୱରେ ଏକ ଶକ୍ତିଶାଳୀ ଦଳ ହ୍ୟାରୀ କେନ- ଜୁଡ୍ ବେଲିଂହାମଙ୍କ ଇଂଲଣ୍ଡ ଦଳ ସହ ମୁକାବିଲା ଖୁବ୍ ରୋମାଞ୍ଚକ ହେବ ବୋଲି ନିଦ୍ୱନ୍ଦ୍ୱରେ କୁହାଯାଇପାରେ।

### ଫରୱାର୍ଡଙ୍କ ଉପରେ ଉଭୟ ଦଳ ନିର୍ଭରଶୀଳ

ଚଳିତ ବିଶ୍ୱକପ୍‌ରେ ଡିଫେଣ୍ଡିଂ ଚାମ୍ପିଅନ ଆର୍ଜେଣ୍ଟିନା ଫେବରାଇଟ୍ ଟ୍ୟାଗ୍ ପାଇଛି। ଲିଗ୍ ପର୍ଯ୍ୟାୟରେ ସମସ୍ତ ମ୍ୟାଚ୍ ଜିତିଥିଲେ ମଧ୍ୟ ନକ୍‌ଆଉଟରେ ସଂଘର୍ଷ କରିଛି। ଦଳର ଦକ୍ଷତା ଓ ଏକମାତ୍ର ଶକ୍ତି ହେଉଛି ଅଧିନାୟକ ତଥା ୩୯ ବର୍ଷରେ ଷଷ୍ଠ ବିଶ୍ୱକପ୍ ଖେଳୁଥିବା ଲିଓନେଲ ମେସି। ସେ ଏହି ଟୁର୍ଣ୍ଣାମେଣ୍ଟରେ ଦଳ ଲାଗି ଏକାକୀ ୧୦ଟି ଗୋଲ ସ୍କୋର କରିଛନ୍ତି। ରାଉଣ୍ଡ ଅଫ୍ ୩୨ରେ କେପ୍ ଭର୍ଡ ସହ ଅତିରିକ୍ତ ସମୟ ଖେଳିବା, ରାଉଣ୍ଡ ଅଫ୍ ୧୬ରେ ଇଜିପ୍ଟ ବିପକ୍ଷରେ ୨ଟି ଗୋଲ ଖାଇ ପଛୁଆ ରହିବା ଓ ସ୍ୱିଜରଲାଣ୍ଡ ବିପକ୍ଷ କ୍ୱାର୍ଟର ଫାଇନାଲରେ ପୁଣିଥରେ ଅତିରିକ୍ତ ସମୟ ଖେଳିବାରେ ଦଳ ସଂଘର୍ଷ କରିଛି। ଏଣୁ ଇଂଲଣ୍ଡ ବିପକ୍ଷରେ ଲଢ଼େଇ କରିବା ଶକ୍ତି କିଛି କମ୍ ରହିଛି। ମେସିଙ୍କ ମ୍ୟାଜିକ୍ ସହ ଲୌଟାରୋ ମାର୍ଟିନେଜ୍ ୨ଟି ଗୋଲ, ଲିସାଣ୍ଡ୍ରୋ ମାର୍ଟିନେଜ୍ ଓ ଏଞ୍ଜୋ ଫର୍ଣ୍ଣାଡେଜ୍ ଦଳ ଲାଗି ପ୍ରଭାଶାଳୀ ଭୂମିକା ନେବେ। ଅନ୍ୟ ପକ୍ଷରେ ଇଂଲଣ୍ଡର ମଧ୍ୟ ଶକ୍ତି ହେଉଛନ୍ତି ଫରୱାର୍ଡ ଖେଳାଳି। ୩୨ ବର୍ଷୀୟ ହ୍ୟାରୀ କେନ୍ ଓ ୨୩ ବର୍ଷୀୟ ଜୁଡ୍ ବେଲିଂହାମ୍ ଏଯାଏ ଇଂଲଣ୍ଡ ବିଶ୍ୱକପ୍‌ରେ ଦେଇଥିବା ୧୩ଟି ମଧ୍ୟରୁ ୧୨ଟି ଗୋଲ ସ୍କୋର କରିଛନ୍ତି। ରାଉଣ୍ଡ ଅଫ୍ ୧୬ରେ ମେକ୍ସିକୋ ବିପକ୍ଷରେ ବୀରତ୍ୱପୂର୍ଣ୍ଣ ବିଜୟ ପରେ କ୍ୱାର୍ଟର ଫାଇନାଲରେ ନରୱେ ବିପକ୍ଷରେ ସଂଘର୍ଷ କରିବା ଇଂଲଣ୍ଡର ଦୁର୍ବଳତାକୁ ପଦାରେ ପକାଇଦେଇଛି। ଦଳର ପ୍ରଦର୍ଶନରେ ସ୍ଥିରତା ନାହିଁ। ଆନ୍ଥୋନୀ ଗର୍ଡନ, ବୁକାୟୋ ସାକା ୩ଟି ଲେଖାଏଁ ଗୋଲ ଦେବାରେ ଆସିଷ୍ଟ କରିଛନ୍ତି। ଏଲିଅଟ ଆଣ୍ଡରସନ ଓ ମାର୍କ ଗୁଏହୀ ଗୁରତ୍ୱପୂର୍ଣ୍ଣ ସହଯୋଗ ଦେବେ।

### ଇଂଲଣ୍ଡ ସପକ୍ଷରେ ରେକର୍ଡ

ଅନ୍ତର୍ଜାତୀୟ ଫୁଟବଲ୍‌ରେ ଉଭୟ ଦଳ ବେଶ ପ୍ରଭାବଶାଳୀ ହୋଇଥିଲାବେଳେ ୧୪ଥର ପରସ୍ପର ସହ ମୁକାବିଲା ହୋଇଛି। ଏହା ମଧ୍ୟରୁ ଇଂଲଣ୍ଡ ୬ଟି ଓ ଆର୍ଜେଣ୍ଟିନା ୩ଟି ମ୍ୟାଚ୍ ଜିତିଛନ୍ତି। ଅନ୍ୟ ୫ଟି ମ୍ୟାଚ୍ ଡ୍ର ରହିଛି। ଉଭୟଙ୍କ ମଧ୍ୟରେ ଖେଳାଯାଇଥିବା ଶେଷ ୫ଟି ମ୍ୟାଚ୍‌ରେ ମଧ୍ୟ ଇଂଲଣ୍ଡ ୨ଟି ଜିତିଥିଲାବେଳେ ଅନ୍ୟ ୩ଟି ଡ୍ର ରହିଛି। ବିଶ୍ୱକପ୍‌ରେ ଉଭୟ ଦଳ ପରସ୍ପର ସହ ୫ଥର ଭେଟାଭେଟି ହୋଇଛନ୍ତି। ଏହା ମଧ୍ୟରୁ ଇଂଲଣ୍ଡ ୩ଟି ଓ ଆର୍ଜେଣ୍ଟିନା ୨ଟି ମ୍ୟାଚରେ ବିଜୟୀ ହୋଇଛି। ୨୦୦୨ ବିଶ୍ୱକପ୍‌ରେ ଶେଷ ଭେଟାଭେଟି ହୋଇଥିଲେ। ଏଥିରେ ଡେଭିଡ୍ ବେକ୍‌ହାମ୍‌ଙ୍କ ପେନାଲ୍ଟି କିକ୍‌ରେ ଇଂଲଣ୍ଡ ଗ୍ରୁପ୍ ଲିଗ୍ ମ୍ୟାଚ୍‌ରେ ୧-୦ରେ ବିଜୟୀ ହୋଇଥିଲା।

### ଟ୍ରଫି ଜିତିବାରେ ଆର୍ଜେଣ୍ଟିନା ଆଗରେ

ଫିଫା ବିଶ୍ୱକପ୍ ଇତିହାସରେ ଆର୍ଜେଣ୍ଟିନା ୩ଥର ଚାମ୍ପିଅନ ହୋଇଛି। ୧୯୭୮, ୧୯୮୬ ଓ ୨୦୨୨ରେ ଦଳ ଫିଫା ବିଶ୍ୱକପ୍ ଟାଇଟଲ ଜିତିଛି। ଅନ୍ୟପକ୍ଷରେ ଇଂଲଣ୍ଡ ଥରେମାତ୍ର ୧୯୬୬ରେ ଟାଇଟଲ ଜିତିଛି। ଦକ୍ଷିଣ ଆମେରିକୀୟ ଚାମ୍ପିଅନ୍‌ସିପରେ ଆର୍ଜେଣ୍ଟିନା ୨ଥର ଟାଇଟଲ ଜିତିଥିଲାବେଳେ ୟୁରୋକପ୍‌ରେ ଇଂଲଣ୍ଡ କେବଳ ୨ଥର ଫାଇନାଲ ଖେଳିବାକୁ ସମର୍ଥ ହୋଇଛି।

### ସେମିରେ ହାରିନି ଆର୍ଜେଣ୍ଟିନା

ଚଳିତଥର ଫିଫା ବିଶ୍ୱକପ୍ ସେମିକୁ ମିଶାଇ ଆର୍ଜେଣ୍ଟିନା ୬ଷ୍ଠଥର ଓ ଇଂଲଣ୍ଡ ଚତୁର୍ଥଥର ଉନ୍ନୀତ ହୋଇଛି। କିନ୍ତୁ ଗତ ୫ଟି ସେମିଫାଇନାଲ ମୁକାବିଲାରେ ଆର୍ଜେଣ୍ଟିନା ସମସ୍ତ ମ୍ୟାଚ୍‌ରେ ବିଜୟୀ ହୋଇଛି।

**ଆର୍ଜେଣ୍ଟିନାର ପ୍ରଦର୍ଶନ**

୧୯୩୦: ଆର୍ଜେଣ୍ଟିନା ୬- ଆମେରିକା ୧
୧୯୮୬: ଆର୍ଜେଣ୍ଟିନା ୨- ବେଲଜିୟମ ୦
୧୯୯୦: ଆର୍ଜେଣ୍ଟିନା ୫- ଇଟାଲୀ-୪
୨୦୧୪: ଆର୍ଜେଣ୍ଟିନା ୪- ନେଦରଲ୍ୟାଣ୍ଡସ ୨
୨୦୨୨: ଆର୍ଜେଣ୍ଟିନା ୩- କ୍ରୋଏସିଆ ୦

**ଇଂଲଣ୍ଡର ପ୍ରଦର୍ଶନ**

୧୯୬୬: ଇଂଲଣ୍ଡ ୨- ପର୍ତ୍ତୁଗାଲ ୧
୧୯୯୦: ଇଂଲଣ୍ଡ ୪- ଜର୍ମାନୀ ୫
୨୦୧୮: ଇଂଲଣ୍ଡ ୧- କ୍ରୋଏସିଆ ୨

### ୨୦୨୬ ବିଶ୍ୱକପ୍‌ରେ ପ୍ରଦର୍ଶନ

**ଲିଗ୍ ପର୍ଯ୍ୟାୟରେ**

ଆର୍ଜେଣ୍ଟିନା ୩- ଆଲଜେରିଆ ୦
ଆର୍ଜେଣ୍ଟିନା ୨- ଅଷ୍ଟ୍ରିଆ ୦
ଆର୍ଜେଣ୍ଟିନା ୩- ଜୋର୍ଡାନ ୧

ଇଂଲଣ୍ଡ ୪- କ୍ରୋଏସିଆ ୨
ଇଂଲଣ୍ଡ ୦- ଘାନା ୦
ଇଂଲଣ୍ଡ ୨- ପାନାମା ୦

**ରାଉଣ୍ଡ ଅଫ୍ ୩୨**

ଇଂଲଣ୍ଡ ୨- କଙ୍ଗୋ ୧
ଆର୍ଜେଣ୍ଟିନା ୩- କେପ୍ ଭର୍ଡ ୨


**ରାଉଣ୍ଡ ଅଫ୍ ୧୬**

ଇଂଲଣ୍ଡ ୩- ମେକ୍ସିକୋ ୨
ଆର୍ଜେଂଟିନା ୩- ଇଜିପ୍ଟ ୨

**କ୍ୱାର୍ଟର ଫାଇନାଲ**

ଇଂଲଣ୍ଡ ୨ - ନରୱେ ୧
ଆର୍ଜେଣ୍ଟିନା ୩-ସ୍ୱିଜରଲାଣ୍ଡ ୧

## ହଲାଣ୍ଡ ଆଣିଥିବା 'ରାକୁନ'କୁ ନେଇ ଇଣ୍ଟରନେଟ୍‌ରେ ଝଡ଼



ଓସ୍‌ଲୋ,୧୪।୭(ଏଜେନ୍ସି): ଆମେରିକାରେ ଅନୁଷ୍ଠିତ ଫିଫା ବିଶ୍ୱକପ୍‌ରେ ନରୱେ କ୍ୱାର୍ଟର ଫାଇନାଲରୁ ବିଦା ହୋଇଛି। ଫଳରେ ନରୱେ ଦଳ ସ୍ୱଦେଶ ଫେରିଆସିଛି। ଆମେରିକାରୁ ନରୱେର ଖେଳାଳି କିଛି ଆଣିଥାନ୍ତୁ କି ନାହିଁ, ସୁପରଷ୍ଟାର ଏର୍ଲିଙ୍ଗ ହଲାଣ୍ଡ ସାଥିରେ ଏକ ରାକୁନକୁ ଆଣି ବେଶ ଚର୍ଚ୍ଚାରେ ରହିଛନ୍ତି। ଭାରତୀୟ ସଂସ୍କୃତିରେ ଗୁଣ୍ଡୁଚିମୂଷା ପରି ଉତ୍ତର ଆମେରିକାରେ ଏକ ପ୍ରକାର ଜନ୍ତୁ ରାକୁନର ମଧ୍ୟ ବେଶ ଗୁରୁତ୍ୱ ରହିଛି। କୁହାଯାଏ ସେ ପାଇଥିବା ପ୍ରଶିକ୍ଷଣ ୩ ବର୍ଷ ଯାଏ ମନେ ରଖିଥାଏ। ଏଭଳି ଏକ ଜୀବକୁ ଆଣି ହଲାଣ୍ଡ ଚର୍ଚ୍ଚାରେ ରହିଛନ୍ତି। ବିମାନରୁ ବାହାରିବା ପରେ ରାକୁନକୁ ନେଇ ଗଣମାଧ୍ୟମରେ ବେଶ ଚର୍ଚ୍ଚା ହୋଇଛି। ଇଣ୍ଟରନେଟ୍‌ରେ ହଲାଣ୍ଡଙ୍କ ରାକୁନ ଝଡ଼ ସୃଷ୍ଟି କରିଛି। ଫିଫା ବିଶ୍ୱକପ୍‌ରୁ ନରୱେ କିଛି ଆଣୁ କି ନ ଆଣୁ ଦଳର ସୁପରଷ୍ଟାର ହଲାଣ୍ଡ ଏକ ସ୍ମରଣିକା ଆଣି ସମସ୍ତଙ୍କ ନଜରରେ ରହିଛନ୍ତି।

## ୱାଙ୍ଖେଡେ ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କୁ ୨୫ ଲକ୍ଷ ଟଙ୍କା ବୋନସ୍

ମୁମ୍ବଇ, ୧୪।୭ (ଏଜେନ୍ସି): ମୁମ୍ବଇ କ୍ରିକେଟ ଆସୋସିଏସନ (ଏମ୍‌ସିଏ) ୱାଙ୍ଖେଡେ ଷ୍ଟାଡିୟମର ଗ୍ରାଉଣ୍ଡ ଷ୍ଟାଫ୍‌ଙ୍କ ପାଇଁ ୨୫ ଲକ୍ଷ ଟଙ୍କା ବୋନସ୍ ଘୋଷଣା କରିଛି। ଆଇସିସି ପୁରୁଷ ଟି-୨୦ ବିଶ୍ୱକପ୍, ଆଇପିଏଲ-୧୯ ଓ ମୁମ୍ବଇ ଲିଗ୍ ଭଳି ପ୍ରମୁଖ ଟୁର୍ଣ୍ଣାମେଣ୍ଟ ଲାଗି ଗ୍ରାଉଣ୍ଡ ଷ୍ଟାଫ୍ ପ୍ରତିବଦ୍ଧତା ଦେଖାଇ ଅକ୍ଲାନ୍ତ ପରିଶ୍ରମ କରି ବିଶ୍ୱସ୍ତରୀୟ ଭିତ୍ତିଭୂମି ପ୍ରଦାନ କରିଥିଲେ। ଯେଉଁଥି ପାଇଁ ପୁରସ୍କାର ସ୍ୱରୂପ ଏମ୍‌ସିଏ ଏହି ପୁରସ୍କାର ରାଶି ଘୋଷଣା କରିଛି। ଏମ୍‌ସିଏ ଆପେକ୍ସ କାଉନସିଲ୍ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟ ଏକ କଲ୍ୟାଣମୂଳକ ପଦକ୍ଷେପ ସ୍ୱରୂପ ଏମ୍‌ସିଏ ଏହାର ପୂର୍ବତନ ମୃତ ପ୍ରଥମ ଶ୍ରେଣୀ କ୍ରିକେଟରଙ୍କ ପତ୍ନୀମାନଙ୍କ ପାଇଁ ପେନସନ୍ ସହାୟତାକୁ ମଧ୍ୟ ଅନୁମୋଦନ କରିଛି। ମୃତ ପ୍ରଥମ ଶ୍ରେଣୀ କ୍ରିକେଟରଙ୍କ ପତି/ପତ୍ନୀଙ୍କୁ ସମର୍ଥନ କରିବା ଏମ୍‌ସିଏର ମୁଖ୍ୟ ଲକ୍ଷ୍ୟ ରହିଛି।

## ବଧିର ମହିଳା ଟି-୨୦ ସିରିଜରେ ଦୀପ୍ତିଙ୍କ ସଫଳତା



ଭୁବନେଶ୍ୱର, ୧୪।୭ (ସମିସ): କଲମ୍ବୋରେ ଘରୋଇ ଶ୍ରୀଲଙ୍କା ବିପକ୍ଷରେ ଅନୁଷ୍ଠିତ ମହିଳା ବଧିର ଟି-୨୦ କ୍ରିକେଟ୍‌ରେ ଭାରତ ୫-୦ରେ ସିରିଜ ବିଜୟୀ ହୋଇଛି। ଭାରତୀୟ ମହିଳା ଦଳର ଏହି ଐତିହାସିକ ବିଜୟରେ ଓଡ଼ିଶାର ଜଣେ ଖେଳାଳି ସଦସ୍ୟା ରହିଥିଲେ। ସେ ହେଲେ ଭୁବନେଶ୍ୱରର ଦୀପ୍ତିରାଣୀ ସାହୁ। ଜଣେ ଅଲ୍‌ରାଉଣ୍ଡର ଖେଳାଳି ଭାବେ ଦୀପ୍ତି ଭାରତୀୟ ଦଳରେ ସ୍ଥାନ ପାଇଥିଲେ। ଏପରିକି ଦଳକୁ ସିରିଜ କ୍ଲିନସୁଇପ୍ କରିବାରେ ଦୀପ୍ତିଙ୍କ ଯୋଗଦାନ ମଧ୍ୟ ଉଲ୍ଲେଖନୀୟ ରହିଥିଲା। ଓଡ଼ିଶାର ପ୍ରଥମ ମହିଳା ବଧିର କ୍ରିକେଟର୍ ଭାବେ ଦୀପ୍ତି ଭାରତୀୟ ଦଳରୁ ଖେଳିବାର ସୌଭାଗ୍ୟ ଲାଭ କରିଛନ୍ତି। ଏହି ସଫଳତା ଲାଗି ଦୀପ୍ତିଙ୍କ ଓଡ଼ିଶା ବଧିର କ୍ରିକେଟ୍ ସଂଘ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

## ବିଶ୍ୱକପ୍‌ରୁ ବହିଷ୍କୃତ ରେଫରୀଙ୍କ ପରଲୋକ



ଆମଷ୍ଟରଡାମ୍,୧୪।୭(ଏଜେନ୍ସି): ଦୁଇମାସ ତଳେ ଫିଫା ବିଶ୍ୱକପ୍ ରେଫରୀ ପ୍ୟାନେଲରୁ ବିଦା ହୋଇଥିବା ନେଦରଲ୍ୟାଣ୍ଡସର ରବ ଡିଏପେରିଙ୍କଙ୍କ ବୁଧବାର ପରଲୋକ ହୋଇଯାଇଛି। ମୃତ୍ୟୁର କାରଣ ସମ୍ପର୍କରେ କିଛି ସୂଚନା ମିଳିନାହିଁ। ତାଙ୍କ ବିୟୋଗରେ ନେଦରଲ୍ୟାଣ୍ଡସ ଫୁଟବଲ ସଂଘ ଦୁଃଖ ପ୍ରକାଶ କରିଛି। ରବ୍‌ଙ୍କ ନାମରେ ଇଂଲଣ୍ଡରେ ଏକ ମକଦ୍ଦମା କରାଯାଇଥିଲା। ମେଟ୍ରୋପଲିଟାରନ ପୁଲିସ୍ ପକ୍ଷରୁ ତାଙ୍କୁ ଗିରଫ କରାଯିବା ପରେ ତାଙ୍କୁ ଭିଡିଓ ରେଫରୀରୁ ଫିଫା ହଟାଇଦେଇଥିଲା। ପରେ ଏହି ମକଦ୍ଦମା ପ୍ରତ୍ୟାହାର କରିନିଆଯାଇଥିଲା। ଏହାର ଦୁଇମାସ ପରେ ତାଙ୍କର ମୃତ୍ୟୁ ଘଟିଛି।


ନନ୍ଦିଘୋଷ TV
ନନ୍ଦିଘୋଷ
ନିଯୁକ୍ତି ସୁଯୋଗ

ଓଡ଼ିଶାର ଅଗ୍ରଣୀ ଗଣମାଧ୍ୟମ ସଂସ୍ଥା ନନ୍ଦିଘୋଷ ଟିଭି ଏହାର ସମ୍ପାଦକୀୟ ବିଭାଗ (Editorial Team) ପାଇଁ ଯୋଗ୍ୟ ଏବଂ ଅଭିଜ୍ଞ ଗଣମାଧ୍ୟମ ପ୍ରଫେସନାଲ୍‌ଙ୍କଠାରୁ ଆବେଦନ ଆହ୍ୱାନ କରୁଅଛି।

ଖାଲି ପଦବୀ

1 କରେସ୍‌ପଣ୍ଡେଣ୍ଟ (Correspondent)

ଶିକ୍ଷାଗତ ଯୋଗ୍ୟତା :
- ସାମ୍ବାଦିକତା ଓ ଗଣଯୋଗାଯୋଗ (Journalism & Mass Communication)ରେ ସ୍ନାତକୋତ୍ତର ଡିଗ୍ରୀ

ଅଭିଜ୍ଞତା :
- ଇଲେକ୍ଟ୍ରୋନିକ୍ କିମ୍ବା ପ୍ରିଣ୍ଟ ମିଡିଆରେ ସର୍ବନିମ୍ନ ୭ ବର୍ଷର କାର୍ଯ୍ୟ ଅଭିଜ୍ଞତା।

ଆବଶ୍ୟକ ଦକ୍ଷତା :
- ରାଜନୀତି ଓ ଶାସନ ବ୍ୟବସ୍ଥା ସମ୍ବନ୍ଧୀୟ ଖବର ପରିବେଷଣରେ ଉତ୍କୃଷ୍ଟ ଜ୍ଞାନ।
- ଖବର ସଂଗ୍ରହ, ଯାଞ୍ଚ ଏବଂ ବିଶ୍ଳେଷଣ କରିବାର ଦକ୍ଷତା।
- ଦୃଢ଼ ସୂତ୍ର ନେଟୱର୍କ ଏବଂ ଉତ୍କୃଷ୍ଟ ସମ୍ପାଦକୀୟ ବିଚାରଶକ୍ତି।
- ଓଡ଼ିଆ ଭାଷାରେ ଉତ୍କୃଷ୍ଟ ଲେଖନ ଓ କଥନଶୈଳୀରେ ପାରଦର୍ଶିତା।
- ସମୟସୀମା ମଧ୍ୟରେ କାର୍ଯ୍ୟ କରିବା ସହିତ ଆବଶ୍ୟକ ସ୍ଥାନକୁ ଯାତ୍ରା କରି କାର୍ଯ୍ୟ କରିବାର ଦକ୍ଷତା।

2 ରିପୋର୍ଟର (Reporter)

ଶିକ୍ଷାଗତ ଯୋଗ୍ୟତା :
- ସାମ୍ବାଦିକତା ଓ ଗଣଯୋଗାଯୋଗ (Journalism & Mass Communication)ରେ ସ୍ନାତକୋତ୍ତର ଡିଗ୍ରୀ

ଅଭିଜ୍ଞତା :
- ଇଲେକ୍ଟ୍ରୋନିକ୍ କିମ୍ବା ପ୍ରିଣ୍ଟ ମିଡିଆରେ ୩-୫ ବର୍ଷର କାର୍ଯ୍ୟ ଅଭିଜ୍ଞତା।

ଆବଶ୍ୟକ ଦକ୍ଷତା :
- ସ୍ପଟ୍ ରିପୋର୍ଟିଂ, ଅପରାଧ (Crime) ରିପୋର୍ଟିଂ ଏବଂ ସହର (City) ରିପୋର୍ଟିଂରେ ପ୍ରାୟୋଗିକ ଅଭିଜ୍ଞତା।
- ଉତ୍କୃଷ୍ଟ 'ନ୍ୟୁଜ୍ ସେନ୍ସ ଓ ରିପୋର୍ଟିଂ' କୌଶଳ।
- ଓଡ଼ିଆ ଭାଷାରେ ଉତ୍କୃଷ୍ଟ ଲେଖନ ଓ କଥନଶୈଳୀରେ ପାରଦର୍ଶିତା।
- ବ୍ରେକିଂ ନ୍ୟୁଜ୍ କଭର କରିବା ସହିତ ଦ୍ରୁତଗତିର ନ୍ୟୁଜ୍‌ରୁମ୍ ପରିବେଶରେ କାର୍ଯ୍ୟ କରିବାର ଦକ୍ଷତା।

ଆବେଦନ ପ୍ରକ୍ରିୟା

ଆଗ୍ରହୀ ପ୍ରାର୍ଥୀମାନେ ସେମାନଙ୍କର ବାୟୋଡାଟା ନିମ୍ନଲିଖିତ ଇ-ମେଲ୍ ଠିକଣାକୁ ପଠାଇପାରିବେ।
ଇମେଲ୍: hr@nandighoshatv.com
ଦ୍ରଷ୍ଟବ୍ୟ : କେବଳ ସର୍ଟଲିଷ୍ଟ ହୋଇଥିବା ପ୍ରାର୍ଥୀମାନଙ୍କୁ ଚୟନ ପ୍ରକ୍ରିୟା ପାଇଁ ଯୋଗାଯୋଗ କରାଯିବ।

ଯୋଗାଯୋଗ ନମ୍ବର
9437016499
HR Dept.


### ଭାରତ ବିପକ୍ଷ ପ୍ରଥମ ଦିନିକିଆ

## ଇଂଲଣ୍ଡ ପାଇଁ ଲଢ଼ିଲେ ରୁଟ୍-ଡସନ୍

ବର୍ମିଂହାମ, ୧୪।୭ (ଏଜେନ୍ସି)



ଘରୋଇ ଇଂଲଣ୍ଡ ଓ ଭାରତୀୟ କ୍ରିକେଟ୍ ଦଳ ମଧ୍ୟରେ ଦିନିକିଆ କ୍ରିକେଟ୍ ସିରିଜ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ଏହି ମ୍ୟାଚରେ ଇଂଲଣ୍ଡ ୨୫୯ ରନର ଟାର୍ଗେଟ୍ ଭାରତ ସାମ୍ନାରେ ଧାର୍ଯ୍ୟ କରିଛି। ଏହାକୁ ପିଛା କରିଥିବା ଭ୍ରମଣକାରୀ ଭାରତୀୟ ଦଳ ଶେଷ ଖବର ସୁଦ୍ଧା ୨୪ ଓଭରରେ ୨ ୱିକେଟ୍ ହରାଇ ୧୪୧ ରନ ସଂଗ୍ରହ କରିଛି। ଦୁଇ ସୁପରଷ୍ଟାର୍ ରୋହିତ୍ ଶର୍ମା ଓ ବିରାଟ କୋହଲି ଦଳକୁ ନିରାଶ କରିଛନ୍ତି। ରୋହିତ୍ ୨୧ଟି ବଲରେ ୧୧ ରନ କରି ସାମ କରନଙ୍କ ବଲ୍‌ରେ ଆଉଟ୍ ହୋଇଛନ୍ତି। ସେହିଭଳି କୋହଲି ଗୋଟିଏ ଚୌକା ସହାୟତାରେ ୬ଟି ବଲରୁ ୫ ରନ କରିଥିଲେ। ଏହି ମ୍ୟାଚରେ ଟସ୍ ଜିତି ଘରୋଇ ଦଳର ଅଧିନାୟକ ହ୍ୟାରୀ ବ୍ରୁକ୍ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ତେବେ ବ୍ରୁକ୍‌ଙ୍କ ଏହି ନିଷ୍ପତ୍ତି ବୁମେରାଂ ହୋଇଥିଲା। ପିଚ୍‌ରୁ ଫାଇଦା ଉଠାଇ ଭାରତୀୟ ଦଳର ୩ ଦ୍ରୁତ ବୋଲର ଯଶପ୍ରୀତ୍ ବୁମ୍ରା, ପ୍ରସିଦ୍ଧ କ୍ରିଷ୍ଣା ଓ ଗୁରନୁର ବ୍ରାର ୧୭ ଓଭର ମଧ୍ୟରେ ଇଂଲଣ୍ଡର ଅଧା ବ୍ୟାଟରଙ୍କୁ ପ୍ୟାଭିଲିୟନ ପଠାଇ ବ୍ୟାକଫୁଟ୍‌କୁ ଠେଲି ଦେଇଥିଲେ। ଆଉଟ୍ ହୋଇଥିବା ଏହି ୫ ବ୍ୟାଟରଙ୍କ ମଧ୍ୟରେ ବେନ୍ ଡକେଟ ସର୍ବାଧିକ ୪୩ ରନ କରିଥିଲେ। କିନ୍ତୁ ଜାକବ ବେଥେଲ (୧୪ ରନ), ଅଧିନାୟକ ବ୍ରୁକ୍ (୧), ଜୋଶ୍ ବଟଲର୍ (୫) ଓ ସାମ କରନ (୦) ନିରାଶ କରିଥିଲେ। ୮୫ ରନରେ ୫ ଓ ୧୦୭ ରନରେ ୬ଟି ୱିକେଟ୍ ହରାଇ ଇଂଲଣ୍ଡ ସଙ୍କଟ ମଧ୍ୟକୁ ଚାଲିଯାଇଥିଲା। ଦଳ ଦେଢ଼ଶ ରନ ଛୁଇଁପାରିବା ନେଇ ଆଶଙ୍କା ସୃଷ୍ଟି ହୋଇଥିଲା। ତେବେ ଏହି ସମୟରେ ଅଭିଜ୍ଞ ଜୋ ରୁଟଙ୍କ ସହ ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସିଥିବା ସ୍ପିନର ଲିଆମ ଡସନ ଇନିଂସ ସମ୍ଭାଳିଥିଲେ। ଏହି ଯୋଡ଼ି ୭ମ ୱିକେଟରେ ୧୨୧ ରନ ସଂଗ୍ରହ କରିଥିଲେ। ଦିନିକିଆ କ୍ୟାରିୟରର ଏହି ପ୍ରଥମ ଅର୍ଦ୍ଧଶତକ ହାସଲ କରି ଡସନ (୮୩ଟି ବଲରେ ୬୮ ରନ) ଆଉଟ୍ ହେବାପରେ ଏହି ଯୋଡ଼ି ଭାଙ୍ଗିଥିଲା। ପରବର୍ତ୍ତୀ ସମୟରେ ଜୋଫ୍ରା ଆର୍ଚର (୧୨), ଆଦିଲ ରଶିଦ (୧) ଓ ଜୋଶ୍ ଟଙ୍ଗ୍ (୦) ସଅଳ ଆଉଟ୍ ହେବାରୁ ଇଂଲଣ୍ଡ ୪୭.୫ ଓଭରରେ ୨୫୮ ରନରେ ସୀମିତ ରହିଥିଲା। ରୁଟ୍ ୬ ଚୌକା ଓ ୧ ଛକା ବଳରେ ୭୬ ବଲରୁ ୭୬ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ଭାରତ ପକ୍ଷରୁ ଅକ୍ଷର ପଟେଲ ସର୍ବାଧିକ ୪, ପ୍ରସିଦ୍ଧ ଓ ଗୁରନର୍ ୨ଟି ଲେଖାଏ ୱିକେଟ୍ ନେଇଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS